

ଅଙ୍ଗଦ ଭୂମିକାରେ ଜାହିଦ୍

▶ପୃଷ୍ଠା ୧୧ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-14 ♦WEDNESDAY ♦08 JULY 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୧୪ ♦ବୁଧବାର ♦୦୮ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

## ୭ ପାହାଡ଼ ଚଢ଼ି ୧୧୬ ବର୍ଷୀୟା ବୃଦ୍ଧାଙ୍କ ତିରୁମାଲା ଦର୍ଶନ



■ ତିରୁମାଲା, ୭।୭ (ଏଜେନ୍ସି): ଶ୍ରଦ୍ଧା ଓ ଭକ୍ତି ଆଗରେ ବୟସ ଯେ କେବଳ ଏକ ସଂଖ୍ୟା ମାତ୍ର, ତାହା ପ୍ରମାଣ କରି ଦେଖାଇଛନ୍ତି ଜଣେ ୧୧୬ ବର୍ଷୀୟା କର୍ଣ୍ଣାଟକର ଜଣେ ବୃଦ୍ଧା। କର୍ଣ୍ଣାଟକର ଏହି ବୟୋଜ୍ୟୋଷ୍ଠ ଶ୍ରଦ୍ଧାଳୁ ନବନୀତମ୍ମା ପାଦରେ ଚାଲି ଚାଲି ତିରୁପତିର ସପ୍ତଗିରି ବା ୭ଟି ପାହାଡ଼ ଅତିକ୍ରମ କରି ପ୍ରଭୁ ଭେଙ୍କଟେଶ୍ୱରଙ୍କ ଦର୍ଶନ କରିଛନ୍ତି। ୧୧୬ ବର୍ଷୀୟା ନବନୀତମ୍ମା ନିଜ ପରିବାର ସଦସ୍ୟଙ୍କ ସହ ତିରୁମାଲା ଅଭିମୁଖେ ଯାତ୍ରା କରିଥିଲେ। ସେ କୌଣସି ଯାନବାହନର ସାହାଯ୍ୟ ନନେଇ ପାଦରେ ଚାଲି ଚାଲି ପାହାଡ଼ ଚଢ଼ିବାକୁ ସଂକଳ୍ପ କରିଥିଲେ। ତାଙ୍କର ଏହି ଦୁର୍ଲଭ ଭକ୍ତିର ଭିଡିଓ ସୋସିଆଲ ମିଡିଆରେ ବ୍ୟାପକ ଭାବେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ସେ ତାଙ୍କ ପରିବାର ସଦସ୍ୟଙ୍କ ସହଯୋଗରେ ଧୀରେ ଧୀରେ ପାହାଡ଼ ଚଢୁଥିବା ଦେଖିବାକୁ ମିଳୁଛି। ▶ପୃଷ୍ଠା-୧୦

ହାର୍ ମାନିଲା ବୟସ

## ୭୫ ବର୍ଷ ବୟସରେ ସଂସ୍କୃତରେ ସ୍ନାତକୋତ୍ତର ପରୀକ୍ଷା

■ ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ଶିକ୍ଷା ପ୍ରତି ଆଗ୍ରହ ଥିଲେ ବୟସ କେବେ ବାଧା ହୋଇପାରେ ନାହିଁ। ଏହି କଥାକୁ ସତ୍ୟ ପ୍ରମାଣ କରିଛନ୍ତି ହିମାଚଳ ପ୍ରଦେଶର କାଙ୍ଗ୍ରା ଜିଲ୍ଲାର ୭୫ ବର୍ଷୀୟ ମିଲ୍‌ଖି ରାମ। ସେ ବର୍ତ୍ତମାନ ସୁଦ୍ଧା ୩୨ଟି ଶିକ୍ଷାଗତ ଡିଗ୍ରୀ ହାସଲ କରିଛନ୍ତି ଓ ନିକଟରେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ହମିରପୁର ଅଧ୍ୟୟନ କେନ୍ଦ୍ରରେ ସଂସ୍କୃତରେ ସ୍ନାତକୋତ୍ତର ପରୀକ୍ଷା ଦେଇଛନ୍ତି।

ମିଲ୍‌ଖି ରାମ ୧୯୭୬ରେ ସ୍ନାତକ ହାସଲ କରିଥିଲେ ଓ ବନ ବିଭାଗରେ ଚାକିରି କରିଥିଲେ। ଏହା ସତ୍ତ୍ୱେ ସେ ଶିକ୍ଷାରୁ ବିରତ ହୋଇ ନ ଥିଲେ। ୨୦୧୦ରେ ଗ୍ରେଡ୍‌–୧ ଅଧିକାରୀ ଭାବେ ଅବସର ନେବା ବେଳକୁ ସେ ୨୬ଟି ଡିଗ୍ରୀ ହାସଲ କରିସାରିଥିଲେ। ସେ ବିଏଡ୍, ଏଲ୍‌ଏଲ୍‌ବି, ସାମ୍ବାଦିକତା, ଏମ୍‌ବିଏ, ଏମ୍‌ଫିଲ୍, ହିନ୍ଦୀରେ ପିଏଚ୍‌ଡି ସମେତ ଅନେକ ଡିଗ୍ରୀ ପାଇ ସାରିଛନ୍ତି। ସେ କହିଛନ୍ତି ଯେ ଶିକ୍ଷା ଏମିତି ଏକ ସମ୍ପଦ, ଯାହାକୁ କେହି କେବେ ଛଡ଼ାଇ ନେଇପାରିବେ ନାହିଁ। ଯୁବପିଢ଼ି ▶ପୃଷ୍ଠା-୧୦



ସିଆରଇଏ ରିପୋର୍ଟ

# ଆଗକୁ ଭୟଙ୍କର ବିପଦ

## ଆସନ୍ତା ବର୍ଷ ୧୮ ଟେରାୱାଟ ବିଜୁଳି ନିଅଣ୍ଟ ଆଶଙ୍କା

■ ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ଜଳବାୟୁ ପରିବର୍ତ୍ତନର ବଢୁଥିବା ପ୍ରଭାବ ମଧ୍ୟରେ 'ସୁପର ଏଲ୍-ନିନୋ' ଭାରତର ବିଦ୍ୟୁତ୍ କ୍ଷେତ୍ର ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ। ଯଦି ଶକ୍ତିଶାଳୀ ଏଲ୍-ନିନୋ ପରିସ୍ଥିତି ସୃଷ୍ଟି ହୁଏ, ତେବେ ୨୦୨୭ ସୁଦ୍ଧା ଭାରତରେ ପ୍ରାୟ ୧୮ ଟେରାୱାଟ୍ (ଟିଡ଼ବ୍ଲ୍ୟୁଏଚ୍) ବା ୧୮ ବିଲିଅନ କିଲୋୱାଟ ବିଦ୍ୟୁତ୍ ନିଅଣ୍ଟ ଦେଖାଯାଇପାରେ ଦେଖାଦେଇପାରେ। ପରିଣାମ ସ୍ୱରୂପ କୋଇଲା ବ୍ୟବହାର, ଅଙ୍ଗାର ନିର୍ଗମନ ଏବଂ ଅତ୍ୟଧିକ ଉତ୍ତାପଜନିତ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିପାରେ।



ବିଦ୍ୟୁତ୍ କ୍ଷେତ୍ର ପାଇଁ ଆହ୍ୱାନ ସୁପର ଏଲ୍-ନିନୋ

ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାର (ସିଆର୍‌ଇଏ) ରିପୋର୍ଟ ଅନୁସାରେ ଜୁଲାଇ ୨୦୨୬ରୁ ଜୁନ୍ ୨୦୨୭ ମଧ୍ୟରେ ଏଲ୍ ନିନୋ ପ୍ରଭାବ ଯୋଗୁଁ କେବଳ ଶୀତଳୀକରଣ (କୁଲିଂ) ପାଇଁ ପ୍ରାୟ ୧୦ ଟେରାୱାଟ୍-ଘଣ୍ଟା (ଟିଡ଼ବ୍ଲ୍ୟୁଏଚ୍) ଅତିରିକ୍ତ ବିଦ୍ୟୁତ ଆବଶ୍ୟକ ହୋଇପାରେ। ଏହା ଦିଲ୍ଲୀର ବାର୍ଷିକ ବିଦ୍ୟୁତ ବ୍ୟବହାରର ପ୍ରାୟ ଏକ-ଚତୁର୍ଥାଂଶ ସହ ସମାନ। ବଢୁଥିବା ଚାହିଦା ଓ କମୁଥିବା ଉତ୍ପାଦନକୁ ମିଶାଇଲେ ଦେଶରେ ପ୍ରାୟ ୧୮ ଟେରାୱାଟ୍-ଘଣ୍ଟା ବିଦ୍ୟୁତ ନିଅଣ୍ଟ ସୃଷ୍ଟି ହେବାର ଆଶଙ୍କା ରହିଛି। ଏହି ନିଅଣ୍ଟ ଭରଣା ପାଇଁ ଦେଶକୁ କୋଇଲା ଭିତ୍ତିକ ତାପଜ ବିଦ୍ୟୁତ କେନ୍ଦ୍ର ଉପରେ ଅଧିକ ନିର୍ଭର କରିବାକୁ ପଡ଼ିବ ଏବଂ ଏଥିରୁ ପ୍ରାୟ ୧୭ ନିୟୁତ ଟନ୍ କାର୍ବନ ଡାଇଅକ୍ସାଇଡ୍ (ସିଓ୨) ବାୟୁମଣ୍ଡଳକୁ ନିର୍ଗମନ ହେବାର ସମ୍ଭାବନା ରହିଛି। ସବୁଠାରୁ ଗୁରୁତର ପରିସ୍ଥିତିରେ ଅତିରିକ୍ତ ୨୪ ଟେରାୱାଟ୍-ଘଣ୍ଟା କୋଇଲା ଆଧାରିତ ବିଦ୍ୟୁତ ଉତ୍ପାଦନର ଆବଶ୍ୟକତା ପଡ଼ିପାରେ ବୋଲି ରିପୋର୍ଟରେ କୁହାଯାଇଛି।

ଏଲ୍-ନିନୋ ସମୟରେ ତାପମାତ୍ରା ସାଧାରଣଠାରୁ ଅଧିକ ରହିଥାଏ। ଫଳରେ ଏୟାର କଣ୍ଡିସନର, କୁଲର ଓ ଅନ୍ୟାନ୍ୟ ଶୀତଳୀକରଣ ଉପକରଣର ବ୍ୟବହାର ବଢ଼ିଯାଏ, ଯାହା ବିଦ୍ୟୁତ୍ ଚାହିଦାକୁ ଦ୍ରୁତ ଗତିରେ ବୃଦ୍ଧି କରିଥାଏ। ପୁଣି ବର୍ଷାରେ ଅନିୟମିତତା ଯୋଗୁଁ ଜଳବିଦ୍ୟୁତ୍ ଉତ୍ପାଦନ ମଧ୍ୟ ପ୍ରଭାବିତ ହୋଇପାରେ। ଏହି ଦୁଇ କାରଣ ଯୋଗୁଁ ବିଦ୍ୟୁତ୍ ଯୋଗାଣ ଓ ଚାହିଦା ମଧ୍ୟରେ ବଡ଼ ବ୍ୟବଧାନ ସୃଷ୍ଟି କରିପାରେ। ବିଦ୍ୟୁତ୍ ନିଅଣ୍ଟ ପୂରଣ ପାଇଁ ଦେଶକୁ କୋଇଲା ଆଧାରିତ ବିଦ୍ୟୁତ୍ କେନ୍ଦ୍ର ଉପରେ ଅଧିକ ନିର୍ଭର କରିବାକୁ ପଡ଼ିପାରେ। ଏହା ଫଳରେ କୋଇଲା ବ୍ୟବହାର ବଢ଼ିବା ସହ ଅଙ୍ଗାର ନିର୍ଗମନ ମଧ୍ୟ ବୃଦ୍ଧି ପାଇବ। ▶ପୃଷ୍ଠା-୧୦

## ୱାୟନାଡ୍‌ରେ ଭୂସ୍ଖଳନ; ୫ ମୃତ



ସୁଡ଼ଙ୍ଗ ନିର୍ମାଣ ସ୍ଥଳରେ ଧସିଲା ଅତଡ଼ା, ୧୦ ନିଖୋଜ

■ ୱାୟାନାଡ, ୭।୭ (ଏଜେନ୍ସି): କେରଳର ୱାୟାନାଡ ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଭୟଙ୍କର ଭୂସ୍ଖଳନ ଘଟି ୫ ଜଣ ପ୍ରାଣ ହରାଇଛନ୍ତି ଏବଂ ଅନେକ ଲୋକ ମାଟି ତଳେ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି। ସୋମବାର ରାତିରୁ ଜାରି ରହିଥିବା ମୂଷଳଧାରା ବର୍ଷା ମଙ୍ଗଳବାର ସକାଳେ ଏହି ବିପର୍ଯ୍ୟୟର ରୂପ ନେଇଛି। କଲ୍ଲାଡି ଅଞ୍ଚଳର ମୀନାକ୍ଷୀ ବ୍ରିଜ୍ ନିକଟରେ ଥିବା ଆନାକୋମ୍‌ପୋୟିଲ୍-ମେପାଡି ସୁଡ଼ଙ୍ଗ ପଥ ପ୍ରକଳ୍ପ ସ୍ଥଳରେ ଏହି ଭୂସ୍ଖଳନ ଘଟିଛି। ଏହି ସୁଡ଼ଙ୍ଗ ପଥଟି ମାଲାପୁରମ୍ ଏବଂ ୱାୟାନାଡ ଜିଲ୍ଲାକୁ ସଂଯୋଗ କରିବା ପାଇଁ ନିର୍ମାଣ କରାଯାଉଥିଲା। ଉକ୍ତ ସ୍ଥଳରେ ଅନେକ ନିର୍ମାଣ ଶ୍ରମିକ ଉପସ୍ଥିତ ଥିଲେ।

ଗତ ୨୪ ଘଣ୍ଟା ମଧ୍ୟରେ ଏହି ଅଞ୍ଚଳରେ ପ୍ରାୟ ୨୬୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। କମ୍ ସମୟରେ ଏତେ ପରିମାଣରେ ବର୍ଷା ଏହି ପ୍ରଳୟଙ୍କରୀ ଭୂସ୍ଖଳନର ମୁଖ୍ୟ କାରଣ ବୋଲି କୁହାଯାଉଛି। ବିପର୍ଯ୍ୟୟ ପରେ ତୁରନ୍ତ ଏନ୍‌ଆର୍‌ଏଫ୍ ଏବଂ ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି। କେରଳ ରାଜସ୍ୱ ମନ୍ତ୍ରୀ ଏପି. ଅନିଲ କୁମାରଙ୍କ ଅନୁଯାୟୀ ଉଦ୍ଧାରକାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ବର୍ତ୍ତମାନ ସୁଦ୍ଧା ୬ ରୁ ୮ ଜଣ ଆହତଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମାତ୍ର ପ୍ରାୟ ୭ ରୁ ୧୦ ଜଣ ଏବେ ମଧ୍ୟ ନିଖୋଜ ଅଛନ୍ତି। ମୁଖ୍ୟମନ୍ତ୍ରୀ ଭିଡି. ସତୀଶନ ଏକ ଜରୁରୀକାଳୀନ ବୈଠକ କରି ସ୍ଥିତିର ସମୀକ୍ଷା କରିଛନ୍ତି। କେରଳ ମନ୍ତ୍ରୀ ଟି. ସିଦ୍ଦିକ ଏହାକୁ ଏକ ମଣିଷକୃତ ଭୂସ୍ଖଳନ ବୋଲି ଅଭିହିତ କରି କୋଙ୍କଣ ରେଳବାଇ ଏବଂ ଠିକାଦାରଙ୍କୁ ଏଥିପାଇଁ ଦାୟୀ କରିଛନ୍ତି। ସେ କହିଛନ୍ତି ଯେ, ନିର୍ମାଣ ▶ପୃଷ୍ଠା-୧୦



ବିଜୁଙ୍କ ଯୋଗୁଁ ଭାରତ-ଇଣ୍ଡୋନେସିଆ ସମ୍ପର୍କ ନିବିଡ଼

ବିଜୁଙ୍କୁ ଇଣ୍ଡୋନେସିଆ ଦେଇଛି 'ଭୂମିପୁତ୍ର' ସମ୍ମାନ

## ଇଣ୍ଡୋନେସିଆରେ ବିଜୁଙ୍କ ମହାନତା ବଖାଣିଲେ ମୋଦୀ

■ ଭୁବନେଶ୍ୱର, ୭।୭ (ସମିସ): ମହାନ ସ୍ୱାଧୀନତା ସଂଗ୍ରାମୀ ପ୍ରବାଦ ପୁରୁଷ ବିଜୟାନନ୍ଦ(ବିଜୁ) ପଟ୍ଟନାୟକଙ୍କ ଦେଶପ୍ରେମ, ବୀରତ୍ୱ ଗାଥା ସମଗ୍ର ଦେଶରେ ଆଜିବି ଶ୍ରଦ୍ଧାର ସହ ଉଚ୍ଚାରଣ କରାଯାଏ। ଭାରତର ସ୍ୱାଧୀନତା ସହ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଭୂମିକାକୁ ଆଜି ବି ଇଣ୍ଡୋନେସିଆବାସୀ ସମ୍ମାନର ସହ ମନେ ପକାନ୍ତି। ଇଣ୍ଡୋନେସିଆ ଗସ୍ତ ଅବସରରେ ଭାରତ-ଇଣ୍ଡୋନେସିଆର ସମ୍ପର୍କକୁ ନିବିଡ଼ କରିବାରେ ବିଜୁଙ୍କ ଅବଦାନକୁ ସ୍ମରଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ରାଜଧାନୀ ଜାକର୍ତ୍ତାରେ ଇଣ୍ଡୋନେସିଆ ସଂସଦକୁ ସମ୍ବୋଧିତ କରି ମୋଦି ବିଜୁ ବାବୁଙ୍କ ଅଦମ୍ୟ ସାହସ ପାଇଁ ଉଭୟ ଭାରତ ଏବଂ ଇଣ୍ଡୋନେସିଆ ନିକଟତର ହୋଇପାରିଥିଲେ ବୋଲି ଉଲ୍ଲେଖ କରି ଇଣ୍ଡୋନେସିଆ ମୁକ୍ତି ସଂଗ୍ରାମରେ ବିଜୁ ବାବୁଙ୍କର ଭୂମିକାକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଯେ ଉଭୟ ରାଷ୍ଟ୍ର ପ୍ରାୟ ସମାନ ସମୟରେ ସ୍ୱାଧୀନତା ପାଇଥିଲେ। ୧୯୪୫ରେ ଇଣ୍ଡୋନେସିଆ ସ୍ୱାଧୀନ ହୋଇଥିଲା ଓ ୧୯୪୭ରେ ଭାରତ ପରାଧୀନତାରୁ ମୁକ୍ତ ହୋଇଥିଲା। ଯେତେବେଳେ ସ୍ୱାଧୀନ ରାଷ୍ଟ୍ର ଭାବରେ ସାର୍ବଭୌମତ୍ୱର କଥା ଆସିଲା, ଭାରତ ଜାତିସଂଘରେ ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନକୁ ସମର୍ଥନ କରିବାରେ ଏକ ଦୃଢ଼ ସ୍ୱର ପାଲଟିଥିଲା। ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନ ସମୟରେ ଆଦରଣୀୟ ବିଜୁ ପଟ୍ଟନାୟକ ଯେଉଁ ଭୂମିକା ଗ୍ରହଣ କରିଥିଲେ, ଯେପରି ତତ୍କାଳୀନ ପ୍ରଧାନମନ୍ତ୍ରୀ ସୁତାନ ସାହାରିୟର ଏବଂ ଉପରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରି ଭାରତ ଆଣିଥିଲେ, ତାହା ଅତ୍ୟନ୍ତ ସାହସିକ ଥିଲା। ଏହାଦ୍ୱାରା ଦ୍ୱାରା ଦୁଇ ରାଷ୍ଟ୍ରେ ନିକଟତର ହୋଇଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ▶ପୃଷ୍ଠା-୧୦

## ଜମି କିଣା ବିକା: ନଗଦ କାରବାରରେ ଲାଗିବ ଅଙ୍କୁଶ

■ ଭୁବନେଶ୍ୱର, ୭।୭ (ସମିସ): ରାଜ୍ୟରେ ସମସ୍ତ ଜମି କିଣା ବିକାକୁ ସମ୍ପୂର୍ଣ୍ଣ କ୍ୟାସଲେସ କରାଯିବ। ନଗଦ ଟଙ୍କାରେ ଜମି କିଣାବିକା ହୋଇ ପାରିବ ନାହିଁ। ଏଥିପାଇଁ ଯୋଜନା ହୋଇଛି ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

ମନ୍ତ୍ରୀ କହିଛନ୍ତି ଯେ ଏଣିକି ରାଜ୍ୟରେ ଜମି କିଣା ବିକା ସମ୍ପୂର୍ଣ୍ଣ କ୍ୟାସଲେସ ହେବ। କିଣାବିକା ସମୟରେ ନଗଦରେ ଗୋଟିଏ ପଇସା ବି କାରବାର ହୋଇ ପାରିବ ନାହିଁ। ପୂର୍ବରୁ ୧୫ ହଜାର ଯାଏଁ ନଗଦ କାରବାର ବ୍ୟବସ୍ଥା ଥିଲା। ମାତ୍ର ଏବେ ତାହାକୁ ହଟାଇବାକୁ ନିଷ୍ପତ୍ତି ନିଆଯାଇଛି। ଜମି ପଞ୍ଜିକରଣ କାର୍ଯ୍ୟାଳୟକୁ ଦଲାଲ ମୁକ୍ତ କରିବାକୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଯଦି କେହି ନିୟମକୁ ଉଲ୍ଲଂଘନ କରୁଥିବାର ନଜର ଆସନ୍ତି, ତେବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଜମି କିଣା ବିକା ପାଇଁ ଆଉ ବାରମ୍ବାର ରେଜିଷ୍ଟ୍ରେସନ ଅଫିସକୁ ଆସିବାକୁ ପଡ଼ିବନି। କେବଳ ଜମି ମାଲିକ ଚିହ୍ନଟ ପାଇଁ ଯିବାକୁ ହେବ। ରେଜିଷ୍ଟ୍ରେସନ ପରେ ଦଲିଲ ମଧ୍ୟ ଅନଲାଇନରେ ପାଇବେ। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ଖୁବ ଶୀଘ୍ର ଏସଓପି ଜାରି ହେବ। ଏହାସହ ରାଜସ୍ୱ ଅଧିକାରୀଙ୍କୁ ସ୍ୱତନ୍ତ୍ର ଟ୍ରେନିଂ ମଧ୍ୟ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ବିକାଶ ଓ ପରିବେଶ ପରସ୍ପରର ପରିପୂରକ: ମୁଖ୍ୟମନ୍ତ୍ରୀ




■ ଭୁବନେଶ୍ୱର, ୭।୭ (ସମିସ): ବିକାଶ ଓ ପରିବେଶ ପରସ୍ପରର ପରିପୂରକ। ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ଓ ବିକଟ ଗ୍ରୀଷ୍ମ ଲହରର ମୁକାବିଲା ପାଇଁ ବ୍ୟାପକ ବୃକ୍ଷରୋପଣ ହିଁ ଏକମାତ୍ର ଦୀର୍ଘକାଳୀନ ସମାଧାନ। ଏହି ଦୂରଦର୍ଶୀ ଆଭିମୁଖ୍ୟ ସହ ବନ ସୁରକ୍ଷା ଓ ସବୁଜବଳୟ ସୃଷ୍ଟିରେ ଓଡ଼ିଶା ଆଜି ସାରା ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ୫୫୮ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣ ବୃଦ୍ଧି ପାଇଛି, ଯାହା ଫଳରେ ସମଗ୍ର ଭାରତବର୍ଷରେ ଓଡ଼ିଶା ଆଜି ଗୌରବଜନକ ତୃତୀୟ ସ୍ଥାନ ଅଧିକାର କରିଛି ବୋଲି କପିଳେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ବନ ମହୋତ୍ସବରେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଏହି ଅବସରରେ ସେ କହିଛନ୍ତି ଯେ ରାଜ୍ୟର ନଦୀଗୁଡ଼ିକୁ ଚିରସ୍ରୋତା କରିବା ପାଇଁ "ସବୁଜ ମହାନଦୀ ମିଶନ' ଅଧୀନରେ

୭ ପ୍ରମୁଖ ନଦୀ ପାର୍ଶ୍ୱରେ କରାଯିବ ଚାରାରୋପଣ

ମହାନଦୀ, ତେଲ୍, ଇବ୍, ବ୍ରାହ୍ମଣୀ, ଋଷିକୁଲ୍ୟା, ବୈତରଣୀ ଓ ବଂଶଧାରା ନଦୀ ପାଶ୍ୱର୍ରେ ୧.୫ କିଲୋମିଟର ପ୍ରଶସ୍ତ ସବୁଜ ବଳୟ ସୃଷ୍ଟି କରାଯାଉଛି। ୨୦୨୫-୨୬ ଆର୍ଥିକ ବର୍ଷରେ ୭୭୪ ହେକ୍ଟର ଅଞ୍ଚଳରେ ୫.୭୫ ଲକ୍ଷ ଚାରା ରୋପଣ କରାଯାଇଥିବା ବେଳେ ୨୦୨୬-୨୭ ବର୍ଷରେ ୨୭୦୨ ହେକ୍ଟର ଅଞ୍ଚଳରେ ▶ପୃଷ୍ଠା-୧୦

୧୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଜନଗଣନା ପ୍ରସ୍ତୁତି

## ଜାତି ଲେଖିବା ଲାଗି 'ଓପନ୍ କଲମ୍'

■ ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ଦେଶର ୧୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଆରମ୍ଭ ହୋଇଛି ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ପୂର୍ବାଭ୍ୟାସ (ରିହର୍ସାଲ) । ପ୍ରଥମଥର ପାଇଁ ଜନଗଣନା ଫର୍ମରେ ନାଗରିକମାନେ ନିଜ ଜାତିର ନାମ ନିଜେ ଲେଖିବା ପାଇଁ ଏକ 'ଓପନ୍ କଲମ୍' ବ୍ୟବସ୍ଥା ରଖାଯାଇଛି। ଏହା ଦ୍ୱାରା ଲୋକମାନେ କୌଣସି ପୂର୍ବନିର୍ଦ୍ଧାରିତ ତାଲିକାରେ ସୀମିତ ନ ରହି ନିଜ ଜାତିର ପରିଚୟ ଉଲ୍ଲେଖ କରିପାରିବେ।

ଜାତିଗତ ଜନଗଣନାକୁ ନେଇ ଦୀର୍ଘ ଦିନ ଧରି ରାଜନୈତିକ ଓ ସାମାଜିକ ସ୍ତରରେ ଚର୍ଚ୍ଚା ହୋଇଆସୁଛି। ଦେଶର ବିଭିନ୍ନ ଜାତି ଓ ଉପଜାତିର ପ୍ରକୃତ ଜନସଂଖ୍ୟା ସମ୍ପର୍କରେ ନିର୍ଦ୍ଦିଷ୍ଟ ଓ ସର୍ବଶେଷ ତଥ୍ୟ ନଥିବାରୁ ସାମାଜିକ ନ୍ୟାୟ, ସଂରକ୍ଷଣ ନୀତି ଏବଂ କଲ୍ୟାଣମୂଳକ ଯୋଜନାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନରେ ସମସ୍ୟା ସୃଷ୍ଟି ହେଉଛି ବୋଲି ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଏପରି ସ୍ଥିତିରେ ଜାତିଗତ ତଥ୍ୟ ସଂଗ୍ରହକୁ ଅନେକ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରୁଛନ୍ତି। ଜାତିଗତ ଜନଗଣନାରୁ ମିଳିବାକୁ ଥିବା ତଥ୍ୟ ଭବିଷ୍ୟତରେ ସାମାଜିକ ନ୍ୟାୟ, ସଂରକ୍ଷଣ ନୀତି, ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ଓ ବିଭିନ୍ନ କଲ୍ୟାଣକାରୀ ଯୋଜନାର ଯୋଜନା ପ୍ରସ୍ତୁତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରେ। ତେଣୁ ଏହି ପୂର୍ବାଭ୍ୟାସକୁ ଦେଶର ଆଗାମୀ ଜନଗଣନା ପ୍ରକ୍ରିୟାର ଏକ ମାଇଲଖୁଣ୍ଟ ବୋଲି ଦେଖାଯାଉଛି।

ଅନ୍ୟପକ୍ଷରେ ବିଶେଷଜ୍ଞ ଓ ସାମାଜିକ ବିଶ୍ଳେଷକମାନେ ଏହି ପ୍ରକ୍ରିୟା ଉପରେ ସତର୍କ ଭାବରେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଯଦି ଜାତିର ନାମ ଲେଖିବା ପାଇଁ ଖୋଲା କଲମ୍ ରହିବ, ତେବେ ବିଭିନ୍ନ ବନାନ, ସ୍ଥାନୀୟ ନାମ ଓ ଉପଜାତିର ଭିନ୍ନ ଭିନ୍ନ ପରିଚୟ ଯୋଗୁଁ ତଥ୍ୟର ଶ୍ରେଣୀକରଣ ଏକ ବଡ଼ ଚ୍ୟାଲେଞ୍ଜ ହୋଇପାରେ। ତେଣୁ ସଂଗୃହୀତ ତଥ୍ୟର ଯାଞ୍ଚ, ମାନକୀକରଣ ଓ ବିଶ୍ଳେଷଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ପଡ଼ିବ।

ପଞ୍ଚାୟତ ଗୃହ ନିର୍ମାଣ ନ ହେବା ପ୍ରତିବାଦ

# ୧୦କିମି ଚାଲି ଚାଲି ଘେରିଲେ ବିଧାୟକଙ୍କ ଘର

■ ବେତନଟୀ, ୭।୭ (ସମିସ): ଦୁଇଦୁଇଥର ବିଧାୟକ ଭାବେ ନିର୍ବାଚିତ ହୋଇ ମଧ୍ୟ ଜନସାଧାରଣଙ୍କ ନ୍ୟାର୍ଯ୍ୟ ଦାବି ପୂରଣ କରି ନପାରି ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କୁ ଆଜି ହଟହଟା ହେବାକୁ ପଡିଛି। ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀର କେନ୍ଦୁଆ ପଞ୍ଚାୟତର ଶତାଧିକ ପୁରୁଷ ମହିଳା ମଙ୍ଗଳବାର ୧୦କିମି ଚାଲିଚାଲି ବାଲେଶ୍ୱର ସୀମାନ୍ତ କଳମାସ୍ଥିତ ବିଧାୟକଙ୍କ ବାସଭବନରେ ପହଞ୍ଚିଥିଲେ। ତେବେ ବିଧାୟକଙ୍କ ନପାଇ ସମସ୍ତେ ବିକ୍ଷୋଭ କରିବା ଭିଡିଓ ସୋସିଆଲ ମିଡିଆରେ ଡବଲ ଇଞ୍ଜିନ ସରକାରଙ୍କୁ



ଟ୍ରୋଲ କରୁଛି। ସୂଚନାଯୋଗ୍ୟ, ଅବିଭକ୍ତ ବୈଶିଙ୍ଗା ପଞ୍ଚାୟତ ଭାଗ ହୋଇ ୨୦୧୬ ମସିହାରେ କେନ୍ଦୁଆ ପଞ୍ଚାୟତ ସୃଷ୍ଟି ହୋଇଥିଲା। ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟଟି ନୂତନ ଭାବେ ନିର୍ମିତ ରାଜୀବ ଗାନ୍ଧି ସେବା ଗୃହରେ କାର୍ଯ୍ୟକାରୀ ହେବା ପରେ ପୁରୁଣା ଗୃହରେ କେନ୍ଦୁଆ କାର୍ଯ୍ୟାଳୟ ଚାଲୁ ରହିଛି। ବେତନଟୀ ବ୍ଲକ ଅଧିନରେ ଆଉ ଗୋଟିଏ ସନ୍ତରା ପଞ୍ଚାୟତ ଭାଙ୍ଗି ହାତୀଝୁରୀ ପଞ୍ଚାୟତ ସୃଷ୍ଟି ହୋଇଥିଲା। ଏହି ଦୁଇଟି ନୂତନ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ସରକାରଙ୍କ ତହବିଲରୁ ୩୫ ଲକ୍ଷ ଟଙ୍କା ଲେଖାଏଁ ମଞ୍ଜୁରୀ ମିଳିବା ପରେ ହାତୀଝୁରୀ ପଞ୍ଚାୟତ ଗୃହ ନିର୍ମାଣ ହେଲା ସତ ମାତ୍ର କେନ୍ଦୁଆ ପଞ୍ଚାୟତ ଗୃହ ନିର୍ମାଣ ହୋଇ ପାରିଲା ନାହିଁ।

ଦେଖାଦେଲେନି ବଡ଼ସାହି ବିଧାୟକ

ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଗୃହ ପାଇଁ ସ୍ଥାନ ନିରୁପଣ ହୋଇଥିଲେ ମଧ୍ୟ ବିଧାୟକଙ୍କ ପ୍ରଥମ ପାଳିରେ ନିର୍ମିତ ହୋଇ ପାରିଲା ନାହିଁ। ପରବର୍ତ୍ତୀ ସମୟରେ ବଡ଼ସାହି କ୍ଷେତ୍ରରେ ବିଧାୟକ ଭାବେ ସନାତନ ବିଜୁଳି ୨୦୨୪ ରେ ଦ୍ୱିତୀୟ୍ ବାର ନିର୍ବାଚିତ ହେବା ପରେ ତା ୨୨.୧୧.୨୦୨୪ ରିଖରେ ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପରିସର ମଧ୍ୟରେ ଏହି ଗୃହ ନିର୍ମାଣ ପାଇଁ ବିଧାୟକ ସନାତନ ବିଜୁଳି ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ତାଙ୍କ ସହିତ ତତ୍କାଳୀନ ବିଡିଓ ସୁଶାନ୍ତ ସୁତାର (ବର୍ତ୍ତମାନ ନିଲମ୍ବିତ ) ଉପସ୍ଥିତ ଥିଲେ। ସମସ୍ତେ ଆଶା କରିଥିଲେ ଖୁବ ଶୀଘ୍ର ଗୃହ ନିର୍ମାଣ ହୋଇ ପାରିବ। ମାତ୍ର ଆଜି ପର୍ଯ୍ୟନ୍ତ ଏହାର ସମାଧାନ ହୋଇ ନ ପାରିବାରୁ ଆଜି ମଙ୍ଗଳବାର ସକାଳ ୯ ଘଟିକା ସମୟରେ ଶତାଧିକ ମହିଳା, ପୁରୁଷ, ଶିଶୁ ଏକତ୍ରିତ ହୋଇ ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଏକ ପଦଯାତ୍ରାରେ ୭ କିମି ▶ପୃଷ୍ଠା-୧୦

## ସୋନମ ୱାଙ୍ଗଚୁକଙ୍କ ଆମରଣ ଅନଶନକୁ ପୂରିଲା ୧୦ ଦିନ

ନୂଆଦିଲ୍ଲୀ, ୭।୭(ଏଜେନ୍ସି): ଦିଲ୍ଲୀର ଯନ୍ତର ମନ୍ତରଠାରେ କକ୍ରୋଚ ଜନତା ପାର୍ଟି (ସିଜେପି) ପକ୍ଷରୁ ଚାଲିଥିବା ବିକ୍ଷୋଭ ପ୍ରଦର୍ଶନ ମଙ୍ଗଳବାର ୧୮ ଦିନରେ ପ୍ରବେଶ କରିଛି। ଏହି ଆନ୍ଦୋଳନ ପରୀକ୍ଷା ପରିଚାଳନାରେ ହୋଇଥିବା ଅନିୟମିତତା ପାଇଁ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି କରାଯାଉଛି। ବିଶିଷ୍ଟ ସମାଜସେବୀ ତଥା ପରିବେଶବିତ୍ ସୋନମ ୱାଙ୍ଗଚୁକ ଆନ୍ଦୋଳନକୁ ସମର୍ଥନ କରିଛନ୍ତି। ପ୍ରତିବାଦ ସ୍ଥଳରେ ତାଙ୍କର ଆମରଣ ଅନଶନ ଆଜି



୧୦ମ ଦିନରେ ପହଞ୍ଚିଛି। ସିଜେପି ପ୍ରତିଷ୍ଠାତା ଅଭିଜିତ ଦିପକେ ସୋସିଆଲ ମିଡିଆରେ ଏକ୍ସରେ ଏ ବିଷୟରେ ସୂଚନା ଦେଇଛନ୍ତି। ଅନଶନ ଆରମ୍ଭ କରିବା ପରଠାରୁ ୱାଙ୍ଗଚୁକଙ୍କ ଓଜନ ୬ କେଜିରୁ ଅଧିକ ହ୍ରାସ ପାଇଛି ଏବଂ ତାଙ୍କର ରକ୍ତଚାପ ବହୁତ କମ୍ ରହୁଛି ବୋଲି ସେ କହିଛନ୍ତି। ସଂଯୁକ୍ତ କିଷାନ ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ଯନ୍ତର ମନ୍ତର ପରିଦର୍ଶନ କରି ଏହି ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। କୃଷକ ସଂଗଠନ ପକ୍ଷରୁ କେନ୍ଦ୍ର ମନ୍ତ୍ରୀଙ୍କ ଇସ୍ତଫା ସମେତ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)କୁ ରଦ୍ଦ କରିବା, ପରୀକ୍ଷା ଦୁର୍ନୀତି ଯୋଗୁଁ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ କ୍ଷତିପୂରଣ ଦେବା ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଦୋହରାଯାଇଛି। ଅନ୍ୟପଟେ, ଅଲ ଇଣ୍ଡିଆ ଷ୍ଟୁଡେଣ୍ଟସ ଆସୋସିଏସନ (ଏଆଇଏସ୍‌ଏ) ର ସଦସ୍ୟମାନେ ମଧ୍ୟ ଏକ ପୃଥକ ମଞ୍ଚରେ ସେମାନଙ୍କର ଅନଶନ ଜାରି ରଖିଛନ୍ତି। ସେପଟେ ଆନ୍ଦୋଳନ ମଧ୍ୟରେ ସିଜେପି ପାଇଁ ଏକ ବଡ଼ ଆଶ୍ୱସ୍ତିର ଖବର ଆସିଛି। ଦିଲ୍ଲୀ ହାଇକୋର୍ଟ ସିଜେପିର ମୂଳ ଏକ୍ସ ହ୍ୟାଣ୍ଡେଲକୁ ପୁନଃସ୍ଥାପିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ହ୍ୟାଣ୍ଡେଲକୁ ଗତ ମେ ମାସରେ ବନ୍ଦ କରାଯାଇଥିଲା। କେନ୍ଦ୍ର ସରକାର କୋର୍ଟଙ୍କୁ ଜଣାଇଥିଲେ ଯେ, ଜୁନ୍ ୨୧ରେ ନିଟ୍ ପୁନଃ-ପରୀକ୍ଷା ଶେଷ ହୋଇଥିବାରୁ ଏହି ପ୍ରତିବନ୍ଧକ ହଟାଇ ଦିଆଯାଇଛି। ଅଭିଜିତ ଦିପକେ ଏହାକୁ ବିଜୟ ଭାବେ ଘୋଷଣା କରିଛନ୍ତି।

**ସିଜେପିର ଏକ୍ସ ଆକାଉଣ୍ଟ ସକ୍ରିୟ କର: ହାଇକୋର୍ଟଙ୍କ ନିର୍ଦ୍ଦେଶ**

## ଜେଲ୍ ଗଲେ ୩୦୦ କୋଟିର ମାଲିକ ଡିଏସ୍‌ପି

ହାଇଦ୍ରାବାଦ, ୭।୭(ଏଜେନ୍ସି): ତେଲେଙ୍ଗାନାରେ ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ ବିପୁଳ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ହାଇଦ୍ରାବାଦର ପୁଲିସ କମ୍ପ୍ୟୁଟର ସର୍ଭିସେସ (ପିସିଏସ୍) ରେ କାର୍ଯ୍ୟରତ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ ପୁଲିସ (ଡିଏସପି) ସଙ୍କିରେଡ୍ଡୀ ଭୀମ ରେଡ୍ଡୀଙ୍କୁ ୩୦୦ କୋଟି ଟଙ୍କାର ବେଆଇନ ସମ୍ପତ୍ତି ମାମଲାରେ ତେଲେଙ୍ଗାନା ଦୁର୍ନୀତି ନିବାରଣ ବ୍ୟୁରୋ (ଏସିବି) ଗିରଫ କରିଛି। ଗତ ସୋମବାର ଏସିବି ଅଧିକାରୀମାନେ ଭୀମ ରେଡ୍ଡୀଙ୍କୁ ତାଙ୍କ ଇବ୍ରାହିମବାଗ ସ୍ଥିତ ବାସଭବନରୁ ଗିରଫ କରିଥିଲେ। ଏହା ପୂର୍ବରୁ ଜୁଲାଇ ୨ରେ ତେଲେଙ୍ଗାନା ଏବଂ କର୍ଣ୍ଣାଟକର ପ୍ରାୟ ୧୬ଟି ସ୍ଥାନରେ ଏକକାଳୀନ ଚଢଉ କରାଯାଇଥିଲା।



ଏହି ମାମଲାରେ ଏକ ହାତଲେଖା ବ୍ୟକ୍ତିଗତ ଡାଏରୀ ସବୁଠାରୁ ବଡ଼ ପ୍ରମାଣ ଭାବେ ସାମ୍ନାକୁ ଆସିଛି। ଚାରିଧାମ ଯାତ୍ରାରେ ଯିବା ପୂର୍ବରୁ ଭୀମ ରେଡ୍ଡୀ ଏହି ଡାଏରୀରେ ନିଜର ସମସ୍ତ ସମ୍ପତ୍ତି, ବିନିଯୋଗ ଏବଂ ବେନାମୀ ମାଲିକମାନଙ୍କର ବିବରଣୀ ଲିପିବଦ୍ଧ କରିଥିଲେ। ଡାଏରୀର ଏକ ସ୍କାନ କପି ନିଜ ପୁଅମାନଙ୍କ ସହ ହ୍ୱାଟସଆପ୍‌ରେ ମଧ୍ୟ ସେୟାର କରିଥିଲେ। ତାହାହିଁ ତଦନ୍ତକାରୀ ସଂସ୍ଥାକୁ ବିଭିନ୍ନ ସମ୍ପତ୍ତିର ଖୋଜ୍ ଖବର ପାଇବାରେ ସାହାଯ୍ୟ କରିଥିଲା। ତଦନ୍ତ ବେଳେ ଭୀମଙ୍କ ଘରୁ ୩.୬୦ ଲକ୍ଷ ଟଙ୍କା ଏବଂ ତାଙ୍କର ଏକ ବେନାମୀ ଘରୁ ୪୦ ଲକ୍ଷ ଟଙ୍କା ମିଳିଛି। ଏହା ବ୍ୟତୀତ ୨ କିଲୋ ସୁନା ଏବଂ ୨୦ କିଲୋ ରୁପା ସହିତ ବ୍ୟାଙ୍କରେ ପ୍ରାୟ ୨୦ ଲକ୍ଷ ଟଙ୍କାର ବାଲାନ୍ସ ରହିଥିବା ଜଣାପଡ଼ିଛି। ଏହାସହ ହାଇଦ୍ରାବାଦର ବିଭିନ୍ନ ଅଞ୍ଚଳରେ ବିଳାସପୂର୍ଣ୍ଣ ଭିଲ୍ଲା, କମର୍ସିଆଲ କମ୍ପ୍ଲେକ୍ସ ଏବଂ ଏକାଧିକ ଆପାର୍ଟମେଣ୍ଟ, କର୍ଣ୍ଣାଟକରେ ପ୍ରାୟ ୪୪ ଏକର ଏବଂ ତେଲେଙ୍ଗାନାର ବିଭିନ୍ନ ସ୍ଥାନରେ ୧୦ ଏକରରୁ ଅଧିକ ଚାଷ ଜମି ଓ ପ୍ଲଟ୍, ଶ୍ରୀରାଘବେନ୍ଦ୍ର ରକ୍ ସ୍ୟାଣ୍ଡ ମିନେରାଲ୍ସ ନାମକ ଏକ ସଂସ୍ଥାରେ ୭୫ ଲକ୍ଷ ଟଙ୍କାର ନିବେଶ ରହିଥିବା ଜଣାପଡ଼ିଛି। ବର୍ତ୍ତମାନ ତାଙ୍କୁ ସ୍ୱତନ୍ତ୍ର ଏସିବି କୋର୍ଟରେ ହାଜର କରାଯିବା ନେଇ ପ୍ରକ୍ରିୟା ଜାରି ରହିଛି।

## ଚୀନରେ ପ୍ରଳୟଙ୍କରୀ ଝଡ଼ରେ ୮ ମୃତ

ବେଜିଂ, ୭।୭(ଏଜେନ୍ସି): ଚୀନରେ ପ୍ରବଳ ବର୍ଷା ଏବଂ ଝଡ଼ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଥିବା ବେଳେ ୮ ଜଣଙ୍କର ମୃତ୍ୟୁ ହୋଇଛି। ଏହି ସଙ୍କଟ ସମୟରେ ସାମୁଦ୍ରିକ ବାତ୍ୟା 'ବାଭି' ଚୀନର ଉପକୂଳ ଆଡ଼କୁ ମାଡ଼ି ଆସୁଥିବାରୁ ସ୍ଥିତି ଅଧିକ ଗମ୍ଭୀର ହେବାର ଆଶଙ୍କା କରାଯାଉଛି। ଚୀନର ଜାତୀୟ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଦକ୍ଷିଣ-ପୂର୍ବ ଅଞ୍ଚଳ ଗୁଆଙ୍ଗସି ଏବଂ ପୂର୍ବ ପ୍ରଦେଶ ଜିଆଙ୍ଗସୁ ଓ ଶାନଡୋଙ୍ଗରେ ଅତି ପ୍ରବଳରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ପ୍ରଦେଶଗୁଡ଼ିକୁ ସମ୍ଭାବ୍ୟ ବିପତ୍ତି ପାଇଁ ସତର୍କ ରହିବାକୁ ଏବଂ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

## କେତନଙ୍କ ସହ ନିର୍ବନ୍ଧ ପରେ ଚେତନଙ୍କୁ ଗୁପ୍ତ ବିବାହ କରିଥିଲେ ସିୟା

ପୁନେ, ୭।୭(ଏଜେନ୍ସି): ପୁନେର ପ୍ରତିଷ୍ଠିତ ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ମୃତ୍ୟୁ ମାମଲାରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ତଦନ୍ତରୁ ଜଣାପଡ଼ିଛି ଯେ, ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲ ତାଙ୍କ ନିର୍ବନ୍ଧ ପରେ ଏବଂ ହତ୍ୟାକାଣ୍ଡର ପ୍ରାୟ ୪ ମାସ ପୂର୍ବରୁ ନିଜ ପ୍ରେମିକ ଚେତନ ଚୌଧୁରୀଙ୍କୁ ଗୁପ୍ତରେ ବିବାହ କରିଥିଲେ। ୨୦ ବର୍ଷୀୟା ସିୟା ଏବଂ ୨୫ ବର୍ଷୀୟ କେତନଙ୍କ ବିବାହ ଆସନ୍ତା ନଭେମ୍ବରରେ ହେବାକୁ ସ୍ଥିର ହୋଇଥିଲା। କିନ୍ତୁ ଗତ ଫେବୃଆରୀରେ କେତନଙ୍କ ସହ ନିର୍ବନ୍ଧ ସରିବା ପରେ ସିୟା ନିଜ ପ୍ରେମିକ ଚେତନଙ୍କୁ ଏକ ସ୍ଥାନୀୟ ରେଜିଷ୍ଟ୍ରାର ଅଫିସରେ ବିବାହ କରିଥିବା ପୁଲିସ ସନ୍ଦେହ କରୁଛି। ପୁଲିସ ବର୍ତ୍ତମାନ ଏହି ବିବାହ ପ୍ରମାଣପତ୍ରର ସତ୍ୟାସତ୍ୟ ଯାଞ୍ଚ କରୁଛି। ଏପରି ହେଲେ କେତନଙ୍କ ସହ ହୋଇଥିବା ନିର୍ବନ୍ଧ ଆଇନଗତ ଭାବେ ଅବୈଧ ପ୍ରମାଣିତ ହେବ।

ଗତ ଜୁନ୍ ୧୮ ରେ ପୁନେର ଲୋହଗଡ଼ ଦୁର୍ଗ ବୁଲିବାକୁ ଯାଇଥିବା ସମୟରେ କେତନ ଏକ ପାହାଡ଼ ଉପରୁ ଖସିପଡ଼ି ପ୍ରାଣ ହରାଇଥିଲେ ବୋଲି ତାଙ୍କ ସହ ଥିବା ଭାବି ପତ୍ନୀ ସିୟା କହିଥିଲେ। ପରେ ସିୟା କେତନଙ୍କୁ ବିବାହ କରିବାକୁ ଚାହୁଁନଥିବାରୁ ଏହି ସମ୍ପୂର୍ଣ୍ଣ ହତ୍ୟାକାଣ୍ଡର ନକ୍ସା ପ୍ରସ୍ତୁତ କରିଥିଲେ ବୋଲି



ଜଣାପଡ଼ିଥିଲା। ହତ୍ୟା ଦିନ ପ୍ରେମିକ ଚେତନ ମଧ୍ୟ ସେମାନଙ୍କ ପଛେ ପଛେ ଯାଇ ଏହି ଯୋଜନାକୁ କାର୍ଯ୍ୟକାରୀ କରିବାରେ ସହାୟତା କରିଥିଲେ। ତେବେ ସିୟା ଓ ଚେତନଙ୍କ ବିବାହ ସମୟରେ ସାକ୍ଷୀ ଭାବେ ଦସ୍ତଖତ କରିଥିବା ସିୟାଙ୍କ ଦୁଇ କଲେଜ ବନ୍ଧୁଙ୍କୁ ପୁଲିସ ବର୍ତ୍ତମାନ ଜେରା କରୁଛି। ଏକ ବ୍ୟକ୍ତିଗତ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ଡିଲିଟ୍ ହୋଇଥିବା କିଛି ଫଟୋ ଉଦ୍ଧାର କରିବାକୁ ପୁଲିସର ଟେକ୍ନିକାଲ୍ ଟିମ୍ ପ୍ରୟାସ କରୁଛି। ଏହି ଫଟୋଗୁଡ଼ିକରେ ସିୟା ଏବଂ ଚେତନ ବରମାଳା ପିନ୍ଧିଥିବାର ଦେଖିବାକୁ ମିଳିଥିଲା ବୋଲି ସୂଚନା ମିଳିଛି। ଏହି ମାମଲାରେ ସିୟା ଏବଂ ଚେତନଙ୍କୁ ଗିରଫ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ସେପଟେ କେତନଙ୍କ ପରିବାର ଏହି ଘଟଣାରେ ଗଭୀର ମର୍ମାହତ ହୋଇପଡ଼ିଛନ୍ତି। ନିକଟରେ ଦୁଃଖରେ ମ୍ରିୟମାଣ କେତନଙ୍କ ଜେଜେବାପାଙ୍କର ମଧ୍ୟ ହୃଦଘାତରେ ମୃତ୍ୟୁ ଘଟିଛି।

**ରାମ ମନ୍ଦିର ଚାନ୍ଦା ଚୋରି**

## ୧୨୪ କୋଟି ଖର୍ଚ୍ଚର ଯାଞ୍ଚ ହେବ

ଅଯୋଧ୍ୟା, ୭।୭ (ଏଜେନ୍ସି): ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ଦ୍ୱାରା ଆୟୋଜିତ ବିଭିନ୍ନ ହାଇ-ପ୍ରୋଫାଇଲ୍ କାର୍ଯ୍ୟକ୍ରମରେ ହୋଇଥିବା ୧୨୪ କୋଟିରୁ ଅଧିକ ଟଙ୍କାର ବ୍ୟୟକୁ ନେଇ ଏବେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ନିଜର ତଦନ୍ତ ପରିସରକୁ ବୃଦ୍ଧି କରିଛି। ଏହି ତଦନ୍ତରେ ମୁଖ୍ୟତଃ ଜାନୁଆରୀ ୨୦୨୪ର ପ୍ରାଣ ପ୍ରତିଷ୍ଠା ଉତ୍ସବ, ୨୦୨୫ ମହାକୁମ୍ଭର ବ୍ୟବସ୍ଥା ଏବଂ ନଭେମ୍ବର ୨୦୨୫ରେ ଅନୁଷ୍ଠିତ ପତାକା ଉତ୍ତୋଳନ ଉତ୍ସବର ଖର୍ଚ୍ଚ ସାମିଲ ରହିଛି। ପ୍ରତିଷ୍ଠା ଉତ୍ସବରେ ପ୍ରାୟ ୮, ୦୦୦ ଅତିଥି ଯୋଗ ଦେଇଥିଲେ। ଏସ୍‌ଆଇଟିର ସୂଚନା ଅନୁଯାୟୀ, ୨୨ ଜାନୁଆରୀ ୨୦୨୪ରେ ଅନୁଷ୍ଠିତ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରାୟ ୧୧୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ସେଥିମଧ୍ୟରେ ଶେଡ୍ ଏବଂ ଟେଣ୍ଟ ସିଟି ନିର୍ମାଣ ପାଇଁ ୩୫.୯୭ କୋଟି, ପ୍ରଚାର ଓ ବିଜ୍ଞାପନ ପାଇଁ ୨୧.୭୭ କୋଟି, ସାଜସଜ୍ଜା ଓ ଆଲୋକୀକରଣ ବାବଦକୁ ୧୪.୬୨ କୋଟି, ଖାଦ୍ୟ, ଅନ୍ନ ବଣ୍ଟନ ପାଇଁ ୫.୧୧ କୋଟି ଟଙ୍କା ବ୍ୟୟ ହୋଇଥିବା ଜଣାପଡ଼ିଛି। ଏସ୍‌ଆଇଟି ବର୍ତ୍ତମାନ ଗତ ଦୁଇ ବର୍ଷର ଆର୍ଥିକ ରେକର୍ଡଗୁଡ଼ିକର ଅଡିଟ୍ କରୁଛି। ନଭେମ୍ବର ୨୦୨୫ରେ ହୋଇଥିବା ପତାକା ଉତ୍ତୋଳନ ଉତ୍ସବ ପାଇଁ ୧୦.୧୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ଜଣେ ଅତିଥି ପିଛା ହାରାହାରି ୧୬, ୦୦୦ ଟଙ୍କା ବ୍ୟୟ ହୋଇଛି। ଏହା ବ୍ୟତୀତ ପ୍ରତିଷ୍ଠା ଦ୍ୱାଦଶୀ ପାଇଁ ୮୩ ଲକ୍ଷ ଏବଂ ମହାକୁମ୍ଭ ସମୟରେ ଶ୍ରଦ୍ଧାଳୁଙ୍କ ବ୍ୟବସ୍ଥା ପାଇଁ ୪୩ ଲକ୍ଷ ଟଙ୍କାର ଖର୍ଚ୍ଚ ମଧ୍ୟ ତଦନ୍ତ ପରିସରଭୁକ୍ତ। ତଦନ୍ତକାରୀ ଦଳ କେବଳ ନଗଦ ଖର୍ଚ୍ଚ ସହିତ ଶ୍ରଦ୍ଧାଳୁଙ୍କ ଦ୍ୱାରା ଦାନ କରାଯାଇଥିବା ମୂଲ୍ୟବାନ ଧାତୁର ମଧ୍ୟ ଯାଞ୍ଚ କରୁଛନ୍ତି। ଟ୍ରଷ୍ଟର ରେକର୍ଡ ଅନୁଯାୟୀ, ନଭେମ୍ବର ୨୦୨୪ରୁ ଫେବୃଆରୀ ୨୦୨୫ ମଧ୍ୟରେ ୨.୩ କିଲୋଗ୍ରାମ ସୁନା ଏବଂ ୮୩.୩ କିଲୋଗ୍ରାମ ରୁପା ଦାନ ଆକାରରେ ମିଳିଥିଲା। ମହାକୁମ୍ଭ ସମୟରେ ଅତିରିକ୍ତ ୧.୫ କିଲୋ ସୁନା ଓ ୨୮ କିଲୋ ରୁପା ମଧ୍ୟ ମିଳିଥିଲା। ଏହି ଦୁର୍ନୀତି ଅଭିଯୋଗ ପରେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ଟ୍ରଷ୍ଟି ଅନିଲ ମିଶ୍ର ନିଜ ପଦରୁ ଇସ୍ତଫା ଦେଇଛନ୍ତି। କୃଷ୍ଣ ମୋହନଙ୍କୁ ଅନ୍ତରୀଣ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ଦାନ ଚୋରି ଅଭିଯୋଗ ଏବଂ ଅର୍ଥ ହେରଫେର ଆଶଙ୍କା ପରେ ଟ୍ରଷ୍ଟର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଆର୍ଥିକ ଅନିୟମିତତା ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନଥିଲେ ମଧ୍ୟ, ସମସ୍ତ ଖର୍ଚ୍ଚ ନିର୍ଦ୍ଧାରିତ ନିୟମ ଅନୁଯାୟୀ ହୋଇଛି କି ନାହିଁ ତାହା ଏସ୍‌ଆଇଟି ଦ୍ୱାରା ଯାଞ୍ଚ କରାଯାଉଛି।

ଇତିମଧ୍ୟରେ ମନ୍ଦିର ଟ୍ରଷ୍ଟ ପକ୍ଷରୁ କୁହାଯାଇଛି ଯେ କର୍ମକର୍ତ୍ତା ପଦରୁ ଚମତନତ ରାୟ ଓ ଅନିଲ ମିଶ୍ରଙ୍କ ଇସ୍ତଫା ଗ୍ରହଣ କରିବା ପରେ ସେମାନେ ଟ୍ରଷ୍ଟ ଆଉ ସଭ୍ୟ ମଧ୍ୟ ନାହାନ୍ତି। ଅନ୍ୟତମ ଟ୍ରଷ୍ଟି ଗୋପାଳ ରାଓଙ୍କୁ ମଧ୍ୟ ହଟାଇ ଦିଆଯାଇଛି। ଅନ୍ୟପକ୍ଷରେ ଆଜି ପ୍ରଥମ ଥର ଲାଗି ଚମ୍ପତ ରାୟ ଏହି ଘଟଣା ନେଇ ମୁହଁ ଖୋଲିଛନ୍ତି। ସେ କହିଛନ୍ତି ଯେ ଟ୍ରଷ୍ଟର ସମ୍ମାନ ଦୃଷ୍ଟିରୁ ସେ ଚୁପ ରହିଥିଲେ। ଏସଆଇଟିର ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ସବୁ ସତ କଥା ପଦାକୁ ଆସିଯିବ।



- ଟ୍ରଷ୍ଟର ସଭ୍ୟପଦରୁ ମଧ୍ୟ ହଟିଲେ ଚମ୍ପତ, ଅନିଲ, ଗୋପାଳ
- ଏସ୍‌ଆଇଟି ରିପୋର୍ଟ ପରେ ସତ କଥା ପଦାକୁ ଆସିବ: ଚମ୍ପତ

## ଡିଏମ୍‌କେରେ ଯୋଗ ଦେଲେ ୩୦ କୋଟି ନଚେତ୍ ମୃତ୍ୟୁ

ଚେନ୍ନଇ, ୭।୭(ଏଜେନ୍ସି): ତାମିଲନାଡୁରେ ଟିଭିକେ ଦଳର ଜଣେ ବିଧାୟକ ବିରୋଧୀ ଡିଏମକେ ଉପରେ ଘୋଡ଼ା ବେପାର ରାଜନୀତି ଏବଂ ହତ୍ୟା ଧମକ ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି। ଶ୍ରୀଭଇକୁନ୍ତମ୍‌ରୁ ଟିଭିକେ ବିଧାୟକ ଜି. ସର୍ଭନନ୍ ଏହି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ତାଙ୍କୁ ଟିଭିକେ ଛାଡ଼ି ଡିଏମକେରେ ସାମିଲ ହେବା ପାଇଁ ୩୦ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଥିଲା। ଏପରିକି ୧୦୦ କୋଟି ଯାଏଁ ମଧ୍ୟ ଯଚା ଯାଇଥିଲା। ସେ ଏହାକୁ ମନା କରିଥିଲେ। ପରେ ପ୍ରସ୍ତାବ ଅଗ୍ରାହ୍ୟ କଲେ ତାଙ୍କୁ ଜୀବନରୁ ମାରିଦେବା ପାଇଁ ମଧ୍ୟ ଧମକ ମିଳିଥିବା ସେ ଦାବି କରିଛନ୍ତି। ତାଙ୍କ କଥାକୁ ପ୍ରମାଣ କରିବାକୁ ତାଙ୍କ ପାଖରେ ଯଥେଷ୍ଟ ଦୃଢ଼ ପ୍ରମାଣ ରହିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ଡିଏମକେ ପକ୍ଷରୁ କୌଣସି ଆଧିକାରିକ ପ୍ରତିକ୍ରିୟା ମିଳିପାରି ନାହିଁ। ତେବେ ଜଣେ ବିଧାୟକଙ୍କ ଏଭଳି ଅଭିଯୋଗ ରାଜନୀତିରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।



## ମୋଦୀଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ବେସାମରିକ ସମ୍ମାନ

ଜାକର୍ତ୍ତା, ୭।୭(ଏଜେନ୍ସି): ଜାକର୍ତ୍ତାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ବେସାମରିକ ସମ୍ମାନ 'ବିନ୍ତାଙ୍ଗ ଆଦିପୂର୍ଣ୍ଣ' ପ୍ରଦାନ କରାଯାଇଛି। ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋୱୋ ସୁବିଆନ୍ତୋ ମୋଦୀଙ୍କୁ ଏହି ପଦକ ପ୍ରଦାନ କରିଛନ୍ତି। ଇଣ୍ଡୋନେସିଆ ଗଣରାଜ୍ୟର ଏକତା, ନିରନ୍ତରତା ଏବଂ ସମୃଦ୍ଧି କ୍ଷେତ୍ରରେ ଅସାଧାରଣ ସେବା ପ୍ରଦାନ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ସମ୍ମାନଜନକ ପଦକରେ ସମ୍ମାନିତ କରାଯାଇଥାଏ। ପ୍ରଧାନମନ୍ତ୍ରୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବା ଉଭୟ ଦେଶ ମଧ୍ୟରେ ଥିବା ଗଭୀର ବନ୍ଧୁତା ଏବଂ ଦ୍ୱିପାକ୍ଷିକ ସମ୍ପର୍କର ସୁଦୃଢ଼ତାକୁ ପ୍ରତିପାଦିତ କରୁଛି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ମୋଦୀ ନିଜର ଇଣ୍ଡୋନେସିଆ ଗସ୍ତ ସମୟରେ ଏହି ଗୌରବଜନକ ଉପାଧିରେ ଭୂଷିତ ହୋଇଛନ୍ତି।

## ହର୍ମୁଜରେ ୩ ଜାହାଜ ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼

ନୂଆଦିଲ୍ଲୀ, ୭।୭(ଏଜେନ୍ସି): ହର୍ମୁଜ ପ୍ରଣାଳୀରେ ଉତ୍ତେଜନା ପୁଣି ବୃଦ୍ଧି ପାଇଛି। ଇରାନର ରିଭୋଲ୍ୟୁସ୍ନାରୀ ଗାର୍ଡ ସେଠାରେ ଗତି କରୁଥିବା ୩ଟି ବାଣିଜ୍ୟିକ ଜାହାଜ ଉପରକୁ କ୍ଷେପଣାସ୍ତ୍ର ନିକ୍ଷେପ କରିଥିବା ଜଣାପଡ଼ିଛି। ଏହି ଆକ୍ରମଣରେ ଜାହାଜଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏକ ତୈଳବାହୀ ଜାହାଜରେ ନିଆଁ ଲାଗିଛି। ଆମେରିକା ଏବଂ ଇରାନ ମଧ୍ୟରେ ସାମୁଦ୍ରିକ ଆକ୍ରମଣ ବନ୍ଦ କରିବା ପାଇଁ ମାତ୍ର ତିନି ସପ୍ତାହ ପୂର୍ବରୁ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। କିନ୍ତୁ ସୋମବାର ଓ ମଙ୍ଗଳବାର ଘଟିଥିବା ଏହି ଆକ୍ରମଣ ଶାନ୍ତି ଚୁକ୍ତିକୁ ସଙ୍କଟ ମଧ୍ୟକୁ ଠେଲି ଦେଇଛି।

ସୂଚନାଯୋଗ୍ୟ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ଇରାନର ସୁପ୍ରିମ ଲିଡର ଅଲି ଖାମେନେଇଙ୍କ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଇରାନକୁ ସପ୍ତାହେ ଛୁଟି ଦିଆଯାଇଥିବା ବୋଲି କହି କଟାକ୍ଷ କରିଥିଲେ। ତାହାର ଏହା ଜବାବ ବୋଲି ଆଲୋଚନା ହୋଇଛି। ମଙ୍ଗଳବାର ସକାଳେ ଓମାନ ଉପକୂଳ ନିକଟସ୍ଥ ଲିମା ଅଞ୍ଚଳରେ ଏକ ଟ୍ୟାଙ୍କର ଉପରେ ଏକ ଅଜ୍ଞାତ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା। ଫଳରେ ଏହାର ବାମ ପାର୍ଶ୍ୱରେ ନିଆଁ ଲାଗିଯାଇଥିଲା। ବ୍ରିଟିଶ ସାମରିକ ସଂସ୍ଥା ଏହି ସୂଚନା ପ୍ରଦାନ କରିଛି। ଇରାନ ସରକାରୀ ଟେଲିଭିଜନ ଅନୁସାରେ, କାତାରର ଏକ ଏଲଏନଜି ଟ୍ୟାଙ୍କର ବାରମ୍ବାର ଚେତାବନୀକୁ ଅଣଦେଖା କରିବାରୁ ତାକୁ ଟାର୍ଗେଟ କରାଯାଇଛି।


ଆମେରିକା ପକ୍ଷରୁ ରାଷ୍ଟ୍ରପତି ଟ୍ରମ୍ପ ଏହି ଘଟଣାର କଡ଼ା ଜବାବ ଦେବାକୁ ସଙ୍କେତ ଦେଇଛନ୍ତି। ସେ କହିଛନ୍ତି ଯେ, 'ଆମେ ମାତ୍ର ଏକ ଘଣ୍ଟା ମଧ୍ୟରେ ସେମାନଙ୍କର ସେତୁଗୁଡ଼ିକୁ ଧ୍ୱଂସ କରିଦେଇପାରିବୁ।' ସୌଭାଗ୍ୟବଶତଃ ଏହି ଆକ୍ରମଣରେ ଏପର୍ଯ୍ୟନ୍ତ କୌଣସି ପ୍ରାଣହାନି ହୋଇଥିବା ଖବର ମିଳିନାହିଁ। ତଥାପି ଏହି ଅଞ୍ଚଳ ଦେଇ ଯାଉଥିବା ଜାହାଜଗୁଡ଼ିକୁ ଅତ୍ୟନ୍ତ ସତର୍କତାର ସହ ଗତି କରିବାକୁ ପରାମର୍ଶ ଦିଆଯାଇଛି।

**ଏହାର କଡ଼ା ଜବାବ ଦିଆଯିବ: ଟ୍ରମ୍ପ**



## ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସିରିଆ ଗସ୍ତବେଳେ ବିସ୍ଫୋରଣ

ଦାମାସକସ, ୭।୭(ଏଜେନ୍ସି): ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରୋନ ସିରିଆ ଗସ୍ତରେ କରିଛନ୍ତି। ମାକ୍ରୋନ ରାଷ୍ଟ୍ରପତି ଅହମ୍ମଦ ଅଲ-ଶାରାଙ୍କୁ ଭେଟୁଥିବା ସମୟରେ ମଧ୍ୟ ଦାମାସକସରେ ବିସ୍ଫୋରଣ ହୋଇଥିଲା। ସିରିଆର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଦାମାସକସର କେନ୍ଦ୍ରସ୍ଥଳରେ ଥିବା ଫୋର୍ ସିଜନ୍ସ ହୋଟେଲ ନିକଟରେ ଏହି ଆକ୍ରମଣ ହୋଇଛି। ସୂଚନାଯୋଗ୍ୟ ଯେ, ରାଷ୍ଟ୍ରପତି ମାକ୍ରୋନ ଏହି ହୋଟେଲରେ ରହୁଥିବା ବେଳେ ବିସ୍ଫୋରଣ ସମୟରେ ସେ ରାଷ୍ଟ୍ରପତି ଭବନରେ ଥିଲେ। ସୁରକ୍ଷା ଅଧିକାରୀଙ୍କ ସୂଚନା ଅନୁଯାୟୀ, ଦୁଇଟି ବିସ୍ଫୋରକ ସାମଗ୍ରୀ ମଧ୍ୟରୁ ଗୋଟିଏ ଡଷ୍ଟବିନ୍‌ରେ ଏବଂ ଅନ୍ୟଟି ଏକ ପାର୍କିଂ କରାଯାଇଥିବା କାର୍‌ରେ ରଖାଯାଇଥିଲା। ଏହି ଘଟଣାରେ ୪ଜଣ ଆହତ ହୋଇଛନ୍ତି, ଯେଉଁଥିରେ କିଛି ପୁଲିସ ଅଧିକାରୀ ମଧ୍ୟ ସାମିଲ ଅଛନ୍ତି। ବର୍ତ୍ତମାନ ସୁଦ୍ଧା କୌଣସି ଗୋଷ୍ଠୀ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାଁନ୍ତି। ଫ୍ରାନ୍ସ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଏମାନୁଏଲ ମାକ୍ରୋନ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି ଏବଂ ସେ ରାଷ୍ଟ୍ରପତି ଅଲ-ଶାରାଙ୍କ ସହ ନିଜର ଆଲୋଚନା ଜାରି ରଖିଛନ୍ତି। ୨୦୨୪ରେ ବଶର ଅଲ-ଅସଦ୍‌ଙ୍କ ଶାସନର ପତନ ପରେ ଅଲ-ଶାରା କ୍ଷମତାକୁ ଆସିବା ପରେ ମାକ୍ରୋନ ହେଉଛନ୍ତି ସିରିଆ ଗସ୍ତ କରିଥିବା ପ୍ରଥମ ପ୍ରମୁଖ ପାଶ୍ଚାତ୍ୟ ନେତା।



## ମହାରାଷ୍ଟ୍ର, ଗୁଜରାଟ, ଦିଲ୍ଲୀରେ ଜନଜୀବନ ଅସ୍ତବ୍ୟସ୍ତ

ରତ୍ନଗିରି, ୭।୭(ଏଜେନ୍ସି): ପ୍ରବଳ ମୌସୁମୀ ବର୍ଷା ଯୋଗୁଁ ଦେଶର ବିଭିନ୍ନ ସ୍ଥାନରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ମହାରାଷ୍ଟ୍ରର ରତ୍ନଗିରି ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଖେଡ୍ ତହସିଲ ଅନ୍ତର୍ଗତ ଦହିଭାଲି ଅଞ୍ଚଳରେ ଭୂସ୍ଖଳନ ଘଟିବା ଫଳରେ ୫ଟି ଘର ମାଟି ତଳେ ପୋତି ହୋଇଯାଇଛି। ଉଦ୍ଧାରକାରୀ ଦଳ ୭୫ ବର୍ଷୀୟା କଳ୍ପନା ସେଲାରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ତେବେ ଏହି ଘଟଣାରେ ଅନ୍ୟ ଦୁଇ ଜଣ ବ୍ୟକ୍ତି ବର୍ତ୍ତମାନ ସୁଦ୍ଧା ମାଟି ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ଆଇଏମ୍‌ଡି ଦିଲ୍ଲୀର କିଛି ଅଞ୍ଚଳ ପାଇଁ 'ରେଡ୍' ଏବଂ ଅନ୍ୟ ସ୍ଥାନ ପାଇଁ 'ଅରେଞ୍ଜ' ଆଲର୍ଟ ଜାରି କରିଛି। ବର୍ଷା ଯୋଗୁଁ ଅନେକ ସ୍ଥାନରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି। ଏଥିସହିତ, ଗୁରୁଗ୍ରାମରେ ୪୮ ନମ୍ବର ଜାତୀୟ ରାଜପଥର ଏକ ଅଂଶ ଦବିଯିବା ଫଳରେ ୧୦ କିଲୋମିଟର ପର୍ଯ୍ୟନ୍ତ ଭୟଙ୍କର ଟ୍ରାଫିକ୍ ଜାମ ସୃଷ୍ଟି ହୋଇଛି। ଅନ୍ୟପଟେ, ଗୁଜରାଟର ସୌରାଷ୍ଟ୍ର ଏବଂ ଦକ୍ଷିଣ ଭାଗରେ ବର୍ଷା ବିପ୍ରାତ ଜାରି ରହିଛି। ଅମ୍ରେଲିର ରାଜୁଲାଠାରେ ସର୍ବାଧିକ ୧୦ ଇଞ୍ଚ ବର୍ଷା ରେକର୍ଡ କରାଯାଇଛି। ଅମ୍ରେଲିରେ ଏକ ଚାଳିଆ ଭୁଶୁଡି ପଡ଼ିବାରୁ ଜଣେ ୨୯ ବର୍ଷୀୟା ମହିଳାଙ୍କର ମୃତ୍ୟୁ ଘଟିଛି। ଏହାସହ ପ୍ରାୟ ୨, ୮୦୪ଟି ଗାଁରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଛି।

## ପଶ୍ଚିମ ବଙ୍ଗରେ ତେଜୁଛି ରାଜନୀତି; ଶୁଭେନ୍ଦୁଙ୍କ ପାଇଁ ଅଗ୍ନି ପରୀକ୍ଷା

ବାରୁଇପୁର, ୭।୭(ଏଜେନ୍ସି): ପଶ୍ଚିମବଙ୍ଗର ବାରୁଇପୁର ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅତି ନିର୍ମମ ଭାବେ ଦୁଷ୍କର୍ମ ଓ ହତ୍ୟା କରାଯିବା ଘଟଣା ସମଗ୍ର ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଏହି ନାରକୀୟ କାଣ୍ଡ ଏବେ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ପାଇଁ ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ସୂଚନାଯୋଗ୍ୟ, ୧୧ ବର୍ଷୀୟା ପୀଡ଼ିତା ନାବାଳିକା ଜଣକ ଗତ ଶନିବାର ନିଖୋଜ ହୋଇଥିଲେ। ସ୍ଥାନୀୟ ସିସିଟିଭି ଫୁଟେଜରେ ତାଙ୍କୁ ଶେଷ ଥର ପାଇଁ କିଛି ଯୁବକଙ୍କ ସହ ଦେଖିବାକୁ ମିଳିଥିଲା। ରବିବାର ସକାଳେ ତାଙ୍କ ମୃତଦେହ ଏକ ପୋଖରୀରୁ ଏକ ବସ୍ତା ଭିତରୁ ଜବତ କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଅନୁଯାୟୀ, ନାବାଳିକାଙ୍କ ସହ ଦୁଷ୍କର୍ମ କରିବା ପରେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଦିଆଯାଇଥିଲା। ତାଙ୍କ ଶରୀର ସାରା କାମୁଡ଼ା ଚିହ୍ନ ରହିଥିଲା। ଏପରିକି ତାଙ୍କୁ ଜୀବନ୍ତ ଅବସ୍ଥାରେ ପୋଖରୀକୁ ଫିଙ୍ଗି ଦିଆଯାଇଥିଲା। ଫଳରେ ତାଙ୍କ ଫୁସଫୁସ ଓ ପେଟରେ ପାଣି ପଶିଯାଇ ମୃତ୍ୟୁ ହୋଇଥିଲା। ଏହା ଜଣା ପଡ଼ିବା ପରେ ପୁଲିସ ତତ୍ପରତା ସହକାରରେ ତଦନ୍ତ କରୁନଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ବ୍ୟାପକ ଭଙ୍ଗାରୁଜା ଓ ରାସ୍ତାରୋକ କରିଥିଲେ। ଉତ୍ତ୍ୟକ୍ତ ଲୋକେ ଜଣେ ସନ୍ଦିଗ୍ଧକୁ ମଧ୍ୟ ପିଟି ପିଟି ମାରିଦେବା ପରେ ଘଟଣା ବଢ଼ିଥିଲା। ଅନ୍ୟପଟେ, ଜଣେ ସ୍ଥାନୀୟ ବିଜେପି ନେତା ଅଭିଯୁକ୍ତଙ୍କୁ ଖସାଇ ଦେବାରେ ସାହାଯ୍ୟ କରୁଥିବା ନେଇ ଗୁଜବ ଉଠିବା ପରେ ପରିସ୍ଥିତି ଜଟିଳ ହୋଇଥିଲା। ଏହି ଘଟଣାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କାଲିଘାଟରେ ଏକ ମହମବତି ଶୋଭାଯାତ୍ରା କରିବା ସହ ଘଟଣାର ତୀବ୍ର ନିନ୍ଦା କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ତାଙ୍କୁ ପୀଡିତାଙ୍କ ପରିବାରକୁ ଭେଟିବାକୁ ଦିଆଯାଉ ନାହିଁ ଏବଂ ତାଙ୍କୁ ଗୃହବନ୍ଦୀ କରି ରଖାଯାଇଛି। କିନ୍ତୁ ବିଜେପି ଏହାକୁ ନିୟମିତ ସୁରକ୍ଷା ବ୍ୟବସ୍ଥା ବୋଲି କହିଛି ଏବଂ ଟିଏମସି ଅଯଥା ବିବାଦ ସୃଷ୍ଟି କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିଛି। ସୋମବାର ମମତାଙ୍କ ଗୋଷ୍ଠୀର ଏକ ଟିଏମସି ପ୍ରତିନିଧି ଦଳ ପୀଡିତାଙ୍କ ପିତାମାତାଙ୍କୁ ଭେଟିଥିଲେ। ବାରୁଇପୁର ଗସ୍ତ ପାଇଁ ସମୟ ବାହାର ନକରିଥିବାରୁ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁଙ୍କ ଉପରେ ଖୁବ ବର୍ଷିଥିଲେ। ଅନ୍ୟପଟେ, ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ପୀଡିତାଙ୍କ ପିତାଙ୍କ ସହ ଫୋନରେ କଥା ହୋଇ କଠୋର କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଛନ୍ତି। ଏହି ମାମଲାରେ ପୁଲିସ ବର୍ତ୍ତମାନ ସୁଦ୍ଧା ମୁଖ୍ୟ ଅଭିଯୁକ୍ତ ଆନନ୍ଦ ସର୍ଦ୍ଦାର ସମେତ ୩ ଜଣଙ୍କୁ ଗିରଫ କରିଛି।

**ବାରୁଇପୁର ଦୁଷ୍କର୍ମ ଓ ହତ୍ୟାକାଣ୍ଡ**



# ଭୁବନେଶ୍ୱର ବିମାନବନ୍ଦରରେ ୫କୋଟିର ମାରିଜୁଆନା ଜବତ



## ସି-ଫୁଡ୍‌ରେ ବ୍ୟାଙ୍କକରୁ ଆସିଥିଲା, ୨ ଯାତ୍ରୀ ଅଟକ

ଭୁବନେଶ୍ୱର, ୭।୭(ସମିସ): ଡିଆର୍‌ଆଇ ଏବଂ କଷ୍ଟମ୍ ବିଭାଗକୁ ଚକମା ଦେବାକୁ ସି-ଫୁଡ୍(ସାମୁଦ୍ରୀକ ଖାଦ୍ୟ) ପ୍ୟାକେଟ୍‌ରେ ବାଙ୍କକ୍‌ରୁ ଓଡ଼ିଶାକୁ ମାରିଜୁଆନା ଚାଲାଣ ହେଉଥିଲା। କିନ୍ତୁ ମଙ୍ଗଳବାର ଭୁବନେଶ୍ୱର ବିମାନ ବନ୍ଦରରେ ବ୍ୟାଙ୍କକ୍‌ରୁ ଫେରୁଥିବା ଦୁଇ ଜଣ ୨ଯାତ୍ରୀ ମାରିଜୁଆନା ସହ ଧରାପଡ଼ିଗଲେ। ଡିଆର୍‌ଆଇ ଏବଂ କଷ୍ଟମ୍ ଚେକିଂ ବେଳେ ସେମାନଙ୍କ ଠାରୁ ୫କୋଟି ଟଙ୍କାର ମାରିଜୁଆନା ଜବତ କରାଯାଇଛି। ଏହି ମାରିଜୁଆନାକୁ ଏହି ଇ ଯାତ୍ରୀ ସି-ଫୁଡ୍ ପ୍ୟାକେଟ୍‌ରେ ଲୁଚାଇ ଆଣୁଥିଲେ। ଏହାକୁ କୋଲକତା ଚାଲାଣ କରାଯାଇଥାନ୍ତା ବୋଲି ଜେରା ବେଳେ ଜଣାପଡ଼ିଛି।

ମଙ୍ଗଳବାର ସକାଳେ ବିମାନ ଯୋଗେ ବହୁସଂଖ୍ୟାରେ ଯାତ୍ରୀ ବ୍ୟାଙ୍କକରୁ ଭୁବନେଶ୍ୱର ଆସୁଥିଲେ। ଲଗେଜ୍ ଚେକିଂ ବେଳେ ଜଣେ ଓଡ଼ିଆ ଏବଂ ଜଣେ କଲିକତା ଯାତ୍ରୀଙ୍କ ଉପରେ ବିମାନବନ୍ଦର କର୍ମଚାରୀଙ୍କ ସନ୍ଦେହ ହୋଇଥିଲା। ଏହାପରେ ସେମାନଙ୍କ ବ୍ୟାଗ୍ ଚେକିଂ ହୋଇଥିଲା। ଏଥିରେ କିଛି ସି-ଫୁଡ୍‌ର ଖାଦ୍ୟ ପ୍ୟାକେଟ୍ ମିଳିଥିଲା। ଏହି ପ୍ୟାକେଟ୍‌କୁ ଖୋଲାଯିବା ପରେ ଏଥିରୁ କୋଟି କୋଟି ଟଙ୍କାର ମାରିଜୁଆନା ମିଳିଥିଲା। ଏହାପରେ ସେମାନଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିଲା। ସେମାନେ ଏହାକୁ କୋଲକାତା ନେଇଥାନ୍ତେ ବୋଲି ସ୍ୱୀକାର କରିଥିବା ଜଣାପଡ଼ିଛି।

ଭୁବନେଶ୍ୱର ବିମାନବନ୍ଦର ମାରିଜୁଆନା ଚାଲାଣର ଏକ ପ୍ରମୁଖ ପେଣ୍ଠସ୍ଥଳ ପାଲଟିଛି। ନିୟମିତ ଭାବେ ଏଠାରେ ମାରିଜୁଆନା ଜବତ ହେଉଛି। ମାମଲା ସଂଖ୍ୟା ଦିନକୁ ଦିନ ବଢ଼ିବା ଚିନ୍ତାଜନକ ବିଷୟ ପାଲଟିଲାଣି। ବିଗତ ୬ମାସ ମଧ୍ୟରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଥିବା ସୂଚନା ମିଳିଛି।

# ବୈତରଣୀ କମୁଛି, ମହାନଦୀ ଫୁଲୁଛି

## ହୀରାକୁଦରେ ପଶୁଛି ୨ ଲକ୍ଷ କ୍ୟୁସେକ

ଭୁବନେଶ୍ୱର,୭।୭(ସମିସ): ଦୁର୍ବଳ ହେଉଛି ବଙ୍ଗୋପସାଗରରେ ସୃଷ୍ଟ ଅବପାତ। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟି ହୋଇଥିବା ଅବପାତ ଦୁର୍ବଳ ହୋଇ ସଦୃଶ ଲଘୁଚାପରେ ପରିଣତ ହୋଇଛି। ଏହି ଲଘୁଚାପ ଦୁର୍ବଳ ହେବା ପରେ ପାଗରେ ପରିବର୍ତ୍ତନ ଆସିବା ସହ ବର୍ଷାର ପରିମାଣ ମଧ୍ୟ ହ୍ରାସ ପାଇଛି। ବୁଧବାର କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାକୁ ହାଲୁକରୁ ମଧ୍ୟମ ଧରଣର ବର୍ଷା ନେଇ ଆକଳନ କରାଯାଇଛି। ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କିଛି କିଛି ଅଞ୍ଚଳରେ କାଁ ଭାଁ ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।



ଅନ୍ୟପଟେ ରାଜ୍ୟରେ ଲଗାଣ ବର୍ଷା ପରେ ବୈତରଣୀ ନଦୀରେ ଛୋଟ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିଲେ ମଧ୍ୟ ପରିସ୍ଥିତି ଧୀରେ ଧୀରେ ସୁଧୁରୁଛି। ବୈତରଣୀର ଜଳସ୍ତର କମିବା ସହ ଆଖୁଆପଦାରେ ଜଳସ୍ତର ସତର୍କ ସଙ୍କେତ ତଳକୁ ଖସିଆସିଛି। ତେଣୁ ବର୍ତ୍ତମାନ ବୈତରଣୀରେ ବନ୍ୟା ପରିସ୍ଥିତି ନାହିଁ ବୋଲି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି। ଆଖୁଆପଦାରେ ମଙ୍ଗଳବାର ଜଳସ୍ତର ବିପଦସଙ୍କେତ ତଳେ ଅର୍ଥାତ୍ ୧୭.୬୧ ମିଟରକୁ ଖସିଛି। ଯାଜପୁର ଜିଲ୍ଲାର ୪ରୁ ୫ଟି ପଞ୍ଚାୟତର କିଛି ଚାଷଜମିରେ ବନ୍ୟାଜଳ ପ୍ରବେଶ କରିଥିବା ସୂଚନା ମିଳିଛି।

ର୍ତ୍ତମାନ ହୀରାକୁଦରେ ଜଳସ୍ତର ୬୦୬.୬୭ ଫୁଟ ରହିଛି, ଯାହାକି ଗତବର୍ଷର ଜଳସ୍ତର ୬୦୯ ଫୁଟ ତୁଳନାରେ କମ୍। ବର୍ତ୍ତମାନ ପ୍ରାୟ ୨ ଲକ୍ଷ ୧୨ ହଜାର କ୍ୟୁସେକ ଜଳ ହୀରାକୁଦକୁ ପ୍ରବେଶ କରୁଥିବା ବେଳେ ବୁଧବାର ସୁଦ୍ଧା ଏହା ପ୍ରାୟ ଅଢ଼େଇ ଲକ୍ଷ କ୍ୟୁସେକରେ ପହଞ୍ଚିପାରେ। ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ର କଲମା ବ୍ୟାରେଜର ଗେଟ୍ ଖୋଲାଯିବା ପରେ ଜଳପ୍ରବାହ ଆହୁରି ବଢ଼ିବାର ସମ୍ଭାବନା ରହିଛି। ଜୁଲାଇ ୯ ତାରିଖ ସୁଦ୍ଧା ହୀରାକୁଦର ଜଳସ୍ତର ୬୦୯ ଫୁଟ ଛୁଇଁଲେ କେତୋଟି ଗେଟ୍ ଖୋଲାଯିବ ସେନେଇ ଆସନ୍ତାକାଲି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ । ସେହିପରି ମୁଣ୍ଡଳିରେ ଜଳପ୍ରବାହ ପର୍ଯ୍ୟାୟକ୍ରମେ ବଢ଼ି ପ୍ରାୟ ସାଢ଼େ ୪ ଲକ୍ଷ କ୍ୟୁସେକରେ ପହଞ୍ଚି ସ୍ଥିର ରହିବ ବୋଲି ଆକଳନ କରାଯାଇଛି। ପ୍ରଥମେ ବର୍ଷାଜଳ ନରାଜ ଦେଇ ନିଷ୍କାସନ କରାଯିବ ତା'ପରେ ହୀରାକୁଦରୁ ଜଳ ଛଡ଼ାଯିବ। ତେଣୁ ତଳମୁଣ୍ଡର ଜିଲ୍ଲାଗୁଡ଼ିକରେ ବଡ଼ ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ନାହିଁ ବୋଲି ଜଳ ସମ୍ପଦ ବିଭାଗ ଆଶ୍ୱସ୍ତ କରିଛି। ମହାନଦୀରେ ଜଳସ୍ତର ବଢ଼ିବା ପରେ କଟକ ବଡ଼ମ୍ବା ଭଟ୍ଟାରିକା ମନ୍ଦିର ବେଢ଼ାରେ ପ୍ରଥମ ବନ୍ୟାଜଳ ପ୍ରବେଶ କରିଛି।

# ରାଜ୍ୟ ପୁଲିସକୁ ଶନି ଚଳନ

## ଖାକିରେ କଳାଦାଗ ଲଗାଇଛି ଥାନାରେ ଥାର୍ଡ ଡ଼ିଗ୍ରୀ

ଭୁବନେଶ୍ୱର, ୭।୭(ସମିସ): ରାଜ୍ୟ ପୁଲିସ ସବୁକିଛି ଠିକ୍ ଚାଲିନାହିଁ। ଶନି ଦଶା ପଡ଼ିଲା ପରି ବିଭିନ୍ନ ପ୍ରସଙ୍ଗକୁ ନେଇ ପୁଲିସ ନିନ୍ଦିତ ହୋଇଛି ଓ ଲୋକଙ୍କ ଭରସା ପୁଲିସ ଉପରୁ ଉଠିବାକୁ ବସିଛି। ରାଜ୍ୟରେ ଆଇନଶୃଙ୍ଖଳା ଭୟଙ୍କର ଭାବରେ ନିମ୍ନଗାମୀ ହୋଇଛି। ଥାନାରେ ଥାର୍ଡ ଡ଼ିଗ୍ରୀ, ଏପରିକି ପୁଲିସ ମାଡ଼ରେ ହାଜତରେ ଅଭିଯୁକ୍ତ ମୃତ୍ୟୁବରଣ କରୁଥିବା ଅଭିଯୋଗ ଆସିଛି। ଶାରୀରିକ ସମ୍ପର୍କ ରଖିବାକୁ ମହିଳା ଅଭିଯୋଗକାରୀଙ୍କୁ କିଛି ପୁଲିସ ବାଧ୍ୟ କରୁଛନ୍ତି। ଥାନା ପରିସରରେ ମହିଳା ଆଇଆଇସି ଫାଶୀ ଲଗାଇ ଆତ୍ମହତ୍ୟା କରୁଛନ୍ତି। ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଚାକିରି ବିକ୍ରିଠାରୁ ଘରେ ତଳିଆ କର୍ମଚାରୀଙ୍କୁ ବେଠି ଖଟାଇବା ପରି ସାଂଘାତିକ ଅଭିଯୋଗ ହୋଇଛି । ବ୍ୟବସ୍ଥାରେ ଖାପ ଖୁଆଇ ନ ପାରି ବରିଷ୍ଠ ଆଇପିଏସ୍ ପଦତ୍ୟାଗ କରୁଛନ୍ତି। ପୁଲିସ ବ୍ୟବସ୍ଥାରେ ବର୍ତ୍ତମାନ ସୃଷ୍ଟି ହୋଇଥିବା ସ୍ଥିତି ପୂର୍ବରୁ କେବେ ସୃଷ୍ଟି ହୋଇଥିବା ଦେଖାଯାଇ ନାହିଁ। ଏପରି ସ୍ଥିତି ଅତୀତରେ କେବେ ଦେଖାଯାଇ ନ ଥିଲା ।

କଟକ ଚାଉଳିଆଗଞ୍ଜ ଥାନା ପରିସରରେ ଇନ୍ସପେକ୍ଟର ବିଧୁଟି ମହାନ୍ତି ଫାଶି ଲଗାଇ ଆତ୍ମହତ୍ୟା କଲେ। ଥାନା ଭିତରେ ଜଣେ ପୁଲିସ ବିଭାଗର ଜଣେ ଗେଜେଟେଡ୍ ଅଫିସର କେବେ ବି ଆତ୍ମହତ୍ୟା କରିଥିବା ପ୍ରାୟ କେହି ଶୁଣି ନାହାନ୍ତି। ରାଜ୍ୟ ପୁଲିସର ଏଭଳି ଦୁଃଖଦ କାହାଣୀ ମନରୁ ଲିଭି ନଥିଲା ବେଳେ ଭୁବନେଶ୍ୱରରେ ଡିସିପିଙ୍କ ଇସ୍ତଫା କଥା ସାମ୍ନାକୁ ଆସିଲା। କମିଶନରେଟ୍ ପୁଲିସ ଇତିହାସରେ ଏଭଳି ଅଚାନକ ଭାବେ କୌଣସି ଆଇପିଏସ୍ ଅଧିକାରୀ କେବେ ବି ଇସ୍ତଫା ଦେଇ ନ ଥିଲେ। ଡିସିପି ଜଗମୋହନ ମୀନା ଚାକିରିରେ ଏଭଳି ବୀତସ୍ପୃହ ହେଲେ ଯେ ସମ୍ମାନଜନକ ଆଇପିଏସ୍ ଚାକିରି ଛାଡି ବେସରକାରୀ ଚାକିରି କରିବାକୁ ମନ ବଳାଇଲେ।

- ନିଶା କାରବାରରେ ପୁଲିସ ବାବୁଙ୍କ ସମ୍ପୃକ୍ତି
- 'ଫେବର' ମାଗୁଛନ୍ତି ପୁଲିସ ଅଧିକାରୀ
- ଥାନା ଭିତରେ ଆଇଆଇସିଙ୍କ ଆତ୍ମହତ୍ୟା
- ଚାକିରି ଛାଡୁଛନ୍ତି ଆଇପିଏସ୍ ଅଧିକାରୀ

ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ହାଜତମୃତ୍ୟୁ ଏବଂ ଥାର୍ଡ ଡିଗ୍ରୀ ମାମଲା ରେକର୍ଡ ଭାଙ୍ଗିଛି। ଗଞ୍ଜାମ କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ମାମଲାରେ ଜଣେ ଯୁବ ଆଇପିଏସ୍ ଅଫିସରଙ୍କୁ ବଦଳି କରାଯାଇଛି। କେନ୍ଦ୍ରପଡ଼ା ତାଳଚୁଆ ମେରାଇନ୍ ଥାନାରେ ଥାର୍ଡ ଡିଗ୍ରୀ ଘଟଣାରେ ଅଭିଯୁକ୍ତ ଆଇଆଇସି ସନ୍ଧ୍ୟାରାଣୀ ଜେନା ନିଲମ୍ବିତ ହୋଇ ଆଗୁଆ ଜାମିନ ପାଇଁ ଆବେଦନ କରିଥିବା ସୂଚନା ମିଳିଛି। ମହିଳା ଅଭିଯୋଗକାରୀଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ପ୍ରସ୍ତାବ ଦେଇ ଖଣ୍ଡପଡ଼ା ପୂର୍ବତନ ଏସ୍‌ଡିପିଓ ମଦନମୋହନ ପ୍ରଧାନ ଏବଂ ଶରଣକୂଳ ଥାନା ପୂର୍ବତନ ଆଇଆଇସି ସୁଜିତ କୁମାର ଦାସ ଫେରାର ହୋଇଛନ୍ତି ଓ ଏବେ ଆଗୁଆ ଜାମିନ ପାଇଁ ଆବେଦନ କରିଥିବା ସୂଚନା ମିଳିଛି ।

ନିଶା କାରବାର ଏବଂ ଗୋମାଫିଆଙ୍କ ସହ ହାତ ମିଳାଇବା ଅଭିଯୋଗରେ ଏକାଧିକ ପୁଲିସ କର୍ମଚାରୀ ନିଜ ଚାକିରି ହରାଇବାରେ ଲାଗିଛନ୍ତି। ଝାରବନ୍ଧ ଥାନା ଅଧିକାରୀ ଶୁକ୍ରା ମାଧି ଗଞ୍ଜେଇ ମାଫିଆଙ୍କ ସହ ହାତ ମିଳାଇବା ନେଇ ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବନ ହୋଇଛନ୍ତି। ଥାନାରେ ଲାଞ୍ଚ କାରବାର ତ ସାଧାରଣ ଘଟଣାରେ ପରିଣତ ହୋଇଛି। ୨୦୨୬ ମସିହାରେ ପୁଲିସ ଯେତିକି ବଦନାମ ହୋଇଛି କେଉଁ ବର୍ଷ ଏଭଳି ହୋଇନାହିଁ ବୋଲି ନାମ ଗୋପନ ରଖିବା ସର୍ତ୍ତରେ କିଛି ପୁଲିସ କର୍ମଚାରୀମାନେ ମତ ପ୍ରକାଶ କରିଛନ୍ତି।

ପୁଲିସ ଉପସ୍ଥିତିରେ ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ ଅତିରିକ୍ତ ଡିଜି ଦୟାଲ ଗଙ୍ଗୱାରଙ୍କ ପ୍ରଥମ ୱିକେଟ୍ ଗଳିଥିଲା। ପ୍ରଥମ ଥର ପାଇଁ ଜଣେ ଏଡିଜି ସ୍ତରୀୟ ଅଧିକାରୀଙ୍କୁ ନିଲମ୍ବନ କରାଗଲା। ସେପଟେ ଜେଲ ବିଭାଗ ଡିଜିଙ୍କ ବିରୋଧରେ ଖୋଦ ଶାସକ ଦଳର ଜଣେ ସାଂସଦ ଥାନାରେ ଏତଲା ଘଟଣା ଛୋଟ ବୋଲି କୁହାଯାଇ ପାରିବ ନାହିଁ। କଏଦୀ ଖସାଇବା ମାମଲାରେ ତାଙ୍କର ହାତ ଥିବା ଦର୍ଶାଇ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାର ତଦନ୍ତ ଆରମ୍ଭ ହୋଇନାହିଁ। ଯଦି ଏହାର ତଦନ୍ତ ଆରମ୍ଭ କରାଯାଏ ତେବେ ବହୁ ଲୋକେ ଅଡ୍ଡୁଆରେ ପଡ଼ି ପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# ଲୋକଙ୍କ ସ୍ୱର ଚାପିବାକୁ ବିଜେପିର ଉଦ୍ୟମ: ବିଜେଡି

## ଅନ୍ୟାୟ ବନ୍ଦ ନ ହେଲେ ସାରା ରାଜ୍ୟରେ ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର,୭।୭(ସମିସ): ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ ଜନସାଧାରଣଙ୍କ ସମାଲୋଚନାର ଶିକାର ହେଉଛି ବିଜେପି ସରକାର। ସୋସିଆଲ ମିଡିଆରେ ବିଜେପି ବିରୋଧରେ ମତ ପ୍ରକାଶ କରୁଥିବା ଲୋକଙ୍କୁ ବିଜେପିର ଆକ୍ରୋଶର ଶିକାର ହେବାକୁ ପଡୁଛି। ଏହା ଏକପ୍ରକାର ଏକଛତ୍ରବାଦ ଓ ଏହା ବନ୍ଦ ନ ହେଲେ ସାରା ରାଜ୍ୟରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛି ବିଜେଡି ।

ମଙ୍ଗଳବାର ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ପ୍ରତାପ ଜେନା କହିଛନ୍ତି ଯେ ନିଜ କାର୍ଯ୍ୟ ପାଇଁ ସୋସିଆଲ ମିଡିଆରେ ଲୋକେ ବିଜେପିକୁ ସମାଲୋଚନା କରୁଛନ୍ତି। ଯେଉଁମାନେ ସୋସିଆଲ ମିଡିଆରେ ବିଜେପି ବିରୋଧରେ ମତପ୍ରକାଶ କରୁଛନ୍ତି, ସେମାନଙ୍କୁ ଗିରଫ କରିବା ସହ ଥାନାକୁ ଡାକି ଭୟଭୀତ କରାଯାଉଛି। ସେମାନଙ୍କ ସୋସିଆଲ ମିଡ଼ିଆ ଆଇଡ଼ି ନିଷ୍କ୍ରିୟ କରାଯାଉଛି, ଲୋକଙ୍କ ସ୍ୱର ଚାପି ଦେବାକୁ ଉଦ୍ୟମ ହେଉଛି। ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ସୋସିଆଲ ମିଡ଼ିଆ ଆଇଡ଼ି ବନ୍ଦ କରିଦିଆଯାଇଛି। ବିଜେପି ସରକାରଙ୍କୁ ବିରୋଧ କରିବାରୁ କଟକର ବିଶ୍ୱଜିତ ସାହୁଙ୍କୁ ଟାର୍ଗେଟ କରି ଗିରଫ କରାଯାଇଛି । ମାତ୍ର ଅନ୍ୟ ଦଳର ନେତାଙ୍କ ଚରିତ୍ର ସଂହାର କରୁଥିବା ବିଜେପି ଆଇଟି ସେଲ ଲୋକଙ୍କୁ କାହିଁକି ଗିରଫ କରାଯାଉ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଣବ ବଳବନ୍ତରାୟ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାରଙ୍କୁ ସମାଲୋଚନା କରିଲେ ଆକ୍ରୋଶର ଶିକାର ହେବାକୁ ପଡୁଛି । ଗିରଫ କରି ପୁଲିସ ବାହାବା ନେଉଛି।

ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଥିଲେ ଯେ ପୁଲିସର ଦି'ଟା ଆଇନ । ସରକାରଙ୍କୁ ସମାଲୋଚନା କଲେ କାର୍ଯ୍ୟାନୁଷ୍ଠାନ, ମାତ୍ର ବିରୋଧୀଙ୍କୁ ଗାଳିଗୁଲଜ କଲେ ସୁରକ୍ଷା ପ୍ରଦାନ। ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ବିରୁଦ୍ଧରେ କୁତ୍ସିତ ଟିପ୍ପଣୀ ଦେଉଥିବା



ସରକାର ଓ ବିଜେପି ବିରୋଧରେ ତୁଣ୍ଡ ଖୋଲିଲେ କାର୍ଯ୍ୟାନୁଷ୍ଠାନ ହେଉଛି; ମାତ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ଅପପ୍ରଚାର କରୁଥିବା ଲୋକଙ୍କ ବିରୋଧରେ ପଦକ୍ଷେପ ନିଆଯାଉନାହିଁ। ରାଜ୍ୟରେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ସଜାଡ଼ିବା ପ୍ରତି ଧ୍ୟାନ ନ ଦେଇ ସୋସିଆଲ ମିଡିଆରେ ମତପ୍ରକାଶ କରୁଥିବା ଲୋକଙ୍କୁ ଲୋକଙ୍କୁ ପୁଲିସ ସୁରକ୍ଷା ଦେଉଛି। ଆଇଟି ସେଲ୍‌କୁ ବ୍ୟବହାର କରି ବିଜେପି ରାଜ୍ୟରେ ରାଜନୈତିକ ବିରୋଧୀମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଛି । ଯିଏ ତାହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛନ୍ତି, ତାଙ୍କୁ ଗିରଫ କରାଯାଉଛି। ସରକାର ଯଦି ଏଥିରୁ କ୍ଷାନ୍ତ ନ ରୁହେ, ତେବେ ଆଗାମୀ ଦିନରେ ବିଜେଡି ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି।

# ଶିଶୁ ବାଟିକାରେ ଶିକ୍ଷକ ନିଯୁକ୍ତି ଚିଠି ଜାଲ୍

ଭୁବନେଶ୍ୱର, ୭।୭(ସମିସ): ଅର୍ଥ ବିଭାଗର ଅନୁମୋଦନ କ୍ରମେ ଶିଶୁ ବାଟିକା ଶ୍ରେଣୀରେ ୭୨୩୪ ଜଣ ଶିକ୍ଷକ ନିଯୁକ୍ତି ହେବା ନେଇ ଗତକାଲି ଏକ ଚିଠି ଭାଇରାଲ୍ ହୋଇଥିଲା। ମାତ୍ର ଚିଠି ସମ୍ପୂର୍ଣ୍ଣ ଜାଲ ବୋଲି ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସ୍ପଷ୍ଟ କରିଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ ଚିଠି ସଂଖ୍ୟା

## ସ୍ପଷ୍ଟୀକରଣ ସହ କାର୍ଯ୍ୟାନୁଷ୍ଠାନ ଆରମ୍ଭ କଲା ଗଣଶିକ୍ଷା ବିଭାଗ

୧୦୯୧୧/ଏଫ୍, ତା୨୪.୦୪.୨୦୨୬ ନାମରେ ଏକ ଅନଧିକୃତ ଚିଠି ବିଭିନ୍ନ ସୋସିଆଲ ମିଡିଆରେ ପ୍ରଚାର କରାଯାଉଛି। ଓସେପା ଅଧୀନରେ ୭୨୩୪ ଶିଶୁ ବାଟିକା ଶିକ୍ଷକ ପଦ ସୃଷ୍ଟି ଓ ନିଯୁକ୍ତି ଏବଂ ମାସିକ ୨୬ହଜାର ପ୍ରଦାନ ପାଇଁ ଅର୍ଥ ବିଭାଗ ଅନୁମୋଦନ କରିଥିବା ମିଥ୍ୟା ଦାବି କରାଯାଇଛି। ଏହା ଜାଲ୍ ଓ ଅନଧିକୃତ । ଅର୍ଥ ବିଭାଗ ଏପରି କୌଣସି ପ୍ରସ୍ତାବକୁ ଅନୁମୋଦନ ଦେଇନାହିଁ। ପତ୍ର ସଂଖ୍ୟା, ବିଷୟବସ୍ତୁ ଓ ଅନୁମୋଦନ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ସରକାରୀ ଅଭିଲେଖାରେ ଏହାର କୌଣସି ଆଧାର ନାହିଁ। ଜାଲ୍ ସରକାରୀ ପତ୍ର ପ୍ରସ୍ତୁତ କରି ପ୍ରଚାର କରିବା ଏକ ଗୁରୁତର ଅପରାଧ ଏବଂ ଏହି ଘଟଣା ଉପରେ ଉପଯୁକ୍ତ ଆଇନଗତ ପଦକ୍ଷେପ ଗ୍ରହଣ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

## ମ୍ୟାଲେରିଆରେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

# ବାଇକ୍‌ରେ ମୃତଦେହ ବୋହିଲେ ପରିବାର



ରାୟଗଡ,୭।୭(ସମିସ): ରାୟଗଡ ଜିଲ୍ଲାରେ ପୁଣି ମ୍ୟାଲେରିଆ ଜଣେ ଛାତ୍ରଙ୍କ ଜୀବନ ନେଇଛି। ଛାତ୍ରଙ୍କ ମୃତ୍ୟୁ ପରେ କୌଣସି ଗାଡି ନ ମିଳିବାରୁ ପରିବାର ଲୋକେ ବାଧ୍ୟ ହୋଇ ବାଇକ୍‌ରେ ମୃତଦେହ ଘରକୁ ନେଇଥିବା ଦେଖିବାକୁ ମିଳିଛି। ଏହି ଘଟଣା ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ମୃତ ଛାତ୍ର ହେଲେ କୋଲନରା ବ୍ଲକ ସୂରୀ ପଞ୍ଚାୟତ ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀର ଛାତ୍ର ଚନ୍ଦୁ ଉଲାକା (୧୦)। ସେ ମଙ୍ଗଳ ବିଭାଗ ଛାତ୍ରାବାସରେ ରହି ପାଠ ପଢୁଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୁଦ୍ଧଦେବ ତାଡିଙ୍ଗି କହିଛନ୍ତି ଯେ, ଗତ ଶୁକ୍ରବାର ଦିନ ଚନ୍ଦୁ ବିଦ୍ୟାଳୟକୁ ଆସିଥିବା ବେଳେ ତାହାର ସ୍ୱାସ୍ଥ୍ୟବସ୍ଥା ଭଲ ଥିଲା। ଗତ ସୋମବାର ଦିନ ସ୍ଥାନୀୟ ଆଶା ଦିଦି, ଏଏନଏମ ଓ ସୁପରଭାଇଜର ଟିମ୍ ବିଦ୍ୟାଳୟକୁ ଆସି ଛାତ୍ରଛାତ୍ରୀଙ୍କ ରକ୍ତ ପରୀକ୍ଷା କରିଥିଲେ। ଏଥିରେ ଦୁଇଜଣ ଛାତ୍ର ମେଲେରିଆ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏଥିରେ ଚନ୍ଦୁର ପଜିଟିଭ ବାହାରିଥିଲା। ଦୁଇ ଛାତ୍ରଙ୍କୁ ମେଲେରିଆ ଔଷଧ ଦିଆଯାଇଥିଲା। ତେବେ ମଙ୍ଗଳବାର ଦିନ ଚନ୍ଦୁର ବାପା ରମେଶ ଉଲାକା ଓ ପରିବାର ଲୋକେ ବିଦ୍ୟାଳୟକୁ ଆସ ଚନ୍ଦୁକୁ ଘରକୁ ନେଇ ଚିକିତ୍ସା କରିବା ପାଇଁ କହିଥିଲେ। ସେ ମନା କରିବାରୁ ଲିଖିତ ଭାବେ ନିଜ ଦାୟିତ୍ୱରେ ନେବା ପାଇଁ କହି ପରିବାର ଲୋକେ ଚନ୍ଦୁକୁ ଲାଲବି ଗାଁକୁ ନେଇ ଯାଇଥିଲେ। ଆଜି ଅପରାହ୍ନରେ ଚନ୍ଦୁକୁ କୋଲନରା ସିଏଚସିକୁ ଅଣାଯାଇଥିବା ବେଳେ ସାଢେ ୩ ଟା ବେଳେ ତାର ମୃତ୍ୟୁ ଘଟିଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମୃତଦେହ ଘରକୁ ନେବା ପାଇଁ କୌଣସି ଗାଡ଼ିର ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ପରିବାର ଲୋକେ ବାଧ୍ୟ ହୋଇ ଶବକୁ ବାଇକ୍‌ରେ ନିଜ ଗାଁକୁ ନେଇଥିଲେ। ମଙ୍ଗଳ ବିଭାଗ ଛାତ୍ରାବାସରେ ରହୁଥିବା ଛାତ୍ରଛାତ୍ରୀ ଅସୁସ୍ଥ ହେଲେ ସେମାନଙ୍କୁ ତୁରନ୍ତ ଡାକ୍ତରଖାନାକୁ ନେଇ ଚିକିତ୍ସା କରିବାକୁ ପ୍ରଶାସନ ପକ୍ଷରୁ ବାରମ୍ବାର ନିର୍ଦ୍ଦେଶ ଥିଲେ ମଧ୍ୟ ତାହା ଠିକ୍ ଭାବେ ପାଳନ ହେଉ ନଥିବା ଅଭିଯୋଗ ହେଉଛି।

# ଏଣିକି ନିୟମ ଭାଙ୍ଗିଲେ ଜବତ ହେବ ଗାଡ଼ି

କଟକ,୭।୭(ସମିସ): ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ ପାଇଁ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଆଗରୁ ନିୟମ ଉଲ୍ଲଙ୍ଘନ ପାଇଁ ଅଧିକାଂଶ କ୍ଷେତ୍ରରେ ଚାଲାଣ ଜାରି କରି ଗାଡ଼ି ଛାଡ଼ି ଦିଆଯାଉଥିଲା ବେଳେ ଏଣିକି ଗାଡ଼ି ଜବତ କରାଯିବ। ନିୟମ ଉଲ୍ଲଙ୍ଘନ କରି ଚଳାଚଳ କରୁଥିବା ମୋଟର ଯାନଗୁଡ଼ିକ ବିରୋଧରେ ମୋଟର ଯାନ ଆଇନ ଧାରା ୧୯୨ ଅଧୀନରେ ଅନେକ ଚାଲାଣ ଜାରି ହୋଇଥିଲେ ସୁଦ୍ଧା ଧାରା ୨୦୭ ଅନୁଯାୟୀ ଗାଡ଼ି ଜବତ ସଂଖ୍ୟା କମ୍ ରହିଛି। ଗତ ଏପ୍ରିଲ ପହିଲାରୁ ଜୁନ ୩୦ ପର୍ଯ୍ୟନ୍ତ ୩ମାସ ଅବଧି ସମୟରେ ହୋଇଥିବା ସ୍ୱତନ୍ତ୍ର ଏନଫୋର୍ସମେଣ୍ଟରେ ସାରା ରାଜ୍ୟରେ ୧,୬୪,୮୮୨ ଚାଲାଣ ଜାରି ହୋଇଥିବା ବେଳେ ମାତ୍ର ୪୨୮ଟି ଗାଡ଼ି ଜବତ ହୋଇଛି। ଏଣିକି ଯଦି ବିନା ଫିଟନେସରେ ଚଳାଚଳ କରୁଥିବା ଗାଡ଼ି ଜବତ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ସେହିଭଳି ପଞ୍ଜୀକରଣ, ପରମିଟ୍ କିମ୍ବା ବୀମା ନିୟମ ଉଲ୍ଲଙ୍ଘନ କ୍ଷେତ୍ରରେ ମଧ୍ୟ କଡ଼ା ଆଭିମୁଖ୍ୟ ପୋଷଣ କରିବା ପାଇଁ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଓ




ଏନଫୋର୍ସମେଣ୍ଟ ଅଧିକାରୀଙ୍କୁ ସର୍କୁଲାର ଜାରି କରି ଅବଗତ କରାଇଛି ରାଜ୍ୟ ପରିବହନ ପ୍ରାଧିକରଣ। ପୂର୍ବରୁ କେବଳ ଜରିମାନା ଜାରି ହେଉଥିବା ବେଳେ ପରେ ପଞ୍ଜୀକରଣ ରଦ୍ଦ ଭଳି ଆଭିମୁଖ୍ୟ ନିଆଯାଇଆସୁଛି। କେବଳ ଚାଲାଣ ଜାରି କରି ଅଯୋଗ୍ୟ ଏବଂ ଅନୁପଯୁକ୍ତ ଗାଡ଼ିକୁ ଛାଡ଼ିଦେବା ଦ୍ୱାରା ସଡ଼କ ସୁରକ୍ଷା ଉଦ୍ଦେଶ୍ୟ ସାଧିତ ହେଉନାହିଁ। ଏହି ବେଆଇନ ଗାଡ଼ି ଚଳାଚଳ ଯୋଗୁଁ ଅନେକ ସମୟରେ ମର୍ମନ୍ତୁଦ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି ବୋଲି ପ୍ରାଧୀକରଣ ପକ୍ଷରୁ କୁହାଯାଇଛି।

ରାଜ୍ୟରେ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପୁଲିସ ପ୍ରଶାସନ ସହ ସମନ୍ୱୟ ରକ୍ଷା କରାଯିବା ସହ ବାହାନ ଏବଂ ଇ-ଚାଲାଣ ଡ୍ୟାସବୋର୍ଡରେ ଆଲର୍ଟ ବ୍ୟବସ୍ଥାର ସହାୟତା ମଧ୍ୟ ନିଆଯାଉଛି। ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ କୁହାଯାଇଛି ଯେ ସଡ଼କ ଦୁର୍ଘଟଣା ହ୍ରାସକୁ ମିସନ ଭାବରେ ଗ୍ରହଣ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ଏଭଳି କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ନ ହେବାକୁ ସମସ୍ତ ସଡ଼କ ବ୍ୟବହାରକାରୀ ସଡ଼କ ସୁରକ୍ଷା ନିୟମ ପାଳନ କରିବାକୁ ଅନୁରୋଧ କରାଯାଉଛି।

## ଦୁଇ ଦିନରେ ୪୭୮ ଚାଲାଣ

କଟକ,୭।୭(ସମିସ): ବିନା ଫିଟନେସରେ ଚାଲୁଥିବା ଗାଡ଼ି ବିରୋଧରେ ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ଦୁଇଦିନ ମଧ୍ୟରେ (ଜୁଲାଇ ୫ ଓ ୬) ମୋଟ ୩,୦୫୭ଟି ଗାଡ଼ି ଯାଞ୍ଚ କରାଯାଇ ୪୭୮ଟି ଚାଲାଣ କଟାଯାଇଛି। ବିନା ପରମିଟ୍‌ରେ ଗାଡ଼ି ଚାଳନା ଯୋଗୁଁ ୬୫ଟି ଏବଂ ଉଭୟ ନିୟମ ଉଲ୍ଲଙ୍ଘନ କରିଥିବା ଯୋଗୁଁ ୧୭୨ଟି ଗାଡ଼ି ବିରୋଧରେ ଇ-ଚାଲାଣ ଜାରି ହୋଇଛି। ଦୁଇ ଦିନ ମଧ୍ୟରେ ଭୁବନେଶ୍ୱର-୧ ଆରଟିଓ ୩୦୫ଟି ଗାଡ଼ି ଯାଞ୍ଚ କରିଥିବା ବେଳେ ଗଞ୍ଜାମ ଆରଟିଓ ୨୯୭ଟି, କଟକ ଆରଟିଓ ୨୦୧ଟି, ଚଣ୍ଡିଖୋଲ ଆରଟିଓ ୧୯୮ଟି ଏବଂ ମୟୂରଭଞ୍ଜ ଆରଟିଓ ୧୪୮ଟି ଗାଡ଼ି ଯାଞ୍ଚ କରିଛନ୍ତି। ବିନା ପଞ୍ଜୀକରଣ କିମ୍ବା ଫିଟନେସ ପରି ନିୟମ ଉଲ୍ଲଙ୍ଘନ ପାଇଁ ଦୁଇ ଦିନ ମଧ୍ୟରେ ଭୁବନେଶ୍ୱର-୧ ଆରଟିଓ ପକ୍ଷରୁ ୭୨ଟି ଚାଲାଣ ଜାରି କରାଯାଇଥିବା ବେଳେ କଟକ ଆରଟିଓ ୬୧ଟି, ଚଣ୍ଡିଖୋଲ ଆରଟିଓ ୩୫ଟି, ବାଲେଶ୍ୱର ଆରଟିଓ ୨୪ଟି ଏବଂ ଝାରସୁଗୁଡ଼ା ଆରଟିଓ ୧୫ଟି ଚାଲାଣ ଜାରି କରିଛନ୍ତି। ସେହିପରି ବିନା ପରମିଟ୍‌ରେ ଗାଡ଼ି ଚାଳନା ବିରୋଧରେ ଝାରସୁଗୁଡ଼ା ଆରଟିଓ ୭ଟି, କେନ୍ଦ୍ରାପଡ଼ା ଏବଂ କେନ୍ଦୁଝର ଆରଟିଓ ୬ଟି ଲେଖାଏଁ ଏବଂ କଟକ ଓ ଗଞ୍ଜାମ ଆରଟିଓ ପକ୍ଷରୁ ୫ଟି ଲେଖାଏଁ ଚାଲାଣ ଜାରି କରାଯାଇଛି।

# ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରସଂସଦ ନିର୍ବାଚନ ଉଷ୍ମତା

ଭୁବନେଶ୍ୱର, ୭।୭(ସମିସ): ଚଳିତ ବର୍ଷ ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରସଂସଦ ନିର୍ବାଚନ ପାଇଁ ଉଷ୍ମ ହେଲାଣି ଶିକ୍ଷାୟତନ। ନିର୍ବାଚନ ନେଇ ବିଭିନ୍ନ ଛାତ୍ର ସଂଗଠନ ପ୍ରସ୍ତୁତି ଆରମ୍ଭ କଲେଣି। ରାଜ୍ୟରେ ସରକାର ଆସିଲେ ଛାତ୍ରସଂସଦ ନିର୍ବାଚନ କରାଯିବ ବୋଲି ବିଜେପି ଦେଇଥିବା ପ୍ରତିଶ୍ରୁତି ଏଯାଏ ପୂରଣ ହୋଇପାରି ନାହିଁ। ଗତ ୨ ବର୍ଷ ହେଲା ନିର୍ବାଚନ ହୋଇ ନ ଥିବାବେଳେ ଚଳିତ ବର୍ଷ ନିର୍ବାଚନ ହେବ ବୋଲି କୁହାଯାଉଛି । ଫଳରେ ଶିକ୍ଷାବର୍ଷ ଆରମ୍ଭରୁ ବିଭିନ୍ନ ଛାତ୍ର ସଂଗଠନ ମଧ୍ୟରେ ନିର୍ବାଚନ କସରତ ଆରମ୍ଭ ହେଲାଣି।

## ହେଲ୍ପ ଡେସ୍କ ଓ ବିଭିନ୍ନ କାର୍ଯ୍ୟକ୍ରମ କରି ନବାଗତଙ୍କ ସହ ଯୋଡ଼ି ହେବାକୁ ପ୍ରୟାସ

୨୦୨୪-୨୫ ଶିକ୍ଷାବର୍ଷରେ ଛାତ୍ରସଂସଦ ନିର୍ବାଚନ କରିବାକୁ ବିଚାର କରୁଥିବା କହି ଶେଷ ମୁହୂର୍ତ୍ତରେ ନିର୍ବାଚନ କରାଇ ନ ଥିଲେ ବିଜେପି ସରକାର। ସମୟ ଅଭାବ ଓ କ୍ୟାମ୍ପସ୍‌ରେ ଶୈକ୍ଷିକ ବାତାବରଣ ସୁଦୃଢ଼ କରିବାକୁ ପ୍ରାଥମିକତା ଦିଆଯାଉଥିବା କହି ନିର୍ବାଚନ ଏଡ଼ାଇ ଯାଇଥିଲେ। ସେହିପରି ୨୦୨୫-୨୬ ଶିକ୍ଷାବର୍ଷରୁ କ୍ୟାମ୍ପସ୍‌ରେ ନିର୍ବାଚନ ହେବ ବୋଲି ସରକାର ଓ ଉଚ୍ଚଶିକ୍ଷାମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଅସମ୍ଭବ ନିରବତା ଅବଲମ୍ବନ କରିଥିଲେ । ଚଳିତ ବର୍ଷ ସରକାର ନିର୍ବାଚନ ହେବା ନେଇ ସ୍ପଷ୍ଟ କରି ନ ଥିଲେ ମଧ୍ୟ ଦୁଇବର୍ଷ ହେଲା ଛାତ୍ରଛାତ୍ରୀଙ୍କୁ ପ୍ରତିଶ୍ରୁତି ଦେଉଥିବାରୁ ଚଳିତ ବର୍ଷ ନିର୍ବାଚନ ହେବ ବୋଲି ଛାତ୍ର ସଂଗଠନମାନେ ଆଶା ରଖିଛନ୍ତି। ଶିକ୍ଷାବର୍ଷ ଆରମ୍ଭରୁ ଛାତ୍ରଛାତ୍ରୀଙ୍କ ସହ ଯୋଡ଼ି ହେବା ଲାଗି ବିଭିନ୍ନ ଦଳର ଛାତ୍ର ସଂଗଠନ ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ସ୍ନାତକ ନାମଲେଖା ଆରମ୍ଭ ହୋଇଥିବାବେଳେ ନବାଗତ ଛାତ୍ରଛାତ୍ରୀଙ୍କ ସହ ସମ୍ପର୍କ ଯୋଡ଼ିବା ଓ ସହଯୋଗ ପାଇଁ ଛାତ୍ର ସଂଗଠନଗୁଡ଼ିକ ହେଲ୍ପ ଡେସ୍କ ଖୋଲିଛନ୍ତି। ସ୍ୱାଗତ କରିବା ବେଳେ ସଂଗଠନର ପୁସିଂ କାର୍ଡ ପ୍ରଦାନ କରୁଛନ୍ତି। ଆଗକୁ ଚାରାରୋପଣ, ବନ୍ଧୁମିଳନ ପରି ବିଭିନ୍ନ କାର୍ଯ୍ୟକ୍ରମ କରି ଶିକ୍ଷାର୍ଥୀଙ୍କୁ ଆକୃଷ୍ଟ କରିବା ପାଇଁ ମଧ୍ୟ ଯୋଜନା ପ୍ରସ୍ତୁତ କରିଛନ୍ତି। ଇତି ମଧ୍ୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଛାତ୍ରଛାତ୍ରୀଙ୍କୁ ଯୋଡ଼ିବା ପାଇଁ ସଦସ୍ୟତା ଅଭିଯାନ ଆରମ୍ଭ କରିଛି। ସଂଗଠନ ସୁଦୃଢ଼ ନ ଥିବା ଶିକ୍ଷାନୁଷ୍ଠାନରେ ବଳ ଗୋଟାଇବା ପାଇଁ ପ୍ରୟାସ ଆରମ୍ଭ କରିଛି। ପୂର୍ବରୁ ବିସିଜେଡି ସମେତ ଏନ୍‌ଏସ୍‌ୟୁଆଇ, ଏଆଇଏସ୍‌ଏଫ୍, ଏଆଇଡିଏସ୍‌ଓ ପରି ବିଭିନ୍ନ ଛାତ୍ର ସଂଗଠନ ମଧ୍ୟ ସେମାନଙ୍କ ସଂଗଠନକୁ ସକ୍ରିୟ କରୁଛନ୍ତି।

# କଳବଳ କରୁଛି କାଣୀ ନଦୀ | କଣ୍ଟାପଡ଼ା ନିକଟରେ ୭୦ଫୁଟ ଲମ୍ବର ୨ଟି ଘାଇ



**ମଙ୍ଗଳପୁର/କୟାଁଗୋଲା/ଦଶରଥପୁର, ୭।୭ (ସମିସ)**

ଦଶରଥପୁର ବ୍ଲକରେ ପ୍ରବାହିତ ବୈତରଣୀ ଏବଂ ଶାଖା କାଣୀ ନଦୀରେ ବନ୍ୟା ସ୍ଥିତି ଅପରିବର୍ତ୍ତିତ ରହିଛି। ବୈତରଣୀ ନଦୀର ଉପର ମୁଣ୍ଡରେ ପାଣି ହ୍ରାସ ପାଇଥିଲେ ମଧ୍ୟ ତଳ ମୁଣ୍ଡରେ ବନ୍ୟା ପାଣି ମାଡିବାରେ ଲାଗିଛି। ମୁଖ୍ୟତଃ କାଣୀ ନଦୀ ଅବବାହିକାରେ ଥିବା କଣ୍ଟପଡା ନିକଟରେ ସୃଷ୍ଟି ୭୦ଫୁଟରୁ ଅଧିକ ଆକାରର ୨ଟି ଘାଇ ଯୋଗୁ ବ୍ଲକର ମଲ୍ଲୀକାପୁର, ଦୁଦୁରାଅଣ୍ଟା, ଦଉପୁର, ଶୁଶୁଆ, ମଙ୍ଗଳପୁର, କନିକାପଡା, ନିଜାମପୁର, ଦଉପୁର, ଖାନନଗର, କମାରଢିହି, କୟାଁ ପଞ୍ଚାୟତବାସୀଙ୍କ ଅବସ୍ଥା ଦୁର୍ବିସହ ହୋଇପଡିଛି। ସେହିପରି ବ୍ଲକର ଜୟନ୍ତରା, କଟିକଟା (ଆଂଶିକ) ପଞ୍ଚାୟତ ସମେତ ମୋଟ ୧୨ଟି ପଞ୍ଚାୟତରେ ଥିବା ପ୍ରାୟ ୨ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇପଡିଛି। ଏହି ସବୁ ଅଞ୍ଚଳର ଖରିଫ ଧାନ ଚାଷୀ ନିଜସ୍ୱ ଉଦ୍ୟମରେ ବିହନ କ୍ରୟ କରି ଧାନ ଚାଷ ପାଇଁ ତଳି ପକାଇଥିଲେ। ଏବେ ବନ୍ୟା ପାଣିରେ ବୁଡ଼ି ତାହା ନଷ୍ଟ ହୋଇଯାଇଛି। ପୁନର୍ବାର ବିହନ କ୍ରୟ କରି ଧାନ ଚାଷ କରିବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡି ଥିବାରୁ ସରକାରଙ୍କ ତରଫରୁ ଅଞ୍ଚଳର ଚାଷୀଙ୍କୁ ବିହନ ଯୋଗାଇ ଦେବାକୁ ଅନେକ ଚାଷୀ ଦାବି କରିଛନ୍ତି।



ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଘାଇସ୍ଥଳ ପରିଦର୍ଶନ କରି ବନ୍ୟା ପ୍ଲାବିତ ଅଞ୍ଚଳ ଗସ୍ତ କରିଛନ୍ତି। ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ବିଜେଡି ଜିଲ୍ଲା ସଭାପତି ସରୋଜ ମହାପାତ୍ର, ମୁକ୍ତିକାନ୍ତ ପଣ୍ଡା, ମନୋଜ ରାଉତ, ରମାକାନ୍ତ ସାମଲ, ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ଜେନା, ଯାଜପୁର କଂଗ୍ରେସ ନେତା ସନ୍ତୋଷ ନନ୍ଦ ଓ ବିଞ୍ଝାରପୁର କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକ ଘାଇ ନିରୀକ୍ଷଣ କରି ପ୍ରଭାବିତ ଅଞ୍ଚଳର ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲେ।

### ୨ ହଜାର ହେକ୍ଟର ଚାଷଜମି ଜଳମଗ୍ନ

## ନିର୍ମାଣାଧୀନ ବନ୍ଧର ଘାଇ ପାଇଁ ଦାୟୀ କିଏ?

**କୟାଁଗୋଲା/ମଙ୍ଗଳପୁର/ଦଶରଥପୁର,୭।୭ (ସମିସ):** କାଣୀ ନଦୀର ପ୍ରବେଶ ପଥଠାରୁ କଣ୍ଟପଡ଼ା ବ୍ରିଜ୍ ପର୍ଯ୍ୟନ୍ତ ନଦୀର ଉଭୟପଟ ବନ୍ଧ ନିର୍ମାଣ ଚାଲିଛି। ମାଟି ବନ୍ଧ କରାଯିବା ସହ ପଥର ପ୍ୟାକିଂ କରାଯାଇଛି। ପ୍ରାୟ ୨୦୦ ଫୁଟରୁ ଊର୍ଦ୍ଧ୍ୱ କାଣୀ ନଦୀର ଡାହାଣ ପଟ ବନ୍ଧ ନିର୍ମାଣ କରାଯାଇଥିବା ବେଳେ ଗତକାଲି ସନ୍ଧ୍ୟା ସୁଦ୍ଧା ପ୍ରାୟ ୧୦୦ ଫୁଟରୁ ଅଧିକ ଧସି ଯାଇଥିଲା। କିନ୍ତୁ ବିଳମ୍ବିତ ରାତିରେ ୫୦ ଫୁଟର ଊର୍ଦ୍ଧ୍ୱ ଘାଇ ହୋଇଯାଇ ନଦୀ ଜଳ ସେହିପଟେ ପ୍ରବାହିତ ହେଉଛି।

ଜଳସମ୍ପଦ ବିଭାଗ ଏହି କାର୍ଯ୍ୟ କରିନାହିଁ ବୋଲି ସଫେଇ ଦେଉଥିବା ବେଳେ ଡ୍ରେନେଜ୍ ବିଭାଗ ବନ୍ଧ ନିଜ ମୁଣ୍ଡରୁ ଦୋଷ ଖସାଇ ଦେଉଛି। ଫଳରେ ଦୁଇ ବିଭାଗର ଅଜାଣତରେ ଏହି ବନ୍ଧକୁ କିଏ ଓ କେମିତି ନିର୍ମାଣ କରିଛି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ଏପଟେ କଣ୍ଟପଡ଼ା ବ୍ରିଜ ଠାରୁ କାଣୀ ନଦୀର ବାମ ପାଶ୍ୱର୍ ବନ୍ଧ ନିମନ୍ତେ ପ୍ରାୟ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟବରାଦ କରାଯାଇ ବନ୍ଧ ନିର୍ମାଣ ସହ ପଥର ପ୍ୟାକିଂ କାର୍ଯ୍ୟ ଦୁଇଜଣ ଠିକାଦାରଙ୍କ ଦ୍ୱାରା ଯାଜପୁର ଜଳସମ୍ପଦ ବିଭାଗ ନିର୍ମାଣ କରାଇଛି। ଉକ୍ତ ପଥର ପ୍ୟାକିଂ ଓ ବନ୍ଧ ପ୍ରଶସ୍ତୀକରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି। ବର୍ଷା ଓ ବନ୍ୟା ଦ୍ୱାରା ଏହି ନିର୍ମାଣାଧୀନ ବନ୍ଧର ପ୍ରାୟ ୧୦୦ ଫୁଟରୁ ଊର୍ଦ୍ଧ୍ୱ ଧସିଯାଇଥିବା ବେଳେ ବନ୍ଧ ନିର୍ମାଣର ଉଭୟ ପଟରେ ଫାଟ ସୃଷ୍ଟି ହୋଇଛି। ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ଆଉଥରେ ବନ୍ୟା ହେଲେ ଉକ୍ତ ପଥର ପ୍ୟାକିଂ ଭୁଶୁଡ଼ି ପଡ଼ିବାର ସମ୍ଭାବନା ସୃଷ୍ଟିହୋଇଛି। ନିର୍ମାଣଧୀନ ବନ୍ଧରେ ଘାଇ ଯୋଗୁଁ ପ୍ରାୟ ଦୁଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପାଣିରେ ପଡ଼ିଯାଇଛି। ଆଜି ଯାଜପୁର ଜଳସମ୍ପଦ ବିଭାଗ ଅଧିକ୍ଷଣଯନ୍ତ୍ରୀ ଇଂ. ରତ୍ନାକର ଦଳାଇ, ସହକାରୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଅରୁଣ ତ୍ରିପାଠୀ ଘାଇସ୍ଥଳ ପରିଦର୍ଶନ କରିବା ସହ ଧସିଯାଇଥିବା ବନ୍ଧକୁ ବୁଲି ଦେଖିଥିଲେ। ନଦୀବନ୍ଧର ଏକାଧିକ ଦୁର୍ବଳ ସ୍ଥାନରେ ଜଳସମ୍ପଦ ବିଭାଗ ପକ୍ଷରୁ ଜୋରସୋରରେ ବାଲି ବସ୍ତା ମାଧ୍ୟମରେ ମରାମତି କରାଯାଉ ଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ଧସିଥିବା ସ୍ଥାନକୁ ମରାମତି କରାଯିବା ସହ ବନ୍ୟା ପାଣି କମିଲେ ଘାଇକୁ ବନ୍ଧ କରାଯିବ ବୋଲି ଶ୍ରୀ ଦଳାଇ କହିଛନ୍ତି।

କଣ୍ଟପଡା ଘାଇ ସମସ୍ୟା ଡ୍ରେନେଜ ବିଭାଗର ଅବହେଳା ବୋଲି ଜଳସମ୍ପଦ ବିଭାଗ ଅଧିକାରୀମାନେ ମତବ୍ୟକ୍ତ କରିଥିବା ବେଳେ ପୂର୍ବାହ୍ନରେ ଡ୍ରେନେଜ ବିଭାଗ ଏସ୍‌ଡିଓ ଜୟପ୍ରକାଶ ସାହୁ ଘାଇ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବନ୍ୟା ପାଣି କମିବା ପରେ ସମ୍ପୃକ୍ତ ସ୍ଥାନରେ ଯୁଦ୍ଧକାଳୀନ ଭିତ୍ତିରେ ଘାଇ ମରାମତି କରାଯିବ। ଖୁବଶୀଘ୍ର ଏହି ନାଳକୁ ଖୋଲା ଯିବା ସହିତ ବନ୍ଧ ସୁଦୃଢ଼ୀକରଣ କରାଯିବ ବୋଲି ସ୍ଥାନୀୟ ବାସିନ୍ଦାଙ୍କୁ ସୂଚନା ଦେଇଛନ୍ତି। ଅନ୍ୟପଟେ ଡ୍ରେନେଜ୍ ବିଭାଗର ଏସ୍‌ଡିଓଙ୍କ କହିବା ଅନୁସାରେ ବିଭାଗର କାମ ନଳା ଖୋଳି ପାଣି ନିଷ୍କାସନ କରିବା କଥା କିନ୍ତୁ ଏଠାରେ ନାଳକୁ ଖୋଳି ସେଠାରେ ବନ୍ଧ ନିର୍ମାଣ କିଏ କରିଥିଲା। ଗ୍ରାମବାସୀଙ୍କ କହିବା ଅନୁସାରେ ସେଠାରେ ବନ୍ଧ ନଥିଲେ ନଦୀରେ ବନ୍ୟା ଜଳ ପ୍ରବେଶ କରିବା କ୍ଷଣି ତାହା ଧିରେ ଧିରେ ବିଲ ଦେଇ ନିଷ୍କାସନ ହୋଇଯାଇଥାନ୍ତା। କିନ୍ତୁ ସେଠାର ଦୁର୍ବଳ ବନ୍ଧ ନିର୍ମାଣ କରି ନାଳକୁ ସଂକୁଚିତ କରିଥିବା ଯୋଗୁଁ ବନ୍ଧ ଭାଙ୍ଗିବା ଫଳରେ ପ୍ରଖର ସ୍ରୋତରେ ପାଣି ସେହି ବାଟ ଦେଇ ନିଷ୍କାସନ ହେଲା।



## ବିପଦସଙ୍କୁଳ ଡମ୍ପରୁ ଖସିପଡ଼ିଲା ହାଇୱା; ଡ୍ରାଇଭର ଆହତ

**କାଳିଆପାଣି ,୭।୭ (ସମିସ):** ଗୋଟେ ପଟେ ଡମ୍ପ ଭୁଶୁଡ଼ି ପଡ଼ିବାକୁ ନେଇ ଅସୁରକ୍ଷିତ ଅବସ୍ଥାରେ ଥିବା ବାଲେଶ୍ୱର ଆଲଏଜ ଖଣିରୁ ପଥର ଆଣିବାକୁ ଥିବା ଏକ ହାଇୱା ୧୦ଫୁଟ ତଳକୁ ଖସି ପଡ଼ିବାରୁ ଡ୍ରାଇଭର ଆହତ ହୋଇଥିବାର ଜଣାପଡ଼ିଛି। ମିଳିଥିବା ଖବର ମତେ ଗତକାଲି ରାତି ପ୍ରାୟ ୧୧ଘଟିକା ସମୟରେ ଏକ ହାଇୱା ବାଲେଶ୍ୱର ଆଲଏଜର ଡମ୍ପରୁ ପଥର ଆଣିବାକୁ ଯାଇଥିଲା। ବର୍ଷା କାରଣରୁ ଡମ୍ପ ଧସି ପଡ଼ି ବିପଦ ସଂକୁଳ ଅବସ୍ଥାରେ ଥିବା ବେଳେ ହାଇୱାଟି ହଠାତ ୧୦ଫୁଟ ତଳକୁ ଖସିପଡ଼ିଥିଲା। ଫଳରେ ଡ୍ରାଇଭର ଆହତ ହୋଇପଡ଼ିଥିବା ବେଳେ ଉଦ୍ଧାର ପରେ ତାଙ୍କୁ ସୁକିନ୍ଦା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ପ୍ରାଥମିକ ଚିକିତ୍ସା ପରେ ଡ୍ରାଇଭରଙ୍କୁ ଟାଟା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଡମ୍ପ ଅସୁରକ୍ଷିତ ରହିଥିବା ବେଳେ ଡ୍ରାଇଭରଙ୍କୁ ପଥର ଆଣିବାକୁ କିଏ ପଠାଇଥିଲା ତାହା ପ୍ରଶ୍ନବାସୀ ସୃଷ୍ଟି କରିଛି। ଖବର ଥାଉକି ଲଗାଣ ବର୍ଷାରେ ଖଣି ଅଞ୍ଚଳରେ ସବୁଠାରୁ ବିପଦ ସଂକୁଳ ଅବସ୍ଥାରେ ଖଣି କାର୍ଯ୍ୟ ଖନନ କରୁଥିବା ବାଲେଶ୍ୱର ଆଲଏଜ ବଡ ଧରଣର ମାଟି ଅତଡ଼ା ଭୁଶୁଡି ପଡ଼ିଥିଲା। ବାଲେଶ୍ୱର ଆଲଏଜ ଓଡିଶା ଖଣି ସୁରକ୍ଷା ନିର୍ଦ୍ଦେଶାଳୟ, ପରିବେଶ ସୁରକ୍ଷା ନିର୍ଦ୍ଦେଶାଳୟ, ଆଇବିଏମ୍ ତଥା ଡିଡିଏମଙ୍କ ସମସ୍ତ ନିୟମକୁ ଉଲ୍ଲଙ୍ଘନ କରି ବର୍ଷବର୍ଷ ଧରି କ୍ରୋମାଇଟ ଉତ୍ତୋଳନ କରି ଚାଲିଥିବା ବେଳେ ଉପରୋକ୍ତ ବିଭାଗର ଅଧିକାରୀଙ୍କ ନିରବ ରହିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

## ରଥଯାତ୍ରା ପାଇଁ ପ୍ରକାଶ ପାଇଲା କାର୍ଯ୍ୟସୂଚୀ

**ଯାଜପୁର,୭।୭ (ସମିସ):** ଯାଜପୁର ଜିଲ୍ଲାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା ପାଳନ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଯାଜପୁର ଶ୍ରୀଜଗନ୍ନାଥଜୀଉ ଟ୍ରଷ୍ଟ ବୋର୍ଡ ପକ୍ଷରୁ ରଥଯାତ୍ରା ଉତ୍ସବର ଏକ ବିସ୍ତୃତ ସରକାରୀ କାର୍ଯ୍ୟସୂଚୀ ପ୍ରକାଶ କରାଯାଇଛି। ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟ ବୋର୍ଡ, ଯାଜପୁର ସୂଚନା ଅନୁଯାୟୀ, ଆସନ୍ତା ୧୬ ତାରିଖ ଗୁରୁବାର ପବିତ୍ର ଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହେବ। ସେହିପରି ଜୁଲାଇ ୧୭ ତାରିଖରେ ରଥଟଣା ଏବଂ ଜୁଲାଇ ୨୪ ତାରିଖ ଶୁକ୍ରବାର ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଳନ କରାଯିବ। ଶ୍ରୀଗୁଣ୍ଡିଚା ଉତ୍ସବର ପ୍ରଥମ ଦିନ ସନ୍ଧ୍ୟା ୬ ଘଟିକା ଠାରୁ "ଚେତନା ପରିଷଦ' ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ ପରିବେଷଣ ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ। ଏହାପରେ ୧୭ ତାରିଖ ଅପରାହ୍ନ ୪ ଘଟିକା ଠାରୁ ଶ୍ରୀମନ୍ଦିରରୁ ମାଉସୀମା ମନ୍ଦିର ଅଭିମୁଖେ ମହାପ୍ରଭୁଙ୍କ ପବିତ୍ର ରଥଟଣା ଆରମ୍ଭ ହେବ। ରଥଯାତ୍ରାର ପରବର୍ତ୍ତୀ ଦୁଇ ଦିନ ଶନିବାର ଓ ରବିବାର ଯଥାକ୍ରମେ "ଶ୍ରୀ ଜଗନ୍ନାଥ କଳା ବିକାଶ କେନ୍ଦ୍ର' ଏବଂ "ଗୀତା ଜାଗରଣ ପରିଷଦ, ଯାଜପୁର' ପକ୍ଷରୁ ଭଜନ ସମାରୋହର ଆୟୋଜନ କରାଯାଇଛି। ସୋମବାର ରାତି ୭.୩୦ ରୁ ୧୦ଟା ମଧ୍ୟରେ ମା' ଲକ୍ଷ୍ମୀଙ୍କ "ହେରାପଞ୍ଚମୀ' ନୀତି ସମ୍ପାଦନ ହେବ। ଏହା ସହ ସେହିଦିନ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ମଙ୍ଗଳବାର ଶ୍ରୀଜଗନ୍ନାଥଜୀଉ ଟ୍ରଷ୍ଟ ବୋର୍ଡ ପକ୍ଷରୁ ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଶ୍ରୀରାମଚରିତ ମାନସ ପାଠ କରାଯିବ। ଏହାପରେ ସନ୍ଧ୍ୟା ୬ଟାରୁ ୧୦ଟା ମଧ୍ୟରେ ବିଶିଷ୍ଟ କଳାକାର ସତ୍ୟବ୍ରତ କର ଓ ସାଥୀଙ୍କ ଦ୍ୱାରା ପାଲା ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ୨୨ ତାରିଖ ବୁଧବାର ସନ୍ଧ୍ୟା ୬ଟାରୁ ୧୦ମଧ୍ୟରେ ବିଶିଷ୍ଟ ଜଗନ୍ନାଥ ଭକ୍ତଙ୍କ ଜୀବନୀ ଉପରେ ଆଧାରିତ "ଭକ୍ତ ସାଲବେଗ' ଗୀତିନାଟ୍ୟ ପରିବେଷଣ କରାଯିବ। ଗୁରୁବାର ସନ୍ଧ୍ୟା ୬ଟାରୁ ୧୦ଟା ମଧ୍ୟରେ "ଅନନ୍ୟା ସାହିତ୍ୟ ସଂସଦ ପରିଷଦ, ଯାଜପୁର' ଆନୁକୂଲ୍ୟରେ ଏକ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ। ଶୁକ୍ରବାର ଅପରାହ୍ନ ୪ ଘଟିକା ସମୟରୁ ମହାପ୍ରଭୁଙ୍କ ପବିତ୍ର "ବାହୁଡ଼ା ଯାତ୍ରା' ଅନୁଷ୍ଠିତ ହେବ।

## ଥାନା ଅଧିକାରୀ ରଞ୍ଜିତ ମହାନ୍ତିଙ୍କ ବଦଳି ବାତିଲ୍

**ଯାଜପୁର,୭।୭ (ସମିସ):** ଯାଜପୁର ଜିଲ୍ଲା ପାଣିକୋଇଲି ଥାନାରେ କାର୍ଯ୍ୟରତ ଥାନା ଅଧିକାରୀ ରଞ୍ଜିତ ମହାନ୍ତିଙ୍କୁ ଅଚାନକ କେନ୍ଦ୍ରାପଡ଼ା ଜିଲ୍ଲାକୁ ବଦଳି କରାଯାଇଥିଲା। ଏହି ବଦଳିର କୌଣସି ନିର୍ଦ୍ଦିଷ୍ଟ କାରଣ ନଥିବା ବେଳେ ଏହାକୁ ନେଇ ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା।



ଏଥିପାଇଁ ରାଜ୍ୟ ପୁଲିସ ମୁଖ୍ୟାଳୟରୁ ଆଜି ଏକ ବିଜ୍ଞପ୍ତି ପ୍ରକାଶ ପାଇ ରଞ୍ଜିତ ମହାନ୍ତିଙ୍କ ପୂର୍ବ ବଦଳି ଆଦେଶକୁ ପ୍ରତ୍ୟାହୃତ କରାଯାଇଥିବା ଦର୍ଶାଯାଇଛି। ସେପଟେ ଯାଜପୁର ପୁଲିସ ମୁଖ୍ୟାଳୟ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ ଶ୍ରୀ ମହାନ୍ତିଙ୍କୁ ମଙ୍ଗଳପୁର ଥାନା ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ସେଠାରେ ଥାନା ଅଧିକାରୀ ଥିବା ରଞ୍ଜନ କୁମାର ବେହେରାଙ୍କୁ ପାଣିକୋଇଲି ସ୍ଥିତ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିବା ଜଣାପଡିଛି।

## ରାତିରେ ତାଡ଼ିଦେଲେ ଦାନଗଦି ବଜାର ରାସ୍ତା



**ଦାନଗଦି,୭।୭ (ସମିସ):** ଚୋରଦା - ଡୁବୁରୀ ରାସ୍ତା ଦାନଗଦି ବଜାରର ଗୋଟିଏ ପାଶ୍ୱର୍କୁ ଗତକାଲି ବିଳମ୍ବିତ ରାତ୍ରିରେ ବିପିସିଏଲ୍ କମ୍ପାନୀ ଲୋକେ ପାଇପ ପକାଇବା ପାଇଁ ତାଡ଼ି ପକାଇଛନ୍ତି। ଦୋକାନୀମାନେ ସକାଳୁ ଦୋକାନ ଖୋଲିଲା ବେଳକୁ ଆଗରେ ବଡ଼ ବଡ଼ ଗାଡ଼ ହୋଇଥିବା ଦେଖି ତାଜୁବ ହୋଇଥିଲେ। ଲୋକେ ରାସ୍ତା ପାର ହୋଇ ଦୋକାନକୁ ଯିବାକୁ ଭୟ କରିଥିଲେ ଏବଂ ନିଜ ଖର୍ଚ୍ଚରେ ଲୋକ ଡାକି ଉକ୍ତ ଗାଡ଼କୁ କିଛି କିଛି ସ୍ଥାନରେ ପୋତି ଥିଲେ। ଦିନ ତମାମ କମ୍ପାନୀର ଲୋକଙ୍କ ଦେଖା ନ ଥିଲା, ଗାଡ଼ ସବୁ ଖୋଲା ମେଲା ପଡ଼ିରହିଛି, ଯାହାଫଳରେ ଗାଈଗୋରୁମାନେ ଖସି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି, ସୁରକ୍ଷା ବାଡ଼ ନ ଥିବାରୁ ରାତିରେ ବାଇକ ଚାଳକ ମାନେ ପଡ଼ି ଆହତ ହୋଇଛନ୍ତି, ତୁରନ୍ତ ବିପିସିଏଲ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଚାଷ ଜମିରୁ ଜଳ ନିଷ୍କାସନ ପାଇ ଦାବି

ଯାଜପୁର,୭।୭ (ସମିସ): **ଦଶରଥପୁର ବ୍ଲକ ବିରଜାପୁର ସରପଞ୍ଚ ନିରାକାର ସାହୁ ଜିଲ୍ଲାପାଳଙ୍କୁ ଭେଟି ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଲଘୁଚାପ** ଜନିତ ଲଗାଣ ବର୍ଷା ଫଳରେ ବିରଜାପୁର ଅଞ୍ଚଳରେ ଚାଷ ଜମିରେ ବର୍ଷା ପାଣି ନିଷ୍କାସନ ହୋଇନପାରି ଜମି ରହିଛି। ଚାଷୀମାନେ ଯେଉଁ ତଳି ପକାଇଥିଲେ ସେଗୁଡ଼ିକ ବର୍ତ୍ତମାନ ପାଣିରେ ବୁଡ଼ି ରହିଛି ଫଳରେ ଏହା ନଷ୍ଟ ହେବାକୁ ବସିଛି। ଏହି ଚାଷ ଜମି ଦେଇ ୨୦ନଂ ଜାତୀୟ ରାଜପଥ ନିର୍ମାଣ ଚାଲିଛି। ରାସ୍ତା ନିର୍ମାଣ କରୁଥିବା ଠିକା ସଂସ୍ଥା ଚାଷ ଜମି ଦେଇ ଯାଇଥିବା କେନାଲକୁ ସମ୍ପୂର୍ଣ୍ଣ ବନ୍ଦ କରି ଦେଇଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଯାହାଫଳରେ ପାଣି ନିଷ୍କାସନ ହୋଇନପାରି ବିରଜାପୁର ଓ ଏହାର ତଳିଆ ଅଞ୍ଚଳ ଗୁଡ଼ିକର ଚାଷ ଜମିରେ ପାଣି ଜମି ରହୁଛି। ଯଦି ଏହାର ସମସ୍ୟାର ସମାଧାନ ନ କରାଯାଏ ତେବେ ସମ୍ପୂର୍ଣ୍ଣ ଚାଷ ଜମି ଉଜୁଡ଼ି ଯିବାର ଆଶଙ୍କା ରହିଥିବାରୁ ଏହାର ତୁରନ୍ତ ପ୍ରତିକାର କରିବାକୁ ଦାବୀ କରାଯାଇଛି।



### ପ୍ରସ୍ତାବିତ ବିଦେଶୀ ମଦ ଦୋକାନକୁ ବିରୋଧ

## ଜିଲ୍ଲାପାଳଙ୍କ ଅଫିସ ଘେରିଲେ ଗ୍ରାମବାସୀ



**ଯାଜପୁର,୭।୭ (ସମିସ)**

ପ୍ରସ୍ତାବିତ ଠିପି ଖୋଲା ବିଦେଶୀ ମଦ ଦୋକାନକୁ ବିରୋଧ କରି ଜିଲ୍ଲାପାଳ ଅଫିସ ଘେରିଲେ ଶତାଧିକ ମହିଳାଙ୍କ ସମେତ ଗ୍ରାମବାସୀ। ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ମଲ୍ଲୀକାପୁର ପଞ୍ଚାୟତ ମହାନ୍ତିପାଟଣା ଗ୍ରାମରେ ଯାଜପୁର ଜିଲ୍ଲା ପ୍ରଶାସନ ଏକ ବିଦେଶୀ ଠିପି ଖୋଲା ମଦ ଦୋକାନ ଖୋଲିବା ନିମନ୍ତେ ଲାଇସେନ୍ସ ପ୍ରଦାନ କରିଛନ୍ତି। ପ୍ରସ୍ତାବିତ ମଦ ଦୋକାନ ପାଇଁ ଯେଉଁ ସ୍ଥାନ ନିରୂପଣ କରାଯାଇଛି ସେଠାରେ ଏକ ପିଇବା ପାଣି କାରଖାନା, ଅଳ୍ପ ଦୂରରେ ଗ୍ରାମର ଶ୍ମଶାନ, ଗାଧୋଇବା ସ୍ନାନ ଘାଟ ରହିଛି। ତତସହ ଏହି ରାସ୍ତା ଦେଇ ଛାତ୍ରଛାତ୍ରୀ ଆଦର୍ଶ ବିଦ୍ୟାଳୟ ଏବଂ ସାଧୁ ଗୌରେଶ୍ୱର ମହାବିଦ୍ୟାଳୟକୁ ଯାଇଥାନ୍ତି। ଯିବା ଆସିବା ଓ ଗମନା ଗମନର ରାସ୍ତା ହୋଇଥିବାରୁ ମଦ ଦୋକାନ ଖୋଲାଗଲେ ସମସ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ଥିବାରୁ ଏହି ଠାରେ ପ୍ରସ୍ତାବିତ ମଦ ଦୋକାନ ନଖୋଲିବା ନିମନ୍ତେ ଗ୍ରାମବାସୀ ମାନେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଅବକାରୀ ବିଭାଗ ନିକଟରେ ଲିଖିତ ଦାବି କରିଛନ୍ତି। ଆଗାମୀ ଦିନରେ ଏହାକୁ ବନ୍ଦ ବା ଅନ୍ୟତ୍ର ସ୍ଥାନାନ୍ତରିତ କରା ନ ଗଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଆଜି ଗ୍ରାମବାସୀ ଏକତ୍ରିତ ହୋଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ତୁରନ୍ତ ମଦ ଦୋକାନ ଲାଇସେନ୍ସ ପ୍ରତ୍ୟାହାର କରିବାକୁ ଦାବୀ କରିଥିଲେ। ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତିବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି।


बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ସୁନା ଋଣ ଆକାଉଣ୍ଟ ନିମନ୍ତେ ବ୍ୟାଙ୍କରେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ ସର୍ବସାଧାରଣ ନିଲାମ ମାଧ୍ୟମରେ ବିକ୍ରୟ କରାଯିବ ଯାହାକି **ତା.୧୭.୦୭.୨୦୨୬ରିଖ ଅପରାହ୍ନ ୧.୦୦ ଘଟିକା** ସମୟରେ **ସମ୍ପୃକ୍ତ ଶାଖା ପରିସରରେ** ନିଲାମ କରାଯିବ। ଆଗ୍ରହୀ ପକ୍ଷମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ପ୍ରବନ୍ଧକଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ। ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ବିକ୍ରି ପାଇଁ ଥିବା ସୁନା ଅଳଙ୍କାରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ଏବଂ ନିୟମ ଓ ସର୍ତ୍ତାବଳୀ ପାଇଁ ଶାଖା ପ୍ରବନ୍ଧକଙ୍କୁ ଯୋଗାଯୋଗ କରନ୍ତୁ। ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ନିଲାମରେ ଅଂଶଗ୍ରହଣ କରିପାରିବେ।
**ଦ୍ରଷ୍ଟବ୍ୟ: ଏହି ନୋଟିସ୍‌ଟି ଋଣଗ୍ରହୀତାମାନଙ୍କୁ ୭ ଦିନିଆ ଅନ୍ତିମ ପୁନଃସ୍ମରଣ (ରିମାଇଣ୍ଡର) ତଥା ନିଲାମ ନୋଟିସ୍ ଭାବେ ବିଚାର କରାଯିବ।**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ତା୦୭.୦୭.୨୦୨୬ରିଖ ସୁଦ୍ଧା (ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ ବ୍ୟତିତ) + ଭବିଷ୍ୟତ ସୁଧ | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|---|
| ଅନୁଗୁଳ ଶାଖା (୧୯୯୩), ଶିମିଳିପଡ଼ା ଛକ, ଗାନ୍ଧୀ ଛକ, ଅନୁଗୁଳ, ଓଡ଼ିଶା, ପିନ୍-୭୫୯୧୨୨, ମୋ.: ୯୮୭୪୨୦୨୫୯୦ | | | | |
| ୧. | **ନମିତା ପଲାଇ,** ସା/ପୋ: ହେମସୁରପଡ଼ା, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ପିନ୍-୭୫୯୧୨୨ / *******୩୦୭୯ | ଟ.୯୬,୨୨୫.୦୦ | ୧୮.୨୦ | ୧୯.୪୮୦ |
| ବାରିପଦା ଶାଖା (୨୦୯୪), ଲାଲ ବଜାର, ୱାର୍ଡ଼ ନଂ. ୧୦, ବାରିପଦା, ଓଡ଼ିଶା, ପିନ୍-୭୫୭୦୦୧, ମୋ.: ୯୦୦୨୪୨୧୩୮୯ | | | | |
| ୧. | **ସରସ୍ୱତୀ ବେଶ୍ରା,** ସା: ତୁଳସୀଚଉରା, ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୦୧ / *******୬୬୦୧ | ଟ.୧,୮୧,୮୧୪.୦୦ | ୨୪.୦୦ | ୨୭.୩୦ |
| ନବରଙ୍ଗପୁର ଶାଖା (୨୧୮୦), ତଳ ମହଲା, ଏସ୍‌ବିଆଇ ବଜାର ଶାଖା ନିକଟ, ମେନ୍ ରୋଡ୍, ନବରଙ୍ଗପୁର, ପିନ୍-୭୬୪୦୫୯, ମୋ.: ୮୧୧୪୬୧୧୨୪୩ | | | | |
| ୧. | **ଶ୍ରୀ ପରେଶ ଭତରା,** ତେଲିଆଗୁଡା, ଘୋଡ଼ାଧାନୁଆ, ନବରଙ୍ଗପୁର, ପିନ୍-୭୬୪୦୬୧ / *******୯୧୬୫ | ଟ.୪୧,୭୨୯.୦୦ | ୧୨.୦୦ | ୧୭.୬୪ |
| ୨. | **ରାଏସିଂହ ସାନ୍ତା,** ରାଣୀସୋଲ, ପାତ୍ରି, ନବରଙ୍ଗପୁର, ପିନ୍-୭୬୪୦୫୯ / *******୧୮୮୯ | ଟ.୨୨,୦୦୦.୦୦ | ୫.୦୦ | ୫.୩୮ |
| ୩. | **ଚନ୍ଦ୍ରଧ୍ୱଜ ମାଳି,** ମାଳି ସାହି, ଆମ୍ବାଦୋଲା, ନବରଙ୍ଗପୁର, ପିନ୍-୭୬୪୦୬୩ / *******୧୦୧୮ | ଟ.୫୮,୦୦୦.୦୦ | ୧୧.୦୦ | ୧୧.୧୫ |
| ଭଞ୍ଜନଗର ଶାଖା (୨୪୪୬), ବଡ଼କୋଦଣ୍ଡା ସ୍କୋୟାର, ମେନ୍ ରୋଡ୍, ଭଞ୍ଜନଗର, ବାଉଁଶଲୁଣ୍ଡି, ପୋ: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୩୩, ମୋ.: ୮୭୯୦୦୮୯୪୨୭ | | | | |
| ୧. | **ଶ୍ରୀ ପ୍ରଦୀପ ଭୂୟାଁ,** ଅଡୁଆ ସାହି, ପୋ: ଡିହପଡ଼ାଳ, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୦ / *******୯୨୮୦ | ଟ.୧,୫୯,୦୦୦.୦୦ | ୨୮.୦୦ | ୨୯.୫୦ |
| ୨. | **ଶ୍ରୀ ପ୍ରଦୀପ ଭୂୟାଁ,** ଅଡୁଆ ସାହି, ପୋ: ଡିହପଡ଼ାଳ, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୦ / *******୯୭୪୧ | ଟ.୪୫,୦୦୦.୦୦ | ୯.୦୦ | ୧୦.୭୭ |
| ମାଲକାନଗିରି ଶାଖା (୨୧୮୮), ମେନ୍ ରୋଡ୍, ନୁଆଗୁଡ଼ା, ଏଫ୍‌ସିଆଇ ଗୋଦାମ ସାମ୍ନା, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ନିକଟ, ପୋ/ଜିଲ୍ଲା: ମାଲକାନଗିରି, ପିନ୍-୭୬୪୦୪୫, ମୋ.: ୯୪୯୩୫୦୯୮୬୫ | | | | |
| ୧. | **ଭିକି ଶଗଡିଆ,** ଜେଡ୍ ଏ କଲୋନୀ, ଏମ୍‌କେଜି, ମାଲକାନଗିରି, ପିନ୍-୭୬୪୦୪୫ / *******୨୮୪୮ | ଟ.୭୧,୦୧୬.୦୦ | ୧୭.୨୦ | ୧୭.୫୬ |
| ୨. | **ଶ୍ରୀ ଜୀବନ ବିଶ୍ୱାସ,** ଏମ୍‌ଭି ୨୯, କାମୱାଡ଼ା, ଓରକେଲ, ମାଲକାନଗିରି, ପିନ୍-୭୬୪୦୫୧ / *******୧୮୫୨ | ଟ.୭୪,୭୭୨.୦୦ | ୧୮.୩୦ | ୨୭.୦୪ |
| ଦେବଗଡ଼ ଶାଖା (୨୩୦୫), ପ୍ଲଟ୍ ନଂ.: ୧୨୦୦ (ଅଂଶ), ସାଇ କମ୍ପ୍ଲେକ୍ସ, ପ୍ରାଇଭେଟ୍ ବସ୍ ଷ୍ଟାଣ୍ଡ୍ ନିକଟ, ପୋ/ଥାନା: ଦେବଗଡ଼, ଜିଲ୍ଲା: ଦେବଗଡ଼, ପିନ୍-୭୬୮୧୦୮, ମୋ.: ୯୯୩୭୭୩୦୪୫୬୫ | | | | |
| ୧. | **ଲିଲି ସୁନେଲ,** ବଡ଼ମାଣପୁର, ପୋ: ମଧ୍ୟପୁର, ଥାନା: ବାରକୋଟ, ଦେବଗଡ଼ / *******୭୬୭୦ | ଟ.୧,୨୦,୫୦୦.୦୦ | ୨୭.୦୦ | ୩୧.୦୧ |
| ସମ୍ବଲପୁର ଶାଖା (୧୮୨୪), ଶିବଲୋକ କମ୍ପ୍ଲେକ୍ସ, ଗେଇଟୀ ଟକିଜ ରୋଡ୍, ଗୋଲ ବଜାର ନିକଟ, ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୧, ମୋ.: ୯୮୩୩୪୧୬୭୧୪ | | | | |
| ୧. | **ମିସ୍ ଅନିତା ସିଂହ,** ସା: ସାହୁ କଲୋନୀ, ଟ୍ୟାକ୍ସି ଷ୍ଟାଣ୍ଡ, ସଦର, ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୧ / *******୭୨୭୭ | ଟ.୫୬,୩୦୨.୦୦ | ୧୪.୦୦ | ୧୫.୦୦ |
| ବ୍ୟାସନଗର ଶାଖା (୨୦୩୫), ରାଧାରାଣୀ ମାର୍ଗ, ବ୍ୟାଙ୍କ ଷ୍ଟ୍ରିଟ୍, ଆଇଡ଼ିଏଫ୍‌ସି ଫାର୍ଷ୍ଟ ବ୍ୟାଙ୍କ ନିକଟ, ଯାଜପୁର ରୋଡ୍, ଯାଜପୁର, ପିନ୍-୭୫୫୦୧୯, ମୋ.: ୮୦୮୦୫୪୬୧୧୬ | | | | |
| ୧. | **ପ୍ରକାଶ ଚନ୍ଦ୍ର ସେନାପତି,** ପାଟପୁର, ଏଣ୍ଡଳ, ଜେନାପୁର, ଯାଜପୁର, ପିନ୍-୭୫୫୦୨୩ / *******୮୯୯୧ | ଟ.୧୪,୨୪୮.୦୦ | ୪.୨୦ | ୫.୧୦ |

**ନିମ୍ନଲିଖିତ ସର୍ତ୍ତାବଳୀ ଅନୁସାରେ କଥିତ ନିଲାମ ସମ୍ପନ୍ନ କରାଯିବ।**
୧) **"ଯେଉଁଠାରେ ଯେପରି ଅଛି ଭିତ୍ତିରେ"** ନିଲାମ କରାଯିବ।
୨) ସଫଳ ନିଲାମଧାରୀ ନିଲାମ ତାରିଖ ପରବର୍ତ୍ତୀ କାର୍ଯ୍ୟଦିବସରେ ସମ୍ପୂର୍ଣ୍ଣ ନିଲାମ ରାଶି ପୈଠ କରିବେ ଏବଂ ନିଜର ସମ୍ପୂର୍ଣ୍ଣ ଦାୟିତ୍ୱରେ ଅଳଙ୍କାରଗୁଡ଼ିକ ନେବେ ଏବଂ କଥିତ ନିଲାମଧାରୀ କୌଣସି କାରଣ ବଶତଃ ବ୍ୟାଙ୍କକୁ ତାହା ଫେରସ୍ତ କରିବେ ନାହିଁ।
୩) ଆକାଉଣ୍ଟରେ ବନ୍ଧକଥିବା ସମସ୍ତ କିମ୍ବା ଆଂଶିକ ଅଳଙ୍କାରଗୁଡ଼ିକୁ ନିଲାମ କରିବାକୁ ଆବଶ୍ୟକ ମନେକଲେ ତାହା କରିବାକୁ ବ୍ୟାଙ୍କ ଅଧିକାର ସଂରକ୍ଷିତ ରଖିଅଛି କିମ୍ବା ଯେକୌଣସି ସମୟରେ ବିନା ନୋଟିସ୍‌ରେ ନିଲାମ ବନ୍ଦ କରିବାର ଅଧିକାର ଏହାର ସ୍ୱତନ୍ତ୍ର କ୍ଷମତା ବଳରେ ସଂରକ୍ଷିତ ରହିଛି।
୪) ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ବିଡ୍‌କୁ ଗ୍ରହଣ / ରଦ୍ଦ କରିବାର ସ୍ୱତନ୍ତ୍ର କ୍ଷମତା ରହିଛି।
୫) ବ୍ୟାଙ୍କର ସୁବିଧା ମୁତାବକ ଯେକୌଣସି ସ୍ତରରେ ଭବିଷ୍ୟତ ତାରିଖକୁ ନିଲାମ ବିକ୍ରୟ ସ୍ଥଗିତ ରଖିବାର ଅଧିକାର ବ୍ୟାଙ୍କର ରହିଛି ଏବଂ କୌଣସି ବ୍ୟକ୍ତି ଏ ବିଷୟରେ କୌଣସି ପ୍ରାକ୍ ନୋଟିସ୍ କିମ୍ବା ସେବାବଦ ଅଧିକାର ଦାବୀ ରଖିବାକୁ ହକ୍‌ଦାର ହେବେ ନାହିଁ।
୬) ଯଦି ସଫଳ ନିଲାମଧାରୀ ସମ୍ପୂର୍ଣ୍ଣ ନିଲାମ ରାଶି ପ୍ରଦାନ ନ କରନ୍ତି ଏବଂ/କିମ୍ବା ତାଙ୍କର କୌଣସି କାରଣ ହେତୁ ନିଲାମ ବିକ୍ରୟ ସ୍ଥଗିତ/ପୁନଃ ନିଲାମ ହୁଏ, ତେବେ ସେ ବ୍ୟାଙ୍କର ତଦ୍ଦ୍ୱାରା କ୍ଷତିର ପରିମାଣ ଯାହା ତାଙ୍କ ଯୋଗୁ ନିଲାମ ସମାପ୍ତ ହୋଇପାରିନଥିଲା ସେଥି ନିମନ୍ତେ ଦାୟୀ ରହିବେ।
୭) ବ୍ୟାଙ୍କ ଅଳଙ୍କାର / କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ଏବଂ ନିଲାମ କ୍ରେତା ନିଜ ଦ୍ୱାରା ଅଳଙ୍କାର/ମୁଦ୍ରାଗୁଡ଼ିକର ଶୁଦ୍ଧତା କିମ୍ବା ଓଜନ ତନଖି କରି ନିଶ୍ଚିତ ହେବା ଆବଶ୍ୟକ ଏବଂ ଏ ବିଷୟରେ ନିଲାମ ପରେ କୌଣସି ଦାବୀକୁ ଗ୍ରହଣ କରାଯିବ ନାହିଁ।
୮) ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶିର ୨୫% ଅମାନତ ରାଶି ରୂପେ ଜମା କରିବେ।
୯) ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାର ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ଅଳଙ୍କାରକୁ ପୁନଃ ବିକ୍ରୟ କରାଯିବ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୦୭.୦୭.୨୦୨୬** — **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**

# ସୁବାସଙ୍କୁ ହତ୍ୟା ଅଭିଯୋଗରେ ଶବ ରଖି ରାସ୍ତା ଅବରୋଧ

**ଭଦ୍ରକ/ବାସୁଦେବପୁର,୭।୭(ସମିସ):** ଗତ ରବିବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ବାସୁଦେବପୁର ବ୍ଲକ ସାନକୁଣ୍ଡପୁର ପଞ୍ଚାୟତର ପାଳସାହି ଗ୍ରାମର ସୁବାସ ଚନ୍ଦ୍ର ଖ୍ୱାଳାଙ୍କର ମୃତ୍ୟୁ ହୋଇଥିଲା। କିନ୍ତୁ ପରିବାର ଲୋକେ ଏନେଇ ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ପୁଲିସ ଶବକୁ ହସ୍ତାନ୍ତର କରିବା ପରେ ନ୍ୟାୟ ଦାବିରେ ମଙ୍ଗଳବାର ରାସ୍ତାରେ କଣ୍ଟା ପକାଇ ରାସ୍ତା ଅବରୋଧ କଲେ ଗ୍ରାମବାସୀ। ମହିଳାମାନେ ରାସ୍ତାରେ ବସିରହିଥିଲେ। ଫଳରେ ଘଣ୍ଟା ଘଣ୍ଟା ଧରି କୋଷ୍ଟକେନାଲରୁ ବାଲିମେଦ ରାସ୍ତାରେ ଗାଡ଼ିଚଳାଚଳ ବନ୍ଦ ହୋଇପଡ଼ିଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ିଟିର ଯାଞ୍ଚ ପରେ ପ୍ରଗତି ଦୁଗ୍ଧ ସୋସାଇଟି ଭିତରେ ଶବ ରଖି କ୍ଷତିପୂରଣ ଦାବି କଲେ ଗ୍ରାମବାସୀମାନେ। ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ନାୟକାଣୀଡିହି ଥାନା ଆଇଆଇସି ଉମାଶଙ୍କର ନାୟକ।



ସୂଚନାଯୋଗ୍ୟ, ବାସୁଦେବପୁର ବ୍ଲକ ସାନକୁଣ୍ଡପୁର ପଞ୍ଚାୟତର ପାଳସାହି ଦୁର୍ଯ୍ୟୋଧନ ଖ୍ୱାଳାଙ୍କ ପୁଅ ସୁବାସ ଚନ୍ଦ୍ର ଖ୍ୱାଳାର କୋଷ୍ଟକେନାଲ ରାସ୍ତାରେ ଗାଡ଼ି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସୁବାସଙ୍କର ମୃତ୍ୟୁ ହୋଇଥିଲା। ପ୍ରାଥମିକ ସୂଚନାରେ ଅଜଣା ଗାଡ଼ି କୁହାଯାଉଥିବା ବେଳେ ପରେ ଗାଡ଼ିକୁ ଗ୍ରାମବାସୀମାନେ ଠାବ କରିଥିଲେ। ଦୁର୍ଘଟଣା ଘଟାଇବା ପରେ ଯଦି ଗାଡ଼ି ଚାଳକ ସୁବାସଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଇଥାନ୍ତେ, ହୁଏତ ସୁବାସଙ୍କ ଜୀବନ ବଞ୍ଚିଯାଇପାରିଥା'ନ୍ତା। ଦୁର୍ଘଟଣା ଘଟାଇଥିବା ପ୍ରଗତି ଦୁଗ୍ଧ ସୋସାଇଟିର ଗାଡ଼ି ଓ ଡ୍ରାଇଭରଙ୍କୁ ଚିହ୍ନଟ କରାଯାଇଛି। ଏକମାତ୍ର ରୋଜଗାରିଆ ଭେଣ୍ଡିଆ ପୁଅକୁ ହରାଇ ପରିବାର ଲୋକ ଭାଙ୍ଗି ପଡ଼ିଛନ୍ତି। ଶବ ବ୍ୟବଚ୍ଛେଦ ହୋଇ ଆସିବା ପରେ, ନ୍ୟାୟ ପାଇଁ ରାସ୍ତା ଅବରୋଧ କରିଛନ୍ତି ଗ୍ରାମବାସୀମାନେ। ଶବକୁ ପ୍ରଗତି ଦୁଗ୍ଧ ସୋସାଇଟି ଆଗରେ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ପୁଲିସ ବୁଝାସୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଛି।

**ସୁରତରୁ ଫେରିଲା ଗଳିତ ଶବ**

# ମାଡ଼ ଭୟରେ ଚାଳକ ମେଡିକାଲରେ ଆମ୍ବୁଲାନ୍ସ ରଖି ଫେରାର୍

**ଭଦ୍ରକ/ବାସୁଦେବପୁର,୭।୭(ସମିସ):** ରାଜ୍ୟରୁ ଦାଦନ ହଟିବ। ଘର ପାଖରେ ରହି କରିବେ ରୋଜଗାର। ପ୍ରତିଶ୍ରୁତି ଦେଇ ରାଜ୍ୟ ସରକାର ଶାସନକୁ ଆସିଲେ। ହେଲେ ଗୋଟିଏ ପରେ ଆଉଟିଏ ଦାଦନ ଶ୍ରମିକଙ୍କ ଗଳିତ ଶବ ଆସୁଛି। ଗୁଜରାଟର ସୁରତରେ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିବା ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ବିରସ ପଞ୍ଚାୟତର କଂସାରିପୁର ଗାଁର ଗୟାଧର ସେନାପତିଙ୍କ ପୁଅ ଅମର ସେନାପତିଙ୍କ ଗଳିତ ଶବ ଗାଁରେ ପହଞ୍ଚିଛି। ଗୟାଧରଙ୍କ ପୁଅ ଅମର ଦୀର୍ଘ ୧୦ ବର୍ଷ ଧରି ବୀଣାଦଣ୍ଡା



ଗାଁର କାବୁଲ ମହାନ୍ତିଙ୍କ ଅଧୀନରେ କାମ କରୁଥିଲେ। ୫ ଦିନ ତଳେ ସୁରତରେ ଏକ ଘରୁ ଅମରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ପରିବାର ଲୋକ ଖବର ପାଇଥିଲେ। ହେଲେ ପୁଅର ମୃତ୍ୟୁ ଖବରକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ଏହାକୁ ହତ୍ୟାକାଣ୍ଡ ବୋଲି କହିଥିଲେ। ଗୁଜରାଟରୁ ଏକ ଆମ୍ବୁଲାନ୍ସ ଯୋଗେ ଗଳିତ ଶବ ସୋମବାର ବାସୁଦେବପୁରରେ ପହଞ୍ଚିଥିଲା। ସୁପରଭାଇଜର କାବୁଲ ମହାନ୍ତି କଂସାରିପୁର ଶବ ନେଇ ଯିବାକୁ ଭୟ କରିଥିଲେ। ବାସୁଦେବପୁର ମେଡିକାଲରେ ଆମ୍ବୁଲାନ୍ସ ଠିଆ କରାଇ ଚାଳକ ଫେରାର୍ ହୋଇଯାଇଥିଲା। ବିରସ ସୋସାଇଟିର ଡାଇରେକ୍ଟର ନିରଞ୍ଜନ ଦାସ, ରାଜଘରପୋଖରୀ ସରପଞ୍ଚ ଅରୁଣ ମହାନ୍ତି, ବସନ୍ତ କୁମାର, ମାନସ ନାୟକ ପ୍ରମୁଖ ବ୍ୟକ୍ତିଙ୍କ ଉପସ୍ଥିତିରେ ଏକ ଆଲୋଚନା ହୋଇଥିଲା। ଶବ ଗାଁରେ ପହଞ୍ଚିବା ପରେ

## ୨ ଦିନ ରହଣି ପରେ ସଂସ୍କାର ହେଲା ମୃତଦେହ

ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଶହଶହ ଗ୍ରାମବାସୀଙ୍କ ସମାଗମ ହୋଇଥିଲା। ଗାଁ ମଶାଣିରେ ଅମରଙ୍କ ମରଶରୀର ପଞ୍ଚଭୂତରେ ଲୀନ ହୋଇଥିଲା।

# ବିଏସ୍ଏନ୍ଏଲ୍ର ନେଟ୍ୱର୍କ ସମସ୍ୟା ଦୂର ଦାବି

**ବ୍ରହ୍ମବରଦା,୭।୭(ସମିସ):** ଯାଜପୁର ଜିଲ୍ଲାରେ ବିଏସ୍ଏନ୍ଏଲ୍ ମୋବାଇଲ ନେଟ୍ୱର୍କ ସେବା ଦିନକୁ ଦିନ ଖରାପ ହେବାରେ ଲାଗିଛି। ଫଳରେ ହଜାର ହଜାର ଉପଭୋକ୍ତା ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେତେକ ସ୍ଥାନରେ ନେଟ୍ୱର୍କ ସିଗ୍ନାଲ ଅତ୍ୟନ୍ତ ଦୁର୍ବଳ ଥିବାବେଳେ, ଅନ୍ୟ କେତେକ ସ୍ଥାନରେ ସଂପୂର୍ଣ୍ଣ ନେଟ୍ୱର୍କ ବିଚ୍ଛିନ୍ନ ହୋଇଯାଉଥିବା ଅଭିଯୋଗ ହେଉଛି। ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ସବୁଠି ସମାନ ଅବସ୍ଥା ଦେଖିବାକୁ ମିଳିଛି। ଯାଜପୁର ମୁଖ୍ୟ ସଦର ମହକୁମାରେ ଘର ଭିତରେ କୌଣସି ଟାୱାର ଆସୁନି କି ଇଣ୍ଟରନେଟ ଆସୁନି। ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ନେଟ୍ୱର୍କ ସମସ୍ୟା ଯୋଗୁଁ ଫୋନ କଲ୍ ବାରମ୍ବାର କଟିଯାଉଛି, ଇଣ୍ଟରନେଟ ସେବା ଠିକ୍ ଭାବେ ଚାଲୁନଥିବାରୁ ଛାତ୍ରଛାତ୍ରୀଙ୍କ ଅନଲାଇନ ପାଠପଢ଼ା, ସରକାରୀ ଓ ବେସରକାରୀ କାର୍ଯ୍ୟ, ବ୍ୟବସାୟିକ କାରବାର ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗ ସେବା ପ୍ରଭାବିତ ହେଉଛି। ବିଶେଷକରି ଜରୁରୀ ପରିସ୍ଥିତିରେ ଯୋଗାଯୋଗ ବାଧାପ୍ରାପ୍ତ ହେବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ବ୍ରହ୍ମବରଦା ଅଞ୍ଚଳର ଉପଭୋକ୍ତାମାନଙ୍କ କହିବା ଅନୁଯାୟୀ, ଦୀର୍ଘଦିନ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ହୋଇପାରିନାହିଁ। ବିଦ୍ୟୁତ୍ ଚାଲିଯିବା ପରେ ମୋବାଇଲ ନେଟ୍ୱର୍କ ଚାଲିଯାଇଥାଏ। ବ୍ରହ୍ମବରଦା ଅଞ୍ଚଳରେ ୫ଜି ନେଟ୍ୱର୍କ ସିଗ୍ନାଲ ପ୍ରଦାନ ନିରବଚ୍ଛିନ୍ନ ମୋବାଇଲ ଓ ଇଣ୍ଟରନେଟ ସେବା ଯୋଗାଇବାକୁ ଅଞ୍ଚଳବାସୀ ପାଇପାରିବେ ଦାବି କରୁଥିବା ବେଳେ ବିଏସଏନଲ ଦ୍ୱାରା ଆୟୋଜିତ ଟିଏସି ବୈଠକରେ ଯାଜପୁର ସାଂସଦଙ୍କ ପ୍ରତିନିଧି ଲିଲିମା ଭଦ୍ର ଏହି ପ୍ରସଙ୍ଗ ଉପସ୍ଥାପନ କରିଛନ୍ତି। ଯାଜପୁରରେ ବିଏସଏନ୍ଏଲ ମୋବାଇଲ ନେଟ୍ୱର୍କ ଶୋଚନୀୟତା ଆଉ ତାର ସୁଧାର ନିମନ୍ତେ ଆଲୋଚନା କରିବା ସହ କିଛି ଗ୍ରାମକୁ ନୂତନ ମୋବାଇଲ ଟାୱାର ସ୍ଥାପନ ଆବଶ୍ୟକତା ଅଛି ବୋଲି ବିଏସଏନଏଲ୍କୁ ଲିଖିତ ଚିଠିପ୍ରଦାନ କରି ଯାଜପୁର ଟେଲିକମ ସମସ୍ୟା ଉପରେ ବିସ୍ତୃତ ଭାବେ ଆଲୋଚନା କରଥିଲେ।

# ଜାତୀୟ ଜୁନିଅର୍ ରଗ୍ବୀ ଦଳରେ ସତ୍ୟବ୍ରତ

**ଦଶରଥପୁର,୭।୭(ସମିସ):** ହାଇଦ୍ରାବାଦର ଗାଛି ବାୱଲି ଷ୍ଟାଡିୟମଠାରେ ରଗବୀ ଇଣ୍ଡିଆ ଦ୍ୱାରା ଆୟୋଜିତ ହେଉଥିବା ଜାତୀୟ ଜୁନିଅର୍ ବାଳିକ ସେଭେନ୍ସ ରଗବୀ ଫୁଟବଲ ଚାମ୍ପିଅନସିପ ପାଇଁ ଆଜି ଓଡ଼ିଶା ଦଳ ଘୋଷଣା ହୋଇଛି। ଓଡ଼ିଶାର ୧୨ ଜଣିଆ ଦଳରେ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ ତୁଳାଟିଆ ସାହିର କୈଳାଶ ସାହୁଙ୍କ ପୁଅ ସାଇଶ୍ରୀ ସତ୍ୟବ୍ରତ ସାହୁ ସ୍ଥାନ ପାଇଛନ୍ତି। ପ୍ରକାଶ ଥାଉ କି କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ହୋଇଥିବା ୨୫ ଜଣିଆ ଶିବିରରେ ଯାଜପୁରରୁ ତିନିଜଣ ସୁଭ୍ରଜିତ୍ ମହାପାତ୍ର, ପ୍ରସନଜିତ୍ ବେହେରା ଓ ସାଇଶ୍ରୀ ସତ୍ୟବ୍ରତ ପ୍ରଶିକ୍ଷଣ ନେଉଥିଲେ। ଶେଷ ୧୨ ଜଣିଆ ଦଳରେ ସାଇଶ୍ରୀ ସତ୍ୟବ୍ରତ ସ୍ଥାନ ପାଇଥିବାରୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ଜିଲ୍ଲା ରଗବୀ ଫୁଟବଲ ଆସୋସିଏସନ୍ର ସଭାପତି ନାରାୟଣ ଚନ୍ଦ୍ର ସାହୁ, ସମ୍ପାଦକ ଭରତ ସାହୁ, ଦଶରଥପୁର ଉଚ୍ଚତର ବିଦ୍ୟାଳୟର ଅଧ୍ୟକ୍ଷ କୈଳାଶ ସେନାପତି କୋଚ୍ ବିଶାଳ ଚୌଧୁରୀଙ୍କ ସହ ଜିଲ୍ଲାର ବହୁ ବୁଦ୍ଧିଜୀବୀ ଓ ଖେଳାଳୀ ମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଅବସରପ୍ରାପ୍ତ ଶିକ୍ଷକଙ୍କ ସ୍ମୃତିଚାରଣ ସଭା



**ଦୋବଲ,୭।୭(ସମିସ):** ଶିକ୍ଷା ଓ ଆଧ୍ୟାତ୍ମିକତାର ମହାସମନ୍ୱୟ ଥିଲେ ଅବସରପ୍ରାପ୍ତ ଶିକ୍ଷକ ତଥା ପରୋପକାରୀ ସାଧୁ ମହେଶ୍ୱର ସାହୁ(ଦାସ)। ତାଙ୍କ ପରଲୋକ ପରେ ଦୋବଲ ପଞ୍ଚାୟତର ଇଟୁଆ ଗ୍ରାମସ୍ଥିତ ତାଙ୍କ ବାସଭବନରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାଙ୍କ ଜୀବନୀକୁ ଆଧାର କରି ଏକ ସ୍ମରଣିକା ଉନ୍ମୋଚନ କରାଯାଇଛି। ମଙ୍ଗଳବାର ଆୟୋଜିତ ଏହି ସଭାରେ ବକ୍ତାମାନେ ସ୍ୱର୍ଗତ ସାହୁଙ୍କୁ ଜଣେ ଆଦର୍ଶ ଶିକ୍ଷକ, ଛାତ୍ରବତ୍ସଳ, ଧର୍ମପରାୟଣ ଏବଂ ସମାଜସେବୀ ବ୍ୟକ୍ତିତ୍ୱ ଭାବେ ଅଭିହିତ କରିଥିଲେ। ସାପକାଟିଆ ମଠର ଟ୍ରଷ୍ଟି ଭାବେ ତାଙ୍କର ଆଧ୍ୟାତ୍ମିକ ଅବଦାନ ଓ ସମାଜ ପ୍ରତି ଥିବା ସମର୍ପଣ ଭାବ ସମସ୍ତଙ୍କୁ ଅନୁପ୍ରାଣିତ କରିଥିଲା। ଛାତ୍ର ତଥା ସମାଜସେବୀ କ୍ଷୀରୋଦ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଦୋବଲ ସରପଞ୍ଚ ଅଶୋକ ପଣ୍ଡା, ବରିଷ୍ଠ ବିଜେପି ନେତା ତଥା ତାଙ୍କ ପୁରାତନ ଛାତ୍ର ବଦ୍ରିନାରାୟଣ ଧଳ ତାଙ୍କ ଅତୀତର ସ୍ମୃତି ରୋମନ୍ଥନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସଭାରେ ବିଜେଡି ବ୍ଲକ୍ ସଭାପତି ପ୍ରତାପ ସାମଲ, ଶିକ୍ଷାବିତ୍ ଯୁଧିଷ୍ଠିର ପଣ୍ଡା, ଦଧିବାମନ ମିଶ୍ର, ଶରତ ସାହୁ, ଭୋଳାନାଥ ସାହୁ, ଗୋବିନ୍ଦ ତ୍ରିପାଠୀ, ଲକ୍ଷ୍ମୀଧର ପଣ୍ଡା, ଗୌରାଙ୍ଗ ମଲିକ, ସାମ୍ବାଦିକ ପ୍ରଦୀପ ମହାପାତ୍ର, ମନୋଜ ଦାସ, ସଞ୍ଜୀବ ମହାନ୍ତି, ପ୍ରଶାନ୍ତ ସାହୁ, ଜ୍ଞାନେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଦିବଂଗତ ଆତ୍ମାର ସଦ୍ଗତି କାମନା କରିଥିଲେ। ଶେଷରେ ବଳରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଟାୱାରରୁ ବ୍ୟାଟେରୀ ଓ ମୂଲ୍ୟବାନ ଯନ୍ତ୍ରାଂଶ ଲୁଟ୍

**ଦୋବଲ,୭।୭(ସମିସ):** ଧାମନଗର ଥାନା ଅଧୀନ ଦଳାଙ୍ଗ ପଞ୍ଚାୟତର ବାଘୁଆରି ଗାଁରେ ଥିବା ଏୟାରଟେଲ୍ ମୋବାଇଲ ଟାୱାର ପୁଣି ଥରେ ଚୋରଙ୍କ ନିଶାନା ପାଲଟିଛି। ଗତ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଟାୱାର ପରିସରରେ ପଶି ବ୍ୟାଟେରୀ ସମେତ ଅନ୍ୟାନ୍ୟ ମୂଲ୍ୟବାନ ଯନ୍ତ୍ରାଂଶ ଚୋରି କରି ଫେରାର୍ ହୋଇଯାଇଛନ୍ତି। ସକାଳେ ଟାୱାରର ରକ୍ଷଣାବେକ୍ଷଣ କାମରେ ନିୟୋଜିତ କର୍ମଚାରୀ ଘଟଣା ସମ୍ପର୍କରେ ଜାଣିବା ପରେ ଟାୱାରର ଟେକ୍ନିସିଆନ ପ୍ରିୟବ୍ରତ ନାୟକ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଉକ୍ତ ଟାୱାରରୁ ଏହାକୁ ମିଶାଇ ମୋଟ୍ ୬ ଥର ଚୋରି ହୋଇଛି। ପୂର୍ବରୁ ମଧ୍ୟ ବ୍ୟାଟେରୀ



ଓ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ଚୋରି ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳତା ମିଳିନାହିଁ। ଫଳରେ ବାରମ୍ବାର ଏହି ଟାୱାରକୁ ଲକ୍ଷ୍ୟ କରି ଚୋରି ଘଟୁଥିବାରୁ ଟାୱାରର ସୁରକ୍ଷା ବ୍ୟବସ୍ଥାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଟାୱାରରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଦୁର୍ବୃତ୍ତମାନେ ବାରମ୍ବାର ସୁଯୋଗ ପାଉଛନ୍ତି। ଏଭଳି ଘଟଣା ଯୋଗୁଁ ମୋବାଇଲ୍ ନେଟ୍ୱର୍କ ସେବା ବ୍ୟାହତ ହେବା ସହ ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ବିଶେଷକରି ଜରୁରୀ ସମୟରେ ଯୋଗାଯୋଗ ବ୍ୟବସ୍ଥା ପ୍ରଭାବିତ ହେଲେ ସାଧାରଣ ଲୋକଙ୍କ ସମସ୍ୟା ବଢ଼ିପାରେ ବୋଲି ସେମାନେ କହିଛନ୍ତି।

## ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ

ବାରମ୍ବାର ଚୋରି ସତ୍ତ୍ୱେ ଦୁର୍ବୃତ୍ତମାନଙ୍କ ଉପରେ ଅଙ୍କୁଶ ଲାଗି ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଚୋରିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବା ସହ ଟାୱାରରେ ସିସିଟିଭି କ୍ୟାମେରା, ଉନ୍ନତ ସୁରକ୍ଷା ବ୍ୟବସ୍ଥା ଓ ନିୟମିତ ରାତ୍ରିକାଳୀନ ପହରା ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଦାବି କରିଛନ୍ତି। ପୁଲିସ ପକ୍ଷରୁ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଚାଲିଥିବା ଜଣାପଡ଼ିଛି।

# ସରକାରୀ ସହାୟତା ପାଇଁ ଅନାଇ ବସିଛନ୍ତି ଘୁଷୁରି ଚାଷୀ

**ଦୋଳସାହି,୭।୭(ସମିସ):** ସରକାରଙ୍କ ପକ୍ଷରୁ ବିଭିନ୍ନ ଧରଣର ଚାଷୀଙ୍କୁ ଚାଷ ପାଇଁ ସରକାରୀ ସହାୟତା ପ୍ରଦାନ କରାଯାଉଥିବା ବେଳେ ସାରା ରାଜ୍ୟରେ ଘୁଷୁରି ଚାଷ ପାଇଁ ଯୋଜନା କରିବା ସହ ଏଥିପାଇଁ ଚାଷୀଙ୍କୁ ଅନ୍ଲାଇନ୍ ଆବେଦନ କରିବାକୁ ସୂଚନା ଦିଆଯାଇଥିଲା। ଏହି ସୂଚନା ପରେ ସାରା ରାଜ୍ୟରେ ହଜାର ହଜାର ଘୁଷୁରି ଚାଷୀ ଅନ୍ଲାଇନ୍ ଆବେଦନ କରିଥିବାବେଳେ ଏହି ଯୋଜନା କାର୍ଯ୍ୟକାରୀ ହେଉ ନ ଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ତିହିଡ଼ି ବ୍ଲକ୍ ପ୍ରାଣୀ ଚିକିତ୍ସାଳୟଅଧୀନରେ ଶତାଧିକ ଘୁଷୁରି ଚାଷୀ ଅନ୍ଲାଇନ୍ ଆବେଦନ କରି ଅନାଇ ବସିଥିବା ଜଣାଯାଇଛି। ସରକାର ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ସାଧାରଣରେ ତଥା ଚାଷୀଙ୍କ ମଧ୍ୟରେ ଦାବି ହେଉଛି।

**● ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ ମାମଲା; ଜେଲ୍ ଗଲେ ପ୍ରଧାନଶିକ୍ଷକ**

# ତାତିଲେ ଛାତ୍ରଛାତ୍ରୀ ଓ ଅଭିଭାବକ

**ବାରିକପୁର,୭।୭(ସମିସ):** ଭଣ୍ଡାରିପୋଖରୀ ଥାନା ବାଲିପୋଖରୀ ପଞ୍ଚାୟତ ଶୁକଦେବ ଜେନା ହାଇସ୍କୁଲର ପ୍ରଧାନଶିକ୍ଷକ ଭଗବାନ ପ୍ରଧାନ ସୋମବାରଠାରୁ ପୁଲିସ ହେପାଜତରେ ଭାବେ ଅଭିଯୋଗ କରିଥିବାବେଳେ ପୁଲିସ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଗିରଫ କରିଥିଲା। ଡାକ୍ତରୀ ମାଇନା ପରେ ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରି



ଥିବାବେଳେ ମଙ୍ଗଳବାର କୋର୍ଟ ଚାଲାଣ ହୋଇଛନ୍ତି। ତାଙ୍କ ନାମରେ ଜନୈକା ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ ଭଳି ବ୍ୟବହାର ପ୍ରଦର୍ଶନ ଓ ଅନ୍ୟାନ୍ୟ ସଙ୍ଗୀନ ଅଭିଯୋଗ ହୋଇଥିଲା। ଶିକ୍ଷୟିତ୍ରୀ ଜଣକ ଏନେଇ ଗତ ୩୦ ତାରିଖରେ ପୁଲିସକୁ ଲିଖିତ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ ହୋଇଛି। ଏପଟେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ଏପରି କଳାକାରନାମା ବିରୋଧରେ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ସ୍କୁଲ ପ୍ରାଙ୍ଗଣରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ପ୍ରଧାନଶିକ୍ଷକ ଶ୍ରୀ ପ୍ରଧାନ ପୂର୍ବରୁ ଯେଉଁ ବିଦ୍ୟାଳୟରେ ଚାକିରି କରିଥିଲେ ସେଠାରେ ମଧ୍ୟ ଏଭଳି ବିବାଦରେ ରହିଥିଲେ। ଏଠାକୁ ବଦଳି ହୋଇ ଆସିବା ପରେ ହେଁ ତାଙ୍କର ସ୍ୱଭାବରେ ପରିବର୍ତ୍ତନ ହୋଇ ନ ଥିଲା। ଏପରିକି ଛାତ୍ରୀମାନଙ୍କୁ ମଧ୍ୟ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରନ୍ତି ବୋଲି ଅଭିଭାବକମାନେ ଅଭିଯୋଗ କରିଥିଲେ। ଶିକ୍ଷକ ନାମରେ କଳଙ୍କ ସଦୃଶ ଭଗବାନ ସାର୍ଙ୍କୁ ଶେଷରେ ଭଗବାନ ସହିଲେ ନାହିଁ ବୋଲି କିଛି ମହିଳା କ୍ଷୋଭ ପ୍ରକାଶ କରି କହିଛନ୍ତି। ଏହାଛଡ଼ା ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନେ ତାଙ୍କ ନାମରେ ଅନେକ ଗୁରୁତର ଅଭିଯୋଗ କରିଥିବାବେଳେ ସେଭଳି ଶିକ୍ଷକଙ୍କୁ ବିଦ୍ୟାଳୟଠାରେ ନିଯୁକ୍ତି ନ ଦେବା ପାଇଁ ଦୃଢ଼ ଦାବି କରିଛନ୍ତି। ବ୍ଲକ୍ର ଅନ୍ୟତମ ପ୍ରମୁଖ ଶିକ୍ଷାନୁଷ୍ଠାନଟି ଏବେ ବଦନାମ ହୋଇଥିବାବେଳେ ପ୍ରଧାନଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ସରପଞ୍ଚ ଅକ୍ଷୟ ତ୍ରିପାଠୀ ଦାବି କରିଛନ୍ତି।

# ନାଟ୍ୟ ନିର୍ଦ୍ଦେଶକଙ୍କ ପରଲୋକ



**ବିଞ୍ଝାରପୁର,୭।୭(ସମିସ):** ବିଞ୍ଝାରପୁର ବ୍ଲକ ଓଳେଇଚନ୍ଦନପୁର ଅଞ୍ଚଳର ବିଶିଷ୍ଟ ପୌରାଣିକ ଯାତ୍ରା ନାଟ୍ୟ ନିର୍ଦ୍ଦେଶକ ପ୍ରଭାକର ସାମଲ (୮୨)ଙ୍କର ହୃଦ୍ଘାତରେ ପରଲୋକ ଘଟିଛି। ସୋମବାର ସକାଳେ ହଠାତ୍ ଅସୁସ୍ଥ ହୋଇପଡ଼ିବା ପରେ ତାଙ୍କୁ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶେଷ ସମୟରେ ପରିବାର ସଦସ୍ୟ, ଆତ୍ମୀୟସ୍ୱଜନ ଓ ବନ୍ଧୁପରିଜନ ଉପସ୍ଥିତ ଥିଲେ। ପ୍ରଭାକର ସାମଲ ଦୀର୍ଘ ବର୍ଷ ଧରି ପୌରାଣିକ ଯାତ୍ରା ନାଟକ କ୍ଷେତ୍ରରେ ଜଣେ ସଫଳ ନାଟ୍ୟ ନିର୍ଦ୍ଦେଶକ ଭାବେ ସୁନାମ ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ଓଳେଇଚନ୍ଦନପୁର ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶିକ୍ଷାବିତ୍ ରାମଚନ୍ଦ୍ର ନାୟକ, କଳାକର ପାତ୍ର, ଘନଶ୍ୟାମ ଜେନା, ଯଶୋବନ୍ତ ଦଳ, ତ୍ରିଲୋଚନ ଥାଟୋଇ, ଅବିନାଶ ଦାସ, ପ୍ରତାପ ବେହେରା, ତ୍ରିଲୋଚନ ପତି, ବିରେନ୍ଦ୍ର ଦଳ, ଅଭିଜିତ ସାମଲ, ପାର୍ଥସାରଥୀ ବାରିକଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଓ ଗ୍ରାମବାସୀ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ୮ ଦିନ ହେଲା ରାସ୍ତାରେ ପଡ଼ିଛି ଦୁର୍ଘଟଣାଗ୍ରସ୍ତ ଗାଡ଼ି



**କବାଟବନ୍ଧ,୭।୭(ସମିସ):** ଚଣ୍ଡିଖୋଲ - ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଏକ ହାଇୱା ଗାଡ଼ି ଦୀର୍ଘ ଦିନ ଧରି ଅଟକି ରହିଛି। ଗାଡ଼ିର ପାଖରେ ଚିପ୍ସ ପଡ଼ିଥିବା ସହିତ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇ ଅଟକି ରହିଥିବା ଜଣାପଡିଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଏହି ଗାଡ଼ିଟି ପଡ଼ି ରହିଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କୁସୁନପୁର ପେଟ୍ରୋଲ ପମ୍ପ ନିକଟରେ ଗତ ୧ ତାରିଖରେ ଉକ୍ତ ସ୍ଥାନରେ କୌଣସି କାରଣରୁ ଦୁର୍ଘଟଣାର ଶିକାର ହୋଇଥିଲା। ଏହା ପର ଠାରୁ ଦୀର୍ଘ ୮ ହେଲା ଗାଡ଼ିଟିକୁ ଅନ୍ୟ ଜାଗାକୁ କିମ୍ବା ରାସ୍ତାର କଡ଼କୁ ମଧ୍ୟ ସ୍ଥାନାନ୍ତରିତ କରାଯାଇନାହିଁ। ଫଳରେ ଉକ୍ତ ଗାଡିକୁ ନେଇ ପୁନଃ ଦୁର୍ଘଟଣାର ଆଶଙ୍କା ରହିଛି। ତେବେ ଏଭଳି ଅସୁରକ୍ଷିତ ଭାବେ ଗାଡ଼ିଟି ରହିଥିବା ବେଳେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନାହାଁନ୍ତି। ତେବେ ଦୁର୍ଘଟଣା ଗ୍ରସ୍ତ ହୋଇ ଅସୁରକ୍ଷିତ ଭାବେ ଅଟକି ଥିବା ଏହି ଗାଡ଼ି ପାଇଁ ଅନ୍ୟ କେହି ଦୁର୍ଘଟଣାରେ ଶିକାର ହେଲେ କିଏ ଦାୟୀ ରହିବେ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

# ଡିଏଭି ସ୍କୁଲ ତରଫରୁ ବନ ମହୋତ୍ସବ




**ଯାଜପୁର ଟାଉନ,୭।୭(ସମିସ):** ଯାଜପୁର ଟାଉନ ଡିଏଭି ସ୍କୁଲ ତରଫରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ଛାତ୍ରଛାତ୍ରୀ ପରିବେଶ ସୁରକ୍ଷା ଏବଂ ବୃକ୍ଷ ନଥିଲେ ଏ ସମାଜର ଅବସ୍ଥା କିପରି ହେବ ସେ ବିଷୟରେ ଏକ ପଥପ୍ରାନ୍ତ ନାଟକ ସ୍ଥାନୀୟ ମେଡିକାଲ ଛକଠାରେ ପ୍ରଦର୍ଶିତ କରିଥିଲେ। ଏହି ପ୍ରରିପେକ୍ଷୀରେ ସ୍କୁଲ ପରିସରରେ ଅଧ୍ୟକ୍ଷ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ବୃକ୍ଷ ରୋପଣ କରିଥିଲେ। ପରିବେଶ ସୁରକ୍ଷା ପାଇଁ ବୃକ୍ଷର ଆବଶ୍ୟକତା କେତେ ଜରୁରୀ ପିଲାମାନେ ନିଜ ଅଭିନୟ ଦ୍ୱାରା ସମାଜକୁ ବାର୍ତ୍ତା ଦେଇଥିଲେ।

# ଦଶାଶ୍ୱମେଧ ଘାଟରେ ବିଜେଡି ନେତାଙ୍କ ଶେଷକୃତ୍ୟ ସମ୍ପନ୍ନ

**ମଙ୍ଗଳପୁର,୭।୭(ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ବିଜେଡି ସଭାପତି ଚୌବନ ବାରିକଙ୍କର ଶେଷକୃତ୍ୟ ଦଶାଶ୍ୱମେଧ ଘାଟରେ ଶେଷ ହୋଇଟାଇଛି। ଗତକାଲି ତାଙ୍କ ନିଜ ଗ୍ରାମ ଲକ୍ଷ୍ମୀପୁରରେ ତାଙ୍କର ବିୟୋଗ ହେବା ପରେ ଆଜି ସକାଳୁ ଏକ ଶୋଭାଯାତ୍ରାରେ



ମରଶରୀରକୁ କୟାଁ ପଞ୍ଚାୟତ କାର୍ଯ୍ୟାଳୟ, କୟାଁସ୍ଥିତ ଇଣ୍ଡିଆନ ବ୍ୟାଙ୍କ, କୟାଁ ସରକାରୀ ଉଚ୍ଚ ବିଦ୍ୟାଳୟ ସମେତ ପଞ୍ଚାୟତର ବିଭିନ୍ନ ସ୍ଥାନକୁ ନିଆଯାଇଥିଲା। ହାପରେ ମରଶରୀରକୁ ଯାଜପୁର ସ୍ଥିତ ଦଶାଶ୍ୱମେଧ ଘାଟରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ବିଞ୍ଝାରପୁର ବିଧାୟିକା ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, କମାରଡ଼ିହି ପାକ୍ସ ସଭାପତି ଭାଗୀରଥି ସାହୁ, ବିଧାୟିକାଙ୍କ ପ୍ରତିନିଧି ପ୍ରଶାନ୍ତ ମହାନ୍ତି, ଚଷାଖଣ୍ଡ ସରପଞ୍ଚ ପ୍ରତିଭା ମଲ୍ଲିକ, ଜାଫରପୁର ସରପଞ୍ଚ ସୁରେନ୍ଦ୍ର ବେହୁରିୟା, ସମିତିସଭ୍ୟ ରୋଶନ ଦାସ, ଯୁବ ନେତା ହିମାଂଶୁ ପରିଡା, ପ୍ରିୟବ୍ରତ ବିଶ୍ୱାଳ, ଟୁନା ବିଶ୍ୱାଳ, ପଞ୍ଚାନନ ମଲ୍ଲିକ, କମାରଡ଼ିହି ସରପଞ୍ଚ ଚିତ୍ତରଞ୍ଜନ ନାୟକ, ସମାଜସେବୀ ଦୁଷ୍ମନ୍ତ କୁମାର ନାୟକ, ଭଣଜା ଦୀପକ ବାରିକ, ପୂର୍ବତନ ସରପଞ୍ଚ ପ୍ରଶେଷ ସୁତାର, ଡିଜିଟାଲ ସେକ୍ରେଟାରୀ ସୁମନ ନାୟକ, ଚିନ୍ମୟ ମାହୁନ୍ତ, ହିମାଂଶୁ ନାୟକ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଶୋଭାଯାତ୍ରାରେ ଯୋଗଦେଇଥିଲେ।

# ଉତ୍କଳ ସାହିତ୍ୟ ସମାଜ ଯାଜପୁର ଶାଖାର ପ୍ରତିଷ୍ଠା ଦିବସ

**ଯାଜପୁର,୭।୭(ସମିସ):**

ଉତ୍କଳ ସାହିତ୍ୟ ସମାଜ ଯାଜପୁର ଜିଲ୍ଲା ଶାଖାର ପ୍ରତିଷ୍ଠା ଦିବସ ଗ୍ରାମ୍ୟଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଯାଜପୁର ଲେଖକ ସମ୍ମିଳନୀର ସଭାପତି ଡା. ରୁଦ୍ରନାରାୟଣ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍ଘାଟକ ଭାବେ ଯାଜପୁରର ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଯୋଗଦେଇଥିଲେ। ସାହିତ୍ୟ ଓ ସମାଜ ପରସ୍ପର ଓତଃପ୍ରୋତ ଭାବେ ଜଡ଼ିତ, ସାହିତ୍ୟ ମାଧ୍ୟମରେ ତତ୍କାଳୀନ ସମୟରେ ସାମାଜିକ ବ୍ୟବସ୍ଥା ଚଳଣି ଓ ତା'ର ପ୍ରତିକ୍ରିୟା ଦର୍ପଣ ସଦୃଶ ସମସ୍ତ ସମ୍ମୁଖରେ ପ୍ରତିଫଳିତ ହୁଏ ବୋଲି ଶ୍ରୀ ଦେହୁରୀ ଉଲ୍ଲେଖ କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜ କଟକର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ




ଯୋଗଦେଇ ସାହିତ୍ୟ ସମୟ ସହିତ ତାଳଦେଇ ତା'ର କାଳଜୟୀ ସୃଷ୍ଟି ମାଧ୍ୟମରେ ଦେଶ ଓ ଜାତିର ଭବିଷ୍ୟତ ନିର୍ଣ୍ଣୟ କରେ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ଯୋଗଦେଇ କବି ଓ ସାହିତ୍ୟିକମାନଙ୍କର ସର୍ଜନା ଆଗାମୀ ପିଢ଼ିର ଉତ୍ତରଦାୟାଦମାନଙ୍କୁ ନୂତନ ସାହିତ୍ୟ ସୃଷ୍ଟି କରିବା ପାଇଁ ମାର୍ଗଦର୍ଶକ ହୋଇଥାଏ ବୋଲି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥିଭାବେ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, କାର୍ଯ୍ୟକାରୀ ସଦସ୍ୟ ଶିବାଶୀଷ କର, ସଂଯୋଜିକା ସଂଯୁକ୍ତା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବିଶିଷ୍ଟ ଲେଖିକା ବିଦ୍ୟୁତଲତା ଦାସ, କବୟିତ୍ରୀ କମଳିନୀ ପାଗଡ଼, କବି ମଧୁସୂଦନ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୃତ୍ୟାଙ୍ଗନା ଆଦ୍ୟାଶା ପ୍ରିୟଦର୍ଶନୀ ସାହୁ ସ୍ୱାଗତ ନୃତ୍ୟପରିବେଷଣ କରିଥିଲେ। କବିତା ପାଠୋତ୍ସବକୁ କବି ଜିତେନ୍ଦ୍ର ବେହେରା, ପ୍ରତିମା ରଥ, ବନସ୍ମିତା ପଣ୍ଡା, ଦିପ୍ତୀମାଳା ସାମଲ ପ୍ରମୁଖ ସଂଯୋଜକ କରିଥିଲେ। ଗୋକର୍ଣ୍ଣିକା ସଂପାଦକ ରମାକାନ୍ତ ଜେନା, କୋରେଇ ସାହିତ୍ୟ ସଂସଦର ସଂପାଦକ ତଥା ବିଶିଷ୍ଟ ଗାଳ୍ପିକ ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ଗାଳ୍ପିକ ରାମଚନ୍ଦ୍ର ଦାସ, ଅଧ୍ୟକ୍ଷା ବିନ୍ଦୁରେଖା ମହାପାତ୍ର, ଲକ୍ଷ୍ମୀପ୍ରିୟା ପୃଷ୍ଟି, ଲକ୍ଷ୍ମୀପ୍ରିୟା ରାଉତରାୟ, ପ୍ରଭାତ କୁମାର ମଲ୍ଲିକ, ହୃଷିକେଶ ପତି, ଅଧିକାରୀ ନବକିଶୋର ଦାସ, ସୁକାନ୍ତି ପଣ୍ଡା, ରଂଜିତା ଦାସ, ପ୍ରଦୀପ ସାମଲ, ମନୋରଞ୍ଜନ ଦାସ, ଦୟାନିଧି ନାୟକ, ଭୁବନ ମୋହନ ମହାନ୍ତି, ଡା. କାହ୍ନୁଚରଣ ମିଶ୍ର, ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦ, ବିଭୂତି ମହାପାତ୍ର, ମନୋଜ କୁମାର ନାଥ, ଅଖିଳ ମୋହନ ଦାଶ, ସୁବାସ ମହାପାତ୍ର, ଅଲେଖ ପ୍ରସାଦ ମହାରଣା, ପ୍ରଦୀପ୍ତ ଦାସ, ପ୍ରମୁଖ ଯୋଗଦେଇଥିଲେ। ସୁକିନ୍ଦା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ହିମାଂଶୁ କୁମାର ଦ୍ୱିବେଦୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତିଙ୍କ ସ୍ମୃତିସଭା

**ଦଶରଥପୁର,୭।୭(ସମିସ):** ଦଶରଥପୁର ହାଇସ୍କୁଲ୍ସ୍ଥିତ ଦିଲୀପ ତାର୍କି ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଆଜି ଯାଜପୁର ଜିଲ୍ଲା ରଗବୀ ଫୁଟବଲ ଆସୋସିଏସନ୍ ପକ୍ଷରୁ ଓଡିଶାର ବଶିଷ୍ଟ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତିଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ନାରାୟଣ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ରାଜ୍ୟ ରଗବୀ ଫୁଟବଲ ଆସୋସିଏସନର ଯୁଗ୍ମ ସମ୍ପାଦକ ତଥା ଜିଲ୍ଲା ସମ୍ପାଦକ ଭରତ ସାହୁ, ଅଶୋକ ମହାନ୍ତିଙ୍କ ରାଜ୍ୟ ଓ ଯାଜପୁର ରଗବୀ ଫୁଟବଲ ଆସୋସିଏସନ୍ର ମୁଖ୍ୟ ଉପଦେଷ୍ଟା ଭାବେ ତାଙ୍କର ଅବଦାନ ଅବିସ୍ମରଣୀୟ ଏବଂ ଦଶରଥପୁର ଓ ଯାଜପୁରରେ ରଗବୀ ଓ ଅନ୍ୟାନ୍ୟ କ୍ରୀଡାର ବିକାଶରେ ତାଙ୍କର ମୁଖ୍ୟ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ପ୍ରଦୀପ ଧଳ, ରଞ୍ଜନ ମହାନ୍ତି, କ୍ରୀଡ଼ା ସଙ୍ଗଠକ ବାସୁଦେବ ତାରାଇ, ରଗବୀ କୋଚ୍ ଅଜୟ ପ୍ରଧାନ, ବିଘ୍ନେଶ୍ୱର ମାଲିକ, ବିଶାଳ ଚୌଧୁରୀଙ୍କ ସମେତ ବହୁ କ୍ରୀଡାବିତ୍ ଯୋଗଦେଇଥିଲେ।

# ସମ୍ପାଦକୀୟ



ନିର୍ବାଚନୀ ଯୁଦ୍ଧର ମୂଳରେ ଥାଏ ପ୍ରତାରଣା।
-ସୁନ ଜୁ

ସକାଳ THE SAKALA

## ମାନବକୃତ ଦୁର୍ବିପାକ!

୨୦୨୪ ଜୁଲାଇ ୩୦ ତାରିଖରେ କେରଳର ୱାୟନାଡ଼ରେ ଘଟିଥିବା ଲୋମହର୍ଷଣକାରୀ ଭୂସ୍ଖଳନ ବିଭୀଷିକାର ଚିହ୍ନ ଲିଭି ନଥିବା ବେଳେ ଏକ ଟନେଲ୍ ଭୁଶୁଡ଼ି ଯାଇଛି। ଦୁଇଟିଯାକ ଦୁର୍ବିପାକରେ ମୃତାହତ ସଂଖ୍ୟାରେ ବହୁ ଫରକ ଥିଲେ ମଧ୍ୟ ସାମଞ୍ଜସ୍ୟ ହେଉଛି ବିଶେଷଜ୍ଞଙ୍କ ସୁପାରିସ ଓ ଚେତାବନୀକୁ ବେଖାତିର। ସଡ଼କ ପଥରେ ଭାରତର ଦୀର୍ଘତମ(୮.୨)କିମି ଦୈର୍ଘ୍ୟ ବିଶିଷ୍ଟ କେରଳର କୋଝିକୋଡ୍ ଓ ୱାଇନାଡ୍‌କୁ ସଂଯୁକ୍ତ ଏହି ଟନେଲ୍ ବା ସୁଡ଼ଙ୍ଗପଥ ପାଇଁ ୨୪ ହଜାର କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ସମ୍ବେଦନଶୀଳ ଭୂଆଧାର ଉପରେ ନିର୍ମିତ ଏହି ସୁଡ଼ଙ୍ଗ ପଥକୁ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ସବୁଜ ସଙ୍କେତ ଦେଇଥିଲେ। କିନ୍ତୁ ଗତ ଜୁନ୍ ମାସ ୨୦ ତାରିଖରେ ୱାଇନାଡ଼ ଜିଲ୍ଲାପାଳ ସରକାରଙ୍କୁ ଏକ ପତ୍ର ଲେଖି ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖିବା ପାଇଁ ପରାମର୍ଶ ଦେଇଥିଲେ।ଏହାକୁ ଅଣଦେଖା କରିବାର ପରିଣାମ ଏବେ ଭୋଗିବାକୁ ପଡ଼ିଛି। ସେହିପରି ଗାଡ଼ଗିଲ୍ କମିଟିର ସୁପାରିସକୁ ହେୟଜ୍ଞାନ କରିବାର ଫଳ ୨୦୨୪ ଜୁଲାଇ ୩୦ ତାରିଖରେ ପ୍ରତିଫଳିତ ହୋଇଥିଲା।

ୱାୟନାଡ଼, ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ ସମେତ ପଶ୍ଚିମ ଘାଟ ଓ ହିମାଳୟ ପାର୍ବତ୍ୟାଞ୍ଚଳର କ୍ଷଣଭଙ୍ଗୁର, ଅସ୍ଥିର ଓ ଅପେକ୍ଷାକୃତ ତରୁଣ ଚଟାଣରେ ଭୂସ୍ଖଳନ ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇପାରେ। କିନ୍ତୁ ଏହା ଯେପରି ଧନଜୀବନ ବିଧ୍ୱଂସକାରୀ ରୂପ ନେଉଛି ସେଥିପାଇଁ ଭୌଗୋଳିକ ଅବସ୍ଥିତି ଓ ପ୍ରାକୃତିକ ସ୍ଥିତି ଅପେକ୍ଷା ମଣିଷର ଅପରିଣାମଦର୍ଶୀ କାର୍ଯ୍ୟକଳାପ ହିଁ ଦାୟୀ। ଅର୍ଥନୈତିକ ବିକାଶ ଆଜିର ଆବଶ୍ୟକତା ଏହା ଅନସ୍ୱୀକାର୍ଯ୍ୟ। କିନ୍ତୁ ଏଭଳି ସ୍ପର୍ଶକାତର ଅଞ୍ଚଳରେ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଅର୍ଥନୈତିକ ବିକାଶ ମଧ୍ୟରେ ସମତୁଲତା ରକ୍ଷା ଅପରିହାର୍ଯ୍ୟ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ସମୟରେ ବିଶେଷଜ୍ଞମାନଙ୍କୁ ନେଇ କମିଟିମାନ ଗଠନ କରାଯାଇଛି। କିନ୍ତୁ ବିଡ଼ମ୍ବନା ହେଉଛି କମିଟି ଯେଉଁସବୁ ସୁପାରିସ କରୁଛନ୍ତି ତାହା ଅନୁପାଳନ କରିବାରେ ରାଜ୍ୟ ଓ କେନ୍ଦ୍ର ସରକାର ପଛଘୁଞ୍ଚା ଦେଉଛନ୍ତି। ପ୍ରକୃତିକୁ ଅବହେଳା କରି ଅର୍ଥନୀତିକୁ ପ୍ରାଧାନ୍ୟ ଦିଆଯାଉଥିବାରୁ କମିଟିର ଉପାଦେୟ ବିଚାରବନ୍ତ ଦୂରଦୃଷ୍ଟି ସମ୍ପନ୍ନ ସୁପାରିସମାନ ନିଷ୍ପ୍ରଭ ଓ ମୂଲ୍ୟହୀନ ହୋଇପଡୁଛି। ସରକାରଙ୍କର ଏହି ଉଦାସୀନତା ଓ ସମ୍ବେଦନହୀନତା ଯୋଗୁଁ କମିଟି ଗଠନ ଓ ସୁପାରିସର ଆହ୍ୱାନ ଏକ ପ୍ରହସନରେ ପରିଣତ ହେବା ସହିତ ମାନବ ସଭ୍ୟତାର ଇତିହାସରେ ବିଭୀଷିକାମୟ କଳା ଅଧ୍ୟାୟ ଲେଖି ହୋଇଯାଉଛି। ବିଶେଷକରି ପର୍ଯ୍ୟଟନ ଅର୍ଥନୀତିର ବିକାଶ ଆଳରେ ଆମେ ଯେପରି ନିର୍ବୋଧତା ପ୍ରଦର୍ଶନ କରିଚାଲିଛୁ ତାହାର ପରିଣାମ ଆମକୁ ହିଁ ଭୋଗିବାକୁ ପଡୁଛି।



ଗୁଜରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ, କେରଳ, ତାମିଲନାଡୁର ପ୍ରାୟ ୨୪.୫ କୋଟି ଲୋକ ବସବାସ କରୁଥିବା ପଶ୍ଚିମଘାଟ ପର୍ବତମାଳା ଅଞ୍ଚଳ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପରିଚାଳକ କୁହାଯାଉଥିବା ଏହି ପର୍ବତମାଳା ହିମାଳୟ ପର୍ବତମାଳାଠାରୁ ବୟସରେ ପୁରୁଣା ହେଲେ ହେଁ ଜୈବବିବିଧତା ଓ କ୍ଷଣଭଙ୍ଗୁରତା ଦୃଷ୍ଟିରୁ ହିମାଳୟ ପର୍ବତମାଳା ସହିତ ତୁଳନୀୟ। ତେଣୁ ଭାରତୀୟ ଜଙ୍ଗଲ ଆଇନ ୧୯୨୭, ଜଙ୍ଗଲ ସଂରକ୍ଷଣ ଆଇନ ୧୯୭୨ ଅନୁଯାୟୀ ଏହି ଅଞ୍ଚଳରେ ଅନେକ କଟକଣା ଜାରି କରାଯାଇଛି। ଏଠାରେ ଭିତ୍ତିଭୂମି ଓ ଶିଳ୍ପ ବିକାଶ ଲାଗି ପରାମର୍ଶ ଦେବା ପାଇଁ ୨୦୧୦ରେ ମାଧବ ଗାଡ଼ଗିଲଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଯେଉଁ ରିପୋର୍ଟ ଦେଇଥିଲେ ସେଥିରେ ଏହି ଅଞ୍ଚଳକୁ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳ ଭାବେ ଘୋଷଣା କରାଯାଇ, ଖଣି ଖନନ, ରାସାୟନିକ ସାର ଓ ପ୍ଲାଷ୍ଟିକ୍ ବ୍ୟବହାର, ଶଙ୍କର ଜାତୀୟ ବିହନ ଚାଷ, ତାପଜ ବିଦ୍ୟୁତ କେନ୍ଦ୍ର, ବୃହତ୍ ଡ୍ୟାମ ନିର୍ମାଣ, ସଡ଼କ ଓ ରେଳ ପ୍ରକଳ୍ପ, ଶୈଳ ନିବାସ, ସ୍ୱତନ୍ତ୍ର ଅର୍ଥନୈତିକ କରିଡର, ଜମିର କିସମ ପରିବର୍ତ୍ତନ ଆଦିକୁ ଦୃଢ଼ ଭାବେ ବାରଣ କରାଯାଇଥିଲା। ଗାଡଗିଲ୍ କମିଟିର ସୁପାରିସର ବାସ୍ତବ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ୨୦୧୨ରେ ପୁଣି କସ୍ତୁରିରଙ୍ଗନ୍‌ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଗଲା, ଯାହାର ସୁପାରିସଗୁଡ଼ିକ ଅଳ୍ପ କିଛି କାଣ୍ଟଛାଣ୍ଟ ସହିତ ଗାଡ଼ଗିଲ୍ କମିଟି ସୁପାରିସ ଅନୁରୂପ ଥିଲା। କିନ୍ତୁ ଦୁଇଟି ଯାକ କମିଟି ସୁପାରିସକୁ ଅର୍ଥନୈତିକ ବିକାଶର ପରିପନ୍ଥୀ ବୋଲି ଛଅଟିଯାକ ରାଜ୍ୟ ପ୍ରତ୍ୟାଖ୍ୟାନ କରିଦେଲେ, ଯାହାର ପରିଣାମର କେତେକ ଝଲକ କେରଳରେ ଏବେ ଦେଖିବାକୁ ମିଳିଛି।

ଏ କ୍ଷେତ୍ରରେ ନ୍ୟାୟପାଳିକାର ଉଦାସୀନତା ମଧ୍ୟ ପ୍ରଶ୍ନାତୀତ ହୋଇପାରୁନାହିଁ। ଉଦାହରଣସ୍ୱରୂପ, କେରଳର ସଦ୍ୟତମ ଦୁର୍ଘଟଣାଗ୍ରସ୍ତ ଟନେଲ୍ ନିର୍ମାଣ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଅନୁମତି ଦେଇଥିଲେ। ବିଶେଷଜ୍ଞଙ୍କ ସୁପାରିସ, ଚେତାବନୀ, ପରାମର୍ଶ ଆଦି ଫାଇଲ୍ ତଳେ ଗତାନୁଗତିକ ପ୍ରକ୍ରିୟାରେ ଚାପି ହୋଇ ରହିଯାଇଥିବା ପର୍ଯ୍ୟନ୍ତ ୱାଇନାଡ, ଯୋଶୀମଠ ଭଳି ଦୁର୍ଘଟଣାର ପୁନରାବୃତ୍ତି ନ ହେବାର ନିଶ୍ଚିତତା ଦେଇହେବ ନାହିଁ। ଅନେକ ପ୍ରଶ୍ନ ତଦନ୍ତ ଓ ଆରୋପ-ପ୍ରତ୍ୟାରୋପର କୋଳାହଳ ଭିତରେ କେବଳ ଲୁଚିଯିବା ହିଁ ସାର ହେବ। ଏହି ଧାରା ଓ ମାନସିକତା ଅବ୍ୟାହତ ରହିଲେ ଆଗକୁ ଯେଉଁ ବିପର୍ଯ୍ୟୟ ସୃଷ୍ଟି ହେବ ତାହା ହୁଏତ ମାନବ ସଭ୍ୟତା ଇତିହାସରେ ସବୁଠାରୁ ବଡ଼ ଭୌଗୋଳିକ ବିପର୍ଯ୍ୟୟର କଳା ଅଧ୍ୟାୟ ଲେଖିଦେବ।

# ମାର୍ ମାର୍ ଭଣ୍ଡାରିଆକୁ ମାର୍...

**ମାନସ ମଙ୍ଗରାଜ**

**ଅନୁଭବ ଓ ଅନୁଭୂତି**

ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଜନମଙ୍ଗଳ ରାଷ୍ଟ୍ରରେ ଦୁର୍ନୀତି ସବୁଠାରୁ ବଡ଼ ଆହ୍ୱାନ। ଘୁଣମରା ବ୍ୟବସ୍ଥା ଦୁର୍ନୀତିର ମୁଖ୍ୟ ପୃଷ୍ଠପୋଷକ ହୋଇଥାଏ ଏବଂ ଏହା ଉଭୟ ଜନସାଧାରଣ ଓ ସରକାରଙ୍କ ପାଇଁ କ୍ଷତିକାରକ। ଦୁର୍ନୀତି ସରକାରୀ ରାଜକୋଷକୁ କ୍ଷତି ପହଞ୍ଚାଇଥାଏ ଓ ଅନ୍ୟପକ୍ଷରେ ସାଧାରଣ ଲୋକଙ୍କ ମନରେ ଶାସନ ବ୍ୟବସ୍ଥା ପ୍ରତି ଥିବା ବିଶ୍ୱାସକୁ ଦୁର୍ବଳ କରିଦିଏ। ନିକଟରେ ରାଜ୍ୟରେ ଘଟିଥିବା ଦୁଇ/ତିନିଟି ଘଟଣାକୁ ଅନୁଧ୍ୟାନ କଲେ ଦୁର୍ନୀତି ବିରୋଧରେ ତଥାକଥିତ 'ଶୂନ୍ୟ ସହନଶୀଳତା' ନୀତି ଦିଗହରା ହୋଇପଡ଼ିଥିବା ମନେ ହେଉଛି। ଦୁର୍ନୀତି ଅଭିଯୁକ୍ତ ଉଚ୍ଚ ଅଧିକାରୀଙ୍କ ପାଇଁ ଗୋଟିଏ ନୀତି ଓ ତଳିଆ କର୍ମଚାରୀଙ୍କ ପାଇଁ ଭିନ୍ନ ନୀତି ସରକାରୀ ବ୍ୟବସ୍ଥାକୁ କେବଳ କାଠଗଡ଼ାରେ ଠିଆ କରିନାହିଁ, ପକ୍ଷାନ୍ତରେ ଶାସନ ବ୍ୟବସ୍ଥାର ଦୋହରା ନୀତି ଓ ଦଣ୍ଡର ମାନଦଣ୍ଡକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି କରିଛି। ଅତୀତରେ ଭିଜିଲାନ୍ସ ରାଜ୍ୟର ଅନେକ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଧରିଛି। କେଉଁଠି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ପାଇଁ ଚଢ଼ଉ ହୋଇଛି, କେଉଁଠି ପୁଣି ଲାଞ୍ଚ ନେବା ବେଳେ ଅନେକ ଧରା ପଡ଼ିଛନ୍ତି। ଅନେକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ମାତ୍ର ନିକଟ ଅତୀତରେ ଦୁଇ ତିନୋଟି ଘଟଣା ଦୁର୍ନୀତି ବିରୋଧରେ ସରକାରଙ୍କ ସହନଶୀଳତା ଯେ ଭାରସାମ୍ୟ ନାହିଁ, ଏହା ପ୍ରମାଣିତ ହୋଇଛି। ନ୍ୟାୟର ଦୋହରା ମାନଦଣ୍ଡ ସରକାରଙ୍କ ଆଭିମୁଖ୍ୟକୁ ପ୍ରଶ୍ନର କାଠଗଡ଼ାରେ ଠିଆ କରିଛି।

୨୦୨୫ ଜୁନ୍ ୮ ତାରିଖରେ ଧର୍ମଗଡ଼ ଉପଜିଲ୍ଲାପାଳ ଭାବେ କାର୍ଯ୍ୟରତ ଆଇଏଏସ୍ ଧୀମାନ ଚକମାଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଥିଲା। ସେତେବେଳେ କୁହାଗଲା ଯେ ଜଣେ ବ୍ୟବସାୟୀଙ୍କୁ ଅନୁକମ୍ପା ଦେଖାଇବା ନିମନ୍ତେ ସେ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିଲେ। ଏପରିକି ତାଙ୍କ ସରକାରୀ ବାସଭବନ ଯାଞ୍ଚ ସମୟରେ ଭିଜିଲାନ୍ସ ନଗଦ ୪୭ ଲକ୍ଷ ଟଙ୍କା ଜବତ କରିଥିବା ସୂଚନା ଦେଇଥିଲା। ସରକାର ତାଙ୍କୁ ତତକ୍ଷଣାତ୍ ନିଲମ୍ବନ କଲେ ଓ ତାଙ୍କୁ ଜେଲ ପଠାଇ ଦିଆଗଲା। ଘଟଣାଟି ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ମାତ୍ର ବର୍ଷଟିଏ ଯାଇନାହିଁ; ଧୀମନ ଚକ୍‌ମାଙ୍କ ଉପରୁ ନିଲମ୍ବନ ହଟିଗଲା, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗରେ ଉପସଚିବ ଭାବରେ ତାଙ୍କୁ ନିଯୁକ୍ତି ମିଳିଲା। ଦ୍ୱିତୀୟ ଘଟଣାଟି ଜଣେ ପୁଲିସ ଅଧିକାରୀଙ୍କ ସମ୍ପର୍କରେ। ଜଣେ ମଦ ବ୍ୟବସାୟୀଠାରୁ ୪୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ କଟକ (ସିଆର୍‌ଆର୍‌ଆଇ ଥାନା)ର ଜଣେ ତତ୍କାଳୀନ ଥାନା ଅଧିକାରୀଙ୍କୁ ଭିଜିଲାନ୍ସ ଗିରଫ କରିଥିଲା, ସରକାର ମଧ୍ୟ ତାଙ୍କୁ ନିଲମ୍ବନ କଲେ। ଏହି ମାମଲା ବିଚାରାଧୀନ ଅଛି ଓ କାର୍ଯ୍ୟାନୁଷ୍ଠାନ କେବଳ ନିଲମ୍ବନ ମଧ୍ୟରେ ସୀମିତ ରହିଛି। ଅପରପକ୍ଷରେ ୨୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଧରାପଡ଼ିଥିବା ରାଜଧାନୀର ଜଣେ ପୁଲିସ ଏଏସ୍‌ଆଇଙ୍କୁ ସରକାର ତତକ୍ଷଣାତ୍ ଚାକିରିରୁ ବହିଷ୍କାର କରିଛନ୍ତି। ଆମେ ଦୁର୍ନୀତିକୁ ସମର୍ଥନ କରୁନାହୁଁ, ଲାଞ୍ଚ ନେବାକୁ ଅପରାଧ ବୋଲି ବି ମନେ କରୁଛୁ। ସମ୍ପୃକ୍ତ ଏଏସ୍‌ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ନେଇ ଆମେ ପ୍ରଶ୍ନ କରୁନାହୁଁ। ମାତ୍ର ଏଠାରେ ନ୍ୟାୟର ସମାନତାକୁ ନେଇ ଉଠିଥିବା ପ୍ରଶ୍ନ ଆମ ପରି ଅନେକଙ୍କୁ ଆନ୍ଦୋଳିତ କରିଛି। ଭିଜିଲାନ୍ସ ୩ ଜଣଙ୍କୁ ଲାଞ୍ଚ ନେବା ବେଳେ ଗିରଫ କରିଛି; ଆଇଏଏସ୍‌ଙ୍କୁ ୧୦ ଲକ୍ଷ ନେବା ବେଳେ, ଇନ୍ସପେକ୍ଟରଙ୍କୁ ୪୦ ହଜାର ନେବା ସମୟରେ ଓ ଏଏସ୍‌ଆଇ ୨୦ ହଜାର ନେବା ବେଳେ ଧରା ପଡ଼ିଥିବା କୁହାଯାଉଛି। ଯଦି ଏଏସ୍‌ଆଇଙ୍କୁ ବହିଷ୍କାର କରାଗଲା, ତେବେ ସମାନ ଅପରାଧ ପାଇଁ ଆଇଏଏସ୍ ଓ ଇନ୍ସପେକ୍ଟରଙ୍କୁ କାହିଁକି ବହିଷ୍କାର କରାଯିବ ନାହିଁ?



ଏହି ତିନୋଟି ଘଟଣା ସାଧାରଣରେ ଯେଉଁ ବାର୍ତ୍ତାଟି ଦେଉଛି, ତାହା ଅତ୍ୟନ୍ତ ସ୍ପର୍ଶକାତର ବୋଲି ଅନୁଭବ କରୁଛୁ। ବେଶୀ ଟଙ୍କା ଲାଞ୍ଚ ନେଲେ ନିଲମ୍ବନ ଓ ମାମଲା ଥଣ୍ଡା ପଡ଼ିଗଲା ପରେ ପୁନର୍ବାହାଲ; ଅଳ୍ପ ଟଙ୍କା ଲାଞ୍ଚ ନେଲେ ଚାକିରିରୁ ବହିଷ୍କାର? ଏହା କ'ଣ ବ୍ୟବସ୍ଥାଗତ ତ୍ରୁଟି ନୁହେଁ? ପଦମର୍ଯ୍ୟାଦା ଯେତେ ବଡ଼ ସେମାନଙ୍କ ପାଇଁ ସରକାରଙ୍କ ସୁରକ୍ଷାର ଆବରଣ ସେତେ ମୋଟା ବୋଲି ଏକ ଧାରଣା ଲୋକଙ୍କ ମନରେ ସୃଷ୍ଟି କରୁନାହିଁ କି? ଆଇନ ଅନୁଯାୟୀ କେବଳ ଅଭିଯୋଗ ବା ଗିରଫ ଆଧାରରେ କାହାକୁ ଦୋଷୀ ଘୋଷଣା କରାଯାଇପାରେ ନାହିଁ। ଚୂଡ଼ାନ୍ତ ଅଦାଲତୀ ରାୟ ନ ଆସିବା ପର୍ଯ୍ୟନ୍ତ ସମସ୍ତେ କେବଳ 'ଅଭିଯୁକ୍ତ' ପର୍ଯ୍ୟାୟଭୁକ୍ତ ହୋଇ ରହିଥାଆନ୍ତି। ଏହି ନୀତି ଗଣତନ୍ତ୍ରର ଏକ ମୌଳିକ ଆଧାର। କିନ୍ତୁ ସବୁକ୍ଷେତ୍ରରେ ଏହା ସମାନ ହେଉନାହିଁ କାହିଁକି? ଉଚ୍ଚସ୍ତରର ଅଧିକାରୀମାନଙ୍କ ପାଇଁ ଭିନ୍ନ ନୀତି କାହିଁକି? ଦୁର୍ନୀତି ଅଭିଯୋଗରେ ଅଭିଯୁକ୍ତ ଅନେକ ବରିଷ୍ଠ ଅଧିକାରୀ ପୁନର୍ବାର ଉଚ୍ଚପଦରେ ଥଇଥାନ ହେଉଥିବା ବେଳେ ତଳିଆ କର୍ମଚାରୀଙ୍କ ପାଇଁ ବାଛବିଚାର କାହିଁକି? ନୀତି ନିର୍ଦ୍ଧାରଣ କରୁଥିବା ପ୍ରଶାସନିକ ଅଧିକାରୀମାନଙ୍କ ବିରାଦରୀ ପ୍ରୀତିକୁ କାହିଁକି ପ୍ରୋତ୍ସାହନ ଦିଆଯାଉଛି? ସାଧାରଣ ଲୋକଙ୍କ ଦୃଷ୍ଟିରୁ ଦେଖିଲେ ନ୍ୟାୟର ସମାନତା ଅଧିକ ଗୁରୁତ୍ୱପୂର୍ଣ୍ଣ। ନଚେତ୍ ଆଇନର ନିରପେକ୍ଷତା ଉପରେ ଲୋକଙ୍କ ବିଶ୍ୱାସ କମିଯିବ। ପଦମର୍ଯ୍ୟାଦା ନୁହେଁ; ଆଇନ ଆଧାରରେ ଦଣ୍ଡ ମିଳିବା ଉଚିତ୍। ଏହା ହେଲେ ଦୁର୍ନୀତି ବିରୋଧୀ ନୀତି ଗ୍ରହଣୀୟ ହେବ; ନ ହେଲେ 'ଶୂନ୍ୟ ସହନଶୀଳତା' କେବଳ ଫମ୍ପା ସ୍ଲୋଗାନ ପାଲଟିଯିବ।

ସାଂସଦ, ରାଜ୍ୟସଭା

# ପ୍ରକୃତି ସଂରକ୍ଷଣରେ ଦୂରଦର୍ଶୀ ଅଭିଯାନ

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ଜଙ୍ଗଲର ପ୍ରତ୍ୟକ୍ଷ ଉପକାରିତା ହେଲା ଖାଦ୍ୟ, ଔଷଧ, ଗୃହ ତଥା ଚାଷ କାର୍ଯ୍ୟ ପାଇଁ ବିଭିନ୍ନ ଉପକରଣ ଏବଂ ଉପାଦାନର ଉପଲବ୍ଧି। ଏହାଠାରୁ ପରୋକ୍ଷ ଉପକାରିତା ଯଥେଷ୍ଟ ଅଧିକ - ଯଥା ଜଳବାୟୁ ନିୟନ୍ତ୍ରଣ, ବୃଷ୍ଟିପାତ, ଜଳଚକ୍ର ନିୟନ୍ତ୍ରଣ, ଭୂତଳ ଜଳ ଶୋଷଣ ତଥା ଏହି ଜଳ ସ୍ତରକୁ ଉପରମୁହା କରି ରଖିବା, ଉତ୍ତାପ ନିୟନ୍ତ୍ରଣ, ମୃତ୍ତିକା ସଂରକ୍ଷଣ, ଅନେକ ପକ୍ଷୀ ତଥା ପ୍ରାଣୀଙ୍କୁ ଆଶ୍ରୟ ପ୍ରଦାନ, ପରିସଂସ୍ଥାୟ ସନ୍ତୁଳନ ରକ୍ଷା କରିବାରେ ପ୍ରମୁଖ ଭୂମିକା ଇତ୍ୟାଦି।

ଆମ ଦେଶରେ ଜୁଲାଇ ମାସ ପ୍ରଥମ ସପ୍ତାହରୁ ଆରମ୍ଭ କରି ସେପ୍ଟେମ୍ବର ଶେଷ ସୁଦ୍ଧା ଚାରାରୋପଣ କାର୍ଯ୍ୟକ୍ରମ ଜାରି ରଖାଯାଇପାରିବ। ଏହାର କାରଣ ହେଉଛି ଭାରତରେ ମୌସୁମୀ କିମ୍ବା ବର୍ଷା ସାଧାରଣତଃ ଏହି ସମୟରେ ସକ୍ରିୟ ଥାଏ ଏବଂ ପର୍ଯ୍ୟାପ୍ତ ଜଳ ଉପଲବ୍ଧ ପାଇଁ ସର୍ବୋତ୍ତମ ସମୟ। ଚାରାରୋପଣ କରିବା ପୂର୍ବରୁ କେଉଁ ଜାତୀୟ ଚାରା କେଉଁଠାରେ ଲଗା ଯିବ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦେବା ଆବଶ୍ୟକ। ସାଧାରଣତଃ ଦେଶୀ ଚାରା ଚୟନ କରିବା ଉଚିତ ହେବ, ଯେହେତୁ ସେହିସବୁ ଉଦ୍ଭିଦ ସ୍ଥାନୀୟ ମୃତ୍ତିକା ତଥା ଜଳବାୟୁରେ ଭଲ ବଢ଼ିପାରେ ଏବଂ ଜନସାଧାରଣଙ୍କ ଉପକାରରେ ଲାଗେ।

ଆମ ଜଳବାୟୁ ଆମ୍ବ, ଆକାଶ ମଲ୍ଲୀ, ଅର୍ଜୁନ, ଅସନ, ଅଶ୍ୱସ୍ତ, ବାହାଡ଼ା, ବର, ଭ୍ରମରମାରୀ, ଚମ୍ପା, ଛତିଆନ, ଦେଶି ବାଦାମ, ଡିମିରୀ, ଗମ୍ଭାରୀ, ଗରୁଡ଼, ହରିଡ଼ା, ହଳଦ, ଜାମୁକୋଳି, ଜରୀ, କଦମ୍ବ, କାଳଚୁଆ, କରଞ୍ଜ, କେଳି କଦମ୍ବ, କେନ୍ଦୁ, କୃଷ୍ଣବର, କୁମ୍ଭୀ, କୋଚିଲା, ମହାନାଗେଶ୍ୱର, ମହାନୀମ, ମହୁଲ, ମେହଗନୀ, ମୁଚୁକୁନ୍ଦ, ନାଗେଶ୍ୱର, ନୀମ, ପାଟୁଳୀ, ପୋଲାଙ୍ଗ, ପଣସ, ଫାସୀ, ପିଆଶାଳ, ରବର, ଶିମୁଳି, ସଳପ, ଜଡିମାରୀ, ଶିଶୁଆ, ତେନ୍ତୁଳି ଇତ୍ୟାଦି ପାଇଁ ବେଶ୍ ଅନୁକୂଳ। ଆମ୍ବ, ପଣସ ଭଳି ଚାରା ଫଳ ଉଦ୍ୟାନରେ ହିଁ ସ୍ଥାନ ପାଇବା ଉଚିତ। ମଧ୍ୟମ ଉଚ୍ଚତା ବିଶିଷ୍ଟ ଉଦ୍ଭିଦମାନଙ୍କ ମଧ୍ୟରୁ ଅଶୋକ, ଆଚୁ, ବାନ୍ଧଣ, ବଉଳ, ବେଲ, ଚନ୍ଦନ, ଚିନି ଚମ୍ପା, ଢଉ, ଗୁଆ, କାଠ କୁସୁମ, ହିଞ୍ଜଳ, କଇଁଠ, କାଳଚୁଆ, କୁଙ୍କୁମ, ପାଳଧୁଆ, ରିଠା ଫଳ, ରୁଦ୍ରାକ୍ଷ, ସୀମାକନୟା, ସୀତା ଫଳ, ରାମ୍ଫଳ ବା ବଢ଼ିଆଳ, ସୁନାରି, ଗୋପି ଗୋଲାପ ବା ତୁରୀ ଇତ୍ୟାଦି ଲଗାଯିବା ଉଚିତ। ସୀତା ଫଳ, ବଢ଼ିଆଳ ଭଳି ଗଛ ଫଳ ଉଦ୍ୟାନ ବା ନିଜ ବାଡ଼ି ବଗିଚାରେ ଲଗାଯିବା ଉଚିତ। ସେଭଳି ଛୋଟ ବୃକ୍ଷ ଭାବରେ ଅଁଳା, ଅର୍ଗୁଣା, କୁସୁମ, ବରୁଣ, ବେଗୁନିଆ, ଭୁରସିଙ୍ଗା, କଷି, ଚଢ଼େଇଗୋଡ଼ି, ପାଟୁଳୀ, ଛେନା ଫୁଲ, ଡାଳିମ୍ବ, ଗଙ୍ଗଶିଉଳି, ଗୋଲାପଜାମ, ଜାକାରନ୍ଦା, ଜାଭା କାସିଆ, କରମଙ୍ଗା, କଞ୍ଚଣ, କେରୁଆନ, ଖିରକୋଳି, କୋପା, ଲୋଧା, ନରକୋଳି, ଓଉ, ଫନଫଣା, ପିଜୁଳି, ରକ୍ତ ଚନ୍ଦନ, ସାପେଟା, ସିଧ, ଶାହାଡ଼ା ଇତ୍ୟାଦି ଲଗାଯାଇପାରିବ। ପିଜୁଳି, ସାପେଟା ଭଳି ଫଳ ଗଛ ନିଜ ବାଡ଼ି ବଗିଚା କିମ୍ବା ଫଳ ଉଦ୍ୟାନରେ ଲଗାଯିବା ଠିକ୍ ହେବ।

ଏହାଛଡ଼ା ବାସଙ୍ଗ, ବୋଟଲବ୍ରାସ, କନିଅର, କରବିର, ମନ୍ଦାର, ପାନ୍ଥପାଦପ, ରାଧାଚୁଡା, ରଙ୍ଗଣୀ, ସ୍ଥଳପଦ୍ମ, ଟଗର, ତରାଟ ଆଦି ଗୁଳ୍ମ ଜାତୀୟ ଉଦ୍ଭିଦ; ପାତାଳ ଗରୁଡ଼, ତୁଳସୀ ଆଦି ତୃଣ ଜାତୀୟ ଉଦ୍ଭିଦ ଏବଂ ଦୁର୍ବଳ କାଣ୍ଡ ବିଶିଷ୍ଟ ଲତା ଜାତୀୟ ଉଦ୍ଭିଦ ଯଥା ବୃଦ୍ଧଦାରକ, ଗନ୍ଧତମାଳ, ବିଗ୍ନନିଆ ବା ଅମନା, ହଁସଲତା, ମାଧବିଲତା, ରାଧାତମାଳ, କୃଷ୍ଣ ତମାଳ, ଅପରାଜିତା ଭଳି ଅନେକ ଚୟନ କରାଯାଇପାରେ। କୃଷ୍ଣଚୂଡ଼ା, ଆକାଶିଆ, ନୀଳଗିରି, ନିଦ୍ରାବତୀ, ସରୁପତ୍ରୀ, ବଡ଼ଶିରୀ ଭଳି ଉଦ୍ଭିଦ ଦେଶଜ ନ ହେଲେ ମଧ୍ୟ ଆମ ଜଳବାୟୁରେ ଭଲ ବଢ଼ନ୍ତି। ଏଗୁଡ଼ିକ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ରାସ୍ତାକଡ଼ରେ ଲଗାଯାଇପାରେ। ନୀଳଗିରି ଭଳି ବାର୍ଷିକ କର୍ଣ୍ଣପାତ ବୃକ୍ଷ ରାସ୍ତା କଡ଼ରେ ରୋପଣ ପାଇଁ ଉପଯୁକ୍ତ ନୁହେଁ, ତାହା ଉତ୍କୃଷ୍ଟ ଜାଳ କାଠ ପାଇଁ ବ୍ୟବସାୟଭିତ୍ତିକ ଚାଷ କରାଯାଇପାରିବ। ଦେବଦାରୁ ଭଳି ନରମଗଣ୍ଡି ବିଶିଷ୍ଟ ଉଦ୍ଭିଦ ସୌନ୍ଦର୍ଯ୍ୟ ପାଇଁ ଲଗା ଯାଇପାରିବ। ତେବେ ଖୁବ୍ ଜୋର୍ ପବନ ବା ବାତ୍ୟାରେ ଭାଙ୍ଗିବା ଆଶଙ୍କା ବହୁ ଅଧିକ।

ସମୁଦ୍ର ଉପକୂଳରେ ସୁନ୍ଦରୀ, ହେନ୍ତାଳ, ଝାଉଁ, କାଜୁ, କିଆ ବୁଦା ଭଳି ଲୁଣି ପାଣିର ଜଳବାୟୁରେ ବଢୁଥିବା ଚାରାରୋପଣ କରାଯାଇପାରେ। ଏହି ଜାତୀୟ ଉଦ୍ଭିଦ ବାତ୍ୟା, ପବନର ଚାପକୁ ପ୍ରତିରୋଧ କରିପାରିବ। ନଦୀ କୂଳ, କେନାଲ ହୁଡ଼ା, ଖେଳ ପଡ଼ିଆ ମଶାଣି ଭଳି ଖୋଲା ସ୍ଥାନରେ ଛାୟା ଏବଂ ଶୀତଳତା ପାଇଁ ଚିରସବୁଜ ବଡ଼ ବଡ଼ ବୃକ୍ଷ ଯଥା ବର, ଓସ୍ତ, କରଞ୍ଜ, ଡିମ୍ବିରି, ନୀମ, ତେନ୍ତୁଳି, ଇତ୍ୟାଦି ଚୟନ କରାଯାଇ ପାରେ। ଅଶୋକ, ବଉଳ, ନୀମ ଭଳି ସାତ୍ତ୍ୱିକ ଗଛ ମଧ୍ୟ ଲଗାଯାଏ। କୃଷ୍ଣଚୂଡ଼ା ଗଛରେ ଯେତେବେଳେ ଫୁଲ ଫଳ ଧରେ ସେତେବେଳେ ପତ୍ର ନଥାଏ। ଏଣୁ କେବଳ ଫୁଲର ସୌନ୍ଦର୍ଯ୍ୟ ପାଇଁ କିଛି ହାତଗଣତି ଗଛ ଲଗାଯାଇପାରେ। ଶାଗୁଆନ ଗଛରେ ଶୀତ ଋତୁ ବେଳକୁ ପତ୍ରଝଡ଼ା ଦିଏ। ଏଭଳି ବୃକ୍ଷ ଜଙ୍ଗଲ ସୃଷ୍ଟି ବ୍ୟବସାୟିକ ଦୃଷ୍ଟିରୁ ଠିକ୍।

ପୂର୍ବାଞ୍ଚଳ ରାଜ୍ୟ ଯଥା ଓଡ଼ିଶା, ବିହାର, ଝାଡ଼ଖଣ୍ଡରେ ଶାଳ ଅରଣ୍ୟ ବହୁତ ଦେଖାଯାଏ। ତେବେ ଏଥିରୁ ଚାରା ସୃଷ୍ଟି କରିବା ଏତେଟା ସହଜ ନୁହେଁ। ଗଛର ତଟକା ମଞ୍ଜିକୁ ସଂଗ୍ରହ କରି ତତକ୍ଷଣାତ୍ ନରସେରି କଲେ ଚାରା ସୃଷ୍ଟି ହୋଇପାରିବ। ଏଭଳି ଏକ ନରସେରି ବର୍ତ୍ତମାନ ସୁନ୍ଦରଗଡ଼ ଜିଲ୍ଲାରେ ମନ୍ଦିରା ଡ୍ୟାମ ନିକଟରେ ବନ ବିଭାଗ ସୃଷ୍ଟି କରିଛନ୍ତି। ଉଜୁଡ଼ା ଜଙ୍ଗଲ କିମ୍ବା ସେଭଳି କୌଣସି ଅଧୋପତିତ ଜମିରେ ଶାଳ ଜଙ୍ଗଲ ସୃଷ୍ଟି କରିବାରେ ସହାୟକ ହେବ। ଅଶୋକ, ଫନଫଣା ପାତାଳ ଗରୁଡ଼ ଭଳି ଅନେକ ଦେଶଜ ଔଷଧି ଉଦ୍ଭିଦ ବର୍ତ୍ତମାନ ବିପଦସଙ୍କୁଳ/ବିରଳ/ସଙ୍କଟାପନ୍ନ ବର୍ଗରେ ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂସ୍ଥା(ଆଇୟୁସିଏନ୍) ଦ୍ୱାରା ତାଲାକାଭୁକ୍ତ ହେଲାଣି ଏବଂ ଆଶଙ୍କା ହେଉଛି ଏହି ତାଲିକା ଆହୁରି ଲମ୍ବା ହେବାକୁ ଯାଉଛି। ତେଣୁ ଦେଶଜ ଉଦ୍ଭିଦର ସୁରକ୍ଷା ଓ ସଂରକ୍ଷଣ ନିହାତି ଜରୁରୀ।

ବ୍ୟାପକ ଚାରାରୋପଣ ହେଉଛି ପ୍ରକୃତି ସଂରକ୍ଷଣ ପାଇଁ ଏକ ଦୂରଦର୍ଶୀ ଅଭିଯାନ। ପ୍ରତିବର୍ଷ ଜୁଲାଇ ପ୍ରଥମ ସପ୍ତାହରେ ପାଳନ କରାଯାଉଥିବା ବନ ମହୋତ୍ସବର ଚଳିତ ବର୍ଷର ବିଷୟବସ୍ତୁ ହେଉଛି 'ଗଛ ଲଗାନ୍ତୁ, ପୃଥିବୀ ବଞ୍ଚାନ୍ତୁ'। ବିଗତ ଦୁଇ ବର୍ଷର ନାରା ଥିଲା 'ମା'ଙ୍କ ପାଇଁ ଗଛଟିଏ ରୋପଣ କରନ୍ତୁ।' ଭାରତର ଲକ୍ଷ୍ୟ ରହିଛି ଯେ ଏହି ଉତ୍ସବ ପାଳନ ପ୍ୟାରିସ ଜଳବାୟୁ ଚୁକ୍ତିନାମାର ଜାତୀୟସ୍ତରରେ ନିର୍ଦ୍ଧାରିତ ପ୍ରତିଶ୍ରୁତିବଦ୍ଧତା ସହିତ ସମନ୍ୱିତ ହେଉ, ଯାହାଦ୍ୱାରା ୨୦୩୦ ସୁଦ୍ଧା ୨.୫ ରୁ ୩ ଶହ କୋଟି ଟନ୍ ଅଙ୍ଗାରକାମ୍ଳ ସମତୁଲ୍ୟ ଅତିରିକ୍ତ କାର୍ବନ ବ୍ୟାପକ ଚାରାରୋପଣ ଓ ଜଙ୍ଗଲ ସୃଷ୍ଟି ମାଧ୍ୟମରେ ଅବଶୋଷଣ କରାଯିବ।

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

# ଅନବସର ବେଳେ ଅଲାରନାଥ ଦର୍ଶନ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

କେରଳନିବାସୀ ଆଲବନ୍ଦରାଚାର୍ଯ୍ୟ ଜଣେ ପରମ ବୈଷ୍ଣବ ସନ୍ଥ ଥିଲେ। ଥରେ ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ସେତେବେଳେ ଥିଲା ଆଷାଢ଼ ମାସର ଅନବସର ସମୟ। ସେବକମାନଙ୍କଠାରୁ ଶୁଣିବାକୁ ପାଇଲେ ଯେ ସ୍ନାନପୂର୍ଣ୍ଣିମା ଦିନ ମହାପ୍ରଭୁ ଅତ୍ୟଧିକ ପ୍ରତ୍ୟକ୍ଷ ସ୍ନାନ କଲା ପରେ ଜ୍ୱରରେ ପୀଡ଼ିତ ହୋଇ ସଂଗରୋଧରେ ରହିଛନ୍ତି ଏବଂ ରୋଗର ଉପଶମ ପାଇଁ ବିଶ୍ରାମ ଓ ଚିକିତ୍ସା ଗ୍ରହଣ କରୁଛନ୍ତି। ଆଚାର୍ଯ୍ୟ ଭାବିଲେ ଯେ ଅଖିଳ ବ୍ରହ୍ମାଣ୍ଡର ପତି ପରଂବ୍ରହ୍ମ ଜଗନ୍ନାଥ ସାଧାରଣ ମଣିଷ ପରି ପୀଡ଼ିତ ହେବେ କିପରି? ଯେ ନିରାକାର, ଅଜର ଓ ଅମର; ଯାହାର ଶ୍ରୀଅଙ୍ଗ ଏକ ସାଙ୍କେତିକ ସ୍ୱରୂପ ମାତ୍ର, ତାଙ୍କର କେଉଁ ଅଙ୍ଗ ଜ୍ୱରାକ୍ରାନ୍ତ ଓ ପୀଡ଼ାଗ୍ରସ୍ତ ହୋଇପାରେ? ସେ ଭାବିଲେ ଯେ ତାଙ୍କର ପୂର୍ବ ଜନ୍ମ ବା ଏହି ଜନ୍ମର କୌଣସି ପାପ ଯୋଗୁଁ ମହାପ୍ରଭୁ ରୋଗର ବାହାନା କରି ତାଙ୍କୁ ଦର୍ଶନ ଦେଲେ ନାହିଁ। ଏତେଦିନର ନୈଷ୍ଠିକ ସାଧନା ଓ ପଥଶ୍ରମ ନିଷ୍ଫଳ ଯାଇଥିବାରୁ ସମୁଦ୍ରରେ ଝାସ ଦେଇ ପ୍ରାଣ ବିସର୍ଜନ କରିବା ପାଇଁ ସେ ସ୍ଥିର କଲେ। ସନ୍ଧ୍ୟା ଅତିକ୍ରାନ୍ତ ହେବା ପରେ ମହୋଦଧି ଆଡ଼କୁ ଚାଲିଲେ। ମହାପ୍ରଭୁ ତ ସର୍ବଜ୍ଞ, ପୁଣି ପରମ ଦୟାଳୁ ଓ ଭକ୍ତବତ୍ସଳ। ସେ ଆଚାର୍ଯ୍ୟଙ୍କୁ ବୁଝାଇବା ପାଇଁ ଶ୍ମଶାନ ମହାବୀର ହନୁମାନଙ୍କୁ ନିର୍ଦ୍ଦେଶ ଦେଲେ। ମହାପ୍ରଭୁଙ୍କ ଆଦେଶ ପାଇ ହନୁମାନ ସାଧୁଙ୍କ ପଛେପଛେ ଚାଲିଲେ। କିଛିଦୂର ଗଲା ପରେ ଆଚାର୍ଯ୍ୟଙ୍କୁ ଲାଗିଲା ଯେ କେହି ଜଣେ ତାଙ୍କୁ ଅନୁଗମନ କରୁଛି। ସେ ପଛକୁ ବୁଲି ଦେଖିଲେ, ଜଣେ ବିରାଟକାୟ ମଣିଷ, ବାନରପରି ମୁଖମଣ୍ଡଳ ଆକାଶକୁ ଲାଗିଥିଲା। ସାଧୁ ଭୟ ନ କରି ପଚାରିଲେ, 'ଆପଣ କିଏ? ମୋ ପଛେପଛେ ଆସୁଛନ୍ତି କାହିଁକି?' ହନୁମାନ ନିଜ ପରିଚୟ ଦେଇ କହିଲେ, 'ମୁଁ ହନୁମାନ, ସ୍ୱର୍ଗଦ୍ୱାର ଶ୍ମଶାନର ରକ୍ଷକ। ମୋତେ ମହାପ୍ରଭୁ ଆପଣଙ୍କ ପାଖକୁ ପଠେଇଛନ୍ତି। କିଛିଦିନ ପରେ ସେ ରୋଗମୁକ୍ତ ହୋଇ ନବଯୌବନ ଦର୍ଶନ ଦେବେ। ତା' ପରେ ରଥାରୋହଣ କରି ଯାତ୍ରା କରିବେ। ସେତେବେଳେ ଆପଣ ତାଙ୍କର ଦର୍ଶନ ଲାଭ କରିବେ। ବର୍ତ୍ତମାନ ଆପଣ ପ୍ରାଣବିସର୍ଜନ ନିଷ୍ପତ୍ତି ପରିହାର କରନ୍ତୁ।' ଆଚାର୍ଯ୍ୟେ କହିଲେ, 'ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ମୋର ଅଭିଳାଷ ପଛରେ ମୋର ଅନେକ ଦିନର ସାଧନା ଓ ପଥଶ୍ରମ ଅଛି। ତା' ପରେ ଯଦି ମୋତେ ଦର୍ଶନ ମିଳିଲା ନାହିଁ, ମୋର ଜୀବନର କୌଣସି ଅର୍ଥ ଅଛି ବୋଲି ମୁଁ ବିଶ୍ୱାସ କରେ ନାହିଁ। ଆପଣ ମୋର ଗତିରୋଧ କରନ୍ତୁ ନାହିଁ।'

ହନୁମାନ ଜାଣିଲେ ଯେ ଆଚାର୍ଯ୍ୟ ତାଙ୍କ ନିଷ୍ପତ୍ତିରୁ ଓହରିବେ ନାହିଁ। ସେ ନିଜେ ଜାଣିଥିଲେ ଯେ ମହାପ୍ରଭୁଙ୍କୁ ଭକ୍ତ ଯେତେ ଭକ୍ତି କରେ, ତା' ଠାରୁ ବେଶୀ ସେ ତାଙ୍କ ଉପରେ ଅଭିମାନ କରେ। ତେଣୁ ସେ ଆଚାର୍ଯ୍ୟଙ୍କୁ ପଥଭ୍ରଷ୍ଟ କରି ତାଙ୍କୁ ମରଣ ମୁହଁରୁ ରକ୍ଷା କରିବା ପାଇଁ ବ୍ରହ୍ମଗିରି ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ସେହି ଆଡ଼େ ସମୁଦ୍ର ବୋଲି ସାଧୁଙ୍କୁ ଭ୍ରମିତ କରିଦେଲେ। ଆଚାର୍ଯ୍ୟେ ତାଙ୍କ ନିର୍ଦ୍ଦେଶିତ ରାସ୍ତାରେ ଚାଲିଲେ। ରାତିପାଇ ପାହାନ୍ତା ହେଲା। ତଥାପି ସମୁଦ୍ର ଆସିଲା ନାହିଁ। ଆଚାର୍ଯ୍ୟଙ୍କ ଆଗରେ ଏକ ସରୋବର ଥିଲା। ସେ ଟିକିଏ ଅଟକି ଗଲେ। ମୁଣ୍ଡ ଉଠେଇ ଦେଖିଲେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରି ଚତୁର୍ଭୁଜ ନାରାୟଣ ତାଙ୍କ ସାମନାରେ ଦଣ୍ଡାୟମାନ ହୋଇଥିଲେ। ସେ ତାଙ୍କ ପଦ୍ମପାଦତଳେ ପଡ଼ି ନିବେଦନ କଲେ, 'ମୋର ଅପରାଧ ମାର୍ଜନା କରିବା ହୁଅନ୍ତୁ ମହାପ୍ରଭୁ। ଆପଣ ଅସୁସ୍ଥ ଥିବା ବେଳେ ମୁଁ ଆପଣଙ୍କୁ ଏତେ କଷ୍ଟ ଦେଇ ଥିବାରୁ କ୍ଷମା ପ୍ରାର୍ଥନା କରୁଛି।'

ମହାପ୍ରଭୁ କହିଲେ, ଉତ୍କଳରେ ମୋର ଭକ୍ତମାନେ ମୋତେ ତାଙ୍କ ଭିତରୁ ଜଣେ ବୋଲି ଭାବନ୍ତି। ତେଣୁ ସେମାନଙ୍କ ପାଇଁ ମୁଁ ମାନବଲୀଳା କରେ। ଏବେ ତୁମେ କୁହ, କ'ଣ ଚାହୁଁଛ? ଆଚାର୍ଯ୍ୟେ କହିଲେ, 'ଆପଣ ଯେଉଁ ସ୍ୱରୂପରେ ମୋ ଆଗରେ ବିଜେ କରିଛନ୍ତି, ସେହି ରୂପରେ ଏହିଠାରେ ବିରାଜମାନ କରନ୍ତୁ। ଅନବସର ସମୟରେ ଭକ୍ତମାନେ ଆପଣଙ୍କୁ ଦର୍ଶନ କରି ଜଗନ୍ନାଥ ଦର୍ଶନର ପୁଣ୍ୟ ପ୍ରାପ୍ତ କରନ୍ତୁ। ଭବିଷ୍ୟତରେ ଜଗନ୍ନାଥ ଦର୍ଶନରୁ ବଂଚିତ ହୋଇ ମୋ ପରି କେହି ପ୍ରାଣ ବିସର୍ଜନ କରିବା ପାଇଁ ନିଷ୍ପତ୍ତି ନେବା ଦରକାର ନ ପଡୁ।' ମହାପ୍ରଭୁ 'ତଥାସ୍ତୁ' କହି ଅନ୍ତର୍ଦ୍ଧାନ ହୋଇଗଲେ।

ଯେଉଁ ସ୍ଥାନରେ ଆଚାର୍ଯ୍ୟ ନାରାୟଣଙ୍କ ଦର୍ଶନ ଲାଭ କରିଥିଲେ, ସେଠାରେ ଏକ ଭବ୍ୟ ମନ୍ଦିର ନିର୍ମାଣ କରି ନାରାୟଣଙ୍କୁ ସ୍ଥାପନା କରି ପୂଜାର୍ଚ୍ଚନା କରାଗଲା। ଆଲବନ୍ଦରାଚାର୍ଯ୍ୟଙ୍କ ନାମାନୁସାରେ ଲୋକେ ଠାକୁରଙ୍କୁ ଅଲାରନାଥ ବୋଲି ସମ୍ବୋଧନ କଲେ। ଅନବସରବେଳେ ଲକ୍ଷଲକ୍ଷ ଭକ୍ତ ତାଙ୍କର ଦର୍ଶନ ଲାଭ କରି କୃତାର୍ଥ ହେଉଛନ୍ତି।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**AFFIDAVIT**

I, MOHAMMAD SHAZAD, S/O HAJI MAHAMMAD AMAN, resident of At - Milli Sahi, PO/PS - Kotpad, Dist - Koraput - 764058, Odisha declare by this Affidavit No.3007, Dated - 07/07/2026, that now onwards I shall be known as **MAHAMMAD SHAZAD NATHA** for all future purposes.

**AFFIDAVIT**

By virtue of an Affidavit before the Executive Magistrate, Bhadrak, vide Affidavit No. 8050, dated 07.07.2026, I, Jhilimayee Ojha, aged 30 years, S/o Bichitra Ojha, At- Antei, P.O.- Balighai, P.S.- Marshaghai, Dist.- Kendrapara, Odisha, on behalf of my name Jhilimayee Ojha. In my Aadhaar Card, it has been wrongly mentioned as Jhilu Ojha in Aadhaar Card bearing No. 2065 0075 8452. Jhilu Ojha and Jhilimayee Ojha are one and the same person. This affidavit is for Aadhaar correction.

**AFFIDAVIT**

By virtue of an affidavit sworn before Executive Magistrate, Kodala, Ganjam vide Sl. No.336 dated 18.5.2026, I Muna Gouda resident of At- Chhachina, Jaganathapur, Po.- Gouradeipur, Ps./Tahasil- Kodala, Dist.- Ganjam, Odisha, Pin- 761032 declare that, I have changed the name of my daughter from **Mama Gouda** to **Mamali Gouda**. Henceforth, she shall be known as **Mamali Gouda** for all purposes.
Applicant Name: Muna Gouda

**AFFIDAVIT**

I, Tabassum Bano, aged about 44 years, W/o- Mohammed Hanif, resident of Balika School Pada, Ward No. 8, Khariar, Po- Khariar, Ps- Khariar, Dist- Nuapada, Odisha, Pin- 766107, do hereby declare by this affidavit No.1366., dtd- 07.07.2026, that now onwards I shall be known as **TABASUM BANO** for all future purposes.

**AFFIDAVIT**

I, GANTA VENKATESWARA RAO, S/O GANTA SURYANARAYANA resident of At - Lal Street, Bank Colony, PO/PS -Jeypore, Dist - Koraput - 764001, Odisha declare by this Affidavit No.3006, Dated - 07/07/2026, that now onwards I shall be known as **GANTA VENKATESWAR RAO** for all future purposes.

**AFFIDAVIT**

By virtue of an affidavit no. 718 before the Executive Magistrate, Paralakhemundi, dtd.04.07.2026, I, Nityananda Barik, At: SND Pentho, PO: Sardapur, P.S. Gurandi, Dist. Gajapati, Odisha, do hereby declare that my wife's surname has been wrongly recorded as Kanchana Barik in my Army Discharge Book. Her correct name is Kanchana Pandi & Date of Birth is 20.05.1970. Henceforth she shall be known as **Kanchana Pandi & DOB-20.05.1970** for all purposes.
**Nityananda Barik**

**AFFIDAVIT**

I, Anila Kumar Behera, S/o- Bhaskar chandra Behera, resident of At- Manikapur, Po- Pratap, Ps- Banapur, Dist- Khordha, Pin- 752031, Odisha declare by this affidavit No-1171, date- 06/07/2026, that now onwards I shall be known as **ANIL KUMAR BEHERA** for all future purposes.

**Lost of Original Land ROR / Patta**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଯାଉଛି ଯେ ମୌଜା-ପଟିଆ ଅବସ୍ଥିତ ପ୍ଲଟ୍ ନଂ- ୩୯୪/୩୨୮୮, ଖାତା ନଂ- ୪୭୪/୪୯୬୨ ଏବଂ ପ୍ଲଟ୍ ନଂ- ୩୯୪/୩୨୯୮, ଖାତା ନଂ- ୪୭୪/୪୯୬୩, ପିପୁଲ୍ସ ଫୋରମ୍ (ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ) ନାମରେ ଥିବା ମୂଳ ପଟ୍ଟା, ତଥା ମୌଜା-ପଟିଆ ଅବସ୍ଥିତ ପ୍ଲଟ୍ ନଂ-୩୯୪/୩୨୮୯, ଖାତା ନଂ-୪୭୪/୩୯୯୫ ଏବଂ ପ୍ଲଟ୍ ନଂ- ୩୯୪/୩୨୮୮, ଖାତା ନଂ- ୪୭୪/୪୦୬୬, ସାଜି ଶିବଦର୍ଶନଙ୍କ ନାମରେ ଥିବା ମୂଳ ପଟ୍ଟା ତା. ୦୩.୦୭.୨୦୨୬ରିଖ ପ୍ରାୟ ସକାଳ ୧୧.୦୦ଘଟିକା ସମୟରେ ଖଣ୍ଡଗିରି, ଭୁବନେଶ୍ୱର ଅଞ୍ଚଳରେ ହଜିଯାଇଛି । ଏହି ସମ୍ପର୍କରେ ଖଣ୍ଡଗିରି ଥାନାରେ ଅଭିଯୋଗ ଦାଖଲ କରାଯାଇଛି । ଉକ୍ତ ଦସ୍ତାବିଜ କାହାରି ନିକଟରେ ଥିଲେ କିମ୍ବା ମିଳିଥିଲେ ନିମ୍ନଲିଖିତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ ।
ପ୍ରମୋଦ କୁମାର ପଣ୍ଡା
ମୋବାଇଲ: ୯୯୩୭୧୧୫୧୧୧

24001/273/2627

# ଓଡିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ
## ଘୋଷଣା

File No. 6352/2025 — ତାରିଖ: ୨୬.୧୨.୨୦୨୫

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାଯୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟ କୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(e) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ବାର୍ଲାହାଣ୍ଡି ଥାନା-ଜୟପୁର ନଂ-୪୫ ଜିଲ୍ଲା- କୋରପୁଟ ରେ ନିମ୍ନ ସୂଚିତ କ ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ଜୟପୁର – ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାଯୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ - ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୪୬୮/୨୨ ତା: ୧୮.୦୬.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି । ଏହାର ବୈଧତା ରାଜସ୍ୱ ଓ ପ୍ରଶମନ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା 27757 ତା 28.07.2025 ରିଖ ଅନୁଯାୟୀ ୩୧.୧୨.୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ବାର୍ଲାହାଣ୍ଡି ଥାନା-ଜୟପୁର ନଂ-୪୫, ତହସିଲ-ଜୟପୁର, ଜିଲ୍ଲା-କୋରାପୁଟ ର ଜୟପୁର – ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ https://koraput.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି ।

ତଫସିଲ -କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ଜିଲ୍ଲା: କୋରାପୁଟ — ତହସିଲ: ଜୟପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବାର୍ଲାହାଣ୍ଡି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ କରାଗଲା | | | | ୫୬.୪୮୦ | ଏଥି ସହିତ ସଂଲଗ୍ନ କରାଗଲା |

ତଫସିଲ -ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ଜିଲ୍ଲା: କୋରାପୁଟ — ତହସିଲ: ଜୟପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୩୧.୧୨.୨୦୨୫

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, କୋରାପୁଟ

ଭୂମି ଅନୁସୂଚୀ
ମୌଜା - ବାର୍ଲାହାଣ୍ଡି, ଥାନା-ଜୟପୁର ନଂ-୪୫, ତହସିଲ-ଜୟପୁର, ଜିଲ୍ଲା-କୋରାପୁଟ
ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ସତ୍ୱ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୬ | ରୟତି | ୩୧୮ | ୧.୪୭୦ | ୦.୬୮୨ | ଧାନ-୨ | କଡାରୁ ରାଉତ, ପି-ଖଗ ରାଉତ |
| ୬ | ରୟତି | ୩୨୫ | ୩.୧୨୦ | ୧.୫୮୪ | ଧାନ-୧ | କଡାରୁ ରାଉତ, ପି-ଖଗ ରାଉତ |
| ୧୬ | ରୟତି | ୩୧୯ | ୧.୧୪୦ | ୦.୨୨୪ | ଧାନ-୨ | କୃଷ୍ଣ ରାଉତ ପି- ଖଗ ରାଉତ, ନାରାୟଣ ମୁଣ୍ଡ, ପି- ଅନାମ ମୁର୍ଣ୍ଣା |
| ୧୬ | ରୟତି | ୩୨୬ | ୨.୨୪୦ | ୧.୫୯୫ | ଧାନ-୧ | କୃଷ୍ଣ ରାଉତ ପି- ଖଗ ରାଉତ, ନାରାୟଣ ମୁଣ୍ଡା, ପି- ଅନାମ ମୁର୍ଣ୍ଣା |
| ୧୧୪/୨୯୭ | ରୟତି | ୧୫୮ | ୧.୭୬୦ | ୦.୩୪୫ | ଧାନ-୧ | ବୃନ୍ଦାବନ ବେହେରା, ଜଗନ୍ନାଥ ବେହେରା ପି-ଗଙ୍ଗାଧର ବେହେରା ଝିଙ୍କାଡ଼ି ବେହେରା ସ୍ୱା-ଗଙ୍ଗାଧର ବେହେରା ଜା-କୁଲୁମ ବା-ଫାମୁଣ୍ଡି |
| ୨୩ | ରୟତି | ୨୮୩ | ୧.୦୦୦ | ୧.୦୦୯ | ଧାନ-୨ | ଗୋପିନାଥ ରାଉତ, ସନାତନ ରାଉତ, କୃଷ୍ଣ ରାଉତ,ପି- ଖଗପତି ରାଉତ, ଗାସି ରାଉତ, ପବନ ରାଉତ, ପି-ଲୋକନାଥ ରାଉତ |
| ୩୨ | ରୟତି | ୨୮୩/୪୨୧ | ୦.୯୦୦ | ୦.୬୬୯ | ଧାନ-୩ | ଗାସି ରାଉତ, ପବନ ରାଉତ, ପି-ଲୋକନାଥ ରାଉତ |
| ୨୪ | ରୟତି | ୬୩ | ୦.୪୪୦ | ୦.୧୮୦ | ଧାନ-୨ | ଗୋପିନାଥ ରାଉତ, ପି- ଖଗ ରାଉତ |
| ୧୧୪/୧୬ | ରୟତି | ୬୩/୪୩୪ | ୨.୫୪୦ | ୨.୩୭୯ | ଧାନ-୨ | ଭଗବାନ ବେହେରା ପି-ରାମ ବେହେରା ଜା-କୁଲୁମ ବା-ଫାମୁଣ୍ଡି |
| ୧୧୪/୨୬୧ | ରୟତି | ୭୨/୫୫୧ | ୦.୮୩୦ | ୦.୧୭୭ | ଧାନ-୨ | ସୀତାରାଣୀ ପ୍ରଧାନ ସ୍ୱା-ବିଜୟାନନ୍ଦ ପ୍ରଧାନ ଜା-କୁଲୁମ ବା-ଫାମୁଣ୍ଡି |
| ୧୧୪/୧୧୫ | ରୟତି | ୭୨/୫୫୮/୫୭୪ | ୦.୫୦୦ | ୦.୩୫୦ | ଧାନ-୨ | କୁମି ହରିଜନ ପି-ସନୁ ହରିଜନ ତୁଳସି ହରିଜନ ସ୍ୱା-କୁମି ହରିଜନ ଜା-ଡମ ବା-ବାର୍ଲାହାଣ୍ଡି |
| ୧୧୪/୧୧୬ | ରୟତି | ୭୨/୫୫୮ | ୦.୫୦୦ | ୦.୨୬୫ | ଧାନ-୨ | ଡମରୁ ରାମ ପୁରିଆ ପି-ସନୁରାମ ପୁରିଆ ସୁରୁବାରି ରାମ ପୁରିଆ ସ୍ୱା-ଡମରୁ ରାମ ପୁରିଆ ଜା-କୁମିଆ ବା-ବାର୍ଲାହାଣ୍ଡି |
| ୧୧୪/୨୮୮ | ରୟତି | ୨୮୯/୬୩୧ | ୦.୧୮୦ | ୦.୦୧୫ | ଧାନ-୩ | ଭଗବାନ ବେହେରା ପି-ରାମ ବେହେରା ଜା-କୁଲୁମ ବା-ଫାମୁଣ୍ଡି ଜୟପୁର |
| ୧୧୪/୨୮୮ | ରୟତି | ୨୯୦ | ୦.୦୬୫ | ୦.୦୬୫ | ଧାନ-୨ | ଭଗବାନ ବେହେରା ପି-ରାମ ବେହେରା ଜା-କୁଲୁମ ବା-ଫାମୁଣ୍ଡି ଜୟପୁର |
| ୧୧୪/୧୫୬ | ରୟତି | ୩୨୮/୬୧୮ | ୦.୮୦୦ | ୦.୫୦୩ | ଧାନ-୧ | କୁତି ମଣ୍ଡଳ ସ୍ୱା-କୁନ୍ଦନି ମଣ୍ଡଳ ଜା-କୁଲୁମ ବା-ଫାମୁଣ୍ଡି |
| ୧୧୪/୨୨୪ | ରୟତି | ୩୨୮/୬୨୩ | ୧.୬୦୦ | ୧.୦୦୦ | ଧାନ-୧ | ସତ୍ୟନାରାୟଣ ବେହେରା, ରଘୁନାଥ ବେହେରା ପି-ବନମାଳି ବେହେରା ଜା-କୁଲୁମ ବା-ଫାମୁଣ୍ଡି |
| ୧୧୪/୨୯୪ | ରୟତି | ୧୬୩ | ୧.୩୦୦ | ୦.୬୪୫ | ଧାନ-୧ | ବାଳକୃଷ୍ଣ ପାଢି ପି-ରାମ ଚନ୍ଦ୍ର ପାଢି ଜା-ବ୍ରାହ୍ମଣ ବା-ନୂଆସାହି ଜୟପୁର |
| ୧୧୪/୧୦୨ | ରୟତି | ୧୬୩/୫୬୧ | ୧.୦୫୦ | ୦.୩୪୫ | ଧାନ-୧ | ତଭା ପ୍ରଧାନ ସ୍ୱା-ଭଗତ ପ୍ରଧାନ ଜା-କୁଲୁମ ବା-ଫାମୁଣ୍ଡି |
| ୫୯ | ରୟତି | ୨୯୯ | ୨.୧୫୦ | ୧.୦୧୧ | ଧାନ-୨ | ନାରଣ ବେହେରା, ପି-କେଶବ ବେହେରା ଜା-କୁଲୁମ ବା-ଫାମୁଣ୍ଡି |
| ୫୯ | ରୟତି | ୩୦୦ | ୨.୩୧୦ | ୧.୬୪୨ | ଧାନ-୧ | ନାରଣ ବେହେରା, ପି-କେଶବ ବେହେରା ଜା-କୁଲୁମ ବା-ଫାମୁଣ୍ଡି |
| ୫୯ | ରୟତି | ୩୦୧ | ୨.୧୯୦ | ୧.୭୭୦ | ଧାନ-୨ | ନାରଣ ବେହେରା, ପି-କେଶବ ବେହେରା ଜା-କୁଲୁମ ବା-ଫାମୁଣ୍ଡି |
| ୭୦ | ରୟତି | ୧୨୫ | ୦.୩୭୦ | ୦.୦୧୦ | ଧାନ-୧ | ବିନାୟକ ଚଉଧୁରୀ, ପି-ଦିନବନ୍ଧୁ ଚଉଧୁରୀ ଜା-କୁଲୁମ ବା-ଫାମୁଣ୍ଡି |
| ୭୦ | ରୟତି | ୧୬୧ | ୧.୮୭୦ | ୦.୮୫୭ | ଧାନ-୧ | ବିନାୟକ ଚଉଧୁରୀ, ପି-ଦିନବନ୍ଧୁ ଚଉଧୁରୀ ଜା-କୁଲୁମ ବା-ଫାମୁଣ୍ଡି |
| ୧୧୪/୫୯ | ରୟତି | ୬୮/୪୭୪ | ୧.୦୧୦ | ୦.୬୯୧ | ଧାନ-୨ | ସନ୍ତୋଷ କୁମାର ବେହେରା ପି-ଭଗବାନ ବେହେରା ଜା-କୁଲୁମ ବା-ଫାମୁଣ୍ଡି |
| ୧୧୪/୨୨୨ | ରୟତି | ୧୨୪ | ୨.୨୨୦ | ୦.୭୦୨ | ଧାନ-୧ | ଗଙ୍ଗାଧର ପ୍ରଧାନ ପି-ଡମ୍ବ ପ୍ରଧାନ ଜା-କୁଲୁମ ବା-ଫାମୁଣ୍ଡି |
| ୧୧୪/୨୮୯ | ରୟତି | ୧୭୬/୭୩୨ | ୧.୧୮୦ | ୦.୮୩୪ | ଧାନ-୧ | ସନ୍ତୋଷ ରାଉଳ ଜା-କୁଲୁମ ବା-ଫାମୁଣ୍ଡି ଥା-ଜୟପୁର |
| ୨୮ | ରୟତି | ୧୫୯ | ୦.୬୨୦ | ୦.୧୨୨ | ଧାନ-୧ | ଭଗିଆ ରାଉତ, ଗୋପିନାଥ ରାଉତ,ପି-ଖଗ ରାଉତ,ଗୋବିନ୍ଦ ଚଉଧୁରୀ, ମଳି ଚଉଧୁରାଆଣି,ସ୍ୱା-ଦିନବନ୍ଧୁ ଚୌଧୁରି, ଦିବାକର ଚୌଧୁରି,ବୃନ୍ଦାବନ ଚୌଧୁରି,ପି- କୃଷ୍ଣ ଚୌଧୁରୀ |
| ୧୧୪/୩୪ | ରୟତି | ୧୫୯/୫୯୪ | ୦.୫୦୦ | ୦.୨୫୦ | ଧାନ-୧ | ଡଲି ରାଉତାଣି ସ୍ୱା-ଦୁବ ରାଉତ ଜା-କୁଲୁମ ବା-ଫାମୁଣ୍ଡି |
| ୨୮ | ରୟତି | ୧୬୦ | ୦.୫୩୦ | ୦.୩୨୫ | ଧାନ-୧ | ଭଗିଆ ରାଉତ, ଗୋପିନାଥ ରାଉତ,ପି-ଖଗ ରାଉତ,ଗୋବିନ୍ଦ ଚଉଧୁରୀ, ମଳି ଚଉଧୁରାଆଣି,ସ୍ୱା-ଦିନବନ୍ଧୁ ଚୌଧୁରି, ଦିବାକର ଚୌଧୁରି,ବୃନ୍ଦାବନ ଚୌଧୁରି,ପି- କୃଷ୍ଣ ଚୌଧୁରୀ |
| ୧୧୪/୩୪ | ରୟତି | ୧୬୦/୫୯୫ | ୦.୫୦୦ | ୦.୧୩୦ | ଧାନ-୧ | ଡଲି ରାଉତାଣି ସ୍ୱା-ଦୁବ ରାଉତ ଜା-କୁଲୁମ ବା-ଫାମୁଣ୍ଡି |
| ୧୧୪/୧୪୮ | ରୟତି | ୧୬୦/୬୦୬ | ୦.୮୯୦ | ୦.୦୭୦ | ଧାନ-୧ | ସିମାଚଳ ମଲିକ ପି-ନିଳାମ୍ବର ମଲିକ ଜା-କୁଲୁମ ବା-ଫାମୁଣ୍ଡି |
| ୨୮ | ରୟତି | ୧୬୨ | ୦.୪୭୦ | ୦.୪୧୬ | ଧାନ-୧ | ଭଗିଆ ରାଉତ, ଗୋପିନାଥ ରାଉତ,ପି-ଖଗ ରାଉତ,ଗୋବିନ୍ଦ ଚଉଧୁରୀ, ମଳି ଚଉଧୁରାଆଣି,ସ୍ୱା-ଦିନବନ୍ଧୁ ଚୌଧୁରି, ଦିବାକର ଚୌଧୁରି,ବୃନ୍ଦାବନ ଚୌଧୁରି,ପି- କୃଷ୍ଣ ଚୌଧୁରୀ |
| | | ୧୬୨/୫୬୨ | ୦.୩୦୦ | ୦.୩୦୦ | ଧାନ-୧ | |
| ୯୫ | ରୟତି | ୩୨୧ | ୧.୩୦୦ | ୦.୦୩୮ | ଧାନ-୨ | ରାମ ରାଉତ, ପି-ଖଗ ରାଉତ |
| ୯୫ | ରୟତି | ୩୨୨ | ୨.୫୧୦ | ୨.୧୫୩ | ଧାନ-୧ | ରାମ ରାଉତ, ପି-ଖଗ ରାଉତ |
| ୧୦୬ | ରୟତି | ୨୯୨ | ୧.୨୨୦ | ୦.୨୯୦ | ଧାନ-୧ | ହରି ଚଉଧୁରୀ,ପି-ଦିନବନ୍ଧୁ ଚଉଧୁରୀ |
| ୧୦୬ | ରୟତି | ୨୯୩ | ୦.୯୦୦ | ୦.୬୩୪ | ଧାନ-୨ | ହରି ଚଉଧୁରୀ,ପି-ଦିନବନ୍ଧୁ ଚଉଧୁରୀ |
| ୧୦୮ | ରୟତି | ୧୨୨ | ୩.୮୦୦ | ୦.୫୭୦ | ଧାନ-୧ | ହିରାମଣୀ ପାଢିଆଣ,ସ୍ୱା-ରାମଚନ୍ଦ୍ର ପାଢୀ |
| ୧୧୪/୧୪୨ | ରୟତି | ୩୨୪/୧/୫୬୬ | ୪.୨୦୦ | ୦.୧୮୪ | ଧାନ-୧ | ପ୍ରଦୀପ୍ତ କୁମାର ସାହୁ ପି-ପ୍ରକାଶ ଚନ୍ଦ୍ର ସାହୁ ଜା-ବ୍ରାହ୍ମଣ ବା-ସୁରିଙ୍ଗା ସାହି ଜୟପୁର |
| ୧୧୪/୧ | ରୟତି | ୩୨୪/୨ | ୦.୫୮୦ | ୦.୫୮୦ | ଧାନ-୨ | ରାଧା ମୋହନ ଚୌଧୁରି,ପି-ଇଶ୍ୱର ଚୌଧୁରି |
| ୧୧୪/୧୪୨ | ରୟତି | ୩୨୪/୨/୫୬୬ | ୨.୦୦୦ | ୧.୧୫୧ | ଧାନ-୨ | ପ୍ରଦୀପ୍ତ କୁମାର ସାହୁ ପି-ପ୍ରକାଶ ଚନ୍ଦ୍ର ସାହୁ ଜା-ବ୍ରାହ୍ମଣ ବା-ସୁରିଙ୍ଗା ସାହି ଜୟପୁର |
| ୧୧୪/୪ | ରୟତି | ୨୮୭ | ୧.୭୭୦ | ୧.୪୬୩ | ଧାନ-୨ | ଦିନବନ୍ଧୁ ମଲିକ,ପି-ଗାସି ମଲିକ |
| ୧୧୪/୬ | ରୟତି | ୬୬ | ୧.୬୧୦ | ୦.୯୨୫ | ଧାନ-୨ | ଭିକାରି ଚୌଧୁରି, ପି-ମାଗତା ଚୌଧୁରି |
| ୧୧୪/୧୪ | ରୟତି | ୬୪ | ୧.୦୭୦ | ୦.୯୧୬ | ଧାନ-୨ | ନିହାରବାଳା ସାହୁ,ସ୍ୱା-କ୍ଷିରୋଦ ଶର୍ମା |
| ୧୧୪/୨୬ | ରୟତି | ୨୮୧/୪୨୩ | ୦.୧୪୦ | ୦.୦୨୫ | ଧାନ-୨ | ଲରା ପ୍ରଧାନୁଣୀ,ସ୍ୱା-ବାସୁଦେବ ପ୍ରଧାନ, ଜା-କୁଲୁମ, ବା-ଜିଳଗାଁ |
| ୧୧୪/୨୮୮ | ରୟତି | ୨୮୧/୪୨୩/୬୩୦ | ୦.୨୦୦ | ୦.୨୦୦ | ଧାନ-୨ | ଭଗବାନ ବେହେରା ପି-ରାମ ବେହେରା ଜା-କୁଲୁମ ବା-ଫାମୁଣ୍ଡି ଜୟପୁର |
| ୧୧୪/୨୯୬ | ରୟତି | ୨୮୧/୪୨୩/୬୩୭ | ୦.୮୩୦ | ୦.୮୩୦ | ଧାନ-୨ | ସୁକାନ୍ତ ବେହେରା ପି-ଭଗବାନ ବେହେରା ଜା-କୁଲୁମ ବା-ଫାମୁଣୀ ଜୟପୁର |
| ୧୧୪/୧୬ | ରୟତି | ୨୮୧/୪୨୩/୪୫୩ | ୦.୪୮୦ | ୦.୪୩୦ | ଧାନ-୨ | ଭଗବାନ ବେହେରା ପି-ରାମ ବେହେରା ଜା-କୁଲୁମ ବା-ଫାମୁଣ୍ଡି ଜୟପୁର |
| ୧୧୪/୧୫୫ | ରୟତି | ୬୫/୬୦୪ | ୧.୧୧୦ | ୦.୯୬୯ | ଧାନ-୨ | ନିକୁଞ୍ଜଳା ସାହୁ ସ୍ୱା-ଦ୍ୱାରିକାନାଥ ସାହୁ ଜା-ବ୍ରାହ୍ମଣ ବା-ଜିଳଗାଁ |
| ୧୧୪/୩୭ | ରୟତି | ୧୨୪ | ୦.୬୦୦ | ୦.୨୫୩ | ଧାନ-୧ | ଗୋବିନ୍ଦ ପ୍ରଧାନ, ପି- ଚନ୍ଦ୍ର ପ୍ରଧାନ,ନରସିଂହ ପ୍ରଧାନ,କ୍ଷେତ୍ର ପ୍ରଧାନ ପି-ଗୋବିନ୍ଦ ପ୍ରଧାନ |
| ୧୧୪/୩୭ | ରୟତି | ୧୬୮ | ୨.୦୬୦ | ୦.୯୩୭ | ଧାନ-୧ | ଗୋବିନ୍ଦ ପ୍ରଧାନ, ପି- ଚନ୍ଦ୍ର ପ୍ରଧାନ,ନରସିଂହ ପ୍ରଧାନ,କ୍ଷେତ୍ର ପ୍ରଧାନ ପି-ଗୋବିନ୍ଦ ପ୍ରଧାନ |
| ୧୧୬/୩୯ | ରୟତି | ୧୬୬ | ୦.୯୦୦ | ୦.୮୩୦ | ଧାନ-୧ | ଡମରୁ ବିଶୋଇ, ପି-ଗୋବର୍ଦ୍ଧନ ବିଶୋଇ |
| | | ୧୬୬/୪୪୩/୫୮୨ | ୦.୧୦୦ | ୦.୦୮୦ | ଧାନ-୧ | |
| ୧୧୪/୨୮୨ | ରୟତି | ୧୬୨/୪୪୩ | ୧.୦୦୦ | ୦.୦୦୯ | ଧାନ-୧ | ନିରଞ୍ଜନ ପାତ୍ର ପି-ବନମାଳି ପାତ୍ର ଜା-କୁଲୁମ ବା-ଫାମୁଣ୍ଡି |
| ୧୧୪/୪୮ | ରୟତି | ୨୯୪/୧ | ୦.୧୨୦ | ୦.୧୨୦ | ଧାନ-୨ | ସରସ୍ୱତୀ ପ୍ରଧାନ, ସ୍ୱା-ସହଦେବ ପ୍ରଧାନ ଜା-କୁଲୁମ ବା-ଫାମୁଣୀ |
| ୧୧୪/୧୧୪ | ରୟତି | ୨୯୪/୨/୫୬୨ | ୦.୩୩୦ | ୦.୩୩୦ | ଧାନ-୨ | ସରସ୍ୱତୀ ପ୍ରଧାନ, ସ୍ୱା-ସହଦେବ ପ୍ରଧାନ ଜା-କୁଲୁମ ବା-ଫାମୁଣୀ |
| ୧୩/କ | ରୟତି | ୨୯୪/୨ | ୦.୩୩୦ | ୦.୧୨୮ | ଧାନ-୨ | ଦିବାକର ଚଉଧୁରୀ, ବୃନ୍ଦାବନ ଚଉଧୁରୀ, ପି-କୃଷ୍ଣ ଚଉଧୁରୀ, ଜା-କୁଲୁମ, ବା-ଫାମୁଣୀ |
| ୧୧୪/୪୮ | ରୟତି | ୨୯୫/୪ | ୦.୧୨୦ | ୦.୧୨୦ | ଧାନ-୧ | ସରସ୍ୱତୀ ପ୍ରଧାନ, ସ୍ୱା-ସହଦେବ ପ୍ରଧାନ ଜା-କୁଲୁମ ବା-ଫାମୁଣୀ |
| ୧୩/ କ | ରୟତି | ୨୯୫/୩ | ୦.୪୧୦ | ୦.୨୫୫ | ଧାନ-୧ | ଦିବାକର ଚଉଧୁରୀ, ବୃନ୍ଦାବନ ଚଉଧୁରୀ, ପି-କୃଷ୍ଣ ଚଉଧୁରୀ, ଜା-କୁଲୁମ, ବା-ଫାମୁଣୀ |
| ୫୮/ଖ | ରୟତି | ୧୨୧/୧ | ୦.୧୬୦ | ୦.୧୬୦ | ଧାନ-୧ | ରାମ ବେହେରା ପି-କେଶବ ବେହେରା ଜା-କୁଲୁମ ବା-ଫାମୁଣ୍ଡି |
| ୧୧୪/୨୯୫ | ରୟତି | ୧୨୧/୨ | ୦.୧୬୦ | ୦.୧୬୦ | ଧାନ-୧ | ଚକ୍ରଧର ବେହେରା ପି-ସିମାଦ୍ରି ବେହେରା ଜା-କୁଲୁମ ବା-ଫାମୁଣ୍ଡି |
| ୫୮/ଖ | ରୟତି | ୧୨୧/୩ | ୦.୧୪୦ | ୦.୧୪୦ | ଧାନ-୧ | ରାମ ବେହେରା ପି-କେଶବ ବେହେରା ଜା-କୁଲୁମ ବା-ଫାମୁଣ୍ଡି |
| ୧୧୪/୨୯୫ | ରୟତି | ୧୨୧/୪ | ୦.୧୮୦ | ୦.୧୪୦ | ଧାନ-୧ | ଚକ୍ରଧର ବେହେରା ପି-ସିମାଦ୍ରି ବେହେରା ଜା-କୁଲୁମ ବା-ଫାମୁଣ୍ଡି |
| ୧୧୪/୫୯ | ରୟତି | ୨୯୧ | ୧.୨୯୦ | ୦.୨୩୫ | ଧାନ-୧ | ସନ୍ତୋଷ କୁମାର ବେହେରା,ପି-ଭଗବାନ ବେହେରା |
| ୧୧୪/୭୮ | ରୟତି | ୧୨୨ | ୨.୨୪୦ | ୦.୩୦୫ | ଧାନ-୧ | ଗୋପ ସୁନ୍ଦର ପାତ୍ର, ପି-ସତ୍ୟ ନାରାୟଣ ପାତ୍ର |
| ୨୬ | ରୟତି | ୧୨୩ | ୧.୨୪୦ | ୦.୬୬୩ | ଧାନ-୨ | ଗୋବିନ୍ଦ ପ୍ରଧାନୀ,ଘନ ପ୍ରଧାନୀ, ପି-ଚନ୍ଦ୍ର ପ୍ରଧାନୀ, ଜା-କୁଲୁମ, ବା-ଫାମୁଣୀ |
| ୧୧୪/୮୩ | ରୟତି | ୧୨୦ | ୨.୫୪୦ | ୦.୮୪୧ | ଧାନ-୧ | ବିପ୍ର ଚରଣ ପ୍ରଧାନ, ପି-କୃଷ୍ଣ ପ୍ରଧାନ |
| ୧୧୪/୮୭ | ରୟତି | ୭୩/୧ | ୦.୮୨୦ | ୦.୦୦୩ | ଧାନ-୨ | ବିଶ୍ୱନାଥ ମିଶ୍ର, ପି-ଦୟାନାଧି ମିଶ୍ର, ଜା-ବ୍ରାହ୍ମଣ, ବା-ବାରଲାହାଣ୍ଡି |
| ୧୧୪/୯୪ | ରୟତି | ୨୯୬ | ୦.୬୩୦ | ୦.୪୫୧ | ଧାନ-୨ | ସହଦେବ ପ୍ରଧାନ, ପି-ହାଡି ପ୍ରଧାନ |
| ୧୧୪/୯୫ | ରୟତି | ୨୯୬ | ୧.୦୦୦ | ୦.୪୯୬ | ଧାନ-୧ | ସରସ୍ୱତୀ ପ୍ରଧାନ, ସ୍ୱା-ସହଦେବ ପ୍ରଧାନ |
| ୧୧୪/୯୯ | ରୟତି | ୧୨୩ | ୦.୬୨୦ | ୦.୫୪୦ | ଧାନ-୧ | କୁଳି ମାଳିକାଣି, ସ୍ୱା-ନିଳାମ୍ବର ମଲିକ |
| ୧୧୪/୧୦୭ | ରୟତି | ୧୬୪ | ୨.୪୪୦ | ୧.୦୧୯ | ଧାନ-୧ | ବାଳକୃଷ୍ଣ ପାଢି, ପି-ରାମଚନ୍ଦ୍ର ପାଢି |
| ୧୧୪/୨୯୨ | ରୟତି | ୧୬୫ | ୧.୪୭୦ | ୦.୫୯୦ | ଧାନ-୧ | ବୃନ୍ଦାବନ ବିଶୋଇ ପି-ନବିନ ବିଶୋଇ ଜା-ଶୁଣ୍ଢି ବା-ବାର୍ଲାହାଣ୍ଡି ଜୟପୁର |
| ୧୧୪/୧୪୦ | ରୟତି | ୧୬୫/୫୯୭ | ୦.୫୦୦ | ୦.୩୨୯ | ଧାନ-୧ | କୁଳି ବେହେରା ସ୍ୱା-ଜଗନ୍ନାଥ ବେହେରା ଜା-ଭରଣ ବା-ଜିଳଗାଁ |
| ୧୧୪/୧୪୩ | ରୟତି | ୧୭୮ | ୦.୨୨୦ | ୦.୨୨୪ | ଧାନ-୧ | ଗିତା ନାୟକ, ସ୍ୱା-ନିଳାମ୍ବର ମଲିକ |
| ୧୧୪/୧୪୩ | ରୟତି | ୧୭୯ | ୧.୦୮୦ | ୦.୪୧୨ | ଧାନ-୨ | ଗିତା ନାୟକ, ସ୍ୱା-ନିଳାମ୍ବର ମଲିକ |
| ୧୧୪/୧୪୩ | ରୟତି | ୧୮୧ | ୦.୫୧୦ | ୦.୧୦୨ | ଧାନ-୨ | ଗିତା ନାୟକ, ସ୍ୱା-ନିଳାମ୍ବର ମଲିକ |
| ୧୧୪/୧୪୭ | ରୟତି | ୧୭୨/୬୦୬ | ୧.୧୩୦ | ୧.୦୦୦ | ଧାନ-୧ | କୁଳି ମଲିକାଣି ସ୍ୱା-ନିଳାମ୍ବର ମଲିକ ଜା-କୁଲୁମ ବା-ଫାମୁଣ୍ଡି |
| ୧୧୪/୫୨ | ରୟତି | ୧୭୨/୪୫୮ | ୧.୧୦୦ | ୦.୭୦୮ | ଧାନ-୧ | |
| ୧୧୪/୧୫୪ | ରୟତି | ୩୧୬ | ୨.୭୭୦ | ୨.୧୮୩ | ଧାନ-୨ | ପ୍ରବିର କୁମାର ସାହୁ, ପି-ପି ଚନ୍ଦ୍ର ସାହୁ |
| ୧୧୪/୧୫୪ | ରୟତି | ୩୧୭ | ୩.୧୯୦ | ୩.୧୭୦ | ଧାନ-୨ | ପ୍ରବିର କୁମାର ସାହୁ, ପି-ପି ଚନ୍ଦ୍ର ସାହୁ, ଜା-ବ୍ରାହ୍ମଣ, ବା-ଜିଳଗାଁ |
| ୧୧୪/୨୫୮ | ରୟତି | ୧୭୫ | ୨.୨୪୦ | ୦.୫୦୪ | ଧାନ-୧ | ତରିଣି ଚରଣ ମଣ୍ଡଳ,ପି-ବୃନ୍ଦାବନ ମଣ୍ଡଳ |
| ୧୧୪/୨୭୦ | ରୟତି | ୧୨୧ | ୬.୪୦୦ | ୦.୨୦୧ | ଧାନ-୧ | ପି-ଭାସ୍କର ରାଓ, ପି-ଭେଙ୍କଟେଶ୍ୱର ରାଓ |
| ୫୮/ଖ | ରୟତି | ୧୧୯ | ୦.୪୩୦ | ୦.୪୧୧ | ଧାନ-୨ | ରାମ ବେହେରା, ପି-କେଶବ ବେହେରା, ଜା-କୁଲୁମ, ବା-ଫାମୁଣ୍ଡି |
| ୫୮/ କ | ରୟତି | ୬୬ | ୧.୬୦୦ | ୧.୧୧୮ | ଧାନ-୨ | ନାରାଣ ବେହେରା, ପି-କେଶବ ବେହେରା |
| ୫୮/ କ | ରୟତି | ୧୧୮ | ୧.୬୦୦ | ୦.୨୩୨ | ଧାନ-୧ | ନାରାଣ ବେହେରା, ପି-କେଶବ ବେହେରା |
| ୧୧୪/୫୦ | ରୟତି | ୧୬୯/୪୫୬ | ୧.୦୦୦ | ୦.୯୧୧ | ଧାନ-୧ | କଉତାକି ବେହେରା ସ୍ୱା-ବୈଦ୍ୟନାଥ ବେହେରା ଜା-କୁଲୁମ୍ ବା-ଛୋଟାଗୁଡ଼ା ଥାନା-କୋରାପୁଟ |
| ୧୧୪/୪୦ | ରୟତି | ୧୬୬/୪୫୦ | ୦.୫୬୦ | ୦.୦୧୫ | ଧାନ-୧ | ତାରିଣି ମଣ୍ଡଳ ପି-ଧ୍ରୁବ ରାଉତ ଜା-କୁଲୁମ ବା-ଫାମୁଣ୍ଡି |
| ୧୧୪/୨୮୨ | ରୟତି | ୧୬୬/୪୪୦ | ୧.୧୩୦ | ୦.୯୨୨ | ଧାନ-୧ | ନିରଞ୍ଜନ ପାତ୍ର ପି-ବନମାଳି ପାତ୍ର ଜା-କୁଲୁମ ବା-ଫାମୁଣ୍ଡି |
| ୫୮/ଖ | ରୟତି | ୨୯୮ | ୨.୬୮୦ | ୨.୪୪୪ | ଧାନ-୨ | ରାମ ବେହେରା ପି-କେଶବ ବେହେରା ଜା-କୁଲୁମ ବା-ଫାମୁଣ୍ଡି |
| ୫୯ | ରୟତି | ୨୯୮/୪୨୪ | ୦.୨୮୦ | ୦.୧୦୯ | ଧାନ-୨ | ନାରଣ ବେହେରା, ପି-କେଶବ ବେହେରା |
| | | ମୋଟ | | ୫୬.୪୮୦ | | |

ବିଶେଷ ଦ୍ରଷ୍ଟବ୍ୟ: ୧୧(୧) ବିଜ୍ଞପ୍ତି ପ୍ରକାରେ ପ୍ରସ୍ତାବିତ ହୋଇଥିବା ଜମି ମଧ୍ୟରୁ ନିମ୍ନଲିଖିତ ପ୍ଲଟଗୁଡିକର କୌଣସି ରକବା ଅଧିଗ୍ରହଣ ହେଉନାହିଁ

| ଖାତା ନଂ | ସତ୍ୱ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୨୬ | ରୟତି | ୭୨ | ୦.୦୬୦ | ୦.୦୦୦ | ଧାନ-୨ | ଗୋବିନ୍ଦ ପ୍ରଧାନି, ଘନ ପ୍ରଧାନି, ପି- ଚନ୍ଦ୍ର ପ୍ରଧାନି |
| ୨୮ | ରୟତି | ୨୮୯ | ୦.୨୨୦ | ୦.୦୦୦ | ଧାନ-୩ | ଗୋବିନ୍ଦ ଚଉଧୁରୀ, ପି-ଦିନବନ୍ଧୁ ଚଉଧୁରୀ |
| ୩୨ | ରୟତି | ୩୨୮ | ୦.୩୦୦ | ୦.୦୦୦ | ଧାନ-୧ | ଗାସି ରାଉତ, ପବନ ରାଉତ, ପି-ଲୋକନାଥ ରାଉତ |
| ୧୧୪/୨୮୬ | ରୟତି | ୬୮ | ୧.୦୩୦ | ୦.୦୦୦ | ଧାନ-୨ | ସନ୍ତୋଷ କୁମାର ବେହେରା ପି-ଭଗବାନ ବେହେରା ଜା-କୁଲୁମ ବା-ଫାମୁଣ୍ଡି |
| ୬୧ | ରୟତି | ୧୬୬ | ୨.୨୫୦ | ୦.୦୦୦ | ଧାନ-୧ | ବିଶ୍ୱନାଥ ପ୍ରଧାନୀ, ରଘୁନାଥ ପ୍ରଧାନୀ,ପି- ମାଧବ ପ୍ରଧାନୀ,ସ୍ମୃତିମା ପ୍ରଧାନୁଣି ସ୍ୱା-ନାରାୟଣ ପ୍ରଧାନୀ, ବଣ୍ଠି ପ୍ରଧାନୀ,ପି-ଶ୍ରୀକର ପ୍ରଧାନୀ, କୁନ୍ତଳା ପ୍ରଧାନୁଣି, ସ୍ୱା-ଭାସ୍କର ପ୍ରଧାନୀ |
| ୧୧୪/୨୨୬ | ରୟତି | ୧୭୬/୨୧୫/୬୨୪ | ୧.୧୭୦ | ୦.୦୦୦ | ଧାନ-୧ | ବନବାସି ରାଉଳ ପି-ହରି ରାଉଳ ଜା-କୁଲୁମ ବା-ଆମ୍ବିଲି, ଆମ୍ବାଗୁଡ଼ା, ଲକ୍ଷ୍ମୀପୁର |
| ୧୧୪/୨୮୫ | ରୟତି | ୧୭୬/୨୧୫ | ୧.୧୮୦ | ୦.୦୦୦ | ଧାନ-୧ | ସନ୍ତୋଷ ରାଉଳ ପି-ହରି ରାଉଳ ଜା-କୁଲୁମ ବା-ଫାମୁଣୀ ଥା-ଜୟପୁର |
| ୧୧୪/୧୪୮ | ରୟତି | ୧୫୯/୬୦୮ | ୦.୨୧୦ | ୦.୦୦୦ | ଧାନ-୧ | ସିମାଚଳ ମଲିକ ପି-ନିଳାମ୍ବର ମଲିକ ଜା-କୁଲୁମ ବା-ଫାମୁଣ୍ଡି |
| ୧୧୪/୭୯ | ରୟତି | ୧୭୨/୫୪୫ | ୦.୨୪୦ | ୦.୦୦୦ | ଧାନ-୧ | ରାଜେନ୍ଦ୍ର କୁମାର ପାତ୍ର ପି-ସତ୍ୟ ନାରାୟଣ ପାତ୍ର ଜା-ବ୍ରାହ୍ମଣ ବା-ବାର୍ଲାହାଣ୍ଡି |
| ୧୧୪/୧୦୩ | ରୟତି | ୧୭୨/୫୪୬ | ୦.୫୦୦ | ୦.୦୦୦ | ଧାନ-୧ | ସୁଲୋଚନା ଚଉଧୁରି ସ୍ୱା-ଡମରୁଧର ଚଉଧୁରି ଜା-କୁଲୁମ ବା-ଫାମୁଣ୍ଡି |
| ୧୧୪/୧ | ରୟତି | ୩୨୪/୧ | ୦.୪୦୦ | ୦.୦୦୦ | ଧାନ-୧ | ରାଧା ମୋହନ ଚୌଧୁରି,ପି-ଇଶ୍ୱର ଚୌଧୁରି |
| ୧୧୪/୧ | ରୟତି | ୩୨୪/୧/୫୪୩ | ୦.୦୭୦ | ୦.୦୦୦ | ଧାନ-୧ | ରାଧା ମୋହନ ଚୌଧୁରି,ପି-ଇଶ୍ୱର ଚୌଧୁରି |
| ୧୨୦/୨ | | ୩୨୪/୧/୫୧୩ | ୦.୦୭୦ | ୦.୦୦୦ | ଶିଳ୍ପଭିତ୍ତି | ଓଡିଶା ଶିଳ୍ପ ଉନ୍ନୟନ ବିଭାଗ, ଭୁବନେଶ୍ୱର |
| ୧୧୪/୨୬୯ | ରୟତି | ୩୨୪/୧/୫୬୬/୭୧୮ | ୧.୦୦୦ | ୦.୦୦୦ | ଧାନ-୧ | ନଳିନୀ ପାତ୍ର ସ୍ୱା-ସନ୍ତୋଷ ପାତ୍ର ଜା-ବ୍ରାହ୍ମଣ ବା-ଜୟନଗର |
| ୧୧୪/୧୧୦ | ରୟତି | ୩୨୪/୧/୫୬୯ | ୩.୬୨୦ | ୦.୦୦୦ | ଧାନ-୧ | ପ୍ରେମ ରଞ୍ଜନ ସାହୁ ପି-ପ୍ରକାଶ ଚନ୍ଦ୍ର ସାହୁ ଜା-ବ୍ରାହ୍ମଣ ବା-ଜୟପୁର |
| ୧୧୪/୧୧୦ | ରୟତି | ୩୨୪/୧/୫୪୩/୫୭୦ | ୦.୦୩୦ | ୦.୦୦୦ | ଧାନ-୧ | |
| ୧୧୪/୧୧୦ | ରୟତି | ୩୨୪/୨/୫୬୮ | ୦.୯୦୦ | ୦.୦୦୦ | ଧାନ-୨ | ପ୍ରେମ ରଞ୍ଜନ ସାହୁ ପି-ପ୍ରକାଶ ଚନ୍ଦ୍ର ସାହୁ ଜା-ବ୍ରାହ୍ମଣ ବା-ଜୟପୁର |
| ୧୧୪/୩୦ | ରୟତି | ୬୫ | ୦.୧୧୦ | ୦.୦୦୦ | ଧାନ-୨ | ରାଧାକୃଷ୍ଣ ନାୟକ, ପି-ଭିମ ନାୟକ |
| ୧୧୪/୧୫୫ | ରୟତି | ୬୫/୬୦୫ | ୦.୦୪୦ | ୦.୦୦୦ | ଧାନ-୨ | ନିକୁଞ୍ଜଳା ସାହୁ ସ୍ୱା-ଦ୍ୱାରିକାନାଥ ସାହୁ ଜା-ବ୍ରାହ୍ମଣ ବା-ଜିଳଗାଁ |
| ୧୧୪/୧୧୪ | ରୟତି | ୨୯୫/୧ | ୦.୪୦୦ | ୦.୦୦୦ | ଧାନ-୧ | ସରସ୍ୱତୀ ପ୍ରଧାନ, ସ୍ୱା-ସହଦେବ ପ୍ରଧାନ ଜା-କୁଲୁମ ବା-ଫାମୁଣୀ |
| ୧୩/କ | ରୟତି | ୨୯୫/୨ | ୦.୩୪୦ | ୦.୦୦୦ | ଧାନ-୧ | ସରସ୍ୱତୀ ପ୍ରଧାନ, ସ୍ୱା-ସହଦେବ ପ୍ରଧାନ, ଜା-କୁଲୁମ, ବା-ଫାମୁଣୀ |
| ୫୮/ଖ | ରୟତି | ୧୨୧/୫ | ୦.୨୪୦ | ୦.୦୦୦ | ଧାନ-୧ | ରାମ ବେହେରା ପି-କେଶବ ବେହେରା ଜା-କୁଲୁମ ବା-ଫାମୁଣ୍ଡି |
| ୫୮/କ | ରୟତି | ୧୨୧/୬ | ୦.୦୫୦ | ୦.୦୦୦ | ଧାନ-୧ | ନାରଣ ବେହେରା ପି-କେଶବ ବେହେରା ଜା-କୁଲୁମ ବା-ଫାମୁଣ୍ଡି |
| ୧୧୪/୫୫ | ରୟତି | ୧୨୧/୬/୪୬୩ | ୦.୨୦୦ | ୦.୦୦୦ | ଧାନ-୧ | ଭିକାରି ପ୍ରଧାନି, ପି-ମହେଶ୍ୱର ପ୍ରଧାନି, ଜା-କୁଲୁମ,ବା-ଫାମୁଣୀ |
| ୧୧୪/୨୯୫ | ରୟତି | ୧୨୧/୬/୬୩୫ | ୦.୦୯୦ | ୦.୦୦୦ | ଧାନ-୧ | ଚକ୍ରଧର ବେହେରା ପି-ସିମାଦ୍ରି ବେହେରା ଜା-କୁଲୁମ ବା-ଫାମୁଣ୍ଡି |
| ୧୧୪/୫୫ | ରୟତି | ୧୨୧/୭ | ୦.୨୦୦ | ୦.୦୦୦ | ଧାନ-୧ | ଭିକାରି ପ୍ରଧାନି, ପି-ମହେଶ୍ୱର ପ୍ରଧାନି, ଜା-କୁଲୁମ,ବା-ଫାମୁଣୀ |
| ୧୧୪/୫୫ | ରୟତି | ୧୨୧/୮ | ୦.୨୦୦ | ୦.୦୦୦ | ଧାନ-୧ | ଭିକାରି ପ୍ରଧାନି, ପି-ମହେଶ୍ୱର ପ୍ରଧାନି, ଜା-କୁଲୁମ,ବା-ଫାମୁଣୀ |
| ୧୧୪/୫୫ | ରୟତି | ୧୨୧/୯ | ୦.୨୩୦ | ୦.୦୦୦ | ଧାନ-୧ | ଭିକାରି ପ୍ରଧାନି, ପି-ମହେଶ୍ୱର ପ୍ରଧାନି, ଜା-କୁଲୁମ,ବା-ଫାମୁଣୀ |
| ୧୧୪/୫୫ | ରୟତି | ୧୨୧/୧୦ | ୦.୨୪୦ | ୦.୦୦୦ | ଧାନ-୧ | ଭିକାରି ପ୍ରଧାନି, ପି-ମହେଶ୍ୱର ପ୍ରଧାନି, ଜା-କୁଲୁମ,ବା-ଫାମୁଣୀ |
| ୧୧୪/୬୯ | ରୟତି | ୧୨୩ | ୧.୦୦୦ | ୦.୦୦୦ | ଧାନ-୨ | ଗୋବିନ୍ଦ ପ୍ରଧାନୀ,ଘନ ପ୍ରଧାନୀ, ପି-ଚନ୍ଦ୍ର ପ୍ରଧାନୀ, ଜା-କୁଲୁମ, ବା-ଫାମୁଣୀ |
| ୧୧୪/୭୯. | ରୟତି | ୧୭୩/୫୪୪. | ୧.୦୦୦ | ୦.୦୦୦ | ଧାନ-୨ | ରାଜେନ୍ଦ୍ର କୁମାର ପାତ୍ର ପି-ସତ୍ୟ ନାରାୟଣ ପାତ୍ର ଜା-ବ୍ରାହ୍ମଣ ବା-ବାର୍ଲାହାଣ୍ଡି |
| ୧୧୪/୯୮ | ରୟତି | ୭୩/୨ | ୦.୬୫୦ | ୦.୦୦୦ | ଧାନ-୨ | ବିପ୍ର ଚରଣ ପ୍ରଧାନ ପି-କୃଷ୍ଣ ଚନ୍ଦ୍ର ପ୍ରଧାନ ଜା-କୁଲୁମ ବା-ଫାମୁଣ୍ଡି |
| ୫୯/ ? | ରୟତି | ୭୩ | ୦.୬୫୦ | ୦.୦୦୦ | ଧାନ-୨ | ରାମ ବେହେରା ପି-କେଶବ ବେହେରା ଜା-କୁଲୁମ ବା-ଫାମୁଣ୍ଡି |
| ୧୧୪/୯୪ | ରୟତି | ୨୯୬/୫୫୫ | ୦.୩୦୦ | ୦.୦୦୦ | ଧାନ-୧ | ସହଦେବ ପ୍ରଧାନ ପି-ହାଡି ପ୍ରଧାନ ଜା-କୁଲୁମ ବା-ଛୋଟାଗୁଡ଼ା |
| ୧୧୪/୧୪୮ | ରୟତି | ୧୬୨ | ୧.୦୨୦ | ୦.୦୦୦ | ଧାନ-୧ | ସିମାଚଳ ମଲିକ, ପି-ନିଳାମ୍ବର ମଲିକ |
| ୧୧୪/୩୭ | ରୟତି | ୧୬୨/୪୫୯ | ୧.୦୦୦ | ୦.୦୦୦ | ଧାନ-୧ | ଗୋବିନ୍ଦ ପ୍ରଧାନ, ପି- ଚନ୍ଦ୍ର ପ୍ରଧାନ ନରସିଂହ ପ୍ରଧାନ କ୍ଷେତ୍ର ପ୍ରଧାନ ପି-ଗୋବିନ୍ଦ ପ୍ରଧାନ ଜା-କୁଲୁମ ବା-ବାର୍ଲାହାଣ୍ଡି ଫାମୁଣ୍ଡି |
| ୫୮/ କ | ରୟତି | ୧୬୯ | ୦.୧୫୦ | ୦.୦୦୦ | ଧାନ-୧ | ନାରାଣ ବେହେରା, ପି-କେଶବ ବେହେରା |
| ୧୧୪/୫୬ | ରୟତି | ୧୬୯/୪୬୨ | ୧.୨୦୦ | ୦.୦୦୦ | ଧାନ-୧ | ବୃନ୍ଦାବନ ପ୍ରଧାନ ପି-ଡମରୁ ପ୍ରଧାନ ଜା-କୁଲୁମ୍ ବା-ଫାମୁଣ୍ଡି |
| ୪୮ | ରୟତି | ୧୬୬ | ୦.୫୭୦ | ୦.୦୦୦ | ଧାନ-୧ | |
| | | ମୋଟ | | ୦.୦୦୦ | | |

OIPR-24001/24057/3/26-27/0007

TAHASILDAR JEYPORE CUM SPL LAO JEYPORE
MALKANGIRI NEW BG RAIL LINK PROJECT

# ଖଇରା ବ୍ଲକସ୍ତରୀୟ ଭିଭି ଜି ରାମ ଜି କର୍ମଶାଳା




**ଖଇରା, ୭/୭ (ସମିସ):** ଖଇରା ବ୍ଲକ ସଭାଗୃହରେ ବ୍ଲକ ସ୍ତରୀୟ ଭିଭି ଜି ରାମ ଜୀ ଉପରେ ମଙ୍ଗଳବାର ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ବିଡିଓ ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ଗଜେନ୍ଦ୍ର ପ୍ରସାଦ ଦାସ, ସଭ୍ୟା ରଶ୍ମିତା ମହାପାତ୍ର, ସିପି ଶଶିକାନ୍ତ ଦାସ, ଏବିଡିଓ ଅଞ୍ଜନ କୁମାର ପାଣିଗ୍ରାହୀ, ଏପିଓ ବିନୋଦ କୁମାର ଟୁଡୁ, ବିଏସଏସଓ ସରୋଜ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଏହି ଯୋଜନାରେ ୧୨୫ ଦିନ ଗ୍ରାମୀଣ ରୋଜଗାରର ଗ୍ୟାରେଣ୍ଟି ସହ ରାସ୍ତା, ପୋଖରୀ ଖୋଳା ପାଇଁ ରହିଥିବା ଗାଇଡ ଲାଇନ ଉପରେ ଆଲୋକପାତ କରିଥିଲେ। ଏସିପି ସୁଶାନ୍ତ ଓଝା, ଏହି ଯୋଜନା ଦାୟିତ୍ୱରେ ଥିବା ସହାୟିକା ଶ୍ରଦ୍ଧାଞ୍ଜଳି ପାତ୍ର, ଡିଇଓ ଜମୁନା ଗିରିଙ୍କ ସମେତ ମୃତ୍ତିକା ସଂରକ୍ଷଣ, ଉଦ୍ୟାନ କୃଷି ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ଖଇରା ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୭ ବାଲି ମାଫିଆଙ୍କ ନାଁରେ ଖଣି ବିଭାଗର ଏତଲା

**ଜଲେଶ୍ୱର, ୭/୭ (ସମିସ)**

ବିଳମ୍ବରେ ହେଲେ ମଧ୍ୟ ଖଣି ବିଭାଗ ବାଲି ମାଫିଆଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେଇଛନ୍ତି। ୩ ଦିନ ତଳେ ଖଣି ବିଭାଗ ପକ୍ଷରୁ ୭ଜଣ ବାଲି ମାଫିଆଙ୍କ ନାମରେ ଜଳେଶ୍ୱର ଥାନାରେ ଖଣି ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଫଳରେ ସୁବର୍ଣ୍ଣରେଖା ନଦୀରୁ ଚୋରା ବାଲି ଚାଲାଣ କରୁଥିବା ମାଫିଆଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି। ଘଟଣାରୁ ପ୍ରକାଶ, ସୁବର୍ଣ୍ଣରେଖା ନଦୀର ଜଳେଶ୍ୱର ତହସିଲ ଅଧିନ ବିଭିନ୍ନ ସ୍ଥାନରୁ ନଦୀବନ୍ଧ କାଟି ମେସିନ୍ ଦ୍ୱାରା ପ୍ରତିଦିନ ହଜାର ହଜାର ଡମ୍ଫର ଦ୍ୱାରା ଖୁଲମ ଖୁଲା ପଶ୍ଚିମବଙ୍ଗକୁ ଚାଲାଣ କରି ଆସୁଛନ୍ତି। ସରକାରଙ୍କ ହଜାର ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ହେଉଥିବା ବେଳେ ମାଫିଆମାନେ କୁବେର ସମ୍ପତ୍ତିର ମାଲିକାନା

## ଅନ୍ୟମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କେବେ

ହେଉଛନ୍ତି। ଏ ସଂପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଆସୁଥିବା ବେଳେ ସ୍ଥାନୀୟ ପ୍ରଶାସନ ହାତଗଣତି ଜଣେ ଦୁଇଜଣଙ୍କ ଉପରେ ସାମାନ୍ୟ ଫାଇନ୍ ଆଦାୟ କରି ଚୁପ୍ ବସୁଛନ୍ତି। ଏନ୍‌ଫୋର୍ସମେଣ୍ଟ ଟିମ୍‌ରେ ପୁଲିସ୍ ଓ ତହସିଲ ଅଫିସରମାନେ ଥିଲେ ମଧ୍ୟ ଚଢାଉ ପୂର୍ବରୁ ମାଫିଆମାନଙ୍କ ନିକଟରେ ଖବର ପହଞ୍ଚି ଯାଉଥିବାରୁ ଚଢାଉ ଫଳ ଶୂନ୍ୟ ହୋଇ ଯାଉଛି। ସୁବର୍ଣ୍ଣରେଖା ନଦୀରୁ ରାୟାଁରାମଚନ୍ଦ୍ରପୁର, ଚାଳନ୍ତି, ଶିଖରପୁର, ସେଖସରାଇ, ସେକବାର୍ଡ, ଗୁଆଗଡିଆ, ଡିପିପୁର,ଗୋପ, ବିରିସପୁର, ବାଲିକବାର୍ଡ, କଣ୍ଟାପାଳ, ରାଜନଗର ଇତ୍ୟାଦି ସ୍ଥାନରୁ ପ୍ରତିଦିନ ବାଲି ପରିବହନ ହୋଇ ଆସୁଛି। ଏକ ସପ୍ତାହ ହେବ ଜଳେଶ୍ୱର ଅଂଚଳରେ ବର୍ଷା ଲାଗି ରହିଥିବାରୁ ମାଫିଆମାନେ ନଦିରୁ ବାଲି ଉତ୍ତୋଳନ କରି ବିଭିନ୍ନ ସରକାରୀ ଓ ବେସରକାରୀ ଜାଗାରେ ପାହାଡଭଳି ଗଦା କରି ରଖିଛନ୍ତି। ବର୍ଷା ଦିନ ଆସିଥିଲେ ମଧ୍ୟ ମଉକା ଦେଖି ମାଫିଆମାନେ ପଶ୍ଚିମବଂଗକୁ ଚାଲାଣ କରି ଆସୁଛନ୍ତି। ବାରମ୍ବାର ଖବର ପ୍ରସାରଣ ପରେ ଜିଲ୍ଲା ମାଇନିଂ ବିଭାଗ ନିର୍ଦ୍ଦେଶରେ ଜଳେଶ୍ୱର କନିଷ୍ଠ ଖଣି ଅଧିକାରୀ ତାପସ ବେହେରା ଜଳେଶ୍ୱରର ୭ଜଣ ବାଲି ମାଫିଆଙ୍କ ଉପରେ ୩୯୮/୨୬ରେ ମାମଲା ରୁଜୁ କରିଛନ୍ତି। ସୁବାଶ ପ୍ରମାଣିକ, ଅଧିର ଦେ, ଅଜୟ ମହାନ୍ତି, ରାଜେନ୍ଦ୍ର ଦାସ, ନିଶିକାନ୍ତ ଦେ, ବିନୋଦ ମହାନ୍ତି, ଦିନକୃଷ୍ଣ ଓଝା ପ୍ରମୁଖଙ୍କ ଉପରେ ବାଲି ଚୋରୀ ଅଭିଯୋଗରେ ମାମଲା ରୁଜୁ କରାଯିବା ପରେ ଜଳେଶ୍ୱରରେ ବାଲି ମାଫିଆଙ୍କ ମନରେ ଛନ୍‌କା ପଶିଛି। କେତେକ ମାଫିଆ ଘର ଛାଡିଥିବା ଶୁଣିବାକୁ ମିଳୁଛି। ତେବେ ଖରାଦିନ ଛାଡି ବର୍ଷାଦିନରେ ଖଣିବିଭାଗର ଏପରି କଡା ଆଭିମୁଖ୍ୟ ପଛର ରହସ୍ୟ କ'ଣ ଅଛି ଏ ସଂପର୍କରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ୧୨୫ ଦିନିଆ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନାର ଶୁଭାରମ୍ଭ




**ଔପଦା, ୭/୭ (ସମିସ):** ମନରେଗା ଯୋଜନା ବନ୍ଦ ହେବା ପରେ ଗ୍ରାମାଞ୍ଚଳର ଶ୍ରମିକମାନଙ୍କୁ ଆର୍ଥିକ ସୁରକ୍ଷା ଯୋଗାଇଦେବା ପାଇଁ ଏକ ନୂତନ ପ୍ରୟାସ ଆରମ୍ଭ ହୋଇଛି। ଏହି କ୍ରମରେ ଔପଦା ବ୍ଲକ ସଭାଗୃହ ପରିସରରେ 'ଭିବି ଗ୍ରାମଜୀ ୧୨୫ ଦିନିଆ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା'ର ଆନୁଷ୍ଠାନିକ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଔପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱାଶତୀ ସାହୁଆଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବିସି ବିସ୍ୱା ପାତ୍ର ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହ ନୂତନ ଯୋଜନାର ଲକ୍ଷ୍ୟ ଓ ଅଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ପ୍ରଭାକର ସାହୁ, ଜିଲ୍ଲା ପରିଷଦ ସଦସ୍ୟା ମୁନୀ ସିଂ ଏବଂ ଏସିପି ମାନସ କୁମାର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଗ୍ରାମୀଣ ରୋଜଗାର ବୃଦ୍ଧି ଉପରେ ନିଜ ନିଜର ମତ ରଖିଥିଲେ। ବ୍ଲକ ଏପିଓ ଜ୍ୟୋତି ପ୍ରସନ୍ନ ପୁଷ୍ଟି ସମଗ୍ର କାର୍ଯ୍ୟକ୍ରମକୁ ସଚାରୁରୂପେ ପରିଚାଳନା କରିଥିଲେ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟକ୍ରମରେ ସ୍ଥାନୀୟ ସାଂସଦ, ବିଧାୟକଙ୍କ ସମେତ ଅଧିକାଂଶ ପଞ୍ଚାୟତ ପ୍ରତିନିଧି ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଅପରପକ୍ଷରେ, ବ୍ଲକ ପ୍ରଶାସନ ପକ୍ଷରୁ ଏହି ବଡ଼ ଯୋଜନାର ଶୁଭାରମ୍ଭ ସମ୍ପର୍କରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କୌଣସି ଆନୁଷ୍ଠାନିକ ସୂଚନା ଦିଆଯାଇ ନ ଥିବାରୁ କିମ୍ବା ଆମନ୍ତ୍ରଣ କରାଯାଇ ନଥିବାରୁ ଉପସ୍ଥିତ ସାମ୍ବାଦିକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଅଜୟ ମାଝୀ ହେଲେ ସୋର ବ୍ଲକ ଆତ୍ମା ଅଧ୍ୟକ୍ଷ

**ସୋର, ୭/୭ (ସମିସ):** ଦୁଇ ବର୍ଷରେ ଥରେ ବ୍ଲକ ଆତ୍ମା ଅଧ୍ୟକ୍ଷ ନିର୍ବାଚନ ହେବାକୁ ଥିବା ବେଳେ ସୋରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଦୀର୍ଘ ୫ବର୍ଷପରେ ଆଜି ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ ଏହି ନିର୍ବାଚନ ହୋଇଥିଲା। ଏଥିରେ ସର୍ବ ସମ୍ମତିକ୍ରମେ ସୋର ବ୍ଲକ ଆତ୍ମା ଅଧ୍ୟକ୍ଷ ଭାବେ ମଧୁସୂଦନପୁର ପଞ୍ଚାୟତ ସମିତିସଭ୍ୟ ଅଜୟ କୁମାର ମାଝି ନିର୍ବାଚିତ ହୋଇଥିଲେ। କୌଣସି ପ୍ରତିଦ୍ୱନ୍ଦି ନଥିବା ବେଳେ ୨୫ଟି ଭୋଟରୁ ଦୁଇଜଣ ଅନୁପସ୍ଥିତ ଥିବାରୁ ୨୨ଖଣ୍ଡ



ଭୋଟ ପାଇ ସେ ଅଧ୍ୟକ୍ଷ ହୋଇଥିଲେ। ସେହିପରି ଜିଲ୍ଲା ଆତ୍ମା ସଦସ୍ୟ ଭାବେ ଗୁଡ ସରପଞ୍ଚ ବାସନ୍ତି ପଣ୍ଡା ମନୋନୀତ ହୋଇଥିଲେ। ଏହି ସମୟରେ ବ୍ଲକ ଅଧ୍ୟକ୍ଷା ଅନୂସୟା ମଳିକ, ଜିଲ୍ଲା ପରିଷଦ ସଦସ୍ୟ ଜୟରାମ ଦାସ, ବ୍ଲକ କୃଷି ଅଧିକାରୀଣି ରଞ୍ଜିତା ଟୁଡୁ, ଅତିରିକ୍ତ ଉଦ୍ୟାନ ବିଭାଗ ଅଧିକାରିଣୀ ଶୁଭଶ୍ରୀ ଶୁଭସ୍ମିତାଙ୍କ ସମତେ ମତ୍ସ୍ୟ, ମୃତ୍ତିକା ଆଦି ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ପରେ ବିଧାୟକ ମାଧବ ଧଡ଼ା ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଉଭୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରକାଶ ଥାଉକି ପ୍ରତିଥର କୌଣସି ରାଜନୈତିକ ଲୋକ ଆତ୍ମା ଅଧ୍ୟକ୍ଷ ଭାବେ ନିର୍ବାଚିତ ହେଉଥିବା ସାଧାରଣ ଚାଷୀଟିଏ ଥରୁଟିଏ ବି ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇନଥିବାରୁ ସାଧାରଣ ଚାଷୀଙ୍କୁ ସୁଯୋଗ ଦିଆଯାଉନଥିବା ଅଭିଯୋଗ ହୋଇଛି। ରାଜନୈତିକ ଅଭିଷନ୍ଧି ମଧ୍ୟରେ ଏହି ନିର୍ବାଚନ କରାଯାଇ କେବଳ ରାଜନୈତିକ ଲୋକଙ୍କୁ ନିର୍ବାଚିତ କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଜିଲ୍ଲା କାରାଗାରରେ ବନ ମହୋତ୍ସବ

**ବାଲେଶ୍ୱର, ୭/୭(ସମିସ):** ଜିଲ୍ଲା କାରାଗାର ପରିସରରେ ବନ ମହୋତ୍ସବ ଅବସରରେ ଡ୍ରିମ୍ସ ଆଇଡ଼ିଆଲ ସ୍କୁଲ ତରଫରୁ ନିମନ୍ତ୍ରିତ ଅତିଥିମାନଙ୍କ ସହ ବିଦ୍ୟାଳୟର କର୍ମଚାରୀ ଓ ଛାତ୍ରଛାତ୍ରୀ ଚାରାରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଉଦ୍‌ଘାଟକ ରୂପେ ପ୍ରଥମ ଚାରାରୋପଣ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା କାରାଗାର ଅଧୀକ୍ଷକ ସୁଚିତ୍ରା ଦାସ ମଧ୍ୟ ଗଛ ଲଗାଇବା ସହ ଏଭଳି ମହତ୍ କାମ ପାଇଁ ଅନୁଷ୍ଠାନକୁ ଧନ୍ୟବାଦ ଦେଇଥିଲେ। ଅନ୍ୟତମ ଅତିଥିଭାବେ କବି ପ୍ରଶାନ୍ତ ଦାସ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ରୋଟାରିଆନ୍



ଭାବଗ୍ରାହୀ ମହାନ୍ତି, ସମାଜସେବୀ ଅଞ୍ଜଳି ପଣ୍ଡା, ଜେଲର୍ ପ୍ରଦୀପ କୁମାର ମହାଳିକ ପ୍ରମୁଖ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରତିଷ୍ଠାତା ଗଙ୍ଗାଧର ଦାସ ପରିଚାଳନା କରୁଥି?। ବେଳେ ଅଧ୍ୟକ୍ଷା ପୁଷ୍ପିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନୀତା ରାଣୀ ଦାସ, ଆରତୀ ବାଳା ଦାସ, ମୌସୁଖୀ ଚାଟାର୍ଜୀ, ମାମୁନି ମହାପାତ୍ର, ନମିତା ବାଗ୍, ପୂଜା ପରିଡ଼ା, ଗାୟତ୍ରୀ ଦଳେଇ, ସୁନୀତା ପଢିଆରୀ, ଜୟସ୍ମିତା ପଣ୍ଡା, ଗୀତାରାଣୀ ଦାସ, ଜଲି ମହାନ୍ତି, ସରିଫୁଦ୍ଦିନ୍ ମହମ୍ମଦ, ନିରଞ୍ଜନ ଦାସ ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗଛ ଲଗାଅ ଗଛ ବଞ୍ଚାଅ ନୃତ୍ୟ ନାଟିକା ପରିବେଷଣ କରାଯାଇଥିଲା।

# ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀରେ ବିଶାଳ ଛାତ୍ର ସମ୍ମିଳନୀ



**ଚନ୍ଦନେଶ୍ୱର, ୭/୭ (ସମିସ):** ଭାରତୀୟ ଜନସଂଘର ପ୍ରତିଷ୍ଠାତା, ପ୍ରଖ୍ୟାତ ଶିକ୍ଷାବିତ୍, ଚିନ୍ତକ ତଥା ବିଶିଷ୍ଟ ରାଷ୍ଟ୍ରନାୟକ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ଅବସରରେ ଭାରତୀୟ ଜନତା ଯୁବମୋର୍ଚ୍ଚା, ଉତ୍ତର ବାଲେଶ୍ୱର ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଭୋଗରାଇଠାରେ ଏକ ବିଶାଳ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ବିଭିନ୍ନ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ, ଯୁବକ ଏବଂ ଦଳୀୟ କର୍ମୀମାନଙ୍କ ଉପସ୍ଥିତ ହୋଇଥିଲେ। ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଫାଲ୍ଗୁନୀ ପାଣିଗ୍ରାହୀଙ୍କ ସଂଚାଳନାରେ ଆୟୋଜିତ ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୀବନ ଓ ଆଦର୍ଶ ଆଜିର ଯୁବପିଢ଼ି ପାଇଁ ଅନୁକରଣୀୟ ବୋଲି କହିଥିଲେ। ସେ କହିଥିଲେ ଯେ, ଦେଶର ଏକତା, ଅଖଣ୍ଡତା ଓ ଜାତୀୟ ସ୍ୱାଭିମାନ ସୁରକ୍ଷା ପାଇଁ ଡ. ମୁଖାର୍ଜୀଙ୍କ ଅବଦାନ ଭାରତୀୟ ଇତିହାସରେ ସଦା ସ୍ମରଣୀୟ ହୋଇ ରହିବ। ଏହି ସଭାରେ ମୟୂରଭଞ୍ଜ ସାଂସଦ ଅନନ୍ତ ନାୟକ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଭୋଗରାଇ ବିଜେପି ନେତା ଆଶିଷ କୁମାର ପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ କ୍ୟାପଟେନ୍ ଅଶୋକ ଦାସ, ଜିଲ୍ଲା ଉପସଭାପତି ରାଧାକାନ୍ତ ପ୍ରଧାନ, ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ତପନ କୁମାର ପାତ୍ର, ଦିଲ୍ଲୀପ କୁମାର ପାତ୍ର,ଜିଲ୍ଲା ଯୁବ ମୋର୍ଚ୍ଚା ଇନଚାର୍ଜ ଦେବବ୍ରତ ସାମଲ ପ୍ରମୁଖ ଉପସ୍ଥିତ ରହି ଡ. ମୁଖାର୍ଜୀଙ୍କ ଜୀବନ, କର୍ମ, ଦୂରଦର୍ଶୀ ନେତୃତ୍ୱ ଓ ରାଷ୍ଟ୍ରବାଦୀ ଚିନ୍ତାଧାରା ଉପରେ ଆଲୋକପାତ କରିଥିଲେ। ବକ୍ତାମାନେ ମତବ୍ୟକ୍ତ କରିଥିଲେ ଯେ, ଡ. ଶ୍ୟାମପ୍ରସାଦ ମୁଖାର୍ଜୀ କେବଳ ଭାରତୀୟ ଜନସଂଘର ପ୍ରତିଷ୍ଠାତା ନୁହେଁ, ବରଂ ଜଣେ ମହାନ ରାଷ୍ଟ୍ରବାଦୀ ଚିନ୍ତକ, ଦକ୍ଷ ସଂଗଠକ ଏବଂ ଦେଶର ସାଂସ୍କୃତିକ ଏକତାର ଦୃଢ଼ ପ୍ରବକ୍ତା ଥିଲେ। ସେମାନେ ଯୁବ ସମାଜକୁ ଡ. ମୁଖାର୍ଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଷ୍ଟ୍ରସେବା, ସାମାଜିକ ଦାୟିତ୍ୱବୋଧ ଓ ଚରିତ୍ର ଗଠନ ଦିଗରେ ଆଗେଇ ଆସିବାକୁ ଆହ୍ୱାନ ଜଣାଇଥିଲେ। ସମ୍ମିଳନୀରେ ଉପସ୍ଥିତ ଛାତ୍ରଛାତ୍ରୀ ମଧ୍ୟ ଦେଶର ବିକାଶ ଓ ସମାଜର କଲ୍ୟାଣ ପାଇଁ ନିଜକୁ ସମର୍ପିତ କରିବାର ସଂକଳ୍ପ ଗ୍ରହଣ କରିଥିଲେ।


# କବାଡ଼ି ଖେଳାଳିଙ୍କୁ ପୁରସ୍କାର ରାଶି ପ୍ରଦାନ



**ବାଲେଶ୍ୱର, ୭/୭(ସମିସ):** ଗଞ୍ଜାମଠାରେ ଖେଳାଯାଇଥିବା ମୁଖ୍ୟମନ୍ତ୍ରୀ କପ୍ କବାଡି ୧୬ ବର୍ଷରୁ କମ୍ ବାଳକ ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲା କ୍ରୀଡାସଂଘ ସୁନ୍ଦରଗଡ ଜିଲ୍ଲାକୁ ହରାଇ ଚାମ୍ପିଅନ୍ ହୋଇଥିଲା। ଏହି ସଫଳତା ପାଇଁ ରାଜ୍ୟ ସରକାର ଚାମ୍ପିଅନ୍ ଦଳକୁ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଆଜି ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ଏହି ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡାସଂଘ ସଭାପତି ସୁର୍ଯ୍ୟବଂଶୀ ମୟୁର ବିକାଶ ୧୧ ଜଣ ଖେଳାଳୀଙ୍କୁ ୮୦୦ ଟଙ୍କା ଲେଖାଏଁ ଏବଂ ମ୍ୟାନେଜର ସୁନିଲ ଚନ୍ଦ୍ର ବେହେରା ଓ କୋଚ୍ ପଦ୍ମଲୋଚନ ବାରିକଙ୍କୁ ୬୦ ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ। ମୋଟ ୧ ଲକ୍ଷ ଟଙ୍କା ଏହି ଦଳକୁ ମିଳିଛି। ପୁରସ୍କାର ପାଇଥିବା ଖେଳାଳି ହେଉଛନ୍ତି ଜଗନ ଜେନା, ତାପସ ପାତ୍ର, ଭକ୍ତ ବନ୍ଧୁ ଜେନା, ଆୟୁସମାନ ମାନ୍ନା, ସଚିନ ଜେନା, ପ୍ରମୋଦ ବେହେରା, ଉମେଶ ଦଳାଇ, ସିପୁନ ଗଙ୍ଗେଇ, ତନ୍ମୟ ପାତ୍ର, ସିପୁ ମହାଳିକ, ମାନସ ରଂଜନ ଜେନା। ପୁରସ୍କାର ପ୍ରଦାନ ସମୟରେ ଜିଲ୍ଲାପାଳ ଖେଳାଳିମାନଙ୍କୁ ଧନ୍ୟବାଦ ଦେବା ସହ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ ଜିଲ୍ଲା କ୍ରୀଡାସଂଘ କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର, ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା, ଜିଲ୍ଲା କ୍ରୀଡା ଅଧୀକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଓଡିଶା କବାଡି ସଂଘ ଉପସଭାପତି ବିରେନ୍ଦ୍ର କୁମାର ସ୍ୱାଇଁ, କବାଡି ଯୁଗ୍ମ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ନାୟକ, ଯୁଗ୍ମ ସମ୍ପାଦକ ସଂଜୟ ଲେଙ୍କା ଓ ସୁଜୟ କୁମାର ଆଚାର୍ଯ୍ୟ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ଶ୍ରମ କମିଶନର ଉମାକାନ୍ତ ଜେନାଙ୍କ ଦେହାନ୍ତ

**ନୀଳଗିରି, ୭/୭ (ସମିସ):** ଅବସରପ୍ରାପ୍ତ ଶ୍ରମ କମିଶନର ଉମାକାନ୍ତ ଜେନାଙ୍କ ଦେହାନ୍ତ ଘଟିଛି। ଫଳରେ ନୀଳଗିରିରେ ଶୋକର ଛାୟା ଖେଳିଯାଇଛି।



ସେ ନୀଳଗିରି ଏନ୍‌ଏସିର ୬ ନମ୍ବର ୱାର୍ଡର ମଙ୍ଗଳା ସାହିରେ ନିଜସ୍ୱ ଘର ରହିଥିବା ବେଳେ ତାଙ୍କର ଜନ୍ମମାଟି ଯାଜପୁର ଅଟେ। ନୀଳଗିରି କଦମସାହି ଗ୍ରାମର କମ୍ପାଉଣ୍ଡର ସ୍ୱର୍ଗତ ଯଦୁନାଥ ଦାସଙ୍କ ବଡ଼ ଝିଅଙ୍କୁ ସେ ବିବାହ କରିଥିଲେ। ସେ ଜଣେ ମେଳାପୀ, ମିଷ୍ଟଭାଷୀ ସ୍ୱଭାବର ମଣିଷଟିଏ ଥିଲେ।

# ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ନବ ନିଯୁକ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ଚନ୍ଦନେଶ୍ୱର, ୭/୭ (ସମିସ) :** ଭୋଗରାଇ ବ୍ଲକ ଟୁକୁରିହାଜିରା ପଞ୍ଚାୟତ ଅଧୀନ ଫୁଲବଣୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକର ନବ ନିଯୁକ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଫୁଲବଣୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଦକ୍ଷିଣ ଭୋଗରାଇ ଓଷ୍ଟା ସଭାପତି ମହେଶ୍ୱର ଗିରିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭୋଗରାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯଜ୍ଞେଶ୍ୱର ଜେନା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭୋଗରାଇ ଶ୍ୟାମ ସୁନ୍ଦର ସଂସ୍କୃତ ମହା ବିଦ୍ୟାଳୟର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଆଦର୍ଶ ଚେତନାକୁ ପିଲାମାନେ ଅନୁକରଣ କରିଥାନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜ୍ୟୋସ୍ନା ରାଣୀ ପଣ୍ଡା,ଦକ୍ଷିଣ ଭୋଗରାଇ ଓଷ୍ଟା ପୂର୍ବତନ ସମ୍ପାଦକ ନଟରଞ୍ଜନ ଘରାଇ, ସଭାପତି ଶ୍ରୀନିବାସ ପ୍ରଧାନ, ଉତ୍ତର ଭୋଗରାଇ ସଭାପତି କୁଳମଣି ଜେନା, ମନୋରଞ୍ଜନ ଦାସ, ଭବେଶ ଚନ୍ଦ୍ର ଗିରି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ନୂତନ ଯୋଗ ଦେଇଥିବା ୧୪ଜଣ ପ୍ରଧାନ ଶିକ୍ଷକ ଓ ୩୫ ଜଣ ନବନିଯୁକ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦକ୍ଷିଣ ଭୋଗରାଇ ସମ୍ପାଦକ ଶାଶ୍ୱତ କୁମାର ଜେନା ମଞ୍ଚ ଆହ୍ୱାନ, ଦେବ ଶଙ୍କର ଦାଶ ବେଦ ପାଠ, ଉତ୍ତର ଭୋଗରାଇ ସମ୍ପାଦକ ବ୍ରଜ ଗୋପାଳ ଦାସ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଧଳ ଧନ୍ୟବାଦ ଦେଇଥିଲେ।

GOVERNMENT OF ODISHA

**PANCHAYAT SAMITI: NARAYANPATNA**

**PR & DW DEPARTMENT, ODISHA**

**E-Mail ID:** ori-narayanpatna@nic.in

**Letter No.:** 1889 /2026/TCN.02/2026-27, **Date:** 06.07.2026

**NOTICE INVITING TENDER**

**Bid Identification No. 02 of 2026-27 of B.D.O. Narayanpatna**

1. Bid documents consisting of specification, the Bill of Quantity and the Tender Call Notice can be seen in the Government website: http://tendersodisha.gov.in/nicgep/app

| Sl. No. | Name of Work | Estimated Cost (Rs.) | Class of Contractor | Cost of Tender Paper (Rs.) | EMD (Rs.) | Time of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Drinking Water and Additional Classroom at Narayanpatna Govt. Girls Higher Secondary | 10,89,277/- | "C" & "D" | 6,000/- | 10,900/- | 6 Months |
| 2 | Construction of Additional Classroom at RK Higher Secondary School at Narayanpatna | 15,23,399/- | "C" & "D" | 6,000/- | 15,300/- | 6 Months |
| 3 | Construction of Drinking Water and Additional Classroom at Bala UGAS | 11,04,753/- | "C" & "D" | 6,000/- | 11,100/- | 6 Months |
| 4 | Construction of Boundary Wall, Drinking Water and Additional Classroom at Kelubadi Primary School | 11,06,336/- | "C" & "D" | 6,000/- | 11,100/- | 6 Months |
| 5 | Construction of Boundary Wall, Drinking Water and Additional Classroom at Laumalo Govt. Primary School | 11,00,049/- | "C" & "D" | 6,000/- | 11,000/- | 6 Months |
| 6 | Construction of Drinking Water and Additional Classroom at Naktipadar Upper Primary School | 11,00,049/- | "C" & "D" | 6,000/- | 11,000/- | 6 Months |
| 7 | Construction of Boundary Wall, Drinking Water and Additional Classroom at Palaput Secondary School | 10,89,277/- | "C" & "D" | 6,000/- | 10,900/- | 6 Months |
| 8 | Construction of Boundary Wall, Drinking Water and Additional Classroom at Sekhram Primary School | 11,14,826/- | "C" & "D" | 6,000/- | 11,200/- | 6 Months |
| 9 | Construction of Boundary Wall, Drinking Water and Additional Classroom at Upperlocha Primary School | 11,14,826/- | "C" & "D" | 6,000/- | 11,200/- | 6 Months |
| 10 | Construction of Boundary Wall, Drinking Water and Additional Classroom at Amblimbaguda Primary School | 15,71,922/- | "C" & "D" | 6,000/- | 15,800/- | 6 Months |
| 11 | Construction of Playground and Additional Classroom at Borigi Secondary School | 13,44,972/- | "C" & "D" | 6,000/- | 13,500/- | 6 Months |
| 12 | Construction of Boundary Wall, Playground and Additional Classroom at Balipeta Secondary School | 15,73,181/- | "C" & "D" | 6,000/- | 15,800/- | 6 Months |
| 13 | Construction of BT Road from Pindamal to Pipalguda | 16,80,690/- | "C" & "D" | 6,000/- | 17,000/- | 6 Months |
| 14 | Construction of Boundary Wall, Drinking Water and Additional Classroom at Chintaguda K Primary School | 14,87,693/- | "C" & "D" | 6,000/- | 14,900/- | 6 Months |
| 15 | Construction of Boundary Wall, Drinking Water and Additional Classroom at JELC Primary School, Gotiguda | 15,73,181/- | "C" & "D" | 6,000/- | 15,800/- | 6 Months |
| 16 | Construction of Boundary Wall, Drinking Water and Additional Classroom at Pindamali Primary School | 14,87,113/- | "C" & "D" | 6,000/- | 14,900/- | 6 Months |
| 17 | Construction of Boundary Wall, Toilet, Playground, Drinking Water and Additional Classroom at Rangapuri Primary School | 14,83,657/- | "C" & "D" | 6,000/- | 14,900/- | 6 Months |
| 18 | Providing facilities like digging of tube well, CWSN Toilet, Kitchen Shed and Electricity Connection to Tala Ullubadi PS | 11,88,208/- | "C" & "D" | 6,000/- | 11,900/- | 6 Months |
| 19 | Construction of Boundary Wall, Drinking Water and Additional Classroom at Pachingi Primary School | 14,87,693/- | "C" & "D" | 6,000/- | 14,900/- | 6 Months |
| 20 | Construction of Additional Classroom at Naktipadar PS | 14,45,788/- | "C" & "D" | 6,000/- | 14,500/- | 6 Months |

**20 (Twenty) Nos. of work only**

| | |
|---|---|
| Tender documents available on website | Can be downloaded from http://www.tendersodisha.gov.in |
| Bid documents available date and time | **From 10.07.2026 at 11.00 Hours to 31.07.2026 up to 17.30 Hours** |
| Bid clarification start date & closing date | **10.07.2026 to 31.07.2026 during office hours** |
| Offline documents received through Speed Post/Registered Post | **From 10.07.2026 at 17.30 Hours to 04.08.2026 at 11.00 Hours** |
| Date, time and venue of opening of bid online | **05.08.2026 at 11.00 Hours**, Office of the Block Development Officer, Panchayat Samiti, Narayanpatna |
| Offline documents shall be opened in presence of participating bidders | **05.08.2026 at 11.00 Hours onwards**, Chamber of BDO, Narayanpatna |
| If stipulation arises, the tender will be decided through Lottery System | **05.08.2026 at 15.30 Hours**, Office of the Block Development Officer, Panchayat Samiti, Narayanpatna |

**Block Development Officer**
**Narayanpatna**

# ହ୍ରାସ ପାଉଛି ବୈତରଣୀ ବନ୍ୟାଜଳ



ବାରିକପୁର, ୭।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଆଖୁଆପଦା ଆନିକଟଠାରେ ସୋମବାର ରାତିରୁ ବୈତରଣୀ ନଦୀର ବନ୍ୟାଜଳ ହ୍ରାସ ପାଉଥିବା ଜଣାଯାଇଛି। ଚଳିତ ବର୍ଷ ନଦୀରେ ପ୍ରଥମ ବନ୍ୟାଜଳ ପ୍ରବେଶ କରିଥିବାବେଳେ ଏହାଦ୍ୱାରା କିଛି କ୍ଷୟକ୍ଷତି ହୋଇନାହିଁ। ବନ୍ୟା ପାଣି ବିପଦ ସଂକେତ ନିକଟବର୍ତ୍ତୀ ପ୍ରବାହିତ ହେବା ପରେ ଏହା ଦ୍ରୁତ ବେଗରେ ହ୍ରାସ ପାଉଛି। ନଦୀର ଉପର ମୁଣ୍ଡ କେନ୍ଦୁଝର ଜିଲ୍ଲାରେ ବଡ଼ଧରଣର ବର୍ଷା ନ ଥିବାବେଳେ ନଦୀରେ ଆଉ ସେଭଳି ପାଣି ଆସିବା ସମ୍ଭାବନା ନାହିଁ ବୋଲି ଜଳସମ୍ପଦ ବିଭାଗ ସ୍ପଷ୍ଟ କରିଛି। ମିଳିଥିବା ସୂଚନା ମୁତାବକ, ନଦୀର ଆଖୁଆପଦାଠାରେ ମଙ୍ଗଳବାର ବର୍ଷା ଶୂନ୍ୟ ପରିମାଣ ରହିଥିବାବେଳେ ଉପରମୁଣ୍ଡ ଆନନ୍ଦପୁରଠାରେ ୧୦.୨ ମିଟର, ସ୍ୱାମପାଟଣାଠାରେ ୨ ମିଟର, କେନ୍ଦୁଝରଠାରେ ୧.୪ ମିଟର ଓ ଚମ୍ପୁଆଠାରେ ୭ ମିଟର ରେକର୍ଡ କରାଯାଇଛି। ଆନିକଟଠାରେ ସନ୍ଧ୍ୟା ୭ଟା ସୁଦ୍ଧା ୧୭ ମିଟର ଉପରେ ଜଳ ପ୍ରବାହିତ ହେଉଛି। ଯାହାକି ବିପଦସଂକେତ ଓ ବିପଦ ସତର୍କ ସୂଚନା ତଳେ ପାଣି ରହିଛି।

## ଠିକାଦାର ଓ ଜଳସମ୍ପଦ ବିଭାଗର ଅବହେଳା ଯୋଗୁଁ ଧସିଲା ବନ୍ଧ

# କଣ୍ଡିଆ ନଦୀରେ ବିଲୀନ ହେବ ବ୍ରାହ୍ମଣପାଳ ବିଦ୍ୟାଳୟ

ଅସୁରାଳି/ଧୂଷୁରୀ,୭।୭(ସମିସ)





ସରକାରୀ ଅବହେଳା ଓ ବିଭାଗୀୟ ମାନ୍ଦାବସ୍ଥା ଯୋଗୁଁ ଭଟସାହି ପଞ୍ଚାୟତ ଅଞ୍ଚଳରେ ଏକ ଗୁରୁତ୍ୱପୂର୍ଣ୍ଣ ଜଳସେଚନ ପ୍ରକଳ୍ପ ଅଧପନ୍ତରିଆ ହୋଇ ପଡ଼ିରହିଛି। କାଞ୍ଚି ନଦୀର ବାମପାର୍ଶ୍ୱ ବ୍ରାହ୍ମଣପାଳଠାରେ ଜଳପ୍ରବାହ ନିୟନ୍ତ୍ରଣକାରୀ ଫାଟକ ନିର୍ମାଣ ପାଇଁ ବର୍ଷେ ପୂର୍ବରୁ ଶୁଭ ଦିଆଯାଇଥିଲେ ମଧ୍ୟ କାର୍ଯ୍ୟ ଏବେ ବି ପ୍ରାଥମିକ ପର୍ଯ୍ୟାୟରେ ଅଟକି ରହିଛି। ଫଳରେ ସ୍ଥାନୀୟ ଭଟସାହି ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଠିକାଦାରଙ୍କ ମନମାନୀ ଯୋଗୁଁ ୧୦୦ ଫୁଟ୍‌ରୁ ଊର୍ଦ୍ଧ୍ୱ ହେବ ଏବେ ଧସିଯାଇଛି ବନ୍ଧ। ଯାହା ଫଳରେ ନିକଟରେ ଥିବା ବିଦ୍ୟାଳୟଟି ବିପଦ ମୁଖକୁ ଆସିଛି। ବନ୍ଧ ଧସିବା କାରଣରୁ ସ୍ଥାନୀୟ ଅଞ୍ଚଳରେ ଏକ କୋକୁଆ ଭୟ ସୃଷ୍ଟି ହୋଇଛି। ଠିକାଦାର ଏବଂ ବିଭାଗୀୟ ଅଧିକାରୀମାନଙ୍କ ମନମାନୀ ଏବଂ ସଲାସୁତରା ପାଇଁ ଆଜି ବିପଦ ମୁଖକୁ ଯାଇଛି ଉକ୍ତ ଅଞ୍ଚଳ। ଏହି ଦିଗ ପ୍ରତି ଧ୍ୟାନ ଦେଇ ତୁରନ୍ତ କାର୍ଯ୍ୟ ଶେଷ ନ ହେଲେ ଚାଷୀମାନେ ରାଜପଥକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁସାରେ, ଆଖୁଆପଦା ଜଳସମ୍ପଦ ବିଭାଗ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୩ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ୨୦୨୫ ମେ' ୨ରେ ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସ୍ଥାନୀୟ କୃଷକମାନେ ଆଶା କରିଥିଲେ ଯେ ଚଳିତ ବର୍ଷ ବର୍ଷାଋତୁ ପୂର୍ବରୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ମାତ୍ର ବର୍ଷେ ବିତିଯାଇଥିଲେ ବି କାର୍ଯ୍ୟ କେବଳ 'ବୋରିଂ' ମଧ୍ୟରେ ସୀମିତ ହୋଇ ରହିଛି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଚାଷୀ ଉପକୃତ ହୋଇଥାନ୍ତେ। ଉପକୃତ ହେବାକୁ ଥିବା ପ୍ରମୁଖ ଉତସାହି, ଧୂଷୁରୀ, ବମକୁରା, ସାହସପୁର, କୋଠାର, ନଦୀଗାଁ। ପ୍ରକଳ୍ପ ଅଧପନ୍ତରିଆ ଥିବାରୁ ବର୍ଷାଋତୁରେ ନଦୀର ବଳକା ପାଣି ଜମି ମଧ୍ୟକୁ ପଶିଯାଇ ଚାଷଜମି ନଷ୍ଟ କରିବା ଆଶଙ୍କା ଚାଷୀଙ୍କୁ ଘାରିଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ବିମଳ ବେହେରାଙ୍କୁ ପଚାରିବାରୁ, ସେ କାର୍ଯ୍ୟ ଅବଧି ସରିଯାଇଥିବା ସ୍ୱୀକାର କରିଛନ୍ତି। ସେ କହିଛନ୍ତି, କାର୍ଯ୍ୟ ଶେଷ କରିବା ପାଇଁ ଏକ୍ସଟେନ୍‌ସନ୍ ଆପ୍ଲିକେସନ ଦାଖଲ କରାଯାଇଛି। ଖୁବ୍‌ଶୀଘ୍ର ଏହାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ବର୍ଷକ ଭିତରେ ହୋଇପାରି ନ ଥିବା ପ୍ରକଳ୍ପ କେମିତି ଅଳ୍ପଦିନ ଭିତରେ ସରିବ, ସେ ନେଇ ଚାଷୀକୂଳ ପ୍ରଶ୍ନ ଉଠାଇବା ସହ ତୁରନ୍ତ ପ୍ରକଳ୍ପ ଶେଷ କରିବାକୁ ଜୋର୍‌ଦାର୍ ଦାବି କରିଛନ୍ତି।

### କେବଳ ଦୁଇ ଖମ୍ବରେ ସୀମିତ କଣ୍ଡିଆ ପ୍ରକଳ୍ପ

# ଶହଶହ ହେକ୍ଟର ବିଲରେ ଜମାହୋଇ ରହିଛି ପାଣି



ବାରିକପୁର,୭।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଛତାବର ଅଞ୍ଚଳରେ ଉତ୍କଟ ଡ୍ରେନେଜ୍ ସମସ୍ୟା ଲାଗି ରହିଛି। ପ୍ରତ୍ୟେକ ବର୍ଷ ଏହି ସ୍ଥାନରେ ଜଳ ନିଷ୍କାସନରେ ଅନେକ ସମସ୍ୟା ସୃଷ୍ଟି ହେଉଥିବାବେଳେ ଏହାର ପ୍ରତିକାର ହେଉନାହିଁ। ବ୍ଲକ୍ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଓ ଡ୍ରେନେଜ୍ ବିଭାଗ ଏନେଇ ସବୁ ଜାଣି ସୁଦ୍ଧା ଜଳ ନିଷ୍କାସନ ସମସ୍ୟାଟିକୁ ସମାଧାନ କରୁନାହାନ୍ତି। ତେଣୁ ପ୍ରତିବର୍ଷ ବର୍ଷାଦିନେ ଜନସାଧାରଣମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଥରେ ମଧ୍ୟମ ଧରଣର ବର୍ଷା ହେଲେ ଶହଶହ ହେକ୍ଟର ଜମିରେ ଦିନ ଦିନ ଧରି ପାଣି ଜମି ରହୁଛି। ଚିତ୍ର ଏଭଳି ଦେଖାଯାଉଛି ଯେ, ଏହା ନ ଜାଣିବା ଲୋକଙ୍କ ମନରେ ବନ୍ୟାର ଭ୍ରମ ସୃଷ୍ଟି କରୁଛି। ଚଳିତ ବର୍ଷ ପ୍ରଥମ ଲଘୁଚାପଜନିତ ବର୍ଷା କାରଣରୁ ଛତାବର ସମେତ ନେରଡା, ଯଶୋଟିକିରି, ଭାଗଡ଼ା, ନେଉଳିଆ, ଡାହାଲା, ପୁରିପଡ଼ା ପ୍ରମୁଖ ସ୍ଥାନରେ ପାଣି ଜମି ରହିଛି। ଗତ ୨ ଦିନ ହେବ ବର୍ଷା ଛାଡ଼ିଥିଲେ ସୁଦ୍ଧା ଉକ୍ତ ଗ୍ରାମ ସଂଲଗ୍ନ ଚାଷ ଜମିରେ ପାଣି ଜମା ହୋଇ ରହିଛି। ଜାତୀୟ ରାଜପଥର ତ୍ରୁଟିପୂର୍ଣ୍ଣ ନିର୍ମାଣ ଶୈଳୀ ଓ ସ୍ଥାନୀୟ ପ୍ରଶାସନର ଅବହେଳା ଯୋଗୁଁ ଏଭଳି ଅବସ୍ଥା ସୃଷ୍ଟି ହେଉଥିବା ଲୋକେ କହିଛନ୍ତି। ଚାଷ ଜମିରେ ପାଣି ଜମି ରହିଥିବାରୁ ଖରିଫ୍ ଧାନ ତଳି ନଷ୍ଟ ହେବାକୁ ବସିଛି। ଗତ ୫/୭ ବର୍ଷ ଧରି ସ୍ଥାନୀୟ ନେତୃମଣ୍ଡଳୀ, ଅଗଣିତ ଚାଷୀ, ବୁଦ୍ଧିଜୀବୀମାନେ ପ୍ରଶାସନ ନିକଟରେ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି ଜଣାଇଥିଲେ ମଧ୍ୟ କେହି ଏହା ଉପରେ ଦୃଷ୍ଟି ନ ଦେବା ପରିତାପର ବିଷୟ ପାଲଟିଛି।

# ଡ୍ରେନ୍ ସମସ୍ୟା ଯୋଗୁଁ ପକ୍କା ରାସ୍ତାରେ ଆଣ୍ଠୁଏ ପାଣି



ବନ୍ତ/ଆଗରପଡ଼ା,୭।୭(ସମିସ): ବନ୍ତ ବ୍ଲକ୍ ଅନ୍ତର୍ଗତ ଛୟାଳସିଂହ ପଞ୍ଚାୟତ ୧ ନମ୍ବର ୱାର୍ଡ ମଙ୍ଗୁଲି ଗ୍ରାମରେ ଡ୍ରେନ୍ ବ୍ୟବସ୍ଥାର ଅଭାବ ଓ ଜଳ ନିଷ୍କାସନ ସମସ୍ୟା ଯୋଗୁଁ ଗ୍ରାମର ପକ୍କା ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହୁଛି। ଫଳରେ ରାଉତ ସାହି, ଘଡ଼ାଇ ସାହି, ପାତ୍ର ସାହିର ୫୦୦ରୁ ଅଧିକ ଗ୍ରାମବାସୀ ପ୍ରତିଦିନ ଯାତାୟାତରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନରେ ପରିସ୍ଥିତି ଆହୁରି ସଙ୍କଟଜନକ ହୋଇପଡୁଛି। ଛାତ୍ରଛାତ୍ରୀ, ବୃଦ୍ଧ, ମହିଳା ଏବଂ ରୋଗୀମାନେ ଏହି ରାସ୍ତା ଦେଇ ଯାତାୟାତ କରିବାରେ ବିଶେଷ ଅସୁବିଧା ଭୋଗୁଛନ୍ତି। ଦୀର୍ଘଦିନ ଧରି ସମସ୍ୟା ଲାଗି ରହିଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଧିକ ବର୍ଷା ହେଲେ ଉକ୍ତ ରାସ୍ତା ଦେଇ ଗ୍ରାମରେ ଥିବା ସ୍କୁଲ, ଅଙ୍ଗନବାଡ଼ିକୁ ପିଲା ଯିବା ବନ୍ଦ ହୋଇଯିବା ସହିତ ପାଠ ପଢ଼ିବାରେ ବ୍ୟାଘାତ ହୋଇଥାଏ ବୋଲି ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମସ୍ୟା ପାଇଁ ଗ୍ରାମରେ ଗ୍ରାମବାସୀଙ୍କୁ ଚର୍ମ ରୋଗ, ଥଣ୍ଡା ଜ୍ୱର ସମେତ ବିଭିନ୍ନ ପ୍ରକାରର ରୋଗ ସଂକ୍ରମଣ ହେବାର ଦେଖିବାକୁ ମିଳୁଛି। ଗ୍ରାମବାସୀମାନେ ସରକାର, ବନ୍ତ ବ୍ଲକ୍ ପ୍ରଶାସନ ଓ ଭଦ୍ରକ ଜିଲ୍ଲା ପ୍ରଶାସନ ସମେତ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଏହି ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେବା ସହ ଆବଶ୍ୟକ ଡ୍ରେନ୍ ନିର୍ମାଣ ଓ ଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ସମସ୍ୟାର ଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ ଶାନ୍ତିଲତା ନାଥ, ସେବତୀ ନାଥ, ସତ୍ୟଭାମା ବେହେରା, ଜୟନ୍ତୀ ରାଉତ, ଭବାନୀ ରାଉତ, କନକଲତା ରାଉତ, ହରି ରାଉତ, ସୁପ୍ରଭାତ ନାଥ, କୈଳାଶ ରାଉତ, ରବୀନ୍ଦ୍ର ରାଉତ, ଭାସ୍କର ପାତ୍ର, ସୁରେନ୍ଦ୍ର ନାୟକ, ମଧୁସ୍ମିତା ନାୟକ, ଗୀତାରାଣୀ ନାୟକ, ଜଳଧର ରାଉତ, ଚଞ୍ଚଳା ରାଉତ, ରତିକାନ୍ତ ରାଉତ, ଗୁଣାରାଣୀ ରାଉତ ପ୍ରମୁଖ ଶତାଧିକ ଗ୍ରାମବାସୀ ଗଣଆନ୍ଦୋଳନ କରିବାକୁ ମଧ୍ୟ ସେମାନେ ଚେତାବନୀ ଦେଇଛନ୍ତି।

# ୪ ପଦବୀରେ ଗୋଷ୍ଠୀ ଶିକ୍ଷାଧିକାରୀ

ତିହିଡ଼ି, ୭।୭ (ସମିସ): ଗୋଟିଏ ପଟେ ସରକାର ବିଦ୍ୟାଳୟ ଶିକ୍ଷାର ମାନ ବୃଦ୍ଧି, ଶିକ୍ଷକଙ୍କ ଦକ୍ଷତା ବିକାଶ ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ଉନ୍ନତିର କଥା କହୁଛନ୍ତି। କିନ୍ତୁ ଅନ୍ୟପଟେ ଜଣେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଏକାସାଥିରେ ଚାରି ଚାରିଟି ପଦବୀର ଦାୟିତ୍ୱ ଦେବାକୁ ନେଇ ଅସନ୍ତୋଷ ବଢୁଛି। ତିହିଡ଼ି ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ନୂଆ କରି ଦାୟିତ୍ୱ ନେଇଥିବା ଶୁଭେନ୍ଦୁ ମହାରାଜ ଚତୁର୍ଥ ପଦବୀରେ ଅବସ୍ଥାପିତ ହେଲେ। ପ୍ରଥମେ ଘଣ୍ଟେଶ୍ୱର ଅପର୍ତ୍ତିରି ଚରଣ ହାଇସ୍କୁଲର ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି, ୨ୟରେ ଚାନ୍ଦବାଲି ବ୍ଲକ୍‌ର ଗୋଷ୍ଠୀ ଶିକ୍ଷାଧିକାରୀ, ତୃତୀୟରେ ପିରହାଟ ଶାନ୍ତି ଶୈଳେନ୍ଦ୍ର ହାଇସ୍କୁଲର ପ୍ରଧାନଶିକ୍ଷକ ଏବଂ ବର୍ତ୍ତମାନ ତିହିଡ଼ି ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଦାୟିତ୍ୱ ନେଇଛନ୍ତି। ଜଣେ ଅଧିକାରୀ ଯଦି ୨ଟି ଗୋଷ୍ଠୀ ଶିକ୍ଷାଧିକାରୀ ସହିତ ଅନ୍ୟ ୨ଟି ପ୍ରଧାନଶିକ୍ଷକ ପଦର ଦାୟିତ୍ୱ ବହନ କରିବେ, ତେବେ ସ୍ୱାଭାବିକ ଭାବେ ପ୍ରତ୍ୟେକ କାର୍ଯ୍ୟକୁ ସମାନ ଗୁରୁତ୍ୱ ଦେବା କଷ୍ଟକର ହୋଇପଡ଼ିବ। ଏହାର ସିଧାସଳଖ ପ୍ରଭାବ ପଡ଼ିବ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପରେ। ଛୁଟି ମଞ୍ଜୁର, ଦରମା ସମ୍ବନ୍ଧୀୟ ଫାଇଲ୍, ସେବା ପୁସ୍ତିକା, ପଦୋନ୍ନତି, ପେନ୍‌ସନ, ଶୃଙ୍ଖଳାଗତ ମାମଲା ଓ ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟରେ ବିଳମ୍ବ ହେବାର ଆଶଙ୍କା ରହିଛି। କେବଳ ଶିକ୍ଷକ ନୁହେଁ, ବିଦ୍ୟାଳୟ ପରିଦର୍ଶନ, ପାଠପଢ଼ାର ତଦାରଖ, ସରକାରୀ ଯୋଜନାର କାର୍ଯ୍ୟକାରିତା ଏବଂ ଅଭିଭାବକଙ୍କ ଅଭିଯୋଗର ସମାଧାନ ମଧ୍ୟ ପ୍ରଭାବିତ ହୋଇପାରେ।

**ସମସ୍ୟାର ଭାର ବହନ କରିବେ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ**

ପ୍ରଶ୍ନ ଉଠୁଛି ଜଣେ ଅଧିକାରୀଙ୍କ ଉପରେ ଏତେ ଦାୟିତ୍ୱ ଲଦିଦେଲେ, ଶିକ୍ଷା ବ୍ୟବସ୍ଥା କ'ଣ ପ୍ରଭାବଶାଳୀ ଭାବେ ଚାଲିପାରିବ? ଏହା କି ପ୍ରଶାସନିକ ସୁବିଧା, ନା କର୍ମଚାରୀ ଅଭାବର ପ୍ରତିଫଳନ? ଯଦି ସଠିକ୍ ସମୟରେ ବିକଳ୍ପ ବ୍ୟବସ୍ଥା କରା ନ ଯାଏ, ତେବେ ଏହାର ଭାର ବହନ କରିବେ ଶିକ୍ଷକଶିକ୍ଷୟିତ୍ରୀ ଓ ଶେଷରେ ଛାତ୍ରଛାତ୍ରୀମାନେ। ପ୍ରତିକ୍ରିୟାରେ ଏବିଇଓମାନଙ୍କର ପଦୋନ୍ନତି ପରେ ବିଇଓ ପଦ ଖୁବ୍‌ଶୀଘ୍ର ପୂରଣ ହୋଇଯିବ ବୋଲି କହିଛନ୍ତି ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଏବଂ ଚାରି ପଦବୀର ଦାୟିତ୍ୱ ଯଥାସମ୍ଭବ ତୁଲାଇବାକୁ ଚେଷ୍ଟା କରିବେ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ଶୁଭେନ୍ଦୁ ମହାରାଜ କହିଥିଲେ।

# ଗଞ୍ଜେଇ ଭର୍ତ୍ତି ୨ ଗାଡ଼ି ଜବତ; ୫ ଅଟକ

ଭଣ୍ଡାରିପୋଖରୀ/ବାରିକପୁର, ୭।୭(ସମିସ): ୧୬ ନମ୍ବର ଜାତୀୟ ରାଜପଥ ଛତାବର ଟୋଲ୍ ପ୍ଲାଜା ନିକଟରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ୨ଟି ଗଞ୍ଜେଇ ବୋଝେଇ ଗାଡ଼ି ଜବତ କରିଛି। ମହେନ୍ଦ୍ରା ବୋଲେରୋ ଗାଡ଼ି ନମ୍ବର (ଓଡି ୦୫ ସିଜେ ୦୪୨୬)ରେ ୧ କ୍ୱିଣ୍ଟାଲ ଗଞ୍ଜେଇ ଥିବାବେଳେ ଅନ୍ୟ ଏକ ଗାଡ଼ିକୁ ଜବତ କରିଛି। ଏହି ଗାଡ଼ିରେ ଥିବା ୫ ଜଣ ଯୁବକଙ୍କୁ ଅଟକ କରି ଭଣ୍ଡାରିପୋଖରୀ ଥାନାକୁ ଆଣି ଯାଞ୍ଚ କରିବା ପରେ କନ୍ଧମାଳ ଜିଲ୍ଲାରୁ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ମିଳିଛି। ଉକ୍ତ କାର୍‌ଟି ଭୁବନେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ସୂଚନା ମିଳିଛି। ଯାଞ୍ଚ କରି ସାରିବା ପରେ ଭଣ୍ଡାରିପୋଖରୀ ଥାନାରୁ ଗଞ୍ଜେଇ ବୋଝେଇ ଜବତ ଗାଡ଼ିଗୁଡ଼ିକୁ ନେଇ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ଅଧିକାରୀମାନେ ଚାଲିଯାଇଥିବା ଦେଖିବାକୁ ମିଳିଥିଲା।




# କୀର୍ତ୍ତନ ଗାୟକଙ୍କ ପରଲୋକ



ଭଦ୍ରକ,୭।୭(ସମିସ): ଭଦ୍ରକ ବରିଷ୍ଠ ନାଗରିକ ପରିଷଦର ସଭ୍ୟ ରାନ୍ଦିଆ ଅଞ୍ଚଳର ଲକ୍ଷ୍ମୀଧର ସେଠୀ (ଗୁଜୁରି)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଏକାଧାରରେ ଜଣେ, ଧର୍ମପ୍ରାଣ, ସଂସ୍କୃତି ରକ୍ଷକ ଲୋକକଳା, କୀର୍ତ୍ତନ ଗାୟକ, ପଶ୍ଚିମ ଭଦ୍ରକ ବରିଷ୍ଠ ନାଗରିକ ପରିଷଦର ସକ୍ରିୟ ସଭ୍ୟ ଥିଲେ। ତାଙ୍କ ବିୟୋଗରେ ନାଗରିକ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ସ୍ୱାଇଁଙ୍କ ସଭାପତିତ୍ୱରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସହସମ୍ପାଦକ ଗୌରାଙ୍ଗ ଚନ୍ଦ୍ର ବାରିକଙ୍କ ମଞ୍ଚ ସଂଯୋଜନା, ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ରାଉଳ, ଗଙ୍ଗାଧର ରାଉଳ, ଉପସଭାପତି ବସନ୍ତ ମହାପାତ୍ର, ବରିଷ୍ଠ ସଭ୍ୟ ଜୟନ୍ତ ବାରିକ, ସୀମା ଚରଣ ସାହୁଙ୍କ ସମେତ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରି ଜଗନ୍ନାଥଙ୍କ ଆଶୀର୍ବାଦ ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରିଥିଲେ। ସ୍ୱର୍ଗତ ସେଠୀ ସଦାସର୍ବଦା ବିମଳା ମନ୍ଦିର, ପଦ୍ମାଳୟା ପୀଠ, ଗୋପାଳଜୀଉ ଗୌଡ଼ୀୟ ମଠ, ଶିବ ମନ୍ଦିର, ତାରିଣୀ ମନ୍ଦିର, ରାମ ମନ୍ଦିର, କୋରାଣ୍ଡ ସାଇ ମନ୍ଦିର, ଶ୍ରୀଚୈତନ୍ୟ ଆଶ୍ରମ, ଭଜନ କୀର୍ତ୍ତନ ଶ୍ରୀକୃଷ୍ଣ ରାସରେ ସମୟ ଅତିବାହିତ କରୁଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ବାଇପୁରରେ କମ୍ୟୁନିଟି ସେଣ୍ଟର ନିର୍ମାଣକୁ ନେଇ ବିବାଦ

ବନ୍ତ/ଆଗରପଡ଼ା,୭।୭(ସମିସ): ବନ୍ତ ତହସିଲ୍ ଅନ୍ତର୍ଗତ ବାଇପୁର ମୌଜାରେ ନିର୍ମାଣାଧୀନ ହରିଜନ ସାହି କମ୍ୟୁନିଟି ସେଣ୍ଟରକୁ ନେଇ ବିବାଦ ଦେଖାଦେଇଛି। ଗ୍ରାମର ବାସିନ୍ଦା ହରେକୃଷ୍ଣ ସେନାପତି ତହସିଲ୍‌ଦାରଙ୍କ ନିକଟରେ ଦାଖଲ କରିଥିବା ଅଭିଯୋଗରେ କହିଛନ୍ତି ଯେ, କମ୍ୟୁନିଟି ସେଣ୍ଟରଟି ଚିହ୍ନିତ ସରକାରୀ ପ୍ଲଟ୍ ନଂ-୮୫ (ଖାତା ନଂ-୧୧୨) ବଦଳରେ ପ୍ଲଟ୍ ନଂ-୮୪ (ଖାତା ନଂ-୧୧୧) ଉପରେ ନିର୍ମାଣ କରାଯାଇଛି। ଅଭିଯୋଗକାରୀଙ୍କ କହିବା ଅନୁସାରେ, ସେ ପୂର୍ବରୁ ଏହି ବେନିୟମ ସମ୍ପର୍କରେ ଲିଖିତ ଭାବେ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟ ବନ୍ଦ କରାଯାଇ ନ ଥିଲା। ବରଂ ନିର୍ମାଣ କାମ ଜାରି ରଖାଯାଇ ଘରର ଛାତ ପକାଯିବା ସହ ରନିଂ ବିଲ୍ ଅର୍ଥ ମଧ୍ୟ ପ୍ରଦାନ କରାଯାଇଥିବା ସେ ଦାବି କରିଛନ୍ତି। ଅଭିଯୋଗରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ଜୁଲାଇ ୬ ତାରିଖ ଅପରାହ୍ଣ ପ୍ରାୟ ୪ଟା ସମୟରେ ତାଙ୍କର ଅନୁପସ୍ଥିତିରେ ରାଜସ୍ୱ ବିଭାଗ ପକ୍ଷରୁ ମାପଚୁପ କରାଯାଇ ନିର୍ମାଣକୁ ସଠିକ୍ ବୋଲି ଦର୍ଶାଯାଇଛି। ଏହି ମାପଚୁପ ସମୟରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ଠିକାଦାର ଓ କାମ ସହ ଜଡ଼ିତ ବ୍ୟକ୍ତିମାନେ ଉପସ୍ଥିତ ଥିବାବେଳେ ଅଭିଯୋଗକାରୀଙ୍କୁ କୌଣସି ସୂଚନା ଦିଆଯାଇ ନ ଥିବା ସେ କହିଛନ୍ତି। ହରେକୃଷ୍ଣ ସେନାପତି ଆହୁରି ଅଭିଯୋଗ କରିଛନ୍ତି ଯେ, ଘଟଣା ସମ୍ପର୍କରେ ପଚାରିବାରୁ ତାଙ୍କୁ ଗାଳିଗୁଲଜ କରାଯିବା ସହ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦିଆଯାଇଛି। ଏହି ପରିସ୍ଥିତିରେ ସେ ପୁଲିସ ଉପସ୍ଥିତିରେ ସଠିକ୍ ସୀମା ଚିହ୍ନ ଆଧାରରେ ପୁନର୍ବାର ନିରପେକ୍ଷ ମାପଚୁପ କରାଯିବା ସହ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବା ପାଇଁ ତହସିଲ୍‌ଦାରଙ୍କ ନିକଟରେ ଦାବି କରିଛନ୍ତି। ଏହି ଘଟଣା ବିଷୟରେ ଗତ ମାର୍ଚ୍ଚ ୨୪ରେ ବନ୍ତ ବ୍ଲକ୍ ବିଡିଓ, ତହସିଲ୍‌ଦାର,

**ପୁନଃ ମାପଚୁପ ପାଇଁ ଦାବି**

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଚେରି କାମରେ ଅନିୟମିତତା



କୋଠାର,୭।୭(ସମିସ): ଧାମନଗର ବ୍ଲକ୍ ଅଧୀନସ୍ଥ କୋଠାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ପାଚେରି ନିର୍ମାଣ କାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, କାର୍ଯ୍ୟସ୍ଥଳରେ କୌଣସି ସୂଚନାଫଳକ ଲଗାଯାଇନାହିଁ। ଫଳରେ ପ୍ରକଳ୍ପର ବ୍ୟୟ ଅଟକଳ, କାର୍ଯ୍ୟାଦେଶ, ଠିକାଦାରଙ୍କ ନାମ ଓ କାର୍ଯ୍ୟ ସମୟସୀମା ସମ୍ପର୍କରେ ସାଧାରଣ ଲୋକ ଅନ୍ଧାରରେ ରହିଛନ୍ତି। ଅଭିଯୋଗ ରହିଛି ଯେ, ଠିକାଦାର ମନମୁଖୀ ଭାବେ କାମ କରୁଥିବାବେଳେ ନିମ୍ନମାନର ସିମେଣ୍ଟ ବ୍ୟବହାର କରାଯାଇଛି। କାମ ସମ୍ପୂର୍ଣ୍ଣ ହୋଇ ରଙ୍ଗ ଲଗାଯାଇନାହିଁ। ପାଚେରି କାନ୍ଥରେ ଫାଟ ସୃଷ୍ଟି ହୋଇଛି। ଗୋଟେ ଜାଗା ନୁହେଁ, ଦୁଇଟି ଜାଗାରେ କାନ୍ଥ ପୂରା ଫାଟିଯାଇଛି। ଏହାର କାରଣ ପିଲାର ନିର୍ମାଣ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ହୋଇ ନ ଥିବା ଅଭିଯୋଗ ହେଉଛି। ଏ ନେଇ କନିଷ୍ଠ ଯନ୍ତ୍ରୀ (ଜେଇ) ମୁଣ୍ଡା ବାବୁଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରି ନ ଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ିଛି। ସ୍ଥାନୀୟ ବାସିନ୍ଦାମାନେ ଉକ୍ତ କାମର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ଠିକାଦାର ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ଆର୍ଥିକ ସାକ୍ଷରତା କର୍ମଶାଳା

ଭଦ୍ରକ/ବାରିକପୁର,୭।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବନ୍ଦାଳ ମଢ଼ିଆଳୀ ପଞ୍ଚାୟତ ଖପୁରିଆପଦା କଲ୍ୟାଣ ମଣ୍ଡପଠାରେ ଆର୍ଥିକ ସାକ୍ଷରତା କର୍ମଶାଳା ଓ ସାଇବର ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ତରଫରୁ ମୋନାଲିସା ପଣ୍ଡା ଯୋଗଦେଇଥିଲେ। ଏଥିରେ ସାଇବର ସଚେତନତା ଓ ଆର୍ଥିକ ସାକ୍ଷରତାକୁ ନେଇ ବିଭିନ୍ନ ଆଲୋଚନା ହୋଇଥିଲା। ବ୍ଲକ୍ ପ୍ରଶାସନ ଏ ବିଷୟରେ କିଛି ଜାଣି ନ ଥିବାବେଳେ ଜିଲ୍ଲାସ୍ତରୀୟ କିଛି ବିଭାଗୀୟ ଅଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହାଛଡ଼ା ପଞ୍ଚାୟତ ଅଞ୍ଚଳର ଏସ୍‌ଏଚ୍‌ଜି, ଅଙ୍ଗନବାଡ଼ି କର୍ମୀ, ଆଶା ଦିଦିଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ରୋଟାରୀ କ୍ଲବ୍ ମିଡ୍‌ଟାଉନର ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ଭଦ୍ରକ,୭।୭(ସମିସ): ଭଦ୍ରକ ରୋଟାରୀ କ୍ଲବ୍ ମିଡ୍‌ଟାଉନ୍ ଦ୍ୱାରା ଏକ ନିଃଶୁଳ୍କ ଆୟୁର୍ବେଦିକ ସ୍ୱାସ୍ଥ୍ୟ ଶିବିର ଛ'ପୁଲିଆ ସ୍ଥିତ ଗୁଜୁରାଟି ଭବନରେ ଭୁବନେଶ୍ୱର ହେଲ୍‌ଥ ଭିଲ୍ଲା ଓ ସେଞ୍ଚୁରିଅନ ୟୁନିଭର୍ସିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ହେଲ୍‌ଥ ଭିଲ୍ଲାରୁ ଡାକ୍ତର ମିଳିନ୍ଦମୋହନ ପରାଶର, ନାରାୟଣ ମଲ୍ଲିକ, ସଦାବ୍ ଅହମ୍ମଦ ତଥା ସେଞ୍ଚୁରିଅନ୍ ୟୁନିଭର୍ସିଟିର ସୁନୀଲ କୁମାର ଝା, ସାଲୋନି ଶ୍ରେୟା ପଟ୍ଟନାୟକ, ସୁଶ୍ରୀ ସ୍ୱାଗତିକା ପ୍ରମୁଖ ପ୍ରତିନିଧିତ୍ୱ କରିଥିଲେ। ଉକ୍ତ ଶିବିରରେ ୨ଶହରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚକ୍ଷୁ ପରୀକ୍ଷା କରାଯିବା ସହ ଔଷଧ ଓ ଚଷମା ବିନାମୂଲ୍ୟରେ ପ୍ରଦାନ କରାଯାଇଥିଲା। କ୍ଲବ୍ ସଭାପତି ରୋ.ଅଶୋକ କୁମାର ବିଶ୍ୱାଳ ଓ ସମ୍ପାଦକ ମହେଶ ଚନ୍ଦ୍ର ନାୟକ ଆୟୁର୍ବେଦ ଉପଚାର ବିଷୟରେ ମନ୍ତବ୍ୟ ଦେଇଥିଲେ। ନିମନ୍ତ୍ରିତ ଅତିଥିଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ସନ୍ତୁଳିତ ଖାଦ୍ୟ, ନିୟମିତ ବ୍ୟାୟାମ ଓ ଯୋଗ ସୁସ୍ଥ ଜୀବନର ମୂଳ ଆଧାର ବୋଲି ବକ୍ତବ୍ୟ ରଖିବା ସହ କ୍ଲବ୍‌ର ସମସ୍ତ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। ବିଶିଷ୍ଟ ସମାଜସେବୀ ରୋଟାରିଆନ୍ ଡ. ଶିଶିର ମିଶ୍ର ଉକ୍ତ କାର୍ଯ୍ୟକ୍ରମକୁ ସଞ୍ଚାଳନା ଓ ପରିଚାଳନା କରିବା ସହ ସ୍ୱାସ୍ଥ୍ୟ ସେବାରେ କ୍ଲବ୍‌ର ଭୂମିକା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଅସ୍ତ୍ରୋପଚାର ବିନା ଆୟୁର୍ବେଦିକ ଚିକିତ୍ସା କିପରି ଲୋକଙ୍କୁ ସୁସ୍ଥ ଓ ନିରାମୟ କରିପାରେ ତାହା ଡାକ୍ତରମାନେ ପରାମର୍ଶ ଦେଇଥିଲେ ଓ କ୍ଲବ୍‌ର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ସମୟୋଚିତ ଚିକିତ୍ସା ପରାମର୍ଶ ସମ୍ବନ୍ଧରେ ଶ୍ରୀ ଝା ବକ୍ତବ୍ୟ ରଖିଥିଲେ। ରୋଟାରିଆନ୍ ଅତିସ୍ କୁମାର ବେହେରା ଆୟୁର୍ବେଦିକ ଚିକିତ୍ସାରେ ରୋଗର ସଠିକ୍ ନିରୂପଣ ହେଲେ ଚିକିତ୍ସା କ୍ଷେତ୍ରରେ ଖୁବ୍ ଫଳପ୍ରଦ ହୋଇପାରିବ ବୋଲି ମନ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନାରେ ରୋଟାରିଆନ୍ ବେଦପ୍ରକାଶ ଗୁପ୍ତା, ଅଶୋକ ଲାଖାନୀ, ପ୍ରମୋଦ ଲାଖାନୀ, ସମିତା ମିଶ୍ର, ନିରଞ୍ଜନ ମଲ୍ଲିକ, ନିମେଶ ପରେଖ, ଜିତେନ୍ଦ୍ର ଅଗ୍ରୱାଲ, ସିଲୁ ଲାଖାନୀ, ସନ୍ଧ୍ୟା ଗୁପ୍ତା, ରତନଲାଲ ଗୁପ୍ତା, ରାହୁଲ ଖେରିଆଙ୍କ ସମେତ ମାରୱାଡ଼ି ସମାଜର ସଦସ୍ୟମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

**ଚନ୍ଦ୍ରକାନ୍ତ ମୃତ୍ୟୁ ଘଟଣା**

# ନ୍ୟାୟ ଦାବିରେ ଆଖଣ୍ଡଳମଣି-ଭଦ୍ରକ ରାସ୍ତା ଅବରୋଧ

ଆରଡ଼ି,୭।୭(ସମିସ)



ଧୂଷୁରୀ ଥାନା ଅଧୀନ ମଠଡିହ ବଜାରରେ ମଙ୍ଗଳବାର ପୂର୍ବାହ୍ଣରେ ନିକଟସ୍ଥ ଷାଠିବାଙ୍କୁଡ଼ା ଗ୍ରାମର ଶତାଧିକ ପୁରୁଷ, ମହିଳା, ଯୁବକ, ସେହି ଗାଁର ୨୮ ବର୍ଷୀୟ ଚନ୍ଦ୍ରକାନ୍ତ ମହାକୁଳ (ହାପି) ହତ୍ୟାକାଣ୍ଡର ନ୍ୟାୟ ଦାବିରେ ଆଖଣ୍ଡଳମଣି-ଭଦ୍ରକ ରାସ୍ତାକୁ ଅବରୋଧ କରିଥିଲେ। ମୃତ ଚନ୍ଦ୍ରକାନ୍ତଙ୍କ ପରିବାରକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରାଯିବ ବୋଲି ଗ୍ରାମର ଲୋକମାନେ କହିବା ସହ ରାସ୍ତାରେ ବସି ରହିଥିଲେ। ଘଟଣାସ୍ଥଳରେ ଧୂଷୁରୀ ଓ ଆରଡ଼ି ପୁଲିସ ଉପସ୍ଥିତ ଥିଲେ। ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଏହି ରାସ୍ତାରୋକ ଚାଲୁ ରହିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଛୋଟବଡ଼ ଗାଡ଼ିଗୁଡ଼ିକ ଅଟକି ରହିଥିଲେ। ଆଖଣ୍ଡଳମଣିଙ୍କ ପୀଠକୁ ଆସୁଥିବା ଭକ୍ତମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରାସ୍ତାରୋକ ଚାଲିଥିଲାବେଳେ ଭଦ୍ରକ ଆଡିସ୍‌ନାଲ୍ ଏସ୍‌ପି ଅରୂପ ଅଭିଷେକ ବେହେରା ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହ ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ ରାସ୍ତାରୋକ ହଟିଥିଲା। ଯାନବାହା ସ୍ୱାଭାବିକ ଭାବରେ ଚଳାଚଳ କରିଥିଲେ।

ସୂଚନା ଅନୁସାରେ, ଗତ ଜୁନ୍ ୧୭ ତାରିଖରେ ଚନ୍ଦ୍ରକାନ୍ତଙ୍କ ଝୁଲନ୍ତା ଶବ ଏନ୍‌ଏଚ୍ ୨୦ ରାସ୍ତା ପାର୍ଶ୍ୱରେ ଥିବା ସତ୍ୟଜିତ୍ ପଲାଇ ନାମକ ଜଣେ ବ୍ୟକ୍ତିଙ୍କ ବାଡ଼ିପଟେ ଝୁଲୁଥିବା ଲୋକମାନେ ଦେଖି ପରିବାରକୁ ଜଣାଇଥିଲେ। ଗ୍ରାମର ମୁରବୀଙ୍କ ପରାମର୍ଶ ନେଇ ତାଙ୍କ ମରଶରୀରକୁ ବ୍ୟବଚ୍ଛେଦ ନ କରି ପୋଡ଼ି ଦିଆଯାଇଥିଲା। ଏହାର ୭ ଦିନ ପରେ ଚନ୍ଦ୍ରକାନ୍ତଙ୍କୁ ସେହି ଗ୍ରାମର ୩ ଜଣ ହତ୍ୟା କରିଥିବା ଦର୍ଶାଇ ମୃତକଙ୍କ ପରିବାର ପକ୍ଷରୁ ଆରଡ଼ି ଫାଣ୍ଡିରେ ଏତଲା ଦିଆଯାଇଥିଲା। ଧୂଷୁରୀ ଥାନାଧିକାରୀ, ଧାମନଗର ଏସ୍‌ଡିପିଓ, ଭଦ୍ରକ ଏସ୍‌ପି ଏହାର ତଦନ୍ତ କରିଥିଲେ। ତଦନ୍ତ ରିପୋର୍ଟ ଠିକ୍ ଭାବେ ନ କରି ପୁଲିସ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ କରୁ ନ ଥିବା କହି ଏହି ରାସ୍ତାରୋକ କରାଯାଇଥିବା ଜଣାପଡ଼ିଛି।

# ବିଜେପି ସରକାରଙ୍କ କଥାରେ ରହୁନି ତାଳମେଳ: ବିଜେଡି

- ■ ପ୍ରାକ୍ ଶିକ୍ଷା ବ୍ୟବସ୍ଥାକୁ ଭୁଶୁଡ଼ାଇବାକୁ ସରକାରଙ୍କ ଯୋଜନା
- ■ ଇସ୍ତଫା ଦିଅନ୍ତୁ ଗଣଶିକ୍ଷା ମନ୍ତ୍ରୀ ଓ ବିଭାଗୀୟ ସଚିବ
- ■ ଜୁଲାଇ ୯ ରୁ ୧୫ ରାଜ୍ୟବ୍ୟାପୀ ଶିକ୍ଷା ବଞ୍ଚାଅ ଅଭିଯାନ



ଭୁବନେଶ୍ୱର,୭।୭(ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଠ୍ୟ ପୁସ୍ତକରେ ମାଳ ମାଳ ତ୍ରୁଟି । ଏହାକୁ ସଂଶୋଧନ କରିବା ପରିବର୍ତ୍ତେ ଡବଲ ଇଞ୍ଜିନ ସରକାର ଓଡ଼ିଶାର ପ୍ରାକ୍ ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିବାରେ ଲାଗି ପଡିଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଛି ବିଜେଡି। ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଚାନ୍ଦବାଲି ବିଧାୟକ ତଥା ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟ, ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ବିଧାୟକ ଶ୍ରୀ ରାୟ କହିଛନ୍ତି ଯେ ପାଠ୍ୟ ପୁସ୍ତକରେ ୨୦୦୦ରୁ ଉର୍ଦ୍ଧ୍ୱ ତ୍ରୁଟି ରହିଛି। ତ୍ରୁଟିପୂର୍ଣ୍ଣ ପୁସ୍ତକପ୍ରତ୍ୟାହାର କରିବା ନେଇ ସରକାରୀସ୍ତରରେ ଘୋଷଣା କରାଯାଇଥିଲା ।ମାତ୍ର ତାହା ଏଯାଏ ହେଲା ନାହିଁ ।ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ସଚିବ କାହାରି କଥାରେ କୌଣସି ତାଳମେଳ ରହୁନାହିଁ । ବିଜେପି ସରକାରରେ ବିଧି ବ୍ୟବସ୍ଥା ସଠିକ୍ ଭାବରେ ରହୁନାହିଁ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପ୍ରାକ ଶିକ୍ଷାର ସମୟ ଥିବା ବେଳେ ତାହା ଭୁଶୁଡ଼ି ପଡ଼ିଲାଣି । ସରକାର ମୂକ ଓ ବଧୀର ପାଲଟି ଯାଇଛନ୍ତି। ଏହା ବିରୋଧରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ରାଜରାସ୍ତାକୁ ଓହ୍ଲାଇ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ। ଜୁଲାଇ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ଶିକ୍ଷା ବଞ୍ଚାଅ ଅଭିଯାନକୁ ନେଇ ରାଜ୍ୟବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଶିକ୍ଷା ବର୍ଷ ଆରମ୍ଭ ହୋଇଥିବା ବେଳେ ପିଲାଙ୍କ ପାଖରେ ପୁସ୍ତକ ନାହିଁ । ମାସକ ମଧ୍ୟରେ ପୁସ୍ତକ ପ୍ରତ୍ୟାହାର କରି ତ୍ରୁଟି ଶୂନ୍ୟ ନୂତନ ପୁସ୍ତକ ପ୍ରଦାନ କରାଯାଉ ।ନଚେତ ପୁରୁଣା ପୁସ୍ତକକୁ ପୁନଃ ପ୍ରଚଳନ କରାଯାଉ। ତ୍ରୁଟିପୂର୍ଣ୍ଣ ପୁସ୍ତକ କରି ରାଜ୍ୟ ସରକାରଙ୍କୁ ବଦନାମ କରିବାକୁ ଷଡ଼ଯନ୍ତ୍ର କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତେଣୁ କିଏ ଷଡ଼ଯନ୍ତ୍ର କରିଛି, ତାହା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ ଓ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି । ସେହିପରି ଚିନ୍ମୟ ସାହୁ କହିଥିଲେ ଯେ ତ୍ରୁଟିକୁ ଲୁଚାଇବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଲୋକଙ୍କୁ ଠକିବାରେ ଲାଗିଛନ୍ତି। ତ୍ରୁଟି ପୂର୍ଣ୍ଣ ପୁସ୍ତକ ପ୍ରତ୍ୟାହାର କରି ନୂତନ ପୁସ୍ତକ ପ୍ରକାଶ ପାଇଁ ନୋଟିଫିକେସନ୍ ହେଉନାହିଁ। ନୂତନ ପୁସ୍ତକ ପ୍ରକାଶ କେବଳ ଘୋଷଣାବାଜିରେ ସୀମିତ ରହିଛି। ପୁସ୍ତକ ପ୍ରକାଶରେ ୩୮୦କୋଟି ଟଙ୍କାର ଦୁର୍ନୀତି ହୋଇଛି। ସରକାରୀ ପ୍ରେସରେ ପୁସ୍ତକ ନ ଛାପି ଘରୋଇ ପ୍ରେସରେ ଛାପିବା ସନ୍ଦେହ ସୃଷ୍ଟି କରିଛି । ଏନେଇ ପଦକ୍ଷେପ ଗ୍ରହଣ ନକ ରିବା ପର୍ଯ୍ୟନ୍ତ ବିଜେଡି ଆନ୍ଦୋଳନ ଜାରି ରଖିବ ବୋଲି ସେ କହିଛନ୍ତି। ଇପ୍ସିତା ସାହୁ କହିଥିଲେ ଯେ କୁନି କୁନି ପିଲାଙ୍କୁ ଶିକ୍ଷା ଭଳି ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଛି ।ବିଜେପି ସରକାର ପିଲାଙ୍କ ଭବିଷ୍ୟତକୁ ଦଳି ଚକଟି ନଷ୍ଟ କରିବା ସହ ସାମ୍ବିଧାନିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛନ୍ତି । ଜାତୀୟ ସ୍ତରରେ ଓଡ଼ିଶା ଆଜି ନିନ୍ଦିତ ହୋଇଛି। ପିଲାଙ୍କ ଭବିଷ୍ୟତ ନେଇ ବିଜେପି ସରକାରଙ୍କ ଚକ୍ରାନ୍ତ ବିରୁଦ୍ଧରେ ବିଜେଡି ଲଢ଼େଇ ଜାରି ରଖିବ ବୋଲି କହିଛନ୍ତି ।

## ଫାଟିଲା ଗ୍ୟାସ୍ ପାଇପ୍ ଲାଇନ୍; ସାଧାରଣରେ ଆତଙ୍କ



ଅନୁଗୋଳ,୭।୭(ସମିସ): ମଙ୍ଗଳବାର ଅପରାହ୍ଣରେ ଗାନ୍ଧୀମାର୍ଗ ମୈତ୍ରୀନଗର ରାସ୍ତାରେ ଟିପିସିଓଡିଏଲ୍‌ର ମାଟି ତଳେ ୩୩ କେଭି ଲାଇନ୍ କାମ ଚାଲିଥିବା ବେଳେ ପିଏନ୍‌ଜି ଗ୍ୟାସ ପାଇପ୍ ଲାଇନ୍ ଫାଟି ଗ୍ୟାସ୍ ଲିକ୍ ହୋଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ବାସିନ୍ଦା ଭୟରେ ଏଣେତେଣେ ଦୌଡ଼ିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଓ ବିପିସିଏଲ୍ ଅଧିକାରୀ ଆସି ଗ୍ୟାସ୍ ଲିକେଜ୍‌କୁ ନିୟନ୍ତ୍ରଣ କରିବାରେ ସହାୟତା କରିଥିଲେ। ପୁଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସେ ଅଞ୍ଚଳକୁ ସିଲ୍ କରିବା ସହ ଲୋକଙ୍କୁ ଆତଙ୍କିତ ନ ହେବା ପାଇଁ ବୁଝାଇଥିଲେ। ଦୀର୍ଘ ସମୟ ପରେ ଗ୍ୟାସ ଲିକ୍‌କୁ ନିୟନ୍ତ୍ରଣ କରାଯାଇଥିବା ଜଣାପଡ଼ିଛି। ଏହି ଅଘଟଣ ନେଇ ତଦନ୍ତ ଆରମ୍ଭ ହୋଇଛି।

## ଚିକିଟି ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନରେ ଅନ୍ତରୀଣ ସ୍ଥଗିତାଦେଶ

କଟକ,୭ ।୭(ସମିସ): ଗଞ୍ଜାମ ଜିଲ୍ଲା ଚିକିଟି ପଞ୍ଚାୟତସମିତିର ଅଧ୍ୟକ୍ଷ ପଦ ପୂରଣ ପାଇଁ ନିର୍ବାଚନ ଉପରେ ହାଇକୋର୍ଟ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିଛନ୍ତି। ଆସନ୍ତା ଜୁଲାଇ ୮ ତାରିଖ ପୂର୍ବାହ୍ନ ୧୦ଟାରେ ଚିକିଟି ପଞ୍ଚାୟତସମିତି କାର୍ଯ୍ୟାଳୟରେ ଏହି ନିର୍ବାଚନ ହେବାର ଥିଲା, ଯାହାକୁ ହାଇକୋର୍ଟ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଷୟ କୁମାର ସେଠୀ, ଇପାରି ସୀମାଞ୍ଚଳ ଓ ମୋହନ ସାହୁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଭି. ନରସିଂହ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୧୨ରେ ଅନୁଷ୍ଠିତ ହେବ। ଏହି ମାମଲାରେ ରାଜ୍ୟ ସରକାର ଓ ଅନ୍ୟ ପ୍ରତିପକ୍ଷଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ମାମଲାରୁ ପ୍ରକାଶ ଯେ ଚିକିଟି ପଞ୍ଚାୟତସମିତିର ପୂର୍ବତନ ଅଧ୍ୟକ୍ଷଙ୍କ ବିୟୋଗ ପରେ ଏହି ପଦ ଖାଲି ପଡ଼ିଥିଲା। ଏହାକୁ ପୂରଣ କରିବା ପାଇଁ ଗତ ଜୁନ ୩୦ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପଞ୍ଚାୟତସମିତି ସଭ୍ୟ ପଦ ଖାଲି ଥିବା ସତ୍ତ୍ୱେ କେବଳ ଅଧ୍ୟକ୍ଷ ପଦ ପୂରଣ ପାଇଁ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ କରିବା ଆଇନଗତ ଭାବେ ତ୍ରୁଟିପୂର୍ଣ୍ଣ। ଏହା ଓଡ଼ିଶା ପଞ୍ଚାୟତ ସମିତି ନିର୍ବାଚନ ନିୟମାବଳୀ, ୧୯୯୧ର ନିୟମ ୪୬କୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରୁଛି ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ୧୯୯୧ ନିୟମାବଳୀର ଧାରା ୪୬ ଓ ପୂର୍ବର ଏକ ରାୟକୁ ଆଧାର କରି କୋର୍ଟ ଏହି ନିର୍ବାଚନ ପ୍ରକ୍ରିୟା ଉପରେ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଗକୁ ଭୟଙ୍କର...

ଏହି ରିପୋର୍ଟ ଅନୁସାରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ହିଟ୍ ଷ୍ଟ୍ରୋକ୍ ଓ ଅନ୍ୟାନ୍ୟ ଉତ୍ତାପଜନିତ ରୋଗରେ ପୀଡ଼ିତ ଲୋକଙ୍କ ସଂଖ୍ୟା ବଢ଼ିପାରେ। ବିଶେଷକରି ବୃଦ୍ଧ, ଶିଶୁ ଓ ବାହାରେ କାମ କରୁଥିବା ଶ୍ରମିକମାନେ ଅଧିକ ବିପଦରେ ପଡ଼ିପାରନ୍ତି।ତେବେ ରିପୋର୍ଟରେ ଏହି ସମସ୍ୟାର ସମାଧାନ ଭାବେ ସୌର ଶକ୍ତି ଓ ବ୍ୟାଟେରି ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ ବ୍ୟାପକ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଦିନ ସମୟରେ ସୌର ଶକ୍ତି ଉତ୍ପାଦନ ଓ ବ୍ୟାଟେରିରେ ବିଦ୍ୟୁତ୍ ସଂରକ୍ଷଣ କରି ପ୍ରୟୋଜନ ସମୟରେ ବ୍ୟବହାର କଲେ ବିଦ୍ୟୁତ୍ ନିଅଣ୍ଟ ଅନେକାଂଶ ହ୍ରାସ ପାଇବ ଓ କୋଇଲା ଉପରେ ନିର୍ଭରଶୀଳତା ମଧ୍ୟ କମିବ। ଭାରତରେ ବିଦ୍ୟୁତ୍ ଚାହିଦା ନିରନ୍ତର ବଢ଼ୁଥିବା ବେଳେ ଜଳବାୟୁ ପରିବର୍ତ୍ତନ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ତେଣୁ ନବୀକରଣଯୋଗ୍ୟ ଶକ୍ତି, ଆଧୁନିକ ବିଦ୍ୟୁତ୍ ଗ୍ରିଡ୍ ଏବଂ ଶକ୍ତି ସଂରକ୍ଷଣ ବ୍ୟବସ୍ଥାରେ ବିନିଯୋଗ ବଢ଼ାଇବା ଉପରେ ଶକ୍ତି ବିଶେଷଜ୍ଞମାନେ ଗୁରୁତ୍ୱ ଦେଇଛନ୍ତି।ବିଶେଷଜ୍ଞମାନଙ୍କ ମତରେ, ବର୍ତ୍ତମାନ ଦିନ ବେଳର ବିଦ୍ୟୁତ ଚାହିଦାର ପ୍ରାୟ ୨୪ ପ୍ରତିଶତ ସୌର ଶକ୍ତି ଯୋଗାଉଛି। ଏଲ୍ ନିନୋର ପ୍ରଭାବ ସୌର ଶକ୍ତି ଉପରେ ତୁଳନାମୂଳକ ଭାବେ କମ୍ ଥିବାରୁ ଅଧିକ ସୌର ପ୍ୟାନେଲ୍ ଓ ବ୍ୟାଟେରି ସଂରକ୍ଷଣ ବ୍ୟବସ୍ଥା ଭବିଷ୍ୟତରେ ଏପରି ଚରମ ପାଣିପାଗ ଜନିତ ବିଦ୍ୟୁତ ସଙ୍କଟକୁ ମୁକାବିଲା କରିବାରେ ଦେଶକୁ ଅଧିକ ସକ୍ଷମ କରିପାରିବ।

### ୱାୟନାଡ୍‌ରେ ଭୂସ୍ଖଳନ...

ସ୍ଥଳରୁ ମାଟି ଅପସାରଣ ପାଇଁ ଜିଲ୍ଲା କଲେକ୍ଟର ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ସେଥିପ୍ରତି କୌଣସି ପଦକ୍ଷେପ ନିଆ ନଯିବାରୁ ଏପରି ବିପର୍ଯ୍ୟୟ ସୃଷ୍ଟି ହେଲା। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ୱାୟାନାଡ ଏବଂ କୋଜିକୋଡ ଜିଲ୍ଲା ପାଇଁ ରେଡ୍ ଆଲର୍ଟ ଜାରି କରିଛି। ଏଥିସହିତ ମାଲାପୁରମ୍, କନ୍ନୁର ଏବଂ କାସରଗୋଡ ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇ ସ୍ଥାନୀୟ ପ୍ରଶାସନକୁ ସତର୍କ ରହିବାକୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୱାୟାନାଡ ଜିଲ୍ଲା ଏକ ଭୂସ୍ଖଳନ ପ୍ରବଣ ଅଞ୍ଚଳ। ୨୦୨୪ରେ ମୁଣ୍ଡକାଇଠାରେ ଘଟିଥିବା ଭୂସ୍ଖଳନରେ ୨୯୮ ଜଣଙ୍କର ମୃତ୍ୟୁ ଘଟିଥିଲା।ତେଣୁ ଆଜିର ଭୂସ୍ଖଳନ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି।

### ଇଣ୍ଡୋନେସିଆରେ ବିଜୁଙ୍କ...

ଏଠାରେ ସୂଚନାଯୋଗ୍ୟ ଯେ ୧୯୪୭ ମସିହାରେ ଡଚ୍ ଉପନିବେଶବାଦୀ ଶାସନ ବିରୋଧରେ ଇଣ୍ଡୋନେସିଆ ଜାତୀୟ ବିପ୍ଳବରେ ବିଜୁ ପଟ୍ଟନାୟକ ଜୀବନକୁ ବାଜି ଲଗାଇ ଏକ ସାହସିକ ଭୂମିକା ଗ୍ରହଣ କରିଥିଲେ । ଡଚମାନେ ଇଣ୍ଡୋନେସିଆକୁ ପୁନଃ ଉପନିବେଶ କରିବାକୁ ଚେଷ୍ଟା କରିଥିଲେ । ସ୍ୱାଧୀନତା ଆନ୍ଦୋଳନକୁ ଦବାଇ ଦେବା ପାଇଁ ସେମାନେ ଇଣ୍ଡୋନେସିଆର ପ୍ରଧାନମନ୍ତ୍ରୀ ସୁତାନ ସାହାରିୟର ଏବଂ ଉପ-ରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ଜାକର୍ତ୍ତାରେ ଗୃହବନ୍ଦୀ କରିଥିଲେ । ନେହେରୁ ୩୧ ବର୍ଷୀୟ ଦୁର୍ଦ୍ଦଶ ବୈମାନିକ ବିଜୁ ପଟ୍ଟନାୟକଙ୍କୁ ଇଣ୍ଡୋନେସିଆର ନେତାମାନଙ୍କୁ ବାହାର କରିବା ପାଇଁ ଏକ ଗୁପ୍ତ ଅଭିଯାନର ଦାୟିତ୍ୱ ଦେଇଥିଲେ। ଜୁଲାଇ ୧୯୪୭ରେ ବିଜୁ ପଟ୍ଟନାୟକ ଓ ତାଙ୍କ ପତ୍ନୀ ଜ୍ଞାନ ପଟ୍ଟନାୟକ ଭାରତରୁ ସାମରିକ ପରିବହନ ବିମାନ (ଡାକୋଟା ଡିସି-୩) ଦ୍ୱାରା ଇଣ୍ଡୋନେସିଆର ଆକାଶ ସୀମାରେ ଉଡ଼ାଇଥିଲେ। ବିଜୁ ପଟ୍ଟନାୟକ ସଫଳତାର ସହ ସିଙ୍ଗାପୁର ଦେଇ ସଜାହରିର ଏବଂ ହଟ୍ଟାଙ୍କ ସମେତ ବରିଷ୍ଠ ନେତାଙ୍କୁ ୧୯୪୭ ଜୁଲାଇ ୨୪ ତାରିଖରେ ନିରାପଦରେ ନୂଆଦିଲ୍ଲୀରେ ପହଞ୍ଚାଇଥିଲେ। ନିଜର ଡାକୋଟା ବିମାନକୁ ନେଇ ବିଜୁ ବାବୁ ଯେପରି ଅସୀମ ସାହସ ପ୍ରଦର୍ଶିତ କରିଥିଲେ, ତାହା ସେତେବେଳେ ସମଗ୍ର ବିଶ୍ୱରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏପରିକି ଏଥିପାଇଁ ବିଜୁ ବାବୁଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ ଭୂମିପୁତ୍ର ଉପାଧି ମିଳିଥିଲା।

### ବିକାଶ ଓ ପରିବେଶ...

ପ୍ରାୟ ୯ ଲକ୍ଷ ଚାରା ରୋପଣର ଲକ୍ଷ୍ୟ ରଖାଯାଇଛି। ସେହିପରି "ବର୍ଦ୍ଧିତ ସବୁଜ ବଳୟ ଯୋଜନା' ମାଧ୍ୟମରେ ଚଳିତ ବର୍ଷ ୩.୫୮ ହେକ୍ଟର ଜମିରେ ୧୫ ଲକ୍ଷ ୯୩ ହଜାର ବୃକ୍ଷଚାରା ରୋପଣ କରାଯିବ। ସହରାଞ୍ଚଳରେ ପ୍ରଦୂଷଣ କମାଇବା ପାଇଁ ଚଳିତ ବର୍ଷ ପ୍ରାୟ ୬ ଲକ୍ଷ ୯୫ ହଜାର ଚାରା ରୋପଣର ଲକ୍ଷ୍ୟ ରହିଛି। "ଆମ ଜଙ୍ଗଲ ଯୋଜନା' ଅଧୀନରେ ୧୯,୯୭୫ ହେକ୍ଟର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର କରାଯାଇ ୪୩.୧୮ ଲକ୍ଷ ସ୍ଥାନୀୟ ହିତାଧିକାରୀଙ୍କୁ ୧,୪୮୮.୫୨ କୋଟି ଟଙ୍କାର ଜୀବିକା ଭିତ୍ତିକ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଏହା ସହିତ ବଜ୍ରପାତରୁ ରକ୍ଷା ପାଇବା ପାଇଁ ଗତ ଆର୍ଥିକ ବର୍ଷରେ ୧୭.୯୦ ଲକ୍ଷ ତାଳ ଚାରା ରୋପଣ କରାଯାଇଛି ବୋଲି ସେ କହିଛନ୍ତି । ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବନୀକରଣ କ୍ଷେତ୍ରରେ ଜନଭାଗୀଦାରି ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ଏହି ଅବସରରେ ଜଙ୍ଗଲ ସୁରକ୍ଷା ଓ ବନୀକରଣ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁଗୁଳର "ଜେରେଙ୍ଗ ବୁଧିପାହାଡ଼ ବନ ସୁରକ୍ଷା ସମିତି' ଏବଂ ମୟୂରଭଞ୍ଜର "ଗୁଡ଼ଗୁଡ଼ିଆ ପରିବେଶ ବିକାଶ ସମିତି (ଇଡିସି)' କୁ ରାଜ୍ୟ ସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ସ୍ୱରୂପ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି।

### ୧୦କିମି ଚାଲି ଚାଲି...

ବାଟ ଚାଲିଚାଲି କଳମା ସ୍ଥିତ ବିଧାୟକଙ୍କ ବାସଭବନ ଆଗରେ ପହଞ୍ଚିଥିଲେ ,ବିଧାୟକ ଜାଣି ଶୁଣି ଦେଖା ନ ଦେବାରୁ ବିଧାୟକ ହାଏ ହାଏ , ସନାତନ ବିଜୁଳି ଛି ଛି , ବିଧାୟକ ତମେ ଲୁଚିଗଲ ଆଦି ନାରା ଦେଇ ଫେରିଆସିଲେ। ବିଧାୟକ ଙ୍କ ଏଭଳି କାର୍ଯ୍ୟ ପାଇଁ ସାଧାରଣରେ ନିନ୍ଦା ପ୍ରକାଶ କରିଛନ୍ତି।

### ୭ ପାହାଡ଼ ଚଢ଼ି...

ତାଙ୍କର ଏହି ନିଷ୍ଠାକୁ ସମ୍ମାନ ଜଣାଇ ତିରୁମାଲା ତିରୁପତି ଦେବସ୍ଥାନମ ପକ୍ଷରୁ ଗତ ସୋମବାର ତାଙ୍କୁ ଓ ତାଙ୍କ ପରିବାର ବର୍ଗଙ୍କୁ ଭିଆଇପି ବ୍ରେକ୍ ଦର୍ଶନର ସୁଯୋଗ ପ୍ରଦାନ କରାଯାଇଥିଲା। ଏନେଇ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ମଧ୍ୟ ଟ୍ୱିଟ୍ କରି ନବନୀତମ୍ମାଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି।

### ୭୫ ବର୍ଷ ବୟସରେ...

ଜ୍ଞାନାର୍ଜନକୁ ସର୍ବାଧିକ ଗୁରୁତ୍ୱ ଦେବା ଉଚିତ। ନିଜ ଦୀର୍ଘ ଶିକ୍ଷାଯାତ୍ରାରେ ପତ୍ନୀ ବିଦ୍ୟା ଦେବୀ ଓ ପରିବାରର ସହଯୋଗକୁ ସେ ମୁଖ୍ୟ ପ୍ରେରଣା ବୋଲି କହିଛନ୍ତି। ତାଙ୍କ ଏହି ଅଦମ୍ୟ ଇଚ୍ଛାଶକ୍ତି ଓ ଜ୍ଞାନ ପ୍ରତି ନିଷ୍ଠା ଆଜି ଯୁବପିଢ଼ି ପାଇଁ ଏକ ଅନନ୍ୟ ପ୍ରେରଣା ପାଲଟିଛି।


OFFICE OF THE PANCHAYAT SAMITI: SEMILIGUDA
DISTRICT: KORAPUT (ODISHA)
No.: 1261/2026, Date: 04/07/2026
19001/138/2627

NOTICE INVITING TENDER

(e-Procurement Notice No. PS/SMG-01/2026-27)

The **Block Development Officer, Panchayat Samiti, Semiliguda, District-Koraput, Pin-764036 (Odisha)** on behalf of the **Governor of Odisha** invites **Percentage Rate Bids** in **Double Cover System** through the electronic tendering system from eligible class contractors for execution of **11 (Eleven) Nos. of Civil Works (Buildings)** under Panchayat Samiti, Semiliguda, District-Koraput (Odisha). The detailed information is available in the e-Procurement portal/website: https://www.tendersodisha.gov.in

**Last date for receipt of online bid: 20.07.2026 (up to 05:30 P.M.)**

OIPR-19001/19066/1/26-27/0001 — Sd/- Block Development Officer, Semiliguda



ରେଜିଷ୍ଟ୍ରି ସଂ. ଡି.ଏଲ. ୩୩୦୦୪/୯୯ — Regd. No. D.L. 33004/99
24001/266/2627

भारत का राजपत्र
The Gazette of India

ସି.ଜି.-ଡି.ଏଲ.-ଅ.-17062026-273545
CG-DL-E-17062026-273545
ଅସାଧାରଣ
(EXTRAORDINARY)
ଭାଗ ୨ - ଖଣ୍ଡ ୩ - ଉପ-ଖଣ୍ଡ (ii)
PART II-Section 3-Sub-section (ii)
ପ୍ରାଧିକାରୀଙ୍କ ଦ୍ୱାରା ପ୍ରକାଶିତ
PUBLISHED BY AUTHORITY

ସଂ.୨୯୭୭] ନୂଆ ଦିଲ୍ଲୀ, ସୋମବାର, ଜୁନ୍ ୧୫, ୨୦୨୬ / ଜ୍ୟେଷ୍ଠ ୨୫, ୧୯୪୮
No.୨୯୭୭] NEW DELHI, MONDAY, JUNE 15, 2026 / JYAISHTA 25, 1948

ସଡକ ପରିବହନ ଏବଂ ରାଜମାର୍ଗ ମନ୍ତ୍ରଣାଳୟ
ଅଧିସୂଚନା
ନୂଆ ଦିଲ୍ଲୀ, ୧୨ ଜୁନ୍ ୨୦୨୬

ଏସ୍.ଓ. ୩୦୮୭ (ଇ) - ଜାତୀୟ ରାଜପଥ ଆଇନ, ୧୯୫୬ (୧୯୫୬ର ୪୮) (ଏଠାରେ ଉକ୍ତ ଆଇନ ଭାବରେ ଉଲ୍ଲେଖିତ)ର ଧାରା ୩କ ର ଉପ-ଧାରା (୧) ଅନ୍ତର୍ଗତ ପ୍ରକାଶିତ ଭାରତ ସରକାରଙ୍କ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର ବିଜ୍ଞପ୍ତି, ଏସ୍.ଓ. ୧୩୫୭ (ଇ) ତାରିଖ: ୧୬ ମାର୍ଚ୍ଚ ୨୦୨୬ ରେ ପ୍ରକାଶିତ, ଅସାଧାରଣ, ଭାଗ ୨, ଧାରା ୩, ଉପ-ଧାରା (ii) ଅନୁଯାୟୀ, କେନ୍ଦ୍ର ସରକାର ଉକ୍ତ ବିଜ୍ଞପ୍ତି ସହିତ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଅଧିଗ୍ରହଣ କରିବାକୁ ଏହାର ଉଦ୍ଦେଶ୍ୟ ଘୋଷଣା କରିଛନ୍ତି । NH20 ର ନିର୍ମାଣ (ପ୍ରଶସ୍ତୀକରଣ /ଚାରି-ଲେନ୍ କରିବା, ଇତ୍ୟାଦି), ରକ୍ଷଣାବେକ୍ଷଣ, ପରିଚାଳନା ଏବଂ ପରିଚାଳନା ପାଇଁ କିଲୋମିଟର ୦ ରୁ ୪୯.୨ କିଲୋମିଟର ପର୍ଯ୍ୟନ୍ତ ଜମିରେ | ODISHA ରାଜ୍ୟର ଯାଜପୁର ଜିଲ୍ଲାର ବିଚିତ୍ରପୁର-୧୯୬, କୁସୁନପୁର-୮୧, ମିର୍ଜାପୁର-୧୮୦ ତାଲୁକ ଯାଜପୁର ଏବଂ ବରାଂଶ -୯୬, କୁଆଖିଆ-୯୮, ସାରଙ୍ଗପୁର-୯୭ ତାଲୁକ- ରସୁଲପୁର ଏବଂ ଧନୀପୁର-୪୦, ବିରଜାପୁର-୨୬୦, ବୋଉଳାଙ୍ଗ -୫୯, କନିକାପଡ଼ା-୩୬୦, ଖାନ ନଗର-୯୫, ତଲିଛା-୨୭୮, ତେନ୍ତୁଳିଦିଅ-୫୮ ଉଦୟପୁର-୧୨ ତାଲୁକ- ଦଶରଥପୁର ।

ଏବଂ ଯେହେତୁ ଉକ୍ତ ବିଜ୍ଞପ୍ତିର ସାରାଂଶ "ଦି ଟାଇମ୍ସ ଅଫ୍ ଇଣ୍ଡିଆ" ତାରିଖରେ ୧୪/୦୪/୨୦୨୬ ରେ ପ୍ରକାଶିତ ହୋଇଛି, ଉକ୍ତ ଆଇନର ଧାରା ୩କ ର ଉପ-ଧାରା (୩) ଅନ୍ତର୍ଗତ "ନିତିଦିନ" ତାରିଖ ୧୪/୦୪/୨୦୨୬

ଏବଂ ଦକ୍ଷ ପ୍ରାଧିକରଣ ଧାରା 3-C ଅନୁଯାୟୀ ଦାଖଲ ହୋଇଥିବା ଆପତ୍ତିଗୁଡ଼ିକୁ ଗ୍ରହଣ କରି ଉପଯୁକ୍ତ ଭାବରେ ବିଚାର ଏବଂ ସମାଧାନ କରିଛନ୍ତି;

ଏବଂ ଦକ୍ଷ ପ୍ରାକରଣ ଉକ୍ତ ଆଇନର ଧାରା 3D ର ଉପ-ଧାରା (1) ଅନୁଯାୟୀ, ଦକ୍ଷ ପ୍ରାକରଣ କେନ୍ଦ୍ର ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି;

ତେଣୁ, ବର୍ତ୍ତମାନ ଦକ୍ଷ ପ୍ରାକରଣଙ୍କ ଉକ୍ତ ରିପୋର୍ଟ ପ୍ରାପ୍ତ ହେବା ପରେ ଏବଂ ଦକ୍ଷ ପ୍ରାକରଣ ଧାରା 3D ର ଉପ-ଧାରା (1) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର ଏହା ଦ୍ୱାରା ଘୋଷଣା କରୁଛନ୍ତି ଯେ ଉକ୍ତ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବା ଉଚିତ;

ଏବଂ ଏହା ସହିତ, ଦକ୍ଷ ପ୍ରାକରଣ ଧାରା 3D ର ଉପ-ଧାରା (2) ଅନୁଯାୟୀ, କେନ୍ଦ୍ର ସରକାର ଏହାଦ୍ୱାରା ଘୋଷଣା କରୁଛନ୍ତି ଯେ ସରକାରୀ ଗେଜେଟରେ ଏହି ବିଜ୍ଞପ୍ତି ପ୍ରକାଶନ ପରେ, ଉକ୍ତ ସୂଚୀରେ ନିର୍ଦ୍ଦିଷ୍ଟ ଜମି ସମ୍ପୂର୍ଣ୍ଣ ଭାବରେ କେନ୍ଦ୍ର ସରକାରଙ୍କ ଅଧୀନରେ ରହିବ, ସମସ୍ତ ଭାରରୁ ମୁକ୍ତ ।

ଯେହେତୁ ପ୍ରୋକ୍ତ ଆଇନ ର ଧାରା ୩ (G) ଉପଧାରା ୧, ୨, ୩, ୪ ଅନୁସାରେ ଅଧିଗ୍ରହଣ ନିମନ୍ତେ ସ୍ଥିରିକୃତ ହୋଇଥିବା ତଫସିଲ ଭୁକ୍ତ ଅନୁସୂଚୀ ନିର୍ମିତ ସମ୍ଭାବନ ବ୍ୟକ୍ତି, ଭୂମି ମାଲିକ, ସ୍ୱାର୍ଥ ଥିବା ବ୍ୟକ୍ତି ମାନଙ୍କୁ ଜଣାଇଦିଆଯାଉଅଛି ଯେ ସେମାନେ ଆବଶ୍ୟକୀୟ ସମସ୍ତ କାଗଜାତ ସହ (ବିକ୍ରି କବଲା, ଭାଗବଟରା, ଦାଖଲ ଖାରଜ, ଖଜଣା ପାଉତି ଓ କିସମ ପରିବର୍ତ୍ତନ) ନିଜେ କିମ୍ବା ନିଜର ବିଧାପୂର୍ବକ କ୍ଷମତାପ୍ରାପ୍ତ ବ୍ୟକ୍ତି ମାନଙ୍କ ଦ୍ୱାରା ଉପସ୍ଥିତ ରହି ଦାବି ଉପସ୍ଥାପିତ କରିବେ, ନଚେତ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

କାର୍ଯ୍ୟସୂଚୀ

କିମି. ୦ ରୁ ୪୯.୨ କିମି. ପର୍ଯ୍ୟନ୍ତ ଜମିର ବିସ୍ତାରରେ NH20 ପଡ଼ିଥିବା ଗଠନ ସହିତ କିମ୍ବା ବିନା ଅଗ୍ରହଣ ହେବାକୁ ଥିବା ଜମିର ସଂକ୍ଷିପ୍ତ ବର୍ଣ୍ଣନା । ଗାଁ (ଗୁଡିକ) ଯଥା- ବିଚିତ୍ରପୁର-196, କୁସୁନପୁର-81, ମିର୍ଜାପୁର-180 ତାଲୁକ-ଯାଜପୁର ଏବଂ ଗାଁରେ ଯଥା- ବରାଂଶ-96, କୁଆଖିଆ -98, ସାରଙ୍ଗପୁର -97 ତାଲୁକ-ରସୁଲପୁର ଏବଂ ଧନିପୁର -40, ବିରଜାପୁର -260, ବୋଉଳାଙ୍ଗ -୫୯, ଖାନନଗର-95, ତଲିହା-278, ତେନ୍ତୁଳିଡିଅ-58, ଉଦୟପୁର-12 ତାଲୁକ-ଦଶରଥପୁର, ଓଡିଶ, ଯାଜପୁର ।

4307 GI/2026

L.A.O (Civil) & Competent Authority
(NH-20 Cell)
Collectorate, Jajpur

OIPR-24001/24395/3/26-27/0002



OFFICE OF THE MUNICIPAL COUNCIL, BHAWANIPATNA
DISTRICT – KALAHANDI, PIN – 766001
e-Procurement Notice
Bid Identification No. BPM/07/2026-27
Bid Identification No.: **BPM/2542,** Date: **02/07/2026**
13001/1092/2627

The Executive Officer, on behalf of **Bhawanipatna Municipality**, invites tenders in **Single Cover System**. Bid documents consisting of the specification, Schedule of Quantities, and the set of terms and conditions of contract and other necessary documents can be seen on the Govt website: https://tendersodisha.gov.in

1. **Number of Civil Works: 17 (Seventeen) Numbers**
2. **Estimated Cost: ₹2.71 Lakhs to ₹16.94 Lakhs**
3. **Period of Completion: As per NIT**
4. **Date and time of availability of Bid Documents in the portal:** From **02:00 P.M. of 03.07.2026** to **05:00 P.M. of 18.07.2026**
5. **Last Date & Time for Receipt of Bids in the portal : 05:00 P.M. of 18.07.2026**
6. **Bids will be Opened on: 05:30 P.M. on 18.07.2026**
7. **Name and address of the Officer Inviting Bid: Executive Officer, Bhawanipatna Municipality**

Executive Officer
Bhawanipatna Municipality

OIPR-13001/13100/1/26-27/0009



ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ମାଲକାନଗିରି ବନଖଣ୍ଡ, ମାଲକାନଗିରି
OFFICE OF THE DIVISIONAL FOREST OFFICER-CUM-WILDLIFE WARDEN
MALKANGIRI FOREST DIVISION, MALKANGIRI
E-mail: dfo.malkangiri@odisha.gov.in
Bid Identification No. 01 DFO, MKG 01/2026-27
Letter No.: 118/1F, Date: 06.07.2026
8001/197/2627

NOTICE INVITING TENDER

| Sl. No. | Name of the Work | Procurement of Different Planting Materials for **Planting Season – 2026-27** |
|---|---|---|
| 1 | Estimated Cost | Depending upon funds availability |
| 2 | Period & Time of Completion | **15 days** from the date of issue of orders |
| 3 | Date & Time of Availability of Bid Documents in the Portal | **07.07.2026 to 17.07.2026** |
| 4 | Last Date & Time for Receipt of Bids in the Portal | **Up to 5.00 PM on 17.07.2026** |
| 5 | Date & Time of Bid Opening | **11.00 AM on 18.07.2026** |
| 6 | Name & Address of the Officer Inviting Bid officer inviting Bid | **Divisional Forest Officer, Malkangiri Forest Division** |

Others can see the details from the **Notice Inviting Tender** available on the website: https://malkangiri.odisha.gov.in, **Corrigendum if any**, shall only be published in the above website.

Divisional Forest Officer
Malkangiri Forest Division

OIPR-8001/8109/1/26-27/0002



OFFICE OF THE MUNICIPAL COUNCIL: RAYAGADA
DISTRICT – RAYAGADA, PIN CODE – 765001, ODISHA
E-mail ID: rayagada.mud@od.gov.in, Website: www.rayagadamunicipality.in
Phone: 06856-235052
Letter No.: 3187, Date: 03.07.2026
13001/1096/2627

REQUEST FOR PROPOSAL NOTICE

Sealed bids in conformity with the detailed **Request for Proposal (RFP)** (in two bid system) are invited from experienced, financially sound Company / Trust / Society / NGO / Govt. Owned Entity / Individual / Proprietary Firm registered under relevant statute for the work detailed below.

| Sl. No. | Name of the Work | Contract Period | Cost of Bid Document | EMD |
|---|---|---|---|---|
| 1 | Door to door collection and transportation of Municipal Solid Waste from primary sources in Rayagada Municipal area through outsourcing Basics. | 03+01+01 Years | ₹10,000/- | ₹5,00,000/- |

The details of the bid and bid document can be downloaded from the Rayagada Municipality website https://rayagadamunicipality.in from **06.07.2026, 11.00 A.M. to 23.07.2026, 5.00 P.M.** The filled bid document will be received up to **05.00 P.M. of 24.07.2026** by Registered Post/Speed Post. The bid must accompany the cost of bid document and EMD of the required value as specified above in the shape of **Bank Draft/Demand Draft** in favour of **Executive Officer, Rayagada Municipality**, failing which the bid shall be outrightly rejected. The Technical Bid will be opened on **27.07.2026 at 11.00 A.M.** in the presence of the bidder or their authorized representatives only. The opening of the Price Bid will be intimated to the bidders qualifying in the Technical Bid.
The authority reserves the right to reject any or all bids without assigning any reason thereof.

Executive Officer
Rayagada Municipality

OIPR-13001/13150/1/26-27/0007



ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି — 13001/1103/2627
NOTIFIED AREA COUNCIL, KANTABANJI
(Near Kantabanji CHC, At/Po – Kantabanji, Dist – Balangir (Odisha), PIN – 767039)
E-mail ID: nackantabanji@gmail.com
Letter No.: 1038, Date: 04.07.2026

Expression of Interest (EOI) for Selection of Mission Shakti Groups for O&M of AAHAAR Kendra & Kitchen of Kantabanji NAC

Kantabanji NAC invites **Expression of Interest (EOI)** in the prescribed formats (**Annexure-I, II & III**) in sealed cover from intending **Mission Shakti Groups** having the credibility and experience for **Operation & Maintenance (O&M) of AAHAAR Kendra with AAHAAR Kitchen** and overall management of the AAHAAR Centre, including cooking of meals and the entire responsibilities of the AAHAAR Programme to ensure better accountability towards the public. The applicants **must be under the jurisdiction of Kantabanji NAC only.**

| | | |
|---|---|---|
| 01 | Availability of EOI documents on website | **08.07.2026** |
| 02 | Last date & time of submission of EOI | **17.07.2026** |
| 03 | Date & time of opening of EOI | **21.07.2026** |
| 04 | For downloading the EOI documents and Terms & Conditions of assignment, Please visit the Balangir District Website | https://balangir.odisha.gov.in/ |

The authority reserves the right to reject any or all the EOIs without assigning any reason thereof. Any change, correction / corrigendum in respect the above shall be placed in **Balangir District Website.**

Executive Officer
NAC, Kantabanji

OIPR-13001/13111/1/26-27/0004



OFFICE OF THE PRINCIPAL
GANDHI MAHAVIDYALAYA, ROURKELA-04
No.: 1057/GM, Date: 07.07.2026

WALK IN INTERVIEW FOR GUEST FACULTY

A walk-in interview is scheduled to be held on **14.07.2026 (Tuesday) at 11.00 A.M.** in the office of the undersigned for engagement of **Guest Faculties** for the session **2026-27** against vacancy of **Direct Payment (DP) post** & **Maternity Leave (ML)** as per the details noted below.

| Sl. No. | Post(s) | Minimum Qualification | Consolidated Remuneration |
|---|---|---|---|
| 1 | Guest Faculties in different subjects **(Hindi-01, Geology-01, Chemistry-01, Mathematics-01, Physics-01, Education-01, Commerce (DP-01 & ML-01))** | **55% or more marks** at the P.G. level and good academic career. Higher qualification such as **M.Phil / Ph.D. / Experience** will be an added advantage. | **Rs. 280/- per class,** subject to a maximum of **Rs. 14,000/- per month.** |

Interested candidates are requested to come with a **bio-data** along with original certificates and mark sheets along with self-attested photocopies and one photograph. **No TA/DA** shall be paid for attending the interview. The authority reserves the right to cancel the selection process or engagement in whole or part, or the appointment process at any stage without assigning any reason thereof and have the right to fill up / not to fill up the posts as advertised.

Principal
Gandhi Mahavidyalaya, Rourkela-04



ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ କ୍ଷୁଦ୍ର ଜଳସେଚନ ବିଭାଜନ, ଆନନ୍ଦପୁର
OFFICE OF THE SUPERINTENDING ENGINEER,
M.I. DIVISION, ANANDAPUR
AT/P.O.: Salapada, Dist: Keonjhar, Pin Code – 758020
E-mail ID: mianandapur@yahoo.co.in, eemidanandapur@gmail.com
e-Procurement Notice
Bid Identification No. 08 / MIDA / 2026-27
E-mail ID: mianandapur@yahoo.co.in
No.: 1650, Date: 03.07.2026
32001/506/2627

The Superintending Engineer, Minor Irrigation Division, Anandapur on behalf of the Governor of Odisha invites online percentage rate tender through **"e" procurement** for the works as detailed in the Annexure to this bid notice.

| | |
|---|---|
| Name of the Work | Construction of 04 nos of Check Dams under MATY scheme |
| No. of Works | 04 Nos only |
| Estimated Cost | **₹54.81 lakh to ₹71.32 lakh** (Approximately) |
| Cost of Tender Paper | **₹10,000/-** (Non-refundable) |
| Period of Completion | **6 (Six) Calendar Months** |
| Availability of Bid Documents for sale and receipt through on-line | From **10.07.2026, 10.00 A.M.** to **23.07.2026 up to 5.00 P.M.** |
| Last Date & Time of Receipt of Bids in the Portal | **23.07.2026 (5.30 P.M.)** |
| Date of Technical Bid Opening through on-line | **23.07.2026 at 5.30 P.M.** in the Office of the **S.E., M.I. Division, Anandapur** |
| Mode of Payment of Bid Cost | Online |
| Digital Signature Certificate of bidder: | The bidder must possess compatible Digital Signature Certificate (DSC). |
| The detailed tender call notice can also be seen on the **DOWR website:** http://dowrorissa.gov.in | |
| Name & Address of the OIT | **Superintending Engineer,** Minor Irrigation Division, Anandapur, At/P.O.: Anandapur, District: Keonjhar, **Email ID:** mianandapur@yahoo.co.in |
| Further details can be seen from the **e-Procurement Market Place:** http://tendersodisha.gov.in | |

Superintending Engineer
M.I. Division, Anandapur

OIPR-32001/32108/1/26-27/0002

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ । ଆର୍ଥିକ ସମସ୍ୟା ଦେଖାଦେଇ ପାରେ । ବୈବାହିକ ଜୀବନ ସୁଖମୟ ହେବ ।

**ବୃଷ:** କୌଣସି ବି ପରିସ୍ଥିତିରେ ହାର୍ ମାନନ୍ତୁନି । କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ବିଦ୍ୟାର୍ଥୀମାନେ ଖେଳକୁଦରେ ଅଧିକ ସମୟ ବିତାଇବେ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । ପାରିବାରିକ ସୁଖ ଶାନ୍ତି ମିଳିବ । ଯାନବାହନ କ୍ରୟ କରିପାରନ୍ତି । ଚକ୍ଷୁ ସମସ୍ୟା ହୋଇପାରେ ।

**କର୍କଟ:** ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ । ଦିନଟି ମଜାମସ୍ତିରେ ଅତିବାହିତ ହେବ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହୋଇପାରନ୍ତି ।

**ସିଂହ:** ଦିନଟି ଶୁଭଫଳ ପ୍ରଦାନ କରିବ । ଅଚାନକ ଧନପ୍ରାପ୍ତି ଯୋଗ ରହିଛି । ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି । ଅତିଥି ସତ୍କାର କରିପାରନ୍ତି । ମାନ ସମ୍ମାନ ବୃଦ୍ଧି ପାଇବ ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ । ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ ।

**ତୁଳା:** ଯୋଜନା ଅନୁଯାୟୀ କାମ କରିବେ । ଅକସ୍ମାତ ଖୁସି ଖବର ମିଳିପାରେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି । ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ମହିଳାମାନେ ଧର୍ମପରାୟଣା ହେବେ ।

**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ଉଧାର ଦେଇଥିବା ଟଙ୍କା ଫେରି ପାଇବେ । ପରିବାର ସହିତ କିଛି ସମୟ ବିତାନ୍ତୁ । ମହିଳାମାନେ ଅଳଙ୍କାର କିଣାକିଣିରେ ସମୟ ଦେବେ ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି । ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ । ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ । ଆଶା କରିଥିବାରୁ ଦିଗରୁ ନିରାଶ ହୋଇପାରନ୍ତି ।

**ମୀନ:** ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ସୁଖମୟ ହେବ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ । କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ ।

## ଆଜିର ଇତିହାସ

- ୧୮୮୯- ଆମେରିକୀୟ ଖବରକାଗଜ 'ଦ ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ' ପ୍ରକାଶିତ ।
- ୧୯୧୪- ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଜ୍ୟୋତି ବସୁଙ୍କ ଜନ୍ମ ।
- ୧୯୪୮- ଆମେରିକା ବାୟୁସେନାରେ ମହିଳାଙ୍କ ଭର୍ତ୍ତି ଆରମ୍ଭ ।
- ୧୯୫୪- ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଦ୍ୱାରା ପଞ୍ଜାବରେ ଭାକ୍ରା ନଙ୍ଗଲ ଜଳ ବିଦ୍ୟୁତ୍ ପରିଯୋଜନା ଆରମ୍ଭ ।
- ୨୦୦୩- ସୁଦାନରେ ହୋଇଥିବା ବିମାନ ଦୁର୍ଘଟଣାରେ ୧୧୫ ଲୋକଙ୍କ ପ୍ରାଣହାନି ।



## 'ରାମାୟଣ' ଅଙ୍ଗଦ ଭୂମିକାରେ ଜାହିଦ୍

ବଲିଉଡ୍ ଅଭିନେତା ରଣବୀର କପୁରଙ୍କ ଅଭିନୀତ ଫିଲ୍ମ 'ରାମାୟଣ'ଙ୍କୁ ନେଇ ନିତିଦିନ ଖବର ଆସୁଛି । ଚଳଚ୍ଚିତ୍ରର କଳାକାର ଚୟନଠାରୁ ଆରମ୍ଭ କରି ଭିଏଫ୍ଏକ୍ସ, ସୁଟିଂକୁ ନେଇ ନିତିଦିନ ନୂଆ ନୂଆ କଥା ସାମ୍ନାକୁ ଆସୁଛି । ଏହି ଫିଲ୍ମ ପାଇଁ ସାରା ଦେଶରୁ କଳାକାରଙ୍କ ଚୟନ କରାଯାଉଛି । ଏହା ଦୁଇଟି ପାର୍ଟରେ ରିଲିଜ୍ ହେବ । ଏହାର ପ୍ରଥମ ପାର୍ଟ ଆସନ୍ତା ଦୀପାବଳି ଅବସରରେ ରିଲିଜ୍ ହେବ । ଏହାର ପ୍ରଥମ ଭାଗର କାମ ସରିଯାଇଥିବାରୁ, କାଷ୍ଟିଂ ନିର୍ଦ୍ଦେଶକ ମୁକେଶ ଛାବଡ଼ା ଏବେ ଏହାର ଦ୍ୱିତୀୟ ଭାଗ ପାଇଁ କଳାକାର ଚୟନ ଆରମ୍ଭ କରି ଦେଇଛନ୍ତି । ମୁକେଶ ଏବେ ଅଙ୍ଗଦ ଚରିତ୍ରରେ ଅଭିନୟ କରିବା ପାଇଁ ଅଭିନେତା ଜାହିଦ୍ ଖାନଙ୍କୁ ବାଛିଥିବା ଜଣାପଡ଼ିଛି । ଜାହିଦ୍‌ଙ୍କୁ ଏହି ଭୂମିକା କଙ୍ଗନା ରାଣାଓ୍ୱତଙ୍କ ଫିଲ୍ମ 'ଭାରତ ଭାଗ୍ୟ ବିଧାତା'ରେ କାମ କରିବା ପରେ ହିଁ ମିଳିଛି । ସେହି ଫିଲ୍ମରେ ଜାହିଦ୍ ୨୬/୧୧ ମୁମ୍ବାଇ ଆକ୍ରମଣର ଆତଙ୍କବାଦୀ ଅଜମଲ କସାବ ଭୂମିକାରେ ଅଭିନୟ କରିଥିଲେ । ଜାହିଦ୍ ଏହା ପୂର୍ବରୁ 'ଗ୍ୟାରହ ଗ୍ୟାରହ' ସିରିଜ୍‌ରେ ମଧ୍ୟ ନଜର ଆସିଥିଲେ । 'ଭାରତ ଭାଗ୍ୟ ବିଧାତା' ଫିଲ୍ମଟି ଚାଲିଲା ନାହିଁ ସତ, ହେଲେ ତାଙ୍କ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ । ଏହାପରେ ହିଁ ତାଙ୍କୁ 'ରାମାୟଣ' ପାଇଁ ଅଫର୍ ମିଳିଛି ।

## ଗୋଟିଏ ଛାତ ତଳେ ଛଅ ପିଢ଼ି



ଆଧୁନିକ ଯୁଗରେ ଚାକିରି, ସହରୀକରଣ ଏବଂ ବ୍ୟକ୍ତିଗତ ସ୍ୱାଧୀନତା ଚିନ୍ତାଧାରା ଯୋଗୁଁ ଯୌଥ ପରିବାର କମିବାରେ ଲାଗିଛି । ଉନ୍ନତ ଜୀବନଶୈଳୀ ଏବଂ ରୋଜଗାର ଆଶାରେ ଲୋକେ ଗାଁ ଛାଡ଼ି ଏବେ ସହର ମୁହାଁ, ଯାହାଫଳରେ ଗୋଟିଏ ଛାତ ତଳେ ଏକାଠି ରହିବା ସମ୍ଭବ ହେଉ ନାହିଁ । ଆଧୁନିକ ମଣିଷ ନିଜର ଗୋଟିଏ ସୀମିତ ସଂସାର ବା ଏକକ ପରିବାର ଗଢ଼ିବାକୁ ଅଧିକ ପସନ୍ଦ କରୁଛି । ହେଲେ ଏହାରି ଭିତରେ ଆନ୍ଧ୍ରପ୍ରଦେଶ କର୍ଲାପଲ୍ଲି ଗାଁରେ ଗୋଟିଏ ଛାତ ତଳେ ୮୩ ରୁ ଅଧିକ ସଦସ୍ୟ ଏକାଠି ରହୁଥିବା ଘଟଣା ଏବେ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି । ଏହି ପରିବାରର ଲୋକେ ଛଅ ପିଢ଼ି ଧରି ଗୋଟିଏ ଛାତ ତଳେ ରହି ଭାରତୀୟ ପରମ୍ପରାକୁ ବଜାୟ ରଖିଛନ୍ତି । ହନୁମନ୍ତରାୟୁଡୁ ଏବଂ ମୁଥ୍ୟାଲପ୍ପାଙ୍କ ପରିବାରରେ ଛଅଜଣ ଶାଶୁ, ୧୪ ବୋହୂ ଏବଂ ୨୦ ପିଲା ଅଛନ୍ତି । ଘରର ସମସ୍ତ ସଦସ୍ୟ ଏକାଠି ଖିଆପିଆ କରିବା ସହିତ ଆର୍ଥିକ ସହାୟତା ଠୁ ନେଇ ଘରର ପ୍ରତ୍ୟେକ ଛୋଟ ବଡ଼ ଦାୟିତ୍ୱକୁ ମିଳିମିଶି ତୁଲାନ୍ତି । ସେହିପରି ପ୍ରତିଦିନ ସକାଳୁ ବୟସ୍କମାନେ ଏକାଠି କଫି ପିଇ ପୂରା ଦିନର କାର୍ଯ୍ୟସୂଚୀ ଉପରେ ଆଲୋଚନା କରନ୍ତି । ଦିନରେ କ'ଣ ରୋଷେଇ ବାସ ହେବ, ଚାଷ କାର୍ଯ୍ୟ ଠୁ ନେଇ ଘର କାର୍ଯ୍ୟ କିଏ କ'ଣ ସମ୍ଭାଳିବେ ତାହା ଧାର୍ଯ୍ୟ କରି ସମସ୍ତଙ୍କୁ ଦାୟିତ୍ୱ ବାଣ୍ଟିଥାନ୍ତି । ପ୍ରତ୍ୟେକ କାର୍ଯ୍ୟ ବୟସ୍କମାନଙ୍କ ତତ୍ତ୍ୱାବଧାନରେ ଯୋଜନା ଅନୁଯାୟୀ, କରାଯାଉଥିବାରୁ ପରିବାରଟି ସୁରୁଖୁରୁରେ ଚାଲିଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପରିବାର ଲୋକଙ୍କ ପାଇଁ ପ୍ରସ୍ତୁତ ହେଉଥିବା ଖାଦ୍ୟ ଗୋଟିଏ ରୋଷେଇ ଘରେ ତିଆରି କରାଯାଏ । ବୟସ୍କମାନେ ଘର ପାଇଁ ରାସନ ଏବଂ ଅନ୍ୟାନ୍ୟ ଜରୁରି ସାମଗ୍ରୀ କିଣିବା କାମ କରନ୍ତି । ଘରର ବୋହୂମାନେ ଏକାଠି ମିଳିମିଶି ସମସ୍ତଙ୍କ ପାଇଁ ରୋଷେଇ କରନ୍ତି । ତେଣୁ ମିଳିମିଶି ସମସ୍ତ କାମ ସୁରୁଖୁରୁରେ ହୋଇଯାଉଥିବାରୁ ଏହା ପରିବାରରେ ସମନ୍ୱୟ ରଖିବାରେ ସାହାଯ୍ୟ କରିଛି । କେବଳ ସେତିକି ନୁହେଁ, ଏହି ପରିବାର ମୁଖ୍ୟତଃ ଚାଷ କାର୍ଯ୍ୟ ଉପରେ ନିର୍ଭର କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ପ୍ରାୟ ୧୨୦ ଏକର ଜମିରେ ଚାଷ କାର୍ଯ୍ୟ ହେଉଥିବାବେଳେ ବିଭିନ୍ନ ଋତୁରେ ବ୍ୟବସାୟିକ ଭିତ୍ତିରେ ପନିପରିବା, ଶସ୍ୟ ଆଦି ଚାଷ କରାଯାଏ । ଉତ୍ପାଦନ ଫସଲକୁ ବର୍ଷସାରା ଖାଇବା ଲାଗି ସାଇତି ରଖି ବାକି ଶସ୍ୟକୁ ବିକ୍ରିବଟା କରି ଘର ଚଳାଯାଏ । ତେବେ ଚାଷ କାମକୁ ବାଦ୍ ଦେଲେ, ଏହି ପରିବାର ପାଖରେ ଚାରୋଟି ବସ୍ ରହିଛି । ଯାହାକି କଲ୍ୟାଣଦୁର୍ଗମ ଏବଂ କର୍ଣ୍ଣାଟକର କିଛି ଅଂଶ ମଧ୍ୟରେ ଯାତାୟତ କରିଥାଏ । ବ୍ୟବସାୟରୁ ହେଉଥିବା ରୋଜଗାର ଅର୍ଥକୁ ଏକାଠି ବାଣ୍ଟିକୁଣ୍ଟି ପରିବାର ଚଳାଯାଏ । ଏହା ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରେ । ପରିବାରର ବୟସ୍କମାନେ କୁହନ୍ତି ଯେ, ପରିବାରରେ ସମସ୍ତେ ପରସ୍ପରକୁ ସାହାଯ୍ୟ କରନ୍ତି । ଏହା ଯୌଥ ପରିବାରରେ ପରସ୍ପର ପ୍ରତି ଥିବା ବିଶ୍ୱାସ, ଶୃଙ୍ଖଳା ଏବଂ ମିଳିତ ଦାୟିତ୍ୱ ପରମ୍ପରାକୁ ପିଢ଼ି ପରେ ପିଢ଼ି ଜୀବିତ ରଖିପାରିବ ବୋଲି ଅନ୍ୟମାନଙ୍କୁ ଏହା ପ୍ରେରଣା ଦେଇଛି ।

## ୬୬ ବର୍ଷ ଧରି ବଦଳିନି ରନ୍ଧା ତେଲ



ସାଧାରଣରେ ଧାରଣା ଅଛି ରେସ୍ତୋରାଁ ତଥା ହୋଟେଲରେ ବ୍ୟବହାର କରାଯାଉଥିବା ତେଲକୁ ବାରମ୍ବାର ବ୍ୟବହାର କରାଯାଏ । ଏହି ପରିପ୍ରେକ୍ଷୀରେ ଜାପାନ ଶିଜୁଓକାରେ ଥିବା ଫ୍ରାଏଡ୍ ଚିକେନ ରେସ୍ତୋରାଁ ୱାକାଟୋରିରେ ୬୬ ବର୍ଷ ଧରି ରନ୍ଧା ତେଲକୁ ଆଦୌ ବଦଳା ଯାଇନାହିଁ । ଏହି ରେସ୍ତୋରାଁକୁ ଜାପାନ ଫ୍ରାଏଡ୍ ଚିକେନ ଗ୍ରାଣ୍ଡ ପ୍ରିକ୍ସରେ ଗୋଲ୍ଡ ମେଡାଲ ମିଳିଛି । ଏହାର ମାଲିକ କହିଛନ୍ତି ଯେ, "ରେସ୍ତୋରାଁର ସଫଳତାର ରହସ୍ୟ ଏକ ଗୁପ୍ତ ଜିନିଷରେ ରହିଛି । ୧୯୬୦ ମସିହାରେ ଦୋକାନ ପ୍ରତିଷ୍ଠା ହେବାପରେ ଛଣା ଯାଇଥିବା ତେଲକୁ କେବେ ବି ଫିଙ୍ଗା ଯାଇ ନାହିଁ । ଆମେ ସେହି ତେଲରେ ଏଯାବତ୍ ଛାଣି ଆସୁଛୁ ।" ଏହି ରେସ୍ତୋରାଁର ତୃତୀୟ ପିଢ଼ିର ମାଲିକ ଯୋଶିହିରୋ ସୁଚିୟା ଖୋଲାଖୋଲି ଭାବେ ସ୍ୱୀକାର କରିଛନ୍ତି ଯେ, "ବର୍ଷ ବର୍ଷ ଧରି ପୁନଃବ୍ୟବହାର କରାଯାଉଥିବା ତେଲ ହିଁ ତାଙ୍କ ରେସ୍ତୋରାଁର ସ୍ୱାଦିଷ୍ଟ ଫ୍ରାଏଡ୍ ଚିକେନର ରହସ୍ୟ । ପୁରୁଣା ତେଲରେ ଫ୍ରାଏଡ୍ ଚିକେନରେ ଏମିତି ଏକ ସୁଗନ୍ଧ ଏବଂ ସ୍ୱାଦ ମିଳେ, ଯାହାକୁ ନୂଆ ତେଲରେ ତିଆରି କରାଯାଇପାରିବ ନାହିଁ । ଏହା ହିଁ ରେସ୍ତୋରାଁକୁ ଆଗକୁ ନେବାରେ ସାହାଯ୍ୟ କରିଛି ।" ତେବେ ତାଙ୍କର ଏହି ଦାବି ଏବେ ହଇଚଇ ସୃଷ୍ଟି କରିଛି । ୬୬ ବର୍ଷ ପୁରୁଣା ତେଲରେ ଚିକେନ୍ ଛାଣି ଲୋକଙ୍କ ଜୀବନ ବିପଦରେ ପକାଉଥିବା ଅନେକ ଲୋକ ଅଭିଯୋଗ ଆଣିଛନ୍ତି । ଅବଶ୍ୟ ଏହି ରେସ୍ତୋରାଁ ତେଲର ଶୁଦ୍ଧତାକୁ ନେଇ ସ୍ପଷ୍ଟୀକରଣ ରଖିଛି । ପ୍ରତିଦିନ ରାତିରେ ରେସ୍ତୋରାଁ କର୍ମଚାରୀ ତେଲରୁ ମାଂସ ଖଣ୍ଡ ଏବଂ ପୋଡ଼ା ଅଂଶକୁ ଛାଣି ରଖନ୍ତି । ତେବେ କେବଳ ଅଳ୍ପ ପରିମାଣରେ ସ୍ୱାଦ ଆଧାରରେ ପୁରୁଣା ତେଲ ରଖନ୍ତି ଏବଂ ସେହି ତେଲରେ ନୂଆ ତେଲ ମିଶାଯାଏ । ଏହିପରି ଭାବେ ୬୬ ବର୍ଷ ପୁରୁଣା ତେଲକୁ ସେମିତି ବ୍ୟବହାର କରାଯାଉ ନାହିଁ । କହିବାକୁ ଗଲେ ପୁରୁଣା ତେଲର ଅଣୁ ଏବେ ବି ୱାକାଟୋରି ତେଲ ମିଶ୍ରଣରେ ଅଛି । ଅପରପକ୍ଷରେ ଏହି ମାମଲାକୁ ନେଇ ଖାଦ୍ୟ ବିଶେଷଜ୍ଞ ଚେତାଇ ଦେଇଛନ୍ତି । ବାରମ୍ବାର ଛାଣିବା ତଥା ଭାଜିବା ଦ୍ୱାରା ତେଲରେ ଟ୍ରାନ୍ସ ଫ୍ୟାଟି ଏସିଡ୍ ଏବଂ ଆକ୍ରିଲାମାଇଡ୍ ଭଳି ହାନିକାରକ ଏବଂ କର୍କଟ ରୋଗ ସୃଷ୍ଟିକାରୀ ତତ୍ତ୍ୱ ସୃଷ୍ଟି ହୋଇଥାଏ । ଏପରିକି ଏହାକୁ ପ୍ରତିଦିନ ତାଜା ତେଲରେ ମିଶାଇଲେ ବି ଏହି ହାନିକାରକ ପଦାର୍ଥକୁ ସମ୍ପୂର୍ଣ୍ଣ ଭାବେ ରୋକାଯାଇପାରିବ ନାହିଁ ।

## ସମ୍ଭାବନା



### ଇନଭେଷ୍ଟମେଣ୍ଟ ବ୍ୟାଙ୍କିଂରେ କ୍ୟାରିୟର୍



**ଫାଇନାନ୍ସ ଏବଂ ବିଜନେସ୍ ସହ ଜଡ଼ିତ ଏମିତି କୋର୍ସ ଅଛି, ଯାହାକୁ କରିବା ଦ୍ୱାରା ଚାକିରି ମିଳିବା ସହଜ ହୋଇଥାଏ । ଏହି କୋର୍ସରୁ ଭଲ ପାରିଶ୍ରମିକ ମିଳିଥାଏ । ଫାଇନାନ୍ସ ଓ ବିଜନେସ୍ ପ୍ରତି ରୁଚି ଥିବା ଲୋକଙ୍କ ପାଇଁ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଂ ଏକ ସୁନ୍ଦର କ୍ୟାରିୟର ବିକଳ୍ପ । ବିଦେଶରେ ଏହି ଚାକିରିର ଚାହିଦା ଅଧିକ । ଯୁକ୍ତ ଦୁଇ ପରେ ଏଥିରେ ସହଜରେ କ୍ୟାରିୟର କରି ହେବ ।**

ଡିଗ୍ରୀ ବ୍ୟତୀତ ଏମିତି ବି ସ୍କିଲ୍ ଅଛି, ଯାହାକି ଇନଭେଷ୍ଟମେଣ୍ଟ ବ୍ୟାଙ୍କର୍‌ଙ୍କ ଲାଗି ଖୁବ୍ ଜରୁରି । ଇନଭେଷ୍ଟମେଣ୍ଟ ବ୍ୟାଙ୍କର ହେବା ଲାଗି କମ୍ୟୁନିକେସନ ଏବଂ ପ୍ରେଜେନଣ୍ଟେସନ ସ୍କିଲ୍ ଭଲ ହେବା ଦରକାର । ଲୋକ ଯେଭଳି କଥା ବୁଝିବେ, ସେହି କଳା ନିଜ ପାଖରେ ରହିବା ଦରକାର । ଏହାବାଦ୍ ସମସ୍ୟା ସମାଧାନ ଏବଂ ନିର୍ଣ୍ଣୟ ନେବା କ୍ଷମତା ଉନ୍ନତ ହେବା ଦରକାର । ନିଜେ ନେଇଥିବା ନିଷ୍ପତ୍ତି ଉପରେ ନିଜର ବିଶ୍ୱାସ ରହିବା ବହୁତ ଜରୁରି । କୋର୍ସ ପୂରା କରିବା ପରେ ବ୍ୟାଙ୍କ, ମ୍ୟାନେଜମେଣ୍ଟ କମ୍ପାନି, ଫାଇନାନ୍ସିଆଲ କନସଲଟିଂ ଫାର୍ମ, ପ୍ରାଇଭେଟ୍ ଇକ୍ୟୁଟି କମ୍ପାନି ସହିତ ସାମିଲ ହୋଇ କାମ କରିପାରିବେ । ଥରେ ଏଥିରେ ଅଭିଜ୍ଞତା ହାସଲ କରିବା ପରେ ବଡ଼ କର୍ପୋରେଟ୍ କମ୍ପାନିରେ ବି ଆବେଦନ କରିପାରିବେ । ଏ କ୍ଷେତ୍ରରେ ୨ରୁ ୫ ବର୍ଷ ପର୍ଯ୍ୟନ୍ତ ଅଭିଜ୍ଞତା ଥିଲେ ୨୦ ଲକ୍ଷ ପ୍ୟାକେଜ ଦରମା ମିଳିପାରେ । ସେହିପରି ୧୦ ବର୍ଷରୁ ଅଧିକ ଅଭିଜ୍ଞତା ଥିଲେ ୪୦ରୁ କୋଟିଏ ଟଙ୍କା ବାର୍ଷିକ ପ୍ୟାକେଜ ମିଳିପାରେ । ପ୍ୟାକେଜ ବ୍ୟତୀତ କିଛି କମ୍ପାନି ଭଲ ପ୍ରଦର୍ଶନ କରୁଥିବା କର୍ମଚାରୀଙ୍କୁ ବୋନସ ବି ପ୍ରଦାନ କରେ ।

### ୪୦ ପରେ ଚାକିରି ଚାଲିଗଲେ...



**୪୦ ବର୍ଷ ବୟସରେ ଚାକିରି କେବଳ ରୋଜଗାରର ମାଧ୍ୟମ ନୁହେଁ, ବରଂ ପୂରା ପରିବାରର ଦାୟିତ୍ୱର ଆଧାର ହୋଇଥାଏ । ପିଲାଙ୍କ ପଢ଼ା, ଘରର ଇଏମ୍ଆଇ, ବୟସ୍କ ବାପାମାଆଙ୍କ ସ୍ୱାସ୍ଥ୍ୟ ଓ ବଢୁଥିବା ଖର୍ଚ୍ଚ ମଧ୍ୟରେ ଚାକିରି ଚାଲିଗଲେ କ'ଣ ହେବ, ଏକଥା ଭାବି ଅନେକ ମାନସିକ ଚିନ୍ତାରେ ରହିବା ଆରମ୍ଭ କରନ୍ତି । ତେଣୁ ଏହି ବୟସରେ ଚାକିରି ଯିବାର ଭୟ ସ୍ୱାଭାବିକ । ତେବେ ସଞ୍ଚୟ, ନୂଆ ଦକ୍ଷତା, ଅତିରିକ୍ତ ଆୟ ରୋଜଗାରର ଏହି ଭୟକୁ କିଭଳି କମ୍ କରେ, ସେ ସମ୍ପର୍କରେ ଜାଣିବା ।**

- ଯଦି ପୂରା ଜୀବନ ମାସିକ ପାରିଶ୍ରମିକ ଉପରେ ନିର୍ଭରଶୀଳ, ତେବେ ୬ ମାସର ଜରୁରୀକାଳୀନ ପରିସ୍ଥିତି ଲାଗି ଟଙ୍କା ସଞ୍ଚୟ ପୂର୍ବରୁ କରିବା ଉଚିତ । ଏଥିରେ ପିଲାଙ୍କ ଖର୍ଚ୍ଚ, ଇଏମ୍ଆଇ ଟଙ୍କା, ଅନ୍ୟ ଦରକାରୀ ଜିନିଷକୁ ସାମିଲ କରନ୍ତୁ । ଏଭଳି ଏକ କଷ୍ଟକର ପରିସ୍ଥିତିରେ ଏହି ଜରୁରିକାଳୀନ ଅର୍ଥ ବହୁ ପରିମାଣରେ ସାହାଯ୍ୟ କରେ ।
- ବର୍ତ୍ତମାନ ଜବ୍ ମାର୍କେଟ୍ ଦ୍ରୁତ ଗତିରେ ବଦଳିବାରେ ଲାଗିଛି । ନୂଆ ଟେକ୍ନୋଲୋଜି, ଏଆଇ ଏବଂ କାମ କରିବା ଉପାୟ ଲଗାତାର ବଦଳୁଛି । ତେଣୁ ୪୦ ବର୍ଷ ବୟସରେ ସବୁ ଶିଖିଯାଇଥିବା ଭାବିବା ଭୁଲ । ଏପରି ଚିନ୍ତା ନ କରି ନିଜକୁ ଅପଡେଟ୍ ରଖନ୍ତୁ । ନିଜକ୍ଷେତ୍ର ସହିତ ଜଡ଼ିତ ନୂଆ କୌଶଳ ଶିକ୍ଷାଲାଭ କରିବା ଉଚିତ । ଏହା ଦ୍ୱାରା ନୂଆ ଚାକିରି ଖୋଜିବା ସହଜ ହୋଇପାରେ ଏବଂ ଆତ୍ମବିଶ୍ୱାସ ବୃଦ୍ଧି ପାଏ ।
- ଯଦି ସମ୍ଭବ ରୋଜଗାରର ଆଉ ଏକ ବିକଳ୍ପ ପ୍ରସ୍ତୁତ କରିବା ଭଲ । କୌଣସି ବ୍ୟବସାୟ, ଫ୍ରିଲାନ୍ସିଂ, କନସଲଟିଂ, ଅନଲାଇନ୍ କାମରୁ ହେଉଥିବା ଅତିରିକ୍ତ ଆୟ କଠିନ ପରିସ୍ଥିତିରେ ସାହାଯ୍ୟ କରିପାରେ ।
- ସେହିପରି ପୁରୁଣା ସାଥୀଙ୍କ ସହ ଯୋଗାଯୋଗରେ ରହିବା ଭଲ । ତା'ସହ ପ୍ରଫେସନାଲ ପ୍ଲାଟଫର୍ମରେ ନିଜର ଉପସ୍ଥିତି ବଜାୟ ରଖନ୍ତୁ । ଏହା ଦ୍ୱାରା ନୂତନ ଅବସର ମିଳିବା ଆଶଙ୍କା ରହିଥାଏ ।
- ଚାକିରି ରହିବା ନ ରହିବା ଏହି କଥା କାହା ନିୟନ୍ତ୍ରଣରେ ନ ଥାଏ । ହେଲେ ଏହାର ପ୍ରସ୍ତୁତି ଜରୁରି ହୋଇପାରେ । ସଞ୍ଚୟ, ନୂଆ ସ୍କିଲ, ଉତ୍ତମ ପ୍ରଫେସନାଲ ସମ୍ପର୍କ ଥିଲେ ଆବଶ୍ୟକ ସ୍ଥଳେ ଆୟର ଆଉ ଏକ ମାର୍ଗ ଉନ୍ମୁକ୍ତ ହୋଇପାରିବ । ଏହାସହ ଚାକିରି ଯିବାର ଭୟ ଅନେକ ମାତ୍ରାରେ କମିଯିବ । ତେଣୁ ଚାକିରି ଯିବାର ଭୟକୁ ନେଇ ଚିନ୍ତାରେ ନ ରହି ପ୍ରତ୍ୟେକ ପରିସ୍ଥିତି ଲାଗି ନିଜକୁ ପ୍ରସ୍ତୁତ ରଖିବା ବୁଦ୍ଧିମାନ ଲୋକର କାମ ।

## ବ୍ୟବହାରରୁ ଜଣାପଡ଼େ ପିଲାଙ୍କ ମିଛ



**ଅନେକ ସମୟରେ ଛାତ୍ରଛାତ୍ରୀ ନିଜ ବାପାମାଆ ତଥା ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ମିଛ କହିବାକୁ ଚେଷ୍ଟା କରନ୍ତି । ତେବେ ପିଲା ସତ କି ମିଛ କହୁଛି ଜାଣିବା ବି ସହଜ ନୁହେଁ । ହେଲେ ସେମାନଙ୍କ ବ୍ୟବହାରରେ ଆସୁଥିବା ବାରମ୍ବାର କିଛି ପରିବର୍ତ୍ତନ ସେମାନଙ୍କ ମିଛକୁ ଧରା ପକାଇବାରେ ସାହାଯ୍ୟ କରେ ।**

- ପିଲା ଯଦି ମିଛ କହୁଥାଏ, ତେବେ ସେମାନେ ଆଖିରେ ଆଖି ମିଶେଇ କଥା କହି ନ ଥାନ୍ତି । ବାରମ୍ବାର ଏଣେ ତେଣେ ଦେଖନ୍ତି । ଅସହଜ ଅନୁଭବ କରନ୍ତି । ସେମାନଙ୍କର ଏଭଳି ପରିବର୍ତ୍ତନ ଉପରେ ଧ୍ୟାନ ଦେବା ଜରୁରି ।
- ସେହିପରି ଶିକ୍ଷକ କିମ୍ବା ଅଭିଭାବକଙ୍କ ସାଧାରଣ କଥାରେ ଯଦି ପିଲାଟିଏ ଲମ୍ବା ତଥା ଅଯଥା ସଫେଇ ଦେବା, ଛୋଟ କଥାରେ ରାଗିଯିବା ଏକପ୍ରକାର ସଙ୍କେତ । ଅନେକ ସମୟରେ ପିଲାଟିଏ ନିଜ କଥାକୁ ସତ ପ୍ରମାଣିତ କରିବା ଲାଗି ଆବଶ୍ୟକତାଠୁ ଅଧିକ କହିଥାଏ ।
- ମିଛ କହିବା ବେଳେ ଅନେକ ପିଲାଙ୍କ ଶାରୀରିକ ଅଙ୍ଗଭଙ୍ଗୀରେ ବି ପରିବର୍ତ୍ତନ ଆସିଥାଏ ।
- କଥା କହିବା ବେଳେ ବିଚଳିତ ତଥା ଭୟଭୀତ ହେବା ବି ମିଛ କହିବାର ଲକ୍ଷଣ ଭାବେ ଧରାଯାଏ ।

## ଗୁଗଲ୍‌ର ନୂଆ ଆପ୍




ଗୁଗଲ ଲଗାତାର ବ୍ୟବହାରକାରୀଙ୍କ ଗୋପନୀୟତାକୁ ଦୃଷ୍ଟିରେ ରଖି ବିଭିନ୍ନ ସମୟରେ ନୂଆ ନୂଆ ଫିଚର୍‌କୁ ପରିଚିତ କରାଇଛି । ଏହି କ୍ରମରେ ଗୁଗଲ ଏକ ନୂଆ ଅପ୍‌କୁ ଖୁବ୍‌ଶୀଘ୍ର ବ୍ୟବହାରକାରୀଙ୍କ ପାଇଁ ପରିଚିତ କରାଇବ । ଏହା ମାଧ୍ୟମରେ ଲୋକେ ଏବେ ଡିଜିଟାଲ ସିଗନେଚରକୁ ଫୋନ୍‌ରେ ସେଭ୍ କରିପାରିବେ । ସେଥିପାଇଁ ଗୁଗଲ୍ ନୂଆ 'ସିଗ୍ନେଚର ଆପ୍'କୁ ପରିଚିତ କରାଇଛି । ବ୍ୟବହାରକାରୀଙ୍କ ସୁବିଧା ଲାଗି ଏହାକୁ ପ୍ରସ୍ତୁତ କରାଯାଉଛି । ଏହି ଆପ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବ୍ୟବହାରକାରୀଙ୍କ ସୁରକ୍ଷା । ଏହି ଆପ୍ ଡିଜିଟାଲ ସିଗ୍ନେଚରକୁ ସେଭ୍ କରି ରଖିବ । ଏହାସହିତ ଅନେକ ଉପାୟରେ ନିଜର ସିଗ୍‌ନେଚରକୁ ପ୍ରସ୍ତୁତ କରିବାର ବିକଳ୍ପ ମିଳିବ । ଏହାସହିତ ନିଜର ନାଁ ଟାଇପ୍ କରି ଅଲଗା ଅଲଗା ଫଣ୍ଟ ଷ୍ଟାଇଲରେ ଡିଜିଟାଲ ସିଗ୍‌ନେଚର ପ୍ରସ୍ତୁତ କରିପାରିବେ । ଏହା ବ୍ୟତୀତ ଆପ୍‌ରେ ଅଲଗା ଅଲଗା ସିଗ୍‌ନେଚର ସେଭ୍ କରିବାର ବି ବିକଳ୍ପ ମିଳିବ । ଏହା ସାହାଯ୍ୟରେ ନିଜର ଆବଶ୍ୟକତା ଏବଂ ଅଲଗା ଅଲଗା ସ୍ଥାନରେ ସେହି ସିଗ୍‌ନେଚରକୁ ବ୍ୟବହାର କରି ହେବ । ଏହାକୁ ବ୍ୟବହାର କରିବା ଲାଗି ଆକ୍ଟିଭିଟି ଲଞ୍ଚର ଭଳି ଆପ୍‌ର ସାହାଯ୍ୟ ନେବାକୁ ହେବ । ଏବେ ସୁଦ୍ଧା ଏହି ଆପ୍ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇ ନାହିଁ । ଏବେ କେବଳ ବ୍ୟବହାରକାରୀ ସିଗ୍‌ନେଚର ତିଆରି କରି ସର୍ଭେ କରିପାରିବେ । ଏହାକୁ ଏଡିଟ୍ ଏବଂ ଡିଲିଟ୍ କରିପାରିବେ । ସେହିପରି ମ୍ୟାନେଜ ସିଗନେଚର ସେକସନକୁ ଯାଇ ମ୍ୟାନେଜ କରିପାରିବେ । ଏହି ଆପ୍ ଗୁଗଲ ପିକ୍‌ସେଲ, ସାମସଙ୍ଗ ଏବଂ ୱାନ୍‌ପ୍ଲସ୍ ସ୍ମାର୍ଟଫୋନ୍‌ରେ ଦେଖିବାକୁ ମିଳିଛି । ଏହାକୁ ଗୁଗଲ ପ୍ଲେ ସିଷ୍ଟମ ଅପଡେଟ୍ ମାଧ୍ୟମରେ ଉପଲବ୍ଧ କରାଯାଉଛି ।






# ଆମେରିକାକୁ ବିଦା କଲା ବେଲ୍‌ଜିୟମ

ସିଆଟଲ,୭।୭(ଏଜେନ୍ସି)



ଚାର୍ଲସ ଡି କେଟଲାୟରଙ୍କ ଡବଲ ଗୋଲ ବଳରେ ଏଠାରେ ମଙ୍ଗଳବାର ସକାଳେ ଖେଳାଯାଇଥିବା ଫିଫା ବିଶ୍ୱକପର ଷଷ୍ଠ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବେଲଜିୟମ ୪-୧ ଗୋଲରେ ଆୟୋଜକ ଆମେରିକାକୁ ଶୋଚନୀୟ ପରାସ୍ତ କରିଛି। ଫଳରେ ଦୀର୍ଘ ୪୦ ବର୍ଷ ପରେ ବେଲଜିୟମ ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଅପରପକ୍ଷରେ ଟୁର୍ଣ୍ଣାମେଣ୍ଟର ତୃତୀୟ ତଥା ଶେଷ ଆୟୋଜକ ଭାବେ ଆମେରିକା ଚଳିତ ବିଶ୍ୱକପ୍‌ର ରାଉଣ୍ଡ ଅଫ୍ ୧୬ରୁ ବାଦ୍ ପଡ଼ିଛି। ପୂର୍ବରୁ ଅନ୍ୟ ଦୁଇ ସହ-ଆୟୋଜକ ମେକ୍ସିକୋ ଓ କାନାଡା ଯଥାକ୍ରମେ ଇଂଲଣ୍ଡ ଓ ମରୋକ୍କୋ ନିକଟରୁ ହାରି ବିଦାୟ ନେଇସାରିଥିଲେ। ଶୁକ୍ରବାର ରାତି ୧୨ଟା ୩୦ ମିନିଟ୍‌ରେ ଖେଳାଯିବାକୁ ଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ବେଲଜିୟମ ସହ ସ୍ପେନ୍‌ର ମୁକାବିଲା ହେବ। ଆଉ ୨ଟି ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲା ବାକିଥିବା ବେଳେ ଅତିକମରେ ୨ଟି ୟୁରୋପୀୟ ଦଳ ସେମିଫାଇନାଲରେ ପ୍ରବେଶ କରିବା ନିଶ୍ଚିତ ହୋଇଛି। ବିଶ୍ୱକପ୍‌ର ତୃତୀୟ କ୍ୱାର୍ଟର ଫାଇନାଲ ଇଂଲଣ୍ଡ ଓ ନରୱେ ମଧ୍ୟରେ ଖେଳାଯିବ।

ସିଆଟଲ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମୁକାବିଲାରେ ଆମେରିକାର ରକ୍ଷଣଭାଗ ଆଦୌ ପ୍ରଭାବ ବିସ୍ତାର କରିପାରି ନ ଥିଲା। ଦଳର ଏକାଧିକ ତ୍ରୁଟି ହିଁ ପରାଜୟ ମୁଖ୍ୟ କାରଣ ହୋଇଥିଲା। ପ୍ରଥମ ତ୍ରୁଟିରେ ଚାର୍ଲସ ଖେଳର ୯ମ ମିନିଟ୍‌ରେ ଅତି ସହଜ ଗୋଲ ସ୍କୋର କରିଥିଲେ। ଗୋଲବରଣ କରିବା ପରେ ଆମେରିକା କିଛି ଲଢୁଆ ଖେଳିଥିଲା ଓ ଖେଳର ୩୧ତମ ମିନିଟ୍‌ରେ ମାଲିକ୍ ଟିଲ୍‌ମ୍ୟାନ୍ ଚମତ୍କାର ଗୋଲ ଦେଇ ଘରୋଇ ଦଳର ମନୋବଳ ବଢ଼ାଇଥିଲେ। ଫଳରେ ମ୍ୟାଚ୍ ୧-୧'ର ବରାବର୍‌ସ୍ଥିତିକୁ ଆସିଥିଲା। କିନ୍ତୁ ଏହାର ମାତ୍ର ୨ ମିନିଟ୍ ମଧ୍ୟରେ ଆମେରିକା ରକ୍ଷଣଭାଗର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ତ୍ରୁଟିରୁ ଫାଇଦା ଉଠାଇ ଚାର୍ଲସ ଦ୍ୱିତୀୟ ଗୋଲଟି ସ୍କୋର କରିଥିଲେ। ବେଲଜିୟମ ଏହି ମ୍ୟାଚ୍‌ରେ ୪ଜଣ ଖେଳାଳି ପରିବର୍ତ୍ତନ କରି ଖେଳିଥିଲା। ପରେ ଖେଳର ୫୭ତମ ମିନିଟ୍‌ରେ ୩୩ ବର୍ଷୀୟ ହାନ୍ ଭାନାକେନ୍ ଓ ଷ୍ଟପେଜ ଟାଇମ୍‌ରେ ବଦଳ ଖେଳାଳି ରୋମେଲୁ ଲୁକାକୁ ଗୋଟିଏ ଲେଖାଏଁ ଗୋଲ ଦେଇ ଦଳକୁ ୪-୧ରେ ବିଜୟୀ କରାଇଥିଲେ। ମ୍ୟାଚକୁ ଫେରିବା ଲାଗି ଆମେରିକାର ଉଦ୍ୟମ ବିଫଳ ହୋଇଥିଲା। ବାସନ୍ଦରୁ ଆସିଥିବା ଫରୱାର୍ଡ ଖେଳାଳି ଫୋଲାରିନ୍ ବୋଲୁଗାନ୍ କିଛି ପ୍ରଭାବ ପକାଇ ପାରି ନ ଥିଲାବେଳେ ଅଧିନାୟକ କ୍ରିଷ୍ଟିଆନ୍ ପୁଲିସିଚ୍ ଆହତ ହେବା ଦଳକୁ ଶକ୍ତ ଧକ୍କା ଦେଇଥିଲା।

## ଟ୍ରମ୍ପଙ୍କ ନିଷ୍ପତ୍ତି ଆମେରିକା ଲାଗି ଅଭିଶାପ

ସିଆଟଲ,୭।୭(ଏଜେନ୍ସି): ଜଣେ ରେଡ୍‌କାର୍ଡ ପାଇଥିବା ଖେଳାଳିଙ୍କ ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାପ ପକାଇ ବାସନ୍ଦ ପ୍ରତ୍ୟାହାର କରିନେଇଥିଲେ। ଯାହା ଫଳରେ ଟ୍ରମ୍ପ ତୀବ୍ର ସମାଲୋଚନାର ଶିକାର ହୋଇଥିଲେ। ବିଶେଷ କରି ବେଲଜିୟମ ଓ ୟୁରୋପୀୟ ଫୁଟବଲ ସଂଘ ଫିଫାର ଏପରି ନିଷ୍ପତ୍ତିକୁ ସମାଲୋଚନା କରିଥିଲେ। ବୋସନିଆ ବିପକ୍ଷ ମ୍ୟାଚ୍‌ରେ ଆମେରିକାର ତାରକା ଫରୱାର୍ଡ ଫୋଲାରିନ୍ ବାଲୋଗୁନ୍‌ଙ୍କୁ ରେଡ୍‌କାର୍ଡ ମିଳିଥିଲା। ଫଳରେ ସେ ବେଲଜିୟମ ବିପକ୍ଷ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଖେଳି ପାରି ନ ଥାନ୍ତେ। କିନ୍ତୁ ଟ୍ରମ୍ପ ରାଜନୈତିକ ଚାପ ପକାଇ ଫୋଲାରିନ୍‌ଙ୍କ ବାସନ୍ଦକୁ ପ୍ରତ୍ୟାହାର କରିନେଇଥିଲେ। ସେ ବେଲଜିୟମ ବିପକ୍ଷ ମ୍ୟାଚ୍ ଖେଳିଥିଲେ ମଧ୍ୟ ଆମେରିକା ଶୋଚନୀୟ ପରାଜୟ ବରଣ କରିଥିଲା। ଟ୍ରମ୍ପଙ୍କ ଅନ୍ୟାୟ କର୍ମ ଯୋଗୁ ଆମେରିକା ଶାପଗ୍ରସ୍ତ ହୋଇ ଏହି ମ୍ୟାଚ୍ ହାରିଗଲା ବୋଲି ସବୁଆଡେ ଚର୍ଚ୍ଚା ହେଉଛି।

# ସେମିଫାଇନାଲ ପାଇଁ ସ୍ପେନ୍-ବେଲଜିୟମ୍ ଟକ୍କର

ଡଲାସ,୭।୭(ଏଜେନ୍ସି)

ବିଶ୍ୱର ଯେଉଁ କିଂବଦନ୍ତୀ ଖେଳାଳି ଅଛନ୍ତି ସେମାନଙ୍କ ମଧ୍ୟରେ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଅନ୍ୟତମ। ପାଞ୍ଚଥର ବିଶ୍ୱର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ମଧ୍ୟ ରୋନାଲ୍ଡୋଙ୍କ ଭାଗ୍ୟରେ ଥରେ ହେଲେ ଫିଫା ବିଶ୍ୱକପ୍ ଜିତିବା ସମ୍ଭବ ହୋଇପାରିଲାନି। ୪୧ ବର୍ଷରେ ସେ ଷଷ୍ଠ ବିଶ୍ୱକପ୍ ଖେଳୁଥିଲାବେଳେ ଏଠାରେ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ସ୍ପେନ୍ ନିକଟରୁ ତାଙ୍କ ଦଳ ପର୍ତ୍ତୁଗାଲ ୧-୦ ଗୋଲରେ ହାରିଯାଇଥିଲା। ଖେଳ ଶେଷ ହେବାକୁ ଆଉ ଅଳ୍ପ ସମୟ ବାକିଥିଲାବେଳେ ବଦଳ ଖେଳାଳି ମିକେଲ ମେରିନୋ ସ୍ପେନ୍ ପକ୍ଷରୁ ଏହି ବିଜୟସୂଚକ ଗୋଲ୍‌ଟି ସ୍କୋର କରିଥିଲେ। ସ୍ପେନ୍‌ର ବିଜୟ ଅର୍ଥ ଚଳିତ ଫିଫା ବିଶ୍ୱକପ୍‌ରୁ ପର୍ତ୍ତୁଗାଲର ବିଦାୟ ନେଇଛି। ଏହାପରେ ରୋନାଲ୍ଡୋ ଆଉ ପର୍ତ୍ତୁଗାଲ ପକ୍ଷରୁ ବିଶ୍ୱକପ୍ ଖେଳିବେ ନାହିଁ ବୋଲି ପୂର୍ବରୁ ଘୋଷଣା କରିସାରିଥିଲେ। ଫଳରେ ବିନା ବିଶ୍ୱକପ୍ ଟ୍ରଫିରେ ଏହି କିଂବଦନ୍ତି ଖେଳାଳି ଅବସର ଗ୍ରହଣ କରିବେ। ଗତକାଲି ବ୍ରାଜିଲ ହାରିଯିବା ପରେ ଅନ୍ୟତମ ସୁପରଷ୍ଟାର ନେମାର ଜୁନିଅର ମଧ୍ୟ ଅବସର ଘୋଷଣା କରିଥିଲେ। ଆର୍ଜେଣ୍ଟିନାର ଲିଓନେଲ ମେସିଙ୍କର ମଧ୍ୟ ଏହା ଶେଷ ବିଶ୍ୱକପ୍। ଏହି ୩ଜଣ ଖେଳାଳିଙ୍କ ଅବସର ପରେ ବିଶ୍ୱ ଫୁଟବଲରେ ଏହ ସ୍ୱର୍ଣ୍ଣିମ ଯୁଗର ଅବସାନ ହେବ।

**ଫିଫା ବିଶ୍ୱକପ୍ : କ୍ୱାର୍ଟର ଖେଳସୂଚୀ**

| ମ୍ୟାଚ୍ | ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|---|
| ୧ | ଜୁଲାଇ ୯ | ଫ୍ରାନ୍ସ-ମରୋକ୍କୋ | ବୋଷ୍ଟନ | ରାତି ୧:୩୦ |
| ୨ | ଜୁଲାଇ ୧୦ | ସ୍ପେନ୍-ବେଲଜିୟମ | ଲସ୍ ଏଞ୍ଜେଲ୍ସ | ରାତି ୧୨:୩୦ |
| ୩ | ଜୁଲାଇ ୧୧ | ଇଂଲଣ୍ଡ-ନରୱେ | ମିଆମି | ରାତି ୨:୩୦ |
| ୪ | ଜୁଲାଇ ୧୨ | ଆର୍ଜେଣ୍ଟିନା/ଇଜିପ୍ଟ-ସ୍ୱିଜରଲାଣ୍ଡ/କଲମ୍ବିଆ | କାନ୍‌ସାସ୍ ସିଟି | ସକାଳ ୬:୩୦ |

# ଫୋଲାରିନ୍‌ଙ୍କୁ ୪୦,୦୦୦ ଡଲାର ଜରିମାନା

ନ୍ୟୁୟର୍କ,୭।୭(ଏଜେନ୍ସି): ବୋସନିଆ ବିପକ୍ଷ ମ୍ୟାଚ୍‌ରେ ରେଡ୍‌କାର୍ଡ ପାଇଥିବା ଆମେରିକାର ଫୋଲାରିନ୍ ବାଲୋଗୁନଙ୍କୁ ଫିଫା ଶୃଙ୍ଖଳାଗତ କମିଟି ୪୦,୦୦୦ ଡଲାର (ପାଖାପାଖି ୩୮ ଲକ୍ଷ ଟଙ୍କା) ଜରିମାନା କରିଛନ୍ତି। ଏହି ମ୍ୟାଚ୍‌ରେ ସେ ଦୁଇଟି ନିୟମ ଉଲ୍ଲଙ୍ଘନ କରିଥିବାରୁ ଏହି ଦଣ୍ଡବିଧାନ କରାଯାଇଥିଲା। ଫୋଲାରିନ୍‌ଙ୍କ ଉପରୁ ବାସନ୍ଦ ବ୍ୟବସ୍ଥା ପ୍ରତ୍ୟାହାର କରାଯିବା ପୂର୍ବରୁ ଏହି ଦଣ୍ଡାଦେଶ କରାଯାଇଥିଲା। ଏହି ମ୍ୟାଚ୍‌ରେ ସେ ପ୍ରଥମ ଭୁଲ କରିଥିଲେ ଫାଉଲ ମାରି। ସେହିପରି ବୋସନିଆକୁ ହରାଇବା ପରେ ଆମେରିକା ବିଜୟ ଉତ୍ସବ ପାଳନ କରୁଥିଲାବେଳେ ସେ ପଡ଼ିଆକୁ ଆସିଥିଲେ। ଯାହା କି ଦ୍ୱିତୀୟ ନିୟମ ଉଲ୍ଲଙ୍ଘନ। କାରଣ ଜଣେ ଖେଳାଳିଙ୍କୁ ରେକଡକାର୍ଡ ଦିଆଯିବା ପରେ ସେ ପରବର୍ତ୍ତୀ ମ୍ୟାଚ୍ ଶେଷ ନ ହେବା ଯାଏ ଦଳର କୌଣସି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ ନାହିଁ। ଏଣୁ କେଉଁ ନିୟମ ଉଲ୍ଲଙ୍ଘନ ଲାଗି ଏଭଳି ଦଣ୍ଡବିଧାନ କରାଯାଇଛି, ତାହା ସ୍ପଷ୍ଟ ହୋଇନାହିଁ।

# ରୋନାଲ୍ଡୋଙ୍କ ଶେଷ ବିଶ୍ୱକପ୍

ଡଲାସ,୭।୭(ଏଜେନ୍ସି): ସ୍ପେନ୍‌ଠାରୁ ପର୍ତ୍ତୁଗାଲ ଫିଫା ବିଶ୍ୱକପ୍ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍ ହାରିଯିବା ପରେ ଏହାର ଅଧିନାୟକ ତଥା ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ଆଉ ଫୁଟବଲର ଏହି ସର୍ବୋଚ୍ଚ ଟୁର୍ଣ୍ଣାମେଣ୍ଟରେ ଖେଳିବେ ନାହିଁ ବୋଲି ଘୋଷଣା କରିଛନ୍ତି। ପାଞ୍ଚଥର ବିଶ୍ୱର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ମଧ୍ୟ ରୋନାଲ୍ଡୋ ଥରେ ହେଲେ ଫିଫା ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିପାରି ନାହାନ୍ତି। ଏହି ମ୍ୟାଚ୍ ପୂର୍ବରୁ ଚଳିତ ବିଶ୍ୱକପ୍ ତାଙ୍କ ଲାଗି ଶେଷ ବିଶ୍ୱକପ୍ ହେବ ବୋଲି ରୋନାଲ୍ଡୋ ଘୋଷଣା କରିଥିଲେ। ପର୍ତ୍ତୁଗାଲ ହାରିଯିବା ପରେ ମଧ୍ୟ ସେ ପଡ଼ିଆରେ କାନ୍ଦୁଥିବାର ଦେଖାଯାଇଥିଲା। ଦଳକୁ ଆଗକୁ ନେଇ ପାରି ନ ଥିବାରୁ ସେ ସମର୍ଥକ ଓ ଦେଶବାସୀଙ୍କୁ କ୍ଷମା ମାଗିଥିଲେ। ପର୍ତ୍ତୁଗାଲ ପକ୍ଷରୁ ସେ ୨୩୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୧୪୬ଟି ଗୋଲ ସ୍କୋର କରିଥିଲାବେଳେ ୪୬ଟି ଗୋଲ ଦେବାରେ ସହାୟତା କରିଥିଲେ। ସେହିପରି ତାଙ୍କ ନେତୃତ୍ୱରେ ଦଳ ୨୦୧୬ ୟୁରୋପୀୟ ଚାମ୍ପିଅନସିପ୍, ୨୦୧୯ ଓ ୨୦୨୫ରେ ନେସନ୍ସ ଲିଗ୍ ଟାଇଟଲ ବିଜୟୀ ହୋଇଥିଲା। କିନ୍ତୁ ବିଶ୍ୱକପ୍‌ରେ ରୋନାଲ୍ଡୋ କ୍ରମାଗତ ୬ଟି ସଂସ୍କରଣରେ ଗୋଲ ସ୍କୋର କରିଥିଲେ ମଧ୍ୟ ଦଳକୁ ଥରେ ହେଲେ ଫାଇନାଲ ଯାଏ ନେଇ ପାରି ନ ଥିଲେ। ରୋନାଲ୍ଡୋ ଅନ୍ତର୍ଜାତୀୟ ଫୁଟବଲରୁ ଅବସର ନେବା ସମ୍ପର୍କରେ ପରେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଏବେ ପରିବାର ସହ ସମୟ କଟାଇବି, ତା ପରେ ନିଷ୍ପତ୍ତି ନେବି ବୋଲି ରୋନାଲ୍ଡୋ କହିଛନ୍ତି।

# ଜନ୍ମଦିନରେ ଧୋନିଙ୍କୁ ଫିଫାର ଶୁଭେଚ୍ଛା

ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ସବୁଠୁ ସଫଳ ଅଧିନାୟକ ମହେନ୍ଦ୍ର ସିଂ ଧୋନି ମଙ୍ଗଳବାର (ଜୁଲାଇ ୭) ୪୫ ବର୍ଷ ବୟସରେ ପାଦ ଥାପିଛନ୍ତି। ଏହି ଅବସରରେ ଧୋନିଙ୍କୁ ବିଶ୍ୱ କ୍ରୀଡ଼ାଜଗତରୁ ଶୁଭେଚ୍ଛାର ସୁଅ ଛୁଟିଛି। ବିସିସିଆଇ ଓ ପୂର୍ବତନ ସାଥୀ କ୍ରିକେଟରଙ୍କଠାରୁ ଆରମ୍ଭ କରି ବିଶ୍ୱ ଫୁଟବଲର ସର୍ବୋଚ୍ଚ ସଂସ୍ଥା ଫିଫା ମଧ୍ୟ ଧୋନିଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ବର୍ତ୍ତମାନ ଫିଫା ବିଶ୍ୱକପ୍ ଚାଲିଥିବାବେଳେ ଫିଫା ମଧ୍ୟ ଭିନ୍ନ ଢଙ୍ଗରେ ଏକ ଫଟୋ ପୋଷ୍ଟ କରିଛି। 'ଫିଫା ବିଶ୍ୱକପ୍'ର ଇନଷ୍ଟାଗ୍ରାମ ଆକାଉଣ୍ଟରେ ଲିଓନେଲ ମେସି, କିଲିଆନ ଏମବାପ୍ପେ ଓ ଏର୍ଲିଙ୍ଗ ହଲାଣ୍ଡଙ୍କ ଫଟୋ ପୋଷ୍ଟ କରିଛି। ଏହି ଫଟୋରେ ୭ ଲେଖା ଥିବା ଏକ ଛବି ରହିଛି। ଏହାର କ୍ୟାପସନରେ ଫିଫା ଲେଖିଛି, '୭ଟି ଗୋଲ୍। ଏହାର କାରଣ ହେଉଛି ଥାଲା। ଥାଲା ଦିବସର ଶୁଭେଚ୍ଛା।' ଉଲ୍ଲେଖଯୋଗ୍ୟ ଚଳିତ ବିଶ୍ୱକପ୍‌ରେ ବର୍ତ୍ତମାନ ସୁଦ୍ଧା ମେସି, ଏମବାପ୍ପେ ଓ ହଲାଣ୍ଡ ୭ଟି ଲେଖାଏ ଗୋଲ୍ ଦେଇଛନ୍ତି। ସେହିଭଳି ଧୋନିଙ୍କ ଜନ୍ମ ତାରିଖ ଓ ଜର୍ସି ନମ୍ବର ମଧ୍ୟ ୭। ତେଣୁ ଏହି ସମସ୍ତ ବିଷୟ ବସ୍ତୁକୁ ନେଇ ଫିଫା ସ୍ୱତନ୍ତ୍ର ଭାବରେ ଧୋନିଙ୍କୁ ଜନ୍ମଦିବସର ଶୁଭେଚ୍ଛା ଜଣାଇଛି।




# ଓଡ଼ିଶା ବାଳିକା ରଗ୍‌ବୀ ଦଳ ଚାମ୍ପିଅନ




ଭୁବନେଶ୍ୱର,୭।୭(ସମିସ): ହାଇଦ୍ରାବାଦର ଗାଛି ବାଓ୍ୱଲି ଷ୍ଟାଡିୟମରେ ଉଦଯାପିତ ହୋଇଥିବା ଜାତୀୟ ଜୁନିଅର୍ ବାଳିକା ସେଭେନ୍ସ ରଗବୀ ଚାମ୍ପିଅନସିପରେ ଓଡ଼ିଶା ଚାମ୍ପିଅନ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ବାଳିକା ଦଳ ୧୫-୦ରେ ମହାରାଷ୍ଟ୍ରକୁ ହରାଇ ଟାଇଟଲ୍ ଜିତିଛି। ଓଡ଼ିଶା ସେମିଫାଇନାଲରେ ବିହାରକୁ ୧୦-୫ ରେ ଓ କ୍ୱାର୍ଟରରେ ଆସାମକୁ ୫୬-୦ ରେ ହରାଇଥିଲା। ଏହି ସଫଳତା ଲାଗି ଓଡ଼ିଶା ରଗବୀ ଫୁଟବଲ ଆସୋସିଏସନ୍‌ର ସଭାପତି ପ୍ରିୟଦର୍ଶୀ ମିଶ୍ର, ଉପସଭାପତି ଉପେନ୍ଦ୍ର ମହାନ୍ତି, ସମ୍ପାଦକ ସୁଶାନ୍ତ ସାହୁ, ଯୁଗ୍ମସମ୍ପାଦକ ଭରତ ସାହୁ, କୋଷାଧ୍ୟକ୍ଷ ଶକ୍ତି ପ୍ରସାଦ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ୱିମ୍ବଲଡନ: ସେମିରେ ସିନ୍ନର, ଗଫ୍

ଲଣ୍ଡନ, ୭।୭ (ଏଜେନ୍ସି)

ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର ଏଠାରେ ଚାଲିଥିବା ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚରେ ଟପ୍ ସିଡ୍ ସିନ୍ନର ୭-୫, ୭-୬ (୭/୪), ୬-୩ ସେଟରେ ଜର୍ମାନୀର ଭେଟେରାନ ଖେଳାଳି ଜାନ-ଲିନାର୍ଡ ଷ୍ଟ୍ରଫଙ୍କୁ ପରାସ୍ତ କରିଥିଲେ। ଫଳରେ କ୍ୟାରିୟରର ୧୦ମଥର ଲାଗି ସିନ୍ନର ଗ୍ରାଣ୍ଡସ୍ଲାମ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ନୋଭାକ ଜୋକୋଭିଚ ଓ ଫେଲିକ୍ସ ଆଗର-ଆଲିଆସିମେଙ୍କ ମଧ୍ୟରେ ଖେଳାଯିବାକୁ ଥିବା ଅନ୍ୟ ଏକ କ୍ୱାର୍ଟରର ବିଜେତାଙ୍କ ସହ ସିନ୍ନରଙ୍କ ସେମିଫାଇନାଲ ଲଢ଼େଇ ହେବ। ଅପରପକ୍ଷରେ ନିଜର ୪୭ତମ ଗ୍ରାଣ୍ଡସ୍ଲାମରେ ପ୍ରଥମଥର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ୩୬ ବର୍ଷୀୟ ଲିନାର୍ଡ ପରାଜୟ ସହ ବିଦାୟ ନେଇଛନ୍ତି।

ସେହିଭଳି ମହିଳା ବିଭାଗରେ ଆମେରିକୀୟ ତାରକା ୭ମ ସିଡ୍ କୋକୋ ଗଫ୍ ମଧ୍ୟ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। କ୍ୱାର୍ଟର ଫାଇନାଲରେ ଗଫ୍ ୪-୬, ୬-୩, ୬-୩ ସେଟରେ ସାଥୀ ଆମେରିକୀୟ ଖେଳାଳି ୪ର୍ଥ ସିଡ୍ ଜେସିକା ପେଗୁଲାଙ୍କୁ ହରାଇଛନ୍ତି। ଫଳରେ ଏବେ ମହିଳା ବିଭାଗରେ ଗଫ୍ ଏକମାତ୍ର ଉଚ୍ଚ ମାନ୍ୟତା ଖେଳାଳି ଭାବେ ଟାଇଟଲ୍ ଦୌଡ଼ରେ ତିଷ୍ଠି ରହିଛନ୍ତି।

## ବିଶ୍ୱ ଭଲିବଲ୍ ଦିବସ ପାଳିଲା କିଟ୍

ଭୁବନେଶ୍ୱର, ୭।୭ (ସମିସ): କିଟ୍ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର 'ବିଶ୍ୱ ଭଲିବଲ୍ ଦିବସ-୨୦୨୬' ଉତ୍ସାହର ସହିତ ପାଳିତ ହୋଇଯାଇଛି। କିଟ୍ ପରିସରରେ ଭଲିବଲ୍ ପାଇଁ ଥିବା ଇଣ୍ଟରନ୍ୟାସନାଲ ଏକ୍ସେଲେନ୍ସ ସେଣ୍ଟରରେ ଭାରତୀୟ ୧୮ ବର୍ଷରୁ କମ୍ ବାଳକ ଦଳକୁ ନେଇ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଆଗାମୀ ଯୁବ ଏସିଆନ ଭଲିବଲ୍ ଚାମ୍ପିଅନସିପ୍ ପାଇଁ ସେଣ୍ଟରରେ ତାଲିମ ନେଉଥିବା ଖେଳାଳିମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କିଟ୍ ଓ କିସ୍'ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ଜିମ୍ବାୱେ ସିରିଜ୍ ଓ ଏସିଆନ ଗେମ୍ସ**

# ଲକ୍ଷ୍ମଣ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ



ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ରହିଥିବାରୁ ଟିମ୍ ଓ କୋଚିଂ ବ୍ୟବସ୍ଥାକୁ ଅଲଗା ଅଲଗା କରିବାକୁ ପଡ଼ିଛି। ଚଳିତ ମାସ ତୃତୀୟ ସପ୍ତାହରେ ଭାରତୀୟ କ୍ରିକେଟ ଦଳ ଜିମ୍ବାୱେ ଗସ୍ତରେ ଯିବ। ଏହାପରେ ଜାପାନରେ ଏସିଆନ୍ ଗେମ୍ସରେ ଭାଗନେବ। ଏସିଆନ ଗେମ୍ସ ଚାଲିଥିଲାବେଳେ ୱେଷ୍ଟଇଣ୍ଡିଜ୍ କ୍ରିକେଟ ଦଳ ଭାରତ ଗସ୍ତରେ ଆସିବ। ଏଣୁ ଦୁଇଟି ଦଳ ଭିନ୍ନ ଭିନ୍ନ ସିରିଜ୍‌ରେ ଅଂଶଗ୍ରହଣ କରିବେ। ଏଥିଲାଗି କୋଚିଂ ବ୍ୟବସ୍ଥାକୁ ମଧ୍ୟ ଅଲଗା କରାଯାଇଛି। ଜିମ୍ବାୱେ ଓ ଜାପାନରେ ଖେଳାଯିବାକୁ ଥିବା ଏସିଆନ୍ ଗେମ୍ସରେ ଭିଭିଏସ୍ ଲକ୍ଷ୍ମଣ ଭାରତୀୟ କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ରହିବେ। ସେହିପରି ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳିବାକୁ ଥିବା ଭାରତୀୟ ସିନିଅର ଦାୟିତ୍ୱରେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ରହିବେ। ଏଣୁ କୋଚିଂକୁ ନେଇ ଅଡୁଆ ପରିସ୍ଥିତି ସୃଷ୍ଟି ହେବ ନାହିଁ। ପୂର୍ବରୁ ଏଭଳି ବ୍ୟବସ୍ଥାରେ ଲକ୍ଷ୍ମଣ ଏକାଧିକଥର ଭାରତୀୟ ଦଳର କୋଚ ହୋଇଥିବାରୁ ତାଙ୍କୁ ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ସୁନୀଲ ଯୋଶି ଓ ହୃଷିକେଶ କାନିତକର ଯଥାକ୍ରମେ ବୋଲିଂ ଓ ବ୍ୟାଟିଂ ପ୍ରଶିକ୍ଷକ ଭାବେ ଉଭୟ ସିରିଜ୍‌ରେ ଲକ୍ଷ୍ମଣଙ୍କୁ ସହାୟତା କରିବେ।

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 10.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

● ବାଦ୍ ପଡ଼ିଛନ୍ତି ନା ବିଶ୍ରାମ

# ସାମ୍‌ସନ୍‌ଙ୍କୁ ନେଇ ଦ୍ୱନ୍ଦ୍ୱ

ନୂଆଦିଲ୍ଲୀ,୭।୭(ଏଜେନ୍ସି): ଭାରତୀୟ ଟି-୨୦ ଦଳର ପ୍ରମୁଖ ତଥା ଚାମ୍ପିଅନ ଟିମ୍‌ର ସଦସ୍ୟ ସଞ୍ଜୁ ସାମସନଙ୍କ ସ୍ଥାନରେ ୧୫ ବର୍ଷୀୟ ଖେଳାଳି ବୈଭବ ସୂର୍ଯ୍ୟବଂଶୀଙ୍କୁ ଇଂଲଣ୍ଡ ବିପକ୍ଷ ସିରିଜ୍‌ର ଦ୍ୱିତୀୟ ଟି-୨୦ରେ ସୁଯୋଗ ଦିଆଯାଇଥିଲା। ଏହି ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲା। ଭାରତ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହେବାପରେ ପ୍ରଥମଥର ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷରେ ଖେଳିଥିଲା। ଏହି ୩ଟି ମ୍ୟାଚ୍‌ରେ ସାମସନ ମୋଟ ୬ ରନ୍ କରି ଫେଲ୍ ମାରିଥିଲେ। ଏହା ପରେ ଚତୁର୍ଥ ସୁଯୋଗ ତାଙ୍କୁ ଦିଆ ନ ଯାଇ ସୂର୍ଯ୍ୟବଂଶୀଙ୍କୁ ମିଳିଥିଲା। ସେତେବେଳେ ଫର୍ମ ନ ଥିବା କାରଣରୁ ତାଙ୍କୁ ବିଶ୍ରାମ ଦିଆଯାଇଛି ବୋଲି ଆଲୋଚନା ହୋଇଥିଲା। ଚୂଡାନ୍ତ ଏକାଦଶରୁ ତାଙ୍କୁ କାହିଁକି ପରିବର୍ତ୍ତନ କରାଗଲା, ସେ ସମ୍ପର୍କରେ କେହି କିଛି ମୁହଁ ଖୋଲି ନ ଥିଲେ। ଜଣେ ଚାମ୍ପିଅନ ଖେଳାଳିଙ୍କ ପ୍ରତି ଏଭଳି କିଛି ଦୁର୍ବ୍ୟବହାର କରାଯିବ ନାହିଁ ବୋଲି ମନେକରାଯାଉଥିଲା। କିନ୍ତୁ ଜିମ୍ବାୱେ ବିପକ୍ଷ ଆଗାମୀ ଟି-୨୦ରେ ତାଙ୍କୁ ସାମିଲ କରା ନ ଯିବା ପରେ ଏବେ ସାମସନଙ୍କ ସ୍ଥିତି ନେଇ ନାନା ଆଶଙ୍କା ଉପଜିଛି। ସୂର୍ଯ୍ୟବଂଶୀ ଆଇପିଏଲ୍‌ରେ ଖେଳି ଯେପରି ନିଜକୁ ପ୍ରମାଣିତ କରିଛନ୍ତି, ସେ ଏବେ କିଛି ମ୍ୟାଚ୍‌ରେ ଫ୍ଲପ୍ ମାରିଲେ ମଧ୍ୟ ତାଙ୍କୁ ଖେଳିବାକୁ ସୁଯୋଗ ମିଳିବ। ଏଣୁ ସାମସନଙ୍କୁ ଦଳକୁ ବାଦ୍ ଦିଆଗଲା ବୋଲି ବିଶ୍ୱାସ ସୃଷ୍ଟି ହେଉଛି। ଏଭଳି ଜଣେ ଖେଳାଳି ଓ ଡାହାଣହାତୀ ବ୍ୟାଟର ଭାବେ ଦଳରେ ସନ୍ତୁଳନ ବଜାୟ ରଖୁଥିଲାବେଳେ ତାଙ୍କୁ ବାଦ୍ ଦେବା ସହଜ କଥା ନୁହେଁ ବୋଲି କୁହାଯାଉଥିଲା। ଜିମ୍ବାୱେ ଟୁରରେ ତାଙ୍କୁ ସାମିଲ କରା ନ ଯିବା ପରେ ଏବେ ସେ ଦଳରୁ ବାଦ୍ ପଡ଼ିଛନ୍ତି ନା ବିଶ୍ରାମ ନେଇଛନ୍ତି ତାହାକୁ ନେଇ ଘୋର ସନ୍ଦେହ ସୃଷ୍ଟି ହୋଇଛି।

ବୃକ୍ଷରୋପଣ ପାଇଁ ସଚେତନତା ବାର୍ତ୍ତା



ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ ବଲାଙ୍ଗିର ବନଖଣ୍ଡ ତରଫରୁ ବ୍ୟାପକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ବିଭିନ୍ନ ଯୋଜନା ମାଧମରେ ହାତକୁ ନିଆଯାଇଛି। ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ଜନସାଧାରଣ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କୁ ବିତରଣ ନିମନ୍ତେ ୧୦ ଲକ୍ଷ ଚାରା ଉତ୍ପାଦନ କରାଯାଇଛି। ଗୋଟିଏ ଚାରାକୁ ୧ ଟଙ୍କା ମୂଲ୍ୟରେ କୌଣସି ଜନସାଧାରଣ ନିକଟସ୍ଥ ନର୍ସରୀରୁ ନେଇ ପାରିବେ। ଏହା ବ୍ୟତିତ ଚଳିତ ଆର୍ଥିକ ବର୍ଷରେ ବଲାଙ୍ଗିର ବନଖଣ୍ଡ ତରଫରୁ ବିଭିନ୍ନ ଯୋଜନା ମାଧମରେ ୫୬୬୫୦୦ ଗୋଟି ଚାରା ରୋପଣ ପାଇଁ ଯୋଜନା କରାଯାଇଅଛି।

୧- ବଲାଙ୍ଗିର ଜିଲ୍ଲାର ସମସ୍ତ ୧୧ଗୋଟି ରେଞ୍ଜରେ ଚାରା ବିତରଣ କେନ୍ଦ୍ରମାନ ସ୍ଥାପନ କରାଯାଇ ଜନସାଧାରଣଙ୍କୁ ଚାରା ଯୋଗାଇବାର ବ୍ୟବସ୍ଥା କରାଯାଇଅଛି ।

୨- ସମସ୍ତ ବନାଂଚଳରେ ଜୁଲାଇ ମାସରେ ବିଭିନ୍ନ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ବନମହୋତ୍ସବ ପାଳନ କରି ବ୍ୟାପକ ବୃକ୍ଷରୋପଣ ପାଇଁ ବ୍ୟବସ୍ଥା କରାଯାଇଅଛି ।

୩- ଚାରା ବିତରଣ ପାଇଁ ପ୍ରତ୍ୟେକ ବ୍ଲକରେ ଭ୍ରାମ୍ୟମାଣ ସବୁଜ ରଥ ବୁଲାଇ ଜନସାଧାରଣଙ୍କୁ ଚାରା ବିତରଣ କରିବା ପାଇଁ ବ୍ୟବସ୍ଥା କରାଯାଇଅଛି ।

୪- ସରକାରଙ୍କ ନିୟମ ମୁତାବକ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଚାରା ପ୍ରତି ୧ ଟଙ୍କା ମୂଲ୍ୟ ଦେଇ ୫ ଗୋଟି (ସହରାଚଂଳ) ଓ ୧୦ ଗୋଟି (ଗ୍ରାମାଞ୍ଚଳ) ବିତରଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି ।

୫- ବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କୁ ମୋଟ ୧୫୦ ରୁ ୨୦୦ ଗୋଟି ଚାରା ବିନା ମୂଲ୍ୟରେ ବିତରଣ ପାଇଁ ବ୍ୟବସ୍ଥା କରାଯାଇଛି । ଏଥିପାଇଁ ଉକ୍ତ ସଂସ୍ଥାମାନଙ୍କୁ ସ୍ଥାନୀୟ ବନାଂଚଳ ଅଧିକାରୀଙ୍କୁ ଦରଖାସ୍ତ କରି ନିକଟବର୍ତି ଚାରା ଉତ୍ପାଦନ କେନ୍ଦ୍ରରୁ ଚାରା ନେବା ପାଇଁ ବ୍ୟବସ୍ଥା କରିଯାଇଅଛି ।



ଆସନ୍ତୁ ସମସ୍ତେ ମିଳିମିଶି ଏହି ବୃକ୍ଷରୋପଣ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହ, ତାର ଯତ୍ନ ନେବା ଏବଂ ଆଗାମୀ ପିଢି ପାଇଁ ଏକ ସୁସ୍ଥ ପରିବେଶ ଉପହାର ଦେବା, ଯାହାର ରକ୍ଷଣା ବେକ୍ଷଣ କରି ଆମର ଉତ୍ତର ପିଢୀ ତାଙ୍କର ଉତ୍ତୋରତର ପିଢୀଙ୍କୁ ହସ୍ତାନ୍ତର କରିବା ପାଇଁ ବାଧ ହେବେ ।

ସୌଜନ୍ୟ
ବଲାଙ୍ଗିର ବନଖଣ୍ଡ, ବଲାଙ୍ଗିର

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS